ନୂତନ ଓ ଏଥିର ଏହି ଉପଲବ୍ଧି ହୁଅଇ ଯେ ସମ୍ଭାଂସିତ ସାହେବ ଅପକ୍ଷପାତ ରୂପେ ପ୍ରଜାଙ୍କ ମଙ୍ଗଳୋଦ୍ଦେଶରେ ଆପଣା କାର୍ଯ୍ୟ ଭାର ଚଳାଇ ଅଛନ୍ତି ସେରୂପ ନ ହୋଇଥିଲେ ଏ ପ୍ରକାର ପ୍ରଶଂସା ଲାଭ କରି ନ ପାରନ୍ତେ । ଆମ୍ଭେମାନେ ଆଶା କରୁଁ ଯେ ସେ ସବଳକାୟରେ ସ୍ୱଦେଶରେ ପ୍ରବେଶ କରାଇ ସୁଖରେ କାଳଯାପନ କରିବେ ଏବଂ ଆମ୍ଭମାନଙ୍କ ଉନ୍ନତି ଚେଷ୍ଟାରେ ବିରତ ନ ହେବେ ।

ଶ୍ରୀଯୁକ୍ତ କାମ୍ବେଲସାହେବଙ୍କ ପଦ ପ୍ରାପ୍ତିରେ ଅନେକ ମଙ୍ଗଳର ଆଶା ଅଛି । ଅସ୍ମଦ୍ଦେଶୀୟ ଲୋକେ ତାହାଙ୍କୁ ଭଲରୂପେ ଜାଣନ୍ତି ଦୁର୍ଭିକ୍ଷ ସମୟରେ ସେ ଓଡ଼ିଶାକୁ ଆସି ଏଠାର ସକଳ ବିଷୟର ଜ୍ଞାତ ହୋଇଅଛନ୍ତି ଓ ଏଦେଶର ଯେ କିଛି ଉନ୍ନତି ସମ୍ପ୍ରତି ହୋଇଅଛି ସେ ସବୁ ତାହାଙ୍କ ପ୍ରସ୍ତାବାନୁସାରେ ହୋଇଅଛି ଏଣୁକରି ଆମ୍ଭମାନଙ୍କୁ ଜଣାଯାଏ ଯେ ଓଡ଼ିଶାର ଉନ୍ନତି ପକ୍ଷରେ ସେ ବିଶେଷ ଯତ୍ନବାନ୍ ହେବେ ଓ ପ୍ରଜାଙ୍କର କଷ୍ଟ ନିବାରଣ କରିବାକୁ କଦାପି ତ୍ରୁଟି କରିବେ ନାହିଁ । ବିଶେଷତଃ ବର୍ତ୍ତମାନ ଶାସନ ପ୍ରଣାଳୀ ସମ୍ପର୍କରେ ନାନା ଗୁରୁତର ପ୍ରସ୍ତାବମାନ ହୋଇଅଛି ସେ ସବୁ କିରୂପେ ନିଷ୍ପନ୍ନ ହେବ ତାହା ସ୍ଥିର କରିବା ସାମାନ୍ୟ ବୁଦ୍ଧିର କାର୍ଯ୍ୟ ନୁହଇ ଓ କେମ୍ବଲ ସାହେବ ଏ ସବୁ ଉତ୍ତମରୂପେ ନିଷ୍ପତ୍ତି କଲେ ତାହାଙ୍କ ଯଶର ସୀମା ରହିବ ନାହିଁ ।

---

ଇଉରୋପୀୟ ସମର ।

ଫରାସୀ ଓ ପ୍ରୁସୀୟମାନଙ୍କ ମଧ୍ୟରେ ଯେଉଁ ଯୁଦ୍ଧ ହେଉଥିଲା ତାହା ଶେଷ ହେଲା । ଫରାସିମାନେ ଆପଣାର ସ୍ୱାଧୀନତା ରକ୍ଷା କରିବା ନିମିତ୍ତ ସାଧ୍ୟାତୀତ ଯତ୍ନ କଲେହେଁ କୌଣସି ପ୍ରକାରେ କୃତକାର୍ଯ୍ୟ ହୋଇ ପାରିଲେ ନାହିଁ ଶେଷରେ ପ୍ରୁସୀୟମାନଙ୍କଠାରୁ ସନ୍ଧି ପତ୍ରସ୍ଥ ସ୍ୱୀକାର କରି ସେମାନଙ୍କ ସଙ୍ଗେ ସନ୍ଧି କରିବାକୁ ସମ୍ମତ ହେଲେ ପ୍ରୁସିୟ ରାଜ୍ୟ ସୀମା ନିକଟବର୍ତ୍ତୀ ଫ୍ରାନ୍ସର ପ୍ରଧାନ ଦୁର୍ଗ ଓ ସେଥିର ସନ୍ନିହିତ ଦେଶମାନ ପ୍ରୁସୀୟ ରାଜ୍ୟାନ୍ତର୍ଗତ ହେଲା ଏପ୍ରଦେଶମାନଙ୍କର ଲୋକ ସଂଖ୍ୟା ପ୍ରାୟ ୧୫ ଲକ୍ଷ ହେବ ଏହା ଛଡ଼ା ଯୁଦ୍ଧର ବ୍ୟୟ ନିମିତ୍ତ ଫରାସିମାନେ ସୁଧ ସହିତ ଦୁଇଶତକୋଟି ଟଙ୍କା ପ୍ରୁସିୟମାନଙ୍କୁ ଦେବେ । ୧୮୭୧ ସାଲରେ ୪୦ କୋଟି ୧୮୭୨ ସାଲରେ ୮୦ କୋଟି ୧୮୭୩ ସାଲରେ ବାକୀ ୮୦ କୋଟି ଏପରି ତିନି ବର୍ଷରେ ସମୁଦାୟ ଦୁଇ ଶତ କୋଟି ଆଦାୟ ହେବ ଏବଂ ଏ ଟଙ୍କା ଉଶୁଲ ନ ହେବା ପର୍ଯ୍ୟନ୍ତ ଫ୍ରାନ୍ସର ଯେଉଁ ପ୍ରଧାନ ଦୁର୍ଗମାନ ପ୍ରୁସିୟମାନଙ୍କ ହସ୍ତଗତ ହୋଇଅଛି ତାହା ସେମାନଙ୍କ ଦଖଲରେ ରହିବ । ଫ୍ରାନ୍ସରେ କେହି ରାଜା ନ ହୋଇ ପ୍ରଜାତନ୍ତ୍ର ଶାସନ ହେବାର ସ୍ଥିର ହୋଇଅଛି ।

ଫରାସିମାନଙ୍କର ଏପରି ଦୁର୍ଦ୍ଦଶା ହେବାର ପୂର୍ବରୁ ଜଣାଥିଲା କିନ୍ତୁ ସେମାନେ ସହଜରେ ଆପଣାର ଗୌରବର ହାନି ସ୍ୱୀକାର ନ କରି ଅନେକ ବୃଥା ଚେଷ୍ଟା କଲେ ସେମାନେ ଶେଷ ଅବସ୍ଥାକୁ ପ୍ରାପ୍ତ ହେବାପର୍ଯ୍ୟନ୍ତ ଯୁଦ୍ଧ ନ କରି ପୂର୍ବରୁ ସନ୍ଧି କରିଥିଲେ ଏତେ ଅସଂଖ୍ୟ ପ୍ରାଣ ଓ ଧନ ନଷ୍ଟ ହୋଇ ନ ଥାନ୍ତା ମଧ୍ୟ ବର୍ତ୍ତମାନ ଅପେକ୍ଷା ଅଧିକ ସୁବିଧାରେ ସନ୍ଧି କରିପାରିଥାନ୍ତେ ଏତେବେଳେ ଫ୍ରାନ୍ସର ଆଉ ଅସମ୍ମତ ହେବାର ବଳ ନ ଥିବାରୁ ଦେଖି ପ୍ରୁସିୟମାନେ ଯାହା ଇଚ୍ଛା କଲେ ତାହା ସେମାନଙ୍କଠାରୁ ନେଲେ କିନ୍ତୁ ପୂର୍ବରୁ ସନ୍ଧି ହୋଇଥିଲେ ପ୍ରୁସିୟମାନେ ଏତେଦୂର ବଳାତ୍କାର କରିପାରି ନ ଥାନ୍ତେ ।

# ସାପ୍ତାହିକ ସଂବାଦ ।

ଏଡ଼ୁକେଶନ ଗେଜେଟରୁ ଅବଗତ ହେଲୁଁ ଯେ ଜଣେ କୁଳୀନ ବଙ୍ଗାଳୀ ଆପଣାର ଏକ ସ୍ତ୍ରୀକୁ ଅନ୍ୟ ସ୍ଥାନର ଏକ ସ୍ତ୍ରୀର ଝିଅ ଅର୍ଥାତ୍ ସଳା ସହିତ ବିବାହ ଦେବାର ଚେଷ୍ଟା କରିଥିଲେ ମାତ୍ର ପ୍ରକାଶ ହୋଇ ପଡ଼ିଲାରୁ ତହିଁରେ କୃତକାର୍ଯ୍ୟ ହୋଇ ପାରିଲେ ନାହିଁ କୁଳୀନମାନେ କହୁତ ଗୁଡ଼ିଏ ବିବାହ କରିବାରେ ଏରୂପ ପଶ୍ଚାତ୍ତାପମାନ ଘଟୁଅଛି ।

ଏଡ଼ୁକେଶନ ଗେଜେଟ ଲେଖନ୍ତି ଯେ ସନ ୧୮୬୯ ମସିହା ତା ୨୬ ଋଖ ଜୁଲାଇରେ ନିଷ୍ପତ୍ତି ହୋଇଥିବା ଶ୍ରୀଶ୍ରୀମତୀ ମହାରାଣୀ ବନାମ ଅମିରୁଦ୍ଦୀନ ଓଗେରଙ୍କ ମୋକଦ୍ଦମାରେ ହାଇକୋର୍ଟ ଆର୍ଯ୍ୟଙ୍କର ଅଛନ୍ତି ଯେ ଫଉଜଦାରୀ କାର୍ଯ୍ୟବିଧି ଆଇନର ଧା ୬୨ ସର ଅଲୋଚନ ହାକିମଟି କୌଣସି ବ୍ୟକ୍ତି ବା ବ୍ୟକ୍ତି ବିଶେଷଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ବା ନ କରିବାକୁ ଆଦେଶ ଦେଇ ପାରେ ମାତ୍ର ସରକାରୀ ବାଟକୁ ଗୋରୁ ଓ ଘୋଡ଼ା ଛଡ଼ାଦେବ ନାହିଁ ବୋଲି ସେହି ଧାରାନୁସାରେ କୌଣସି ମାଜିଷ୍ଟ୍ରେଟ କୌଣସି ସାଧାରଣ ଆଜ୍ଞା ଦେଇ ପାରନ୍ତି ନାହିଁ କିମ୍ବା ସନ ୧୮୬୬ ମସିହାର ୩ ଆଇନମତେ କୌଣସି ହୁକୁମ ଦିଆଯିବ ନାହିଁ କାରଣ ସେ ଆଇନ ଗୋରୁଙ୍କଦ୍ୱାରା ଫସଲ ନଷ୍ଟ ହେବା ସ୍ଥଳରେ କିମ୍ବା ସରକାରୀ ସଡ଼କ ବା ବନ୍ଦର ପଡ଼ିଆଗା ଭୂମି ଉପରେ ପ୍ରଚଳ ଅଟଇ ।

ଇଉରୋପରେ ବର୍ତ୍ତମାନ ଯେଉଁ ଯୁଦ୍ଧ ଲାଗିଅଛି ତାହା ଆରମ୍ଭ ହେଲାକାଳରୁ ଯୁଦ୍ଧସ୍ଥାନର ନିକଟ ଦେଶ ବୃଷ୍ଟି ଓ ମେଘ ଗର୍ଜ୍ଜନାଦି ହୋଇଅଛି ଏମନ୍ତ କି ପୂର୍ବବର୍ଷ ସଙ୍ଗେ ତୁଳନା ହୋଇ ନ ପାରେ । ଜର୍ମ୍ମାନମାନେ ଏତେ ବୃଷ୍ଟି ହେବାର ଏହି କାରଣ ଅନୁମାନ କରନ୍ତି କି ଅଲ୍‌ସେ ଓ ଲୋରେନରେ ତୋପ ଓ ଛୋଟ ଅଗ୍ନି ଅସ୍ତ୍ରସବୁର ବହୁତ ବ୍ୟବହାର ହେବାରୁ ଏଘଟନା ହୋଇଅଛି । ଏଥକୁ ହିନ୍ଦୁପେଟ୍ରିଅଟ କହନ୍ତି ଯେ ପୂର୍ବେ ହୋମ ଓ ଯଜ୍ଞ ଦ୍ୱାରା ମେଘ ବୃଷ୍ଟି ହେବାର ଯେଉଁ କଥା ଅଛି ତାହା ଅବଧି କେହପ୍ରାୟ ଅଛି ବୋଲି ସନାତନଧର୍ମ-ରକ୍ଷିଣୀ ସଭାର ସଭ୍ୟମାନେ କହି ପାରନ୍ତି ।

ହିନ୍ଦୁପେଟ୍ରିଅଟ ଜନରବ ଶୁଣିଅଛନ୍ତି ଯେ ଦେଶୀୟ ଏବଂ ସୁଶିକ୍ଷିତ ଜାତିର ଭଦ୍ରଲୋକ ଏବଂ ମାନ୍ୟବ୍ୟକ୍ତିଙ୍କ ପୁତ୍ରଙ୍କୁ ଦେଶୀୟ ସେନାର ଲେଫ୍ଟେନାଣ୍ଟ କପ୍ତାନ ପ୍ରଭୃତି କର୍ମଚାରୀ ପଦରେ ନିଯୁକ୍ତ କରିବା ବିଷୟରେ ବିଲାତର ସେକ୍ରେଟେରୀ ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ପତ୍ର ଲେଖିଅଛନ୍ତି । ତାହାଙ୍କମତରେ ଏରୂପ ପଦ ଦେଶୀୟ ଲୋକଙ୍କୁ ପ୍ରଦାନ କଲେ ଉତ୍ତମ ହେବ ଏବଂ ସଚ୍ଚରିତ୍ର ଓ ଉତ୍ତମ କର୍ମର ପାରିତୋଷିକ ସ୍ୱରୂପ ଏପଦମାନ ଦେଶୀୟ ଲୋକଙ୍କୁ ଦିଆଯିବ ।

ବିଷ ଜାମୁଡ଼ାର ଭଲ ଔଷଧ ମିଳି ଅଛି । କଲିକତାସ୍ଥ ବିଖ୍ୟାତ ଡାକ୍ତର କହେସ୍ପାଲଲଦେ ଶୁଣିଥିଲେ ଯେ ବିଷାକ୍ତ ଜୀବ ସମୂହର ବିଷର ଔଷଧ ସେମାନଙ୍କ ଦେହରେ ରହିଥାଏ ଦେଖିବାକୁ ଦିନକରେ ତାହାଙ୍କୁ ଗୋଟାଏ ବଡ଼ ବିଛା ବାହାଲ ଓ କ୍ଷଣମାତ୍ରକେ ଜ୍ୱାଳା ଅତ୍ୟନ୍ତ ହେଲା ତହୁଁ ସେ ଅନ୍ୟଉପାୟମାନ କରି ସେହି ବିଛାକୁ ମାରି ତାହା ଦେହ ରସ ଦଂଶନସ୍ଥାନରେ ଘଷି ଲଗାଇଦେଲେ ତହିଁରେ ତତ୍କ୍ଷଣାତ୍ ଜ୍ୱାଳା ବନ୍ଦ ଓ ସବୁ କଷ୍ଟ ନିବାରଣ ହେଲ । ସର୍ପଦେହରୁ ଯେବେ ଏରୂପରୁ ତାହା ବିଷର ଔଷଧ ପ୍ରାପ୍ତ ହୁଅଇ ତେବେ ବଡ଼ ସୁଖର ବିଷୟ ହେବ ।

ଅଳ୍ପଦିନ ହେଲା ଗବର୍ଣ୍ଣମେଣ୍ଟ ଖଜଣାଖାନାରେ ପଇସା ନେବା ବିଷୟରେ ଯେଉଁ

Split by PDF Splitter
Digitized by srujanika@gmail.com

ସ୍ଥାପନ ହୋଇଅଛି ଇହାର ତାତ୍ପର୍ଯ୍ୟ ଏତେଦିନରେ ଜଣା ପଡ଼ିଲା । ମିଣ୍ଟ ମାଷ୍ଟର ଅର୍ଥାତ୍ ଟାଙ୍କଶାଳର ଅଧ୍ୟକ୍ଷ ଗବର୍ଣ୍ଣମେଣ୍ଟରେ ପ୍ରସ୍ତାବ କରି ଅଛନ୍ତି କି ବର୍ତ୍ତମାନ ପ୍ରଚଳିତ ହେଉଥିବା ପଇସା ସବୁ କ୍ଷୟ ପାଇବାପ୍ରାୟ ହେଲାଣି ସେ ସବୁ ଫେରଆଣି ନୂତନ ପଇସା ଚଳାଇବାର ଉଚିତ ଏହି କାରଣରୁ ଅସୀମ ପରିମାଣରେ ପଇସା ମୁଦ୍ରିତ ହେଉଅଛି ।

ଇଉରୋପ ଶିକ୍ଷକମାନଙ୍କ ସଂଖ୍ୟା ଅତିଶୟ ବୃଦ୍ଧି ହେବାରୁ ଉତ୍ତର ପଶ୍ଚିମ ପ୍ରଦେଶରେ ଗୋଟିଏ କାରଖାନା ଘର ପ୍ରସ୍ତୁତ କରିବାପାଇଁ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ୫୫୦୦ ଟଙ୍କା ସାହାଯ୍ୟ ଦାନ କରିଅଛନ୍ତି ।

ଉତ୍ତର ପଶ୍ଚିମର ରେଭନ୍ୟୁ ବୋର୍ଡର ଜଣେ ମେମ୍ବର କଷ୍ଟ ସାହେବ ତହସିଲ ମଣ୍ଡଳୀମାନ ସମସ୍ତ କ୍ୟାନସଲ କରି ବାର୍ଷିକ ତିରିଶହଜାର ଟଙ୍କା ସରକାରର ଲାଭ ଦେଖାଇ ଅଛନ୍ତି ଗବର୍ଣ୍ଣମେଣ୍ଟରେ ତାହାଙ୍କ ପ୍ରସ୍ତାବ ମନୋନୀତ ହୋଇଅଛି ଏବଂ କଷ୍ଟ ସାହେବ ଧନ୍ୟବାଦ ପାଇଅଛନ୍ତି ।

ସ୍ପେନଦେଶର ମହାରାଜ୍ଞୀ ଅତ୍ୟନ୍ତ ପୀଡ଼ିତ ହୋଇଅଛନ୍ତି । ଏମନ୍ତ କି ଆରୋଗ୍ୟ ଲାଭ କରିବାର ଅଳ୍ପ ସମ୍ଭାବନା ଅଛି ବୋଲି ତାରଡାକରେ ସମ୍ବାଦ ଆସିଅଛି ।

ଅମୃତବଜାର ପତ୍ରିକା ବୋଲନ୍ତି କି ଗତବର୍ଷରେ କପାଫସଲର ଉନ୍ନତିସାଧନ କମିଟି ବିଳାତରୁ ୭ ଜଣ ସୁଶିକ୍ଷିତ ମାଳୀ ଆଣୁଅଛନ୍ତି ଏମାନଙ୍କ ଆସିବାର ଜାହାଜ ଭଡ଼ା ଦେବ ପଡ଼ିବ ନାହିଁ ଏବଂ ପ୍ରଥମେ ବାର୍ଷିକ ୫୨୦୦ ଟଙ୍କା ଲେଖାଏ ବେତନ ପାଇବେ ଦ୍ୱିତୀୟବର୍ଷକୁ ୫୦ ଟଙ୍କା ଅଧିକା ଓ ଏହିପରି ପାଞ୍ଚବର୍ଷଯାଏ ପ୍ରତିବର୍ଷ ବୃଦ୍ଧି ପାଉଥିବେ ଏଛଡ଼ା ତାହାଙ୍କୁ ଘରକୁ ଯିବାର ଜାହାଜଭଡ଼ା ଦେବ ପଡ଼ିବ ନାହିଁ ।

ତାହାର ଅନ୍ତର୍ଗତ ମୁନସିଗଞ୍ଜର ବାର୍ଷିକ ଯାତ୍ରାରେ ଏବର୍ଷ ୮୦ ହଜାର ଲୋକ ହୋଇଥିଲେ ଏବଂ ପ୍ରାୟ ଦୁଇଲକ୍ଷ ଟଙ୍କାର ବେପାର କଟିଲା ।

ହିନ୍ଦୁପେଟ୍ରିଅଟ ବୋଲନ୍ତି କି କର୍ଣ୍ଣେଲ କାମ୍ବେଲ ସାହେବ ବାଟ ପାଇଁ ଭୂମିଉପରେ କର ସ୍ଥାପନ କରିବାକୁ ମନୋନୀତ କରି ଥାନ୍ତି ଏବଂ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଏକର ଦ୍ୱିତୀୟ ଉତ୍ତମ ଉପାୟଦ୍ୱାରା ଆଦାୟ ହେବ ସ୍ଥିର କରି ପାରନ୍ତି ନାହାନ୍ତି । ସେଷ କମିଟୀ ଯେଉଁ ମତ ଦେଇଥିଲେ ତାହା ମଧ୍ୟ ଅନୁମୋଦନ କରୁ ନାହାନ୍ତି । ଯାହା ସର୍ବସାଧାରଣ ମତରେ ସହଜରେ ଚଳିବାର ନୁହଇ ତାହା କରିବାକୁ ଗଲେ ଅବଶ୍ୟ ହରବର ହେବାକୁ ହୁଅଇ । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସବୁକଥା ବୁଝି ଶୁଣି କାହିଁକି ଏଥିରେ ବାଧ୍ୟ ହୋଇଅଛନ୍ତି ବୁଝାଯାଇ ନ ପାରେ ।

ହିନ୍ଦୁପେଟ୍ରିୟଟ ଲେଖନ୍ତି ଯେ ମେଦିନୀପୁର ମାଜିଷ୍ଟ୍ରେଟ ରାଣ୍ଡ ସାହେବ କର୍ମରୁ ବରଖାସ୍ତ ହୋଇଅଛନ୍ତି । ଇନ୍‌କମଟାକ୍ସ ସମ୍ବନ୍ଧରେ ବହୁ ଅବହିତ କାର୍ଯ୍ୟ କରିବାରୁ ତାହାଙ୍କର ଏଦଣ୍ଡ ହେବାର ଅନୁମାନ ହୁଏ ।

ଏଦେଶରେ ମୋଫସଲ ଗ୍ରାମମାନଙ୍କରେ ଭାଗବତ ଘରେ ଗ୍ରାମର ଲୋକମାନେ ଏକତ୍ର ଜମା ହୋଇ ଭାଗବତ ପ୍ରଭୃତି ପୁରାଣ ଶୁଣିବାର ଯେ ପ୍ରଥା ଅଛି ଖ୍ରୀଷ୍ଟିୟାନମାନେ ସେହିପରି ପ୍ରଥା ପ୍ରଚଳିତ କରି ଖ୍ରୀଷ୍ଟଧର୍ମ ପୁସ୍ତକ ଲୋକମାନଙ୍କ ଶୁଣାଇଁ ଧର୍ମ ପ୍ରଚାର କରିବାର କଳକତାର ଲର୍ଡବିଶପ ମନସ୍ଥ କରିଥିବାର ଶୁଣାଯାଏ ।

ଡେଲିନିଉସ ଲେଖନ୍ତି ପୂନାରେ ଏକ ବ୍ରାହ୍ମଣୀ ସତୀ ଯିବାର ଚେଷ୍ଟା କର ଅନେକ ବନ୍ଧୁ ବାନ୍ଧବ ଏକତ୍ର ଜମାହୋଇ ଗବର୍ଣ୍ଣମେଣ୍ଟର ଅନୁମତି ନିମନ୍ତେ ତାରଡାକରେ କଲେକ୍ଟରଙ୍କୁ ଆବେଦନ ପଠାଇଅଛନ୍ତି ମାତ୍ର ଗବର୍ଣ୍ଣମେଣ୍ଟର ଆଜ୍ଞା ପ୍ରକାଶ ହୋଇ ନାହିଁ ।

ଉକ୍ତ ପତ୍ରରୁ ଜଣାଯାଏ ଯେ ଚାର୍ଲସ ନେପିଅର କୁଷ୍ଟାଲ ଦୋକାନକୁ ଯେଉଁ ଭଦ୍ରଲୋକମାନେ ଯିବା ଆସିବା କରନ୍ତି ସେମାନଙ୍କ ମଧ୍ୟରୁ କେହି ୫୫୦୦ ଟଙ୍କା ମୂଲ୍ୟର ଏକ ହୀରାମୁଦି ହରଣ କରିଅଛି ସେଥିର ଏତଲା ପୁଲିସରେ ଦିଆଯାଇ ଅଛି ମାତ୍ର ମୁଦି ମିଳିବାର କିଛି ଭରସା ଦେଖାଯାଉ ନାହିଁ ।

ଦିନାଜପୁରଜିଲ୍ଲାର ଅନ୍ତଃପାତୀ ଖାରଗଞ୍ଜ ଥାନାର ନିକଟବର୍ତ୍ତୀ ସ୍ଥାନବିଶେଷରେ କୌଣସି ବ୍ୟକ୍ତି ଦେହରେ କଳ୍ପିତ ଲୋମ ସନ୍ନିବେଶିତ କରି ହନୁମାନ ହୋଇ କ୍ରୀଡ଼ା କରୁଥିଲା । ଏଥିମଧ୍ୟରେ ହଠାତ୍ ତାହାର ସେହି ଲୋମରେ ଅଗ୍ନି ଲାଗି ସେ ବ୍ୟକ୍ତିର ପଞ୍ଚତ୍ୱ ପ୍ରାପ୍ତ ହୋଇଅଛି । କଳିଯୁଗରେ ଲଙ୍କା ଦଗ୍ଧ ପରିବର୍ତ୍ତରେ ହନୁମାନ ଦଗ୍ଧ ହେଲେ ।

ବଙ୍ଗଳା ଅଥବା ଇଂରାଜୀ ଭାଷାରେ ଯେ ବ୍ୟକ୍ତି ବଙ୍ଗଳାଦେଶର କୃଷିଜୀବୀ ଏବଂ ଜମିଦାରମାନଙ୍କ ପରସ୍ପର ସାମାଜିକ ଏବଂ ଗାର୍ହସ୍ଥ୍ୟ ଚରିତ୍ର ବିଷୟରେ ଗୋଟିଏ ସର୍ବୋତ୍କୃଷ୍ଟ ପ୍ରବନ୍ଧ ରଚନା କରିବେ ତାହାଙ୍କୁ ୫୦୦ ଟଙ୍କା ପାରିତୋଷିକ ଦିଆଯିବ । ଏହି ମର୍ମରେ ଗୋଟିଏ ବିଜ୍ଞାପନ ପ୍ରକାଶ ହୋଇଅଛି । ରଚିତପ୍ରବନ୍ଧ ଯେ ୮ ଡ ଫାର୍ମରେ ପୃ ୨୦୦ଷ୍ଠା ହେବାର ଆବଶ୍ୟକ । ବାବୁ ରମାନାଥଠାକୁର, ଦିଗମ୍ବରମିତ୍ର, ରାଜେନ୍ଦ୍ରଲାଲମିତ୍ର, ହର୍ଷେଲସାହେବ ଏବଂ ରେଭରେଣ୍ଡ ଲଂସାହେବଙ୍କ ଉପରେ ପୁସ୍ତକ ପରୀକ୍ଷାର ଭାର ଅର୍ପିତ ହେବ । ରଚିତପୁସ୍ତକ ଆଗାମୀ ଜାନୁଏରୀମାସ ତା ୩୧ ଋଣ ମଧ୍ୟରେ ବାବୁ ପ୍ୟାରୀଚାନ୍ଦ ମିତ୍ରଙ୍କ ନିକଟକୁ ପ୍ରେରଣ କରିବାକୁ ହେବ ।

ହିନ୍ଦୁରଞ୍ଜିକାରେ ଲେଟ ମେଡିକେଲ ଷ୍ଟୁଡେଣ୍ଟ ଶ୍ରୀଗୁରୁନାଥ ଚକ୍ରବର୍ତ୍ତୀ ଲେଖିଅଛନ୍ତି ଯାହାର ପ୍ରସ୍ରାବ କରିବାକୁ କଷ୍ଟ ବୋଧ ହୁଅଇ ପ୍ରସ୍ରାବରେ ପୂଜ ପଡ଼ଇ ଏପ୍ରକାର ପ୍ରମେହ ରୋଗାକ୍ରାନ୍ତ ରୋଗୀକୁ ୧୦ ତୋଳା ବରଷୀର ତୈଳ ଚାଉଳଗଣ୍ଡରେ ମିଶାଇ ପ୍ରତ୍ୟହ ଦୁଇଥର ଖାଇବାକୁ ଦଅନ୍ତେ ଦିନ ପରେ ଦେଖିଲୁ ତାହାର ପୂଜ ଏକାବେଳକେ ବନ୍ଦ ହୋଇଅଛି ପ୍ରସ୍ରାବରେ ଜ୍ୱାଳା ନାହିଁ ଏବଂ ଜ୍ୱର ମଧ୍ୟ ନାହିଁ । ବସ୍ତୁତଃ ସେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟଲାଭ କରିଅଛି ।

ବିଜ୍ଞାପନ

କଟକର ଜ୍ୱାଏଣ୍ଟ ମାଜିଷ୍ଟ୍ରେଟଙ୍କ ସରକାରୀ ଖାସମହାଲର ତହସିଲଦାରୀ ଓ ମୋହରରୀ କର୍ମ ଖାଲିଅଛି ତହସିଲଦାରର ଦରମାହା ୫୦ ଟଙ୍କା ମୋହରିରକର୍ମର ଦରମାହା ୧୦ ଟଙ୍କା ଅଟେ ତହସିଲଦାର କର୍ମସକାଶେ ୫୦୦ଟଙ୍କା ତାବାଦର ଯାମିନ ଆବଶ୍ୟକ ଉକ୍ତ କର୍ମମାନଙ୍କ ସକାଶେ ପ୍ରାର୍ଥନାର ଦରଖାସ୍ତମାନ ଆମ୍ଭେ କଲେକ୍ଟରୀକଚେରୀରେ ଆସନ୍ତା ମାର୍ଚ୍ଚମାସ ତା ୧୧ ଋଣ ଶନିବାର ପର୍ଯ୍ୟନ୍ତ ଗ୍ରହଣକରିବୁଁ ।

ତା ୨୫ ଋଣ ଫେବ୍ରେରୁ ସନ ୧୮୭୧ ମସିହା ।

ଜି ଏନ ବି ସାହେବ
ଇଞ୍ଚାର୍ଜକଲେକ୍ଟର କଟକ

ମୂଲ୍ୟପ୍ରାପ୍ତି

ଶ୍ରୀ ବାବୁ ଜଗନ୍ମୋହନ ଲାଲ କଟକ
ଅଗ୍ରିମ ୫ । ୮

ପତ୍ରିକା ହରକରାର ଦାସ ସୁନ୍ଦି କଣ୍ଟା ୫ ୧୦

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Split by PDF Splitter

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


୧୪ ଭାଗ
ସଂ ୧୩ ଖ୍ୟା
ତା ୨୯ ରଖ ମାହେ ମାର୍ଚ୍ଚ ସନ ୧୮୭୯ ମସିହା ।ମୁ। ଚୈତ୍ର ୧୪ ନ ସ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ ୬
ମଫସଲ ପାଇଁ ଡାକମାସୁଲ ଟ ୩


### ଓଡ଼ିଶା ଇରିଗେସନ କାର୍ଯ୍ୟ ।

ଅସ୍ମମାନଙ୍କ ଭୂତପୂର୍ବ ଲେପ୍‌ଟେନେଣ୍ଟଗବର୍ଣ୍ଣର [ମା]ନ୍ୟବର ସେ ସାହେବ କର୍ମ ତ୍ୟାଗ ପୂର୍ବରେ [ଓ]ଡ଼ିଶା ଇରିଗେସନ କାର୍ଯ୍ୟର ବିବରଣ ପ୍ରକାଶ [କ]ଲରେ ଯେଉଁ ମନ୍ତବ୍ୟ ଲେଖି ଯାଇଅଛନ୍ତି [ତ]ହିଁରେ ସାଧାରଣଙ୍କ ଜାଣିବା ଯୋଗ୍ୟ ଅନେକ [ବି]ଷୟ ଥିବାରୁ ତାହା ସବୁ କ୍ରମେ ପ୍ରକାଶ କରି[ବା]କୁ ଏଥିରୁ ଏ କାର୍ଯ୍ୟ କେତେ ବ୍ୟୟରେ [କେ]ଉ ପରିମାଣରେ ହୋଇଅଛି ପ୍ରକାଶ ପାଇବ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଉଲ୍ଲିଖିତ କାର୍ଯ୍ୟ-[ନି]ମିତ୍ତ ମୋଟ ୮୭ ଲକ୍ଷ ଟଙ୍କା ମଞ୍ଜୁର କରି-ଛନ୍ତି । ଯଥା-

| | |
|---|---|
| [ମ]ହାନଦୀ ବନ୍ଧ ଓ ଲେ୍‌ଗୁଲେଟର ୧୨ ଲକ୍ଷ ଟଙ୍କା | |
| [ନ]ଗରରକ୍ଷା କାର୍ଯ୍ୟ | ୪୭ ହଜାର |
| [ବି]ରୂପାବନ୍ଧ | ୩ ଲକ୍ଷ |
| [ନା]କ | ୪୫ „ |
| [କେ]ନ୍ଦ୍ରାପଡ଼ା ନାଲ ଜଗତସିଂହପୁର | |
| ଓଡ଼ିଶା ସହିତ | ୧୦୫ „ |
| [ହା]ଇଲେବଲ ନାଲ ୧ ମ | |
| [ଭା]ଗ ଓଡ଼ିଶା ସହିତ | ୧୪ „ |
| [ତା]ଳଦଣ୍ଡା ନାଲ ଏଜନ | ୭ „ |
| [ମା]ଚଗାଁ ନାଲ | ୩ „ |
| [ବି]ଭାଗ୍‌ ହାର- | |
| [ଖା]ନା ଘର | ୭୫ ହଜାର |
| [ଜା]ଜପୁର ନାଲ ଏଜନ | ୨୩୫ ଲକ୍ଷ |
| ଟାଇଡଲ ନାଲ | ୮ ଲକ୍ଷ |
| ମୋଟ ପ୍ରାପ୍ତ | ୮୭ ଲକ୍ଷ |

ଏ ଛଡ଼ା ଉଲ୍ଲିଖିତ କାର୍ଯ୍ୟ ପାଇଁ ମଧ୍ୟ ଟଙ୍କା ସମ୍ପୂର୍ଣ୍ଣ ମଞ୍ଜୁର ହୋଇଅଛି ।

| | |
|---|---|
| ବ୍ରାହ୍ମଣୀ ନଦୀ ବନ୍ଧ | ଟ ୪୯୨୦୦୦ |
| ବୈତରଣୀ ନଦୀ ବନ୍ଧ | ଟ ୨୨୪୦୦୦ |
| ହାଇଲେବଲ ନାଲ ୨ ୟ ଓ ୩ ୟ ଭାଗ ଶାଖାନାଲ ସହିତ | ଟ ୧୫୨୨୪୦୦ |
| ମୋଟ | ଟ ୨୨୩୮୪୦୦ |

ଏ ସବୁ ମଧ୍ୟରୁ ମହାନଦୀ ଓ ନଗରବନ୍ଧ ନଗରରକ୍ଷା କାର୍ଯ୍ୟ ବିରୂପାବନ୍ଧ ଏବଂ କେନ୍ଦ୍ରା-ପଡ଼ା ନାଲ ଏଭଳି କାର୍ଯ୍ୟ ଶେଷ ଅବା ଶେଷ ପ୍ରାୟ ହେଲାଣି ଆଉ କାର୍ଯ୍ୟମାନ କେହି ଅବଧି ଶେଷ ପାଇ ନାହିଁ । କେନ୍ଦ୍ରାପଡ଼ା ନାଲ ପାଇଁ ଯେତେ ଟଙ୍କା ମଞ୍ଜୁର ଥିଲା ଖର୍ଚ୍ଚ ତହିଁରୁ ବଳି ପଡ଼ିବାରୁ ତହିଁର କାରଣ ନ ବୁଝାଇବା-ପର୍ଯ୍ୟନ୍ତ ଆଉ ଟଙ୍କା ଦିଆଯିବ ନାହିଁ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ କୋହନ୍ତି କି ସାକ୍ଷାତ୍ ପରୀକ୍ଷା ଦ୍ୱାରା ଇରିଗେସନ ନାଲରୁ ଉପଯୁକ୍ତ ଆୟ ହେବାର ଆଶା ଦେଖାଗଲା ଏଥିରୁ ବାକି କାର୍ଯ୍ୟମାନ ଶେଷ କରିବାରେ ବିଳମ୍ବ ହେବା ଉଚିତ ନୁହଇ ଏହିକାରଣରୁ ଏବର୍ଷ ବ୍ରାହ୍ମଣୀ-ଠାରୁ ସାଳନ୍ଦୀ ନଦୀଯାଏ ନାଲ ପ୍ରସ୍ତୁତ ହେବାରୁ ମଞ୍ଜୁର ହୋଇଅଛି । ବୈତରଣୀ ଉତ୍ତରନ ନାମଧେୟରେ ହାଇଲେବଲ ନାଲର ଏ ଦୁଇ ଭାଗର କାର୍ଯ୍ୟ ଚଳିବ ।

ହାଇଲେବଲ ନାଲ ଶୀଘ୍ର ନିର୍ମିତ ହେବା-ପାଇଁ ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛା ହୋଇଅଛି । ଏଥି-ମଧ୍ୟରୁ ଯେଉଁ ଭାଗ ସୁବର୍ଣ୍ଣରେଖାଠାରୁ ଟେକମ୍-ପର୍ଯ୍ୟନ୍ତ ଯିବ ସେଭାଗ ଶୀଘ୍ର ନିର୍ମିତ ହେବ ତାହା ହେଲେ ବୋଧ ହୁଅଇ କଲିକତାରୁ ସୁବ-ର୍ଣ୍ଣରେଖାଯାଏ ଜଳପଥ ଫିଟିବ ।

ତାଳଦଣ୍ଡା ନାଲର ୨୭ ମାଇଲ ମଞ୍ଜୁର ହୋଇଅଛି । ଏଥିରୁ ବାକି ୧୭ ମାଇଲ ଓ ମାଚଗାଁ ନାଲର ୧୫ ମାଇଲଠାରୁ ଦେବୀମୁ-ହାଣ ପର୍ଯ୍ୟନ୍ତ ଏବଂ ପଟ୍ଟାମୁଣ୍ଡି ନାଲ କେନ୍ଦ୍ରାପଡ଼ା-ନାଲଠାରୁ ବ୍ରାହ୍ମଣୀମୁହାଣ ପର୍ଯ୍ୟନ୍ତ କାର୍ଯ୍ୟର ଇଷ୍ଟିମେଟ ଓ ନକ୍ସା ତଲବ ହୋଇଅଛି ।

ଏସବୁ ବର୍ଣ୍ଣନକର ପରିଶେଷରେ ଗବର୍ଣ୍ଣ-ମେଣ୍ଟବଙ୍ଗାଳ ଲେଖନ୍ତି ଯେ ଗତବର୍ଷରେ ନାଲଜଳ ଲୋକେ ବହୁତ ନେଉବାରୁ ଗବର୍ଣ୍ଣ-ମେଣ୍ଟ ଇଣ୍ଡିଆ ଅତି ସନ୍ତୁଷ୍ଟ ହୋଇଅଛନ୍ତି ଓ ନାଲଜଳପ୍ରତି ପ୍ରଜାଙ୍କର ଅଦର ବଢ଼ିବାରୁ ଜଣାଯାଏ । ଗବର୍ଣ୍ଣମେଣ୍ଟ ବଙ୍ଗାଳ ଏଥିରୁ ନାଲକାର୍ଯ୍ୟ ଲାଭଜନକ ଥିବାର ପ୍ରଚୁର ପ୍ରମାଣ ପାଇଅଛନ୍ତି । ଅମ୍ଭେମାନେ ମଧ୍ୟ ନାଲଦ୍ୱାରା ଲାଭ ହେବାର ଅନୁମାନ କରୁଁ ମାତ୍ର କରଅ-ବାସ୍ଥରେ ଯେବେ ପ୍ରଜାଙ୍କ ପ୍ରତି ଅତ୍ୟାଗ୍ରହ ନ ହୁଏ କେବେ ଭଲ ନୋହିଲେ ପ୍ରଜାଙ୍କର ମନୋ-

Split by PDF Splitter
Digitized by srujanika@gmail.com

Split by PDF Splitter



ଦୁଃଖ ହେଲେ କି ଜାଣି ସେମାନେ ଭୟରେ ଜାଲପାଖେ ପଶିବେ ନାହିଁ ।

---

### ବଜେଟ

ଅମ୍ଭେମାନେ ଗତସପ୍ତାହରେ ଭାରତବର୍ଷର ଆୟବ୍ୟୟର ବଜେଟ ଅର୍ଥାତ୍ ଅନୁମାନିକ ଫର୍ଦ୍ଦର କଥା ଉଲ୍ଲେଖ କରିଥିଲୁଁ ଓ ତଦ୍ଦ୍ୱାରା ଯେ ଫଳ ହୋଇଅଛି ତାହା ଲେଖିଥିଲୁଁ । ସେ ଫଳ କେବଳ ଇନକମ୍ ଟାକ୍ସର ଭାଗ ଊଣା ହେବା ମାତ୍ର ଆଉକିଛି ପରିବର୍ତ୍ତ ହୋଇ ନାହିଁ ।

ଶ୍ରୀଯୁକ୍ତ ଟେମ୍ପଲସାହେବ ବଜେଟ ସମ୍ପର୍କରେ ଏକ ଅତିଦୀର୍ଘ ରଚନା ପାଠକରି ସନ ୧୮୬୯।୭୦-ର ଯଥାର୍ଥ ଏବଂ ୧୮୭୦।୭୧ ଓ ୧୮୭୧।୭୨ ର ଅନୁମାନିକ ଆୟ ବ୍ୟୟର ଯେରୂପ ଅବସ୍ଥା ସର୍ବସାଧାରଣଙ୍କୁ ଅବଗତ କରାଇଲେ ତାହା ସଂକ୍ଷେପରେ ପ୍ରକାଶ କରୁଅଛୁଁ ଯଥା ।

ସନ ୧୮୬୯।୭୦

ଏ ବର୍ଷର ଯଥାର୍ଥ ଆୟ ଟ ୫୦,୯୦,୯୦,-୮୯୦ ଏବଂ ବ୍ୟୟ ୫୦,୭୮,୨୪,୧୩୦ ଅର୍ଥାତ୍ ପ୍ରାୟ ୧୨ ଲକ୍ଷଟଙ୍କା ଅଧିକା ପ୍ରାପ୍ତ ହୋଇଅଛି ମାତ୍ର ଗତବର୍ଷରେ ଏହି ବର୍ଷର ଆୟ ବ୍ୟୟ ଯେରୂପ ଅନୁମାନ ହୋଇଥିଲା ତହିଁରେ ପ୍ରାୟ ଅର୍ଦ୍ଧକୋଟି ଟଙ୍କା ନିଅଣ୍ଟ ହେବାର ସମ୍ଭାବନା ଥିଲା । ଶ୍ରୀଯୁକ୍ତ [illegible] ଇନକମଟାକ୍ସ ଇତ୍ୟାଦି ଆୟ ବୃଦ୍ଧି କରିଅଛି ଏବଂ ସାଧାରଣ ମହକୁମା ଖର୍ଚ୍ଚରେ କିଛି ଲାଭ ହୋଇଅଛି । ଏ ଦୁଇ ଆୟ ବଢିବାର କାରଣ; କିନ୍ତୁ ସୈନିକ ବ୍ୟୟ କମିବ ଓ ସୈନିକ ଇଲାକାର ପାଉଣା ଆଦାୟ ଅଧିକା ଆୟର ପ୍ରଧାନ କାରଣ ଅଟଇ । ଅବିସିନିଆ ଯୁଦ୍ଧ ସମୟରେ ଯେ ସବୁ ସୈନିକ ବ୍ୟୟ ଦିଆଯାଇଥିଲା ତହିଁର ଅଧିକାଂଶ ଏହି ବର୍ଷରେ ଆଦାୟ ହେଲା ଟେମ୍ପଲ ସାହେବ ବୋଲନ୍ତି ଯେ ପୂର୍ବର ଅନେକ ନିଅଣ୍ଟର ଭୟ ଥିବାରୁ ନାନା କୌଶଳଦ୍ୱାରା ତାହା ନିବାରଣ କରିବାକୁ ଚେଷ୍ଟା ହେଲେହେଁ ବର୍ଷଶେଷ ପର୍ଯ୍ୟନ୍ତ କିଛି ଅନିଶ୍ଚିତର ଭୟ ଥିଲା ମାତ୍ର କେତେକ ଉପାୟଦ୍ୱାରା ଓ କେତେକ ଭାଗ୍ୟବଶତଃ ତାହା ଖଣ୍ଡନ ହୋଇ ଲାଭ ହୋଇଅଛି ଅତି ସୁଖର ବିଷୟ ଅଟଇ ।

ସନ ୧୮୭୦।୭୧ ଗତବର୍ଷ ଏସନର ଆୟ ବ୍ୟୟ ଯେମନ୍ତ ଅନୁମାନ ହୋଇଥିଲା ତହିଁରେ ୧୬ ଲକ୍ଷରୁ କିଛି ଅଧିକଟଙ୍କା ବଳିବାର ସମ୍ଭାବନା ଥିଲା । ବର୍ତ୍ତମାନ ହେସାବରେ ଜଣାଗଲା ଦୃଶ ଏବର୍ଷ ଯେତେଆୟ ହେବ ତହିଁରୁ ଏବର୍ଷର ବ୍ୟୟମାନ ମିହାଯାଇ ପ୍ରାୟ ଏକକୋଟି ଟଙ୍କା ବଳିପଡିବ । ଅର୍ଥାତ୍ ଚଳିତବର୍ଷର ଆୟ ଟ ୫୧,୦୪୮,୯୦୦୦ ଙ୍କା ଓ ବ୍ୟୟ ଟ ୫୦,୫୧,୮୬,୦୦୦ ହେବ । ଏ ଅଙ୍କମାନ ୧୧ ମାସର ଯଥାର୍ଥ ଫଳ ଦୃଷ୍ଟିରେ ସ୍ଥିର ହୋଇଅଛି ଅତଏବ ଏଥିର ବିଶେଷ ଊଣା ଅଧିକ ହେବାର ସମ୍ଭାବନା ନାହିଁ । ଏତେ ଅଧିକଟଙ୍କା ବଳିପଡିବାର ପ୍ରଧାନକାରଣ ଏହି ଯେ ଅଫିମ ବିକ୍ରୀ ଦ୍ୱାରା ବିଶେଷ ଲାଭହେଲା ଓ ଏହି ଏକବାବତରେ ପ୍ରାୟ ସବୁଟଙ୍କା ଆସୁଅଛି । ଅନ୍ୟାନ୍ୟ ପ୍ରକାର ଆୟ ଓ ବ୍ୟୟରେ ସାଧାରଣ ରୂପେ ଊଣାଅଧିକ ହୋଇଅଛି ତଦ୍ଦ୍ୱାରା ଅନୁମାନ କୌଣସିରୂପେ ବ୍ୟର୍ଥ ହୋଇ ନାହିଁ । ସର ଟେମ୍ପଲସାହେବ ଆୟ ବ୍ୟୟର ପରସ୍ପର ଊଣା ଅଧିକର କାରଣ ବୁଝାଇ ଅଛନ୍ତି ମାତ୍ର ସେ ସବୁର ବର୍ଣ୍ଣନା ଏଠାରେ ପ୍ରୟୋଜନ ନ ଦେଖେ ଫଳ ଏହି ଯେ ଆଶାତିରିକ୍ତ ଧନ ଲାଭହେବାର ଲକ୍ଷ୍ୟ ଜଣା ଯାଉଅଛି ।

ସନ ୧୮୭୧।୭୨ ଏବର୍ଷର ଆୟ ଟ ୪୯୦-୯୮୯୦୦୦ ଙ୍କା ଏବଂ ବ୍ୟୟ ଟ ୪୯,୦୦,୫୫,୦୦୦ଙ୍କା ଅନୁମାନ ହୋଇଅଛି ଏରୂପେ ବର୍ଷ ଶେଷରେ ଟ ୧,୩୪,୦୦୦ ଙ୍କା ଉଦ୍ଧୃତ ହେବାର ଆଶା ଅଛି ଏ ଆୟ ବ୍ୟୟର ଅନୁମାନ ଚଳିତବର୍ଷ ଫଳ ଦୃଷ୍ଟିରେ ସ୍ଥିର ହୋଇଅଛି ଏବଂ ଅନୁମାନ ନ୍ୟୁଥଇ ଏହି ହେସାବ ପରିଶେଷରେ ଠିକ ଅ-ଧିକ ଚଳିତବର୍ଷାପେକ୍ଷା ଏବର୍ଷର ଆୟ ବ୍ୟୟ ଊଣା ଦେଖାଯିବାର କାରଣ ଏହି ଯେ ଇନ୍‌କମ୍‌ଟାକ୍ସର ଭାଗ ଊଣା ହୋଇଅଛି ଚଳିତ-ବର୍ଷରେ ଏହିଟାକ୍ସରୁ ଟ ୨୦୨୫୦୦୦୦ ଙ୍କା ପ୍ରାପ୍ତ ହେବାର ଆଶା ଅଛି ଆଗାମିବର୍ଷ ପାଇଁ କେବଳ ଟ ୬୦୦୦୦୦୦ ଧରାଯାଇଅଛି ଅତଏବ ଏହି ଏକପଦରେ ଟ ୧୪୨୫୦୦୦୦ ଊଣାପଡିବ ଶତକଡା ଟ ୩୧୬ ପରିବର୍ତ୍ତରେ ଏକଟଙ୍କା ଟାକ୍ସ ବସାଇବା ଏବଂ ଟ ୭୫୦ ଙ୍କାରୁ ଊଣା ଆୟ ଗ୍ରହଦେବାର ଫଳ ଏହା ଅଟଇ ସର ଟେମ୍ପଲ ସାହେବ ବୋଲନ୍ତି କି ଇନ୍‌କମ୍‌ଟାକ୍ସ ଏକାବେଳକେ ଉଠାଇଦେଲେ କିଛି ଟଙ୍କା ନିଅଣ୍ଟ ପଡନ୍ତା ଓ ଅନ୍ୟ କୌଣସି ଉପାୟ ସ୍ଥିର ହୋଇ ନାହିଁ ଯେ ତଦ୍ଦ୍ୱାରା ଏ ଟଙ୍କା ଉଠି-ପାରେ । ଯାହା ହେଉ ଟାକ୍ସର ଭାଗ ଏମନ୍ତ ଊଣା ହୋଇଅଛି ଯେ ଭାରତବର୍ଷରେ ପ୍ରାୟ କେବେ ଏମନ୍ତ ଅଳ୍ପଟାକ୍ସ ଗୃହୀତ ହୋଇ ନ ଥିଲା ଓ ଅତ୍ୟନ୍ତ ଆନନ୍ଦର ବିଷୟ ଏହି ଯେ ଟ ୭୫୦ ଙ୍କା ପର୍ଯ୍ୟନ୍ତ କ୍ଷମା ଦେବାରୁ ପାଞ୍ଚ ଟାକ୍ସଦାୟକଙ୍କ ମଧ୍ୟରୁ ପ୍ରାୟ ଅଧେ ଲୋକ ମୁକ୍ତି ପାଇବେ । ସାଧାରଣ ଖର୍ଚ୍ଚ ଭିନ୍ନ ଏବର୍ଷ ପ୍ରାୟ ୩ କୋଟିଟଙ୍କା ବିଶେଷ ନିର୍ମାଣ କାର୍ଯ୍ୟରେ ବ୍ୟୟ ହେବାର କଳ୍ପନା ଅଛି । ତହିଁ ମଧ୍ୟରେ ଓଡିଶା ଓ ଉତ୍ତର ପଶ୍ଚିମ ଓ ପଞ୍ଜାବ ପ୍ରଭୃତି ଇରିଗେସନ ବା ଜଳସେଚନ କାର୍ଯ୍ୟ ପ୍ରଧାନ । ଏ ଟଙ୍କା ସମୁଦାୟ ଯେ ବର୍ଷ ମଧ୍ୟରେ ଖର୍ଚ୍ଚ ହେବ ଏମନ୍ତ ସମ୍ଭାବନା ଦେଖା ନ ଯିବାରୁ କେବଳ ଦୁଇ କୋଟି ଟଙ୍କା ଋଣ କରିବାର ପ୍ରସ୍ତାବ ହୋଇଅଛି ଏଋଣ ବିଲାତରେ ଗୃହୀତ ହେବ ସୁତରାଂ ଭାରତବର୍ଷରେ ଏବର୍ଷ ଲୋନ ଖୋଲିବ ନାହିଁ ।

ଏହାଉପରେ ଆୟ ବ୍ୟୟ ସ୍ଥିର କରି ସର ଜର୍ଜ୍ଜ ଟେମ୍ପଲ ଅନୁମାନ କରନ୍ତି ଯେ ଚଳିତ-ମାସ ତା ୩୧ ରଖରେ ଭାରତବର୍ଷର ସମସ୍ତ ତହବିଲରେ ପ୍ରାୟ ୧୯ କୋଟି ନଗଦ ଟଙ୍କା ରହିବ ଓ ଆଗାମି ବର୍ଷଶେଷରେ ୧୬ କୋଟି ରହିବ ।

ସର ଜର୍ଜ୍ଜ ଟେମ୍ପଲଙ୍କ ପ୍ରକାଶିତ ବଜେଟର ସ୍ଥୂଳକଥାମାନ ବ୍ୟକ୍ତ କଲୁଁ ଏଥିର ପାଠକମାନେ ଆପଣା୨ ବିବେଚନା କରନ୍ତୁ । ଗତ କେତେକ ବର୍ଷ ହେଲା ବଜେଟ [illegible] ପ୍ରଧାନ ବିଷୟ ହୋଇ ପଡିଥିଲା ଓ ଲୋକେ ଟାକ୍ସର ଜଞ୍ଜାଳରେ ପଡିବାରୁ ବ୍ୟସ୍ତ ହୋଇ ବର୍ଷକୁ ବର୍ଷ ବଜେଟର ଫଳ ଜାଣୁଥିଲେ କାରଣ ପୂର୍ବଗତ ଦର୍ଶନରେ ସେମାନଙ୍କ ଭରସା ହୋଇଥିଲା ଯେ ଆୟ ବ୍ୟୟର ଅବସ୍ଥା ଉପରେ ଇନ୍‌କମ୍‌ଟାକ୍ସ ନିର୍ଭର କରଇ । ବର୍ତ୍ତମାନ ଚଳିତବର୍ଷର ଆୟ ବ୍ୟୟର ବିବରଣ ଅବଗତ ହେଲାରୁ ଆମ୍ଭମାନଙ୍କର ବୋଧ ହେଉଅଛି କି ଯଦ୍ୟପି ବଜେଟ ସଙ୍ଗେ୨ ଇନ୍‌କମ୍‌ଟାକ୍ସ ସ୍ଥିର ହୋଇ ଆସୁଅଛି ମାତ୍ର ବଜେଟ ସହିତ ଏହାର କିଛି ସମ୍ପର୍କ ନାହିଁ । କାରଣ ଗତବର୍ଷ ହେଲା ପ୍ରତବର୍ଷର ଆୟ ସେ ବର୍ଷର ବ୍ୟୟରୁ ଅଧିକ ହୋଇଅଛି ଅଥଚ ଏହି ଗତ-ବର୍ଷରେ ଯେମନ୍ତ ସର୍ବସାଧାରଣଙ୍କ ମତ ବିରୁଦ୍ଧରେ ଟାକ୍ସ ନିଆଯାଇଅଛି ସେରୂପ ପୂର୍ବେ ଗୃହୀତ ହୋଇ ନ ଥିଲା । ଆୟ ବ୍ୟୟର ଅନୁମାନିକ ହେସାବ କେତେଦୂର ଯଥାର୍ଥ ହୁଅଇ ତାହା ବର୍ତ୍ତମାନ ଉତ୍ତମରୂପେ ପ୍ରକାଶ ପାଇଲା ତଥାଚ ଗବର୍ଣ୍ଣମେଣ୍ଟ ଇନ୍‌କମ୍‌ଟାକ୍ସକୁ ଛାଡିବେ ନାହିଁ । ଗବର୍ଣ୍ଣମେଣ୍ଟ ଯେମନ୍ତ ଆୟ ଊଣା ହେବାର ଅନୁମାନ କରି ସନ ୧୮୬୯ ମସିହାରେ ହଠାତ୍ ଇନ୍‌କମ୍‌ଟାକ୍ସ ବଢାଇ ଦେଲେ ସେହି-

Digitized by srujanika@gmail.com

Split by PDF Splitter



ପୁର ଯେବେ ସନ ୧୮୭୦ ମସିହାରେ ଆୟ ଅଧିକ ହେବାର ଦେଖି ଟାକ୍ସ ଉଠା କରଥାନ୍ତେ ତେବେ ଗବର୍ଣ୍ଣମେଣ୍ଟଙ୍କ ବ୍ୟବହାର ଉତ୍ତମ ହୋଇଥାନ୍ତା ତାହା ନ କରି ଏତେବେଳେ ଉଠା କରିବାରୁ ଅନୁମାନ ହୁଅଇ ଯେ ଏ ଟାକ୍ସ ଚିରସ୍ଥାୟୀ ହୋଇ ରହିଲା । ଗବର୍ଣ୍ଣମେଣ୍ଟ ଏତେ ଟାକ୍ସ ନେବା ବିଷୟରେ ଏହି ଉତ୍ତର ଦିଅନ୍ତି ଯେ ଅଧିକ ଭାବରେ ଟାକ୍ସ ନେଇ ନ ଥିଲେ ଆୟ ଟଙ୍କା ଅଧିକ ହାନି ହୁଅନ୍ତା ଅତଏବ ଆୟ କିଞ୍ଚିତ ଅଧିକ ହେବାର ସମ୍ଭବ ଜଣାଗଲେ ମଧ୍ୟ ଟାକ୍ସ ନେବାର ଉଚିତ ହୋଇଥିଲା । ମାତ୍ର ଅଧିକା ଟଙ୍କା ହୋଇ ଯେବେ ପ୍ରଜାଙ୍କର କ୍ଲେଶ ଉଠା ହେଲା ତେବେ ଅଧିକାରେ କି ଲାଭ ଅଛି ?

## ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ ଫ୍ରାନ୍‌ସିସ୍ ରେଭ୍‌ସ ସାହେବ କଟକ ଶିକ୍ଷା କମିଟିର ଜଣେ ସଭ୍ୟ ହୋଇଅଛନ୍ତି ।

ଶ୍ରୀଯୁକ୍ତ ମାକଫର୍ସନ ସାହେବ କଲେକ୍ଟର ଆଗାମିମାସ ତା ୧୮ ରିଖଠାରୁ ଛଅମାସର ଛୁଟି ନେବାର ମାନସ କରଅଛନ୍ତି ।

ଶ୍ରୀଯୁକ୍ତ ଡାକ୍ତର ଫ୍ଲେମିଂ ସାହେବ ଏ ନଗରକୁ ଆସି ଆପଣା କାର୍ଯ୍ୟର ଭାର ଗ୍ରହଣ କରିବାରୁ ଡାକ୍ତର ଷ୍ଟିୱାର୍ଟ ସାହେବ ଏଠାରୁ ପୁରୀକୁ ଗମନ କଲେଣି ।

କଟକର ପୁଲିସ ଇନ୍‌ସ୍ପେକ୍ଟର ବାବୁ ଗିରିଶଚନ୍ଦ୍ରରାୟ ପେନସନ ଗ୍ରହଣପୂର୍ବକ କର୍ମ ତ୍ୟାଗ କରିବାରୁ ବାବୁ ରଘୁନାଥ ଘୋଷ ଇନ୍‌ସ୍ପେକ୍ଟର ତୃତୀୟ ଶ୍ରେଣୀରୁ ଦ୍ୱିତୀୟଶ୍ରେଣୀକୁ ପଦ ବୃଦ୍ଧି ପାଇଅଛନ୍ତି । ଏହାଙ୍କର ବେତନ ମାସିକ ଟ ୨୦୦ ଙ୍କା ହେଲା ଏହା ଅତି ସୁଖର ବିଷୟ ଅଟଇ କାରଣ ରଘୁବାବୁ ଯେମନ୍ତ ଉପଯୁକ୍ତ ଲୋକ ତାହାଙ୍କ ପଦବୃଦ୍ଧି ସର୍ବାଂଶରେ ଉଚିତ ହୋଇଅଛି । ମାତ୍ର ଆମ୍ଭେମାନେ ବୋଧ କରୁଁ ଏହାଙ୍କୁ କୋର୍ଟରେ ନ ରଖି ସବ୍ ଡିଷ୍ଟ୍ରିକ୍ଟର ଭାର ଦେଲେ ବିଶେଷ ସାଧାରଣ ମଙ୍ଗଳ ହେବାର ସମ୍ଭାବନା କୋର୍ଟରେ ଜଣେ ଅଳ୍ପବେତନର ଇନ୍‌ସ୍ପେକ୍ଟର ରହିଲେ ସୁନ୍ଦର କାର୍ଯ୍ୟ ଚଳିପାରେ ।

ଗତବର୍ଷପ୍ରାୟ ସଶସ୍ତ୍ର ଏକପଞ୍ଚା ମୋଗଲ ପଠାଣ ଆସି ସହରରେ ବୁଲୁ ଅଛନ୍ତି । ଏମାନେ ଜଣକେ କେତେଗୁଡ଼ାଏ ନାନାବର୍ଣ୍ଣର କାଚ ପଥର କାଗଜରେ ବାନ୍ଧି ବିକ୍ରୟ କରିବାକୁ ଯାଚୁଅଛନ୍ତି ଏହାଙ୍କ ରୀତି ସନ୍ଦେହଯୁକ୍ତ ଅଟଇ ବୋଲି ଅନେକଲୋକ ବିଶ୍ୱାସ କରନ୍ତି ।

ବାଲେଶ୍ୱରସମ୍ବାଦବାହିକା କହନ୍ତି କି ଜଲେଶ୍ୱର ଦେହୁଡ଼ାର ଜମିଦାର ଶ୍ରୀଯୁତ ବାବୁ କୈଳାଶଚନ୍ଦ୍ର ଗୁପ୍ତ ମହାଶୟଙ୍କ କନ୍ୟା ବିବାହ ଉପଲକ୍ଷରେ ଉକ୍ତ ମହାଶୟ ବାଲେଶ୍ୱର ସ୍ତ୍ରୀଶିକ୍ଷା ଉନ୍ନତି ନିକାଶେ ଟ ୫୦ ଙ୍କା ଦାନ କରଅଛନ୍ତି କୈଳାଶ ବାବୁ କନ୍ୟା ବିବାହରେ ଏକ ନୂଆଦାନ ବାହାର କଲେ । ଏହି ଦାନ ବିବାହଘରର ରୋସନାଇ ଓ ବାଜଠାରୁ କେତେଗୁଣ ଉତ୍କୃଷ୍ଟ ତାହା ପାଠକମାନେ ସହଜରେ ବୁଝିପାରିବେ ।

ଏ ବର୍ଷ ବାଲେଶ୍ୱରରେ ଆମ୍ର ଯଥେଷ୍ଟ ପରିମାଣରେ ହୋଇଅଛି । ଲୋକେ କହନ୍ତି ଆମ୍ବ ଗୁଣେ ଧାନ, ଯଦି ତାହା ସତ୍ୟ, ତେବେ ଧାନ ଅଧିକ ହେବାର ସମ୍ଭବ ହେଉଅଛି ।

ମାର୍ଚ୍ଚମାସ ତା ୧୩ ରିଖ ସୋମବାର ରାତ୍ରି ୭ ଘଣ୍ଟା ସମୟରେ ବାଲେଶ୍ୱରରେ ଭୂମିକମ୍ପ ହୋଇଥିଲା ସେହି ଭୂମିକମ୍ପ ଅତିଅଳପ ସମୟ ପର୍ଯ୍ୟନ୍ତ ଥିଲା ।

କୌଣସି ପତ୍ରରୁ ହିନ୍ଦୁ ପେଟ୍ରିଅଟ ଅବଗତ ହୋଇଅଛନ୍ତି କି ଗବର୍ଣ୍ଣମେଣ୍ଟ ବଙ୍ଗାଳ ଏତେପରିମାଣରେ ବ୍ୟୟ ଲାଘବ କରଅଛନ୍ତି ଯେ ସ୍ଥାନୀୟ କରଗ୍ରହଣ କରିବାର ପ୍ରୟୋଜନ ହେବ ନାହିଁ । ସତ୍ୟ ହେଲେ ବଡ଼ ସୁଖର ବିଷୟ ହେବ ।

ଯେଉଁ ନାଜରମାନେ ସମ୍ପୂର୍ଣ୍ଣ କିମ୍ବା ଆଂଶିକରୂପେ ମିଶ୍ରଫିସରୁ ବେତନ ପାନ୍ତି ସେମାନେ ପେନସନ ପାଇବାର ଯୋଗ୍ୟ କି ନା ଗବର୍ଣ୍ଣମେଣ୍ଟରେ ଏ କଥାର ପ୍ରଶ୍ନ ହେବାରୁ ନିଷ୍ପତ୍ତି ହୋଇଅଛି ଯେ ନାଜର ମାନେ ଅନ୍ୟ କର୍ମଚାରୀଙ୍କ ପ୍ରାୟ ପେନସନ ପାଇବେ ତାହାଙ୍କ ବେତନ ମିଶ୍ରନରୁ ଦିଆଯାଉ କିମ୍ବା ଖଜାନାରୁ ଦିଆଯାଉ ତହିଁରେ କିଛି ପ୍ରଭେଦ ନାହିଁ ।

ବମ୍ବେଇ ପ୍ରଦେଶ ଖାନ୍ଦେଶ ଜିଲା ଜଜଙ୍କ କଚେରିରେ ଜଣେ ଉକୀଲ ଛପ ପକାଇବାରୁ ଜଜସାହେବ ତାହା ଉପରେ ଅଦାଲତକୁ ଅମାନ୍ୟ କରିବାର ଅଭିଯୋଗ କରି ଏକଶତଟା ଅର୍ଥଦଣ୍ଡ ବିଧାନ କଲେ ମାତ୍ର ହାଇକୋର୍ଟରେ ଅପିଲ କରିବାରୁ ଉକୀଲ ଖଲାସ ପାଇଲା ।

କେତେକ ଦିନ ହେଲା ବଙ୍ଗଦେଶରେ ଗୋଟିଏ ଭୟାବହ ବିବାଦ ଉପସ୍ଥିତ ହୋଇଅଛି ମୁସଲମାନମାନଙ୍କ ମଧ୍ୟରେ ସିଆ ଓ ଶୁନ୍ନି ଦୁଇ ସମ୍ପ୍ରଦାୟ ମଧ୍ୟରେ ମହା ବିବାଦ ହେଉଅଛି ବିବାଦର ପ୍ରକୃତ କାରଣ କିଛି ଜଣାଯାଉ ନାହିଁ । ଶୁଣାଗଲା ସିୟାସଂପ୍ରଦାୟସ୍ଥ କେଉଣସି କବି ଶୁନ୍ନିମାନଙ୍କ ଧର୍ମ ବିରୁଦ୍ଧରେ କେଉଣସି କାବ୍ୟ ରଚନା କରଅଛି । ସେହିପୁସ୍ତକରେ ଶୁନ୍ନିମାନଙ୍କ ଧର୍ମବିଷୟରେ ବିଦ୍ରୂପ ତମାସା କରଅଛି । ତଦ୍ଦର୍ଶନରେ ଶୁନ୍ନିମାନେ ମହା କୁପିତ ହୋଇ ସେମାନଙ୍କପ୍ରତି ବିପରୀତାଚରଣରେ ପ୍ରବର୍ତ୍ତିତ ହୋଇଅଛନ୍ତି । ଏମନ୍ତ କି ସେମାନେ ତରବାରି ଲଂଘା କରି ଲୁଚାକରି ଗ୍ରନ୍ଥିଅର୍ଦ୍ଧରେ ସେମାନଙ୍କୁ ହାଣିବା ଆଶାରେ ଗୃହଆଡ଼େ ବୁଲୁଅଛନ୍ତି । ଅଦାଲତରେ ଏମାନଙ୍କ ବିପକ୍ଷରେ ଶୁନ୍ନିମାନେ ନାଲିଶ କରିଅଛନ୍ତି । ଅଦ୍ୟାପି ମକଦ୍ଦମା କିଛିମାତ୍ର ଶେଷ ହୋଇ ନାହିଁ । ଯାହା ହେଉ ଗବର୍ଣ୍ଣମେଣ୍ଟଙ୍କର ଏବିଷୟରେ ଅତିଶୟ ସାବଧାନ ହେବାର ଉଚିତ ।

ଡେଲିନ୍ୟୁସରୁ ଅବଗତ ହେଲୁଁ ଯେ ଗତ ମାସରେ ଯେ ମାଇମନସିଂହ ହୁଗଲି ଢାକା ନୋଆଖାଲି ଓ ମାନଭୂମ ଜିଲାରେ ଥିବା ଅଠୋଟି ବିଦ୍ୟାଳୟକୁ ଗବର୍ଣ୍ଣମେଣ୍ଟ ଦତ୍ତ ଟ ୧୪ ଙ୍କାରୁ ମାସିକ ଦାନ ରହିତ ହୋଇଅଛି । ଶିକ୍ଷାଦାନ ଟଙ୍କା ଉଠା ହେବାର ଏ ସମସ୍ତ ଫଳ ଅଟଇ ।

ଗତ ଗୁରୁବାର କଲିକତାରେ ଜଣେ ଇଂରେଜ ଉପରେ ଗାଡ଼ି ଚଳି ଯିବାରୁ ତାହାର ଗୋଡ଼ ଭାଙ୍ଗିଯାଇ ଅଛି । ଗାଡ଼ିବାନ୍ ଧୃତ ହୋଇ ଜାମିନ ଦେଇ ମୁକ୍ତ ପାଇଅଛି ।

ଇଉରୋପରେ ଯେଉଁ ବିଷୟ ଯୋଗି ଇଂଲଣ୍ଡ ଓ ଋଷିୟା ମଧ୍ୟରେ ଯୁଦ୍ଧ ହେବାର ଆଶଙ୍କା ଥିଲା ତାହା ଉତ୍ତମରୂପେ ନିଷ୍ପତ୍ତି ପାଇଅଛି ବଡ଼ ସୁଖର ବିଷୟ ଅଟଇ ।

ଅଯୋଧ୍ୟାର ସ୍ତ୍ରୀମାନଙ୍କ ପାଠୋପଯୋଗୀ ଖଣ୍ଡିଏ ହିନ୍ଦୁ ପୁସ୍ତକ ରଚନା କରିବା ପାଇଁ ନୱାବ ହାଇଦର ଅଲି ଖାନ ବାହାଦୁର ଟ ୧୦୦ ଙ୍କା ପାରିତୋଷିକ ଦେବାକୁ ମନସ୍ଥ କରି ଘୋଷଣା ଦେଇଅଛନ୍ତି ।

କଲିକତା ବାଗ ବଜାରରେ ଜଣେ ବିଧବା ସ୍ତ୍ରୀ ଆପଣା ଶରୀର ତୁଲରେ ରୌପ୍ୟଦାନ କରଅଛି ଉକ୍ତଦାନ ଟଙ୍କାରେ ଗୋଟିଏ ପକ୍କାଘାଟ ନିର୍ମାଣ ହେବ ଓ ଅବଶିଷ୍ଟ ପଣ୍ଡିତମାନେ ବାଣ୍ଟି ନେବେ ପତ୍ରପ୍ରେରକ କହନ୍ତି ଶିକ୍ଷାଦାନ ବା ଅନ୍ୟାନ୍ୟ ପ୍ରକାରରେ ଏ ଧନକୁ ନିୟୋଗ କରିଥିଲେ ଭଲ ହୋଇ ଥାନ୍ତା । ଆମ୍ଭମାନଙ୍କର ମଧ୍ୟ ଏହି ମତ ଅଟଇ ।

Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର ।

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ ।

ପୁରୀଜିଲ୍ଲା ସ୍କୁଲସମୂହର ଡେପୁଟି ଇନ୍‌ସ୍ପେକ୍ଟର ଶ୍ରୀଯୁକ୍ତ ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ର ମହାଶୟ ଦାମୋଦରପୁର ଶାସନ ମଧ୍ୟରେ ଗୋଟିଏ ଚତୁଷ୍ପାଠୀ ସ୍ଥାପନ କଲେ । ଏଥିର ବ୍ୟୟ ନିଜହସ୍ତରୁ ଦେଇ ବ୍ରାହ୍ମଣସନ୍ତାନମାନଙ୍କୁ ଜ୍ଞାନଦାନ କରବେ । ଗୃହ ନିର୍ମାଣନିମନ୍ତେ ୫ ଙ୍କା ମଧ୍ୟ ଏକକାଳୀନ ଦାନ କରିଅଛନ୍ତି । ଏହି କାର୍ଯ୍ୟଟି ବାବୁ ମହୋଦୟଙ୍କର କେବଳ କାର୍ଯ୍ୟଦକ୍ଷତା ପ୍ରକାଶକ ଏମନ୍ତ ନୁହେ, ସ୍ୱଦେଶହିତୈଷିତା ଦାନବାହୁଲ୍ୟ, ଜ୍ଞାନ ପ୍ରଚାରେଚ୍ଛା ପ୍ରଭୃତିର ମଧ୍ୟ ବିଶେଷ ପରିଚାୟକ ଅଟେ । ପୁରୁଷୋତ୍ତମ କ୍ଷେତ୍ରସ୍ଥ ମୁକ୍ତିମଣ୍ଡପ ଯେଉଁ ପଣ୍ଡିତମାନଙ୍କ ଦ୍ୱାରା ଗୌରବାନ୍ୱିତ ହୋଇଥିଲା ଏହି ଶାସନ ସେହି ମହାଶୟମାନଙ୍କର ଜନ୍ମସ୍ଥଳ ଇଦାନୀଂ ସେହି ଗ୍ରାମର କେତେକ ପଣ୍ଡିତମାନଙ୍କ ବିଦ୍ୟମାନତା ହେତୁଁ ପୁରୁଷୋତ୍ତମ କ୍ଷେତ୍ର ହେୟ ଓ ଗୌରବହୀନ ହୋଇ ଯାଇ ନାହିଁ ବିଦ୍ୟୃତିକାଳ ଉତ୍ତାରୁ ଯେଉଁ ସମ୍ମୁନ୍ନତିକ ଅଛି ତାହା ଯେ ଚିରସ୍ଥାୟୀ ହୁଅନ୍ତା ଏପରି ବୋଧ ହେଉ ନ ଥିଲା ଅଦ୍ୟକାଲି ବ୍ରାହ୍ମଣମାନଙ୍କର ଦୁରବସ୍ଥା ଯେପରି ଦିନକୁଦିନ ବୃଦ୍ଧି ହେଉଅଛି ତହିଁରେ ବର୍ଣ୍ଣ ଶ୍ରେଷ୍ଠମାନଙ୍କର ବର୍ଣ୍ଣ ପରିଚୟ ସୁଦ୍ଧା ଯେ ବିଲୁଣାଇ ପଡନ୍ତା ହୁଅନ୍ତା ଏଥିରେ ସନ୍ଦେହାଭାବ କିନ୍ତୁ ଡେପୁଟି ମହୋଦୟଙ୍କ ଅନୁଗ୍ରହରୁ ଯେଉଁ ବିଦ୍ୟାମନ୍ଦିର ପ୍ରତିଷ୍ଠିତ ହେଲା ତଦ୍ଦ୍ୱାରା ବହୁତର ଉପକାର ସାଧିତ ହେବ, କେବଳ ସେହି କେତେକ ଗ୍ରାମର ଯେ କେବଳ ଏହାଦ୍ୱାରା ଉନ୍ନତି ହେବ ଏପରି ନୁହେ ବରଂ ସମୁଦାୟ ପୁରୀର ଗୌରବ ରକ୍ଷା ହୋଇପାରିବ । ସ୍ୱୟମ୍ଭାବତ ମତି ମହାପାତ୍ର ମହାଶୟ ଏହି କାର୍ଯ୍ୟଟି ସାଧନ କରି କେତେଦୂର ପ୍ରଶଂସାଭାଜନ ହୋଇଅଛନ୍ତି ତାହା ସାଧାରଣ ସୁବୋଧ୍ୟ କେବଳ ଆମ୍ଭେ ଏତକି ମାତ୍ର କହି ବିରତ ହେଲୁଁ ଯେ ଏହି ମହାଶୟ ଭବିଷ୍ୟତ ଡେପୁଟିଇନ୍‌ସ୍ପେକ୍ଟର ମହାଶୟମାନଙ୍କର ଏବିଷୟରେ ଆଦର୍ଶ ସ୍ୱରୂପ ହେଲେ । ଇତି ।

ତା ୧୫ ଋଖ ମାହେ ମାର୍ଚ୍ଚ ସନ ୧୮୭୧ } ପୁରୁଷୋତ୍ତମ ନିବାସିନଃ କସ୍ୟଚିଦ୍ଦର୍ଶକସ୍ୟ ।

## ବିଜ୍ଞାପନ ।

କଟକ ଟାଉନକମିଟୀଙ୍କ ଅଧୀନରେ ଜଣେ ଓଭରସିଅର ମାସି ୧୦୦ ଙ୍କା ବେତନରେ ନିଯୁକ୍ତ ହେବାର ପ୍ରୟୋଜନ । କର୍ମପ୍ରାର୍ଥୀ ମାନଙ୍କଠାରୁ ଲେଖା ଦରଖାସ୍ତ ଚଳିତମାସ ତା ୩୧ ଋଖପର୍ଯ୍ୟନ୍ତ ନିମ୍ନ ସ୍ୱାକ୍ଷରକାରୀ ଗ୍ରହଣ କରିବେ । ଅପ୍ରେଲମାସ ତା ୧ ଋଖଠାରୁ ନିଯୋଗର ସମୟ ଗଣନା ହେବ ।

କଟକ ତା ୧୬ ଋଖ ମାର୍ଚ୍ଚ ସନ ୧୮୭୧ } ଦସ୍ତଖତ ଜ ଟି ଏନକୀ ଭାଇସଚେରମାନ୍

ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ଯେଉଁ ଯାତ୍ରିମାନେ ଯାନ୍ତି ସେମାନେ ଦର୍ଶନସମୟରେ ମହାପ୍ରଭୁଙ୍କ ନିକଟରେ କିଛି ଭେଟୀ ଦର୍ଶନୀ ଦେବାର ଉପକ୍ରମ କଲେ ପଣ୍ଡାମାନେ ତାହା ଦେଖି ଯାତ୍ରି ହସ୍ତରୁ ତାକୁ ଛଡ଼ାଇଁ ନେଇଁ ଯାତ୍ରିକି କହନ୍ତି କି ଯାହା ଏଠାରେ ଦେବ ତାହା ସବୁ ସରକାର ନେଇଁଯିବ ମହାପ୍ରଭୁଙ୍କର କିଛି କାର୍ଯ୍ୟରେ ଆସିବ ନାହିଁ କେବଳ ଯାହା ଅଟିକା କରି ଦେବ ସେହି ମାତ୍ର ମହାପ୍ରଭୁଙ୍କ ଭୋଗରେ ଖର୍ଚ୍ଚହେବ । ଏପରି ବଞ୍ଚନାକରି ସେମାନଙ୍କଠାରୁ ଅଟିକାସ୍ୱରୂପରେ ସଂକଳ୍ପ କରାଇଁ ଯାହା ନିଅନ୍ତି ତାହା ସମ୍ପୂର୍ଣ୍ଣ ଆତ୍ମସାତ୍ କରନ୍ତି, ଅତଏବ ଆମ୍ଭେମାନେ ସର୍ବସାଧାରଣଙ୍କୁ ସତର୍କ ହେବା ନିମିତ୍ତ ପ୍ରକାଶ କରୁଅଛୁଁ ଯେ ଯେଉଁ ବ୍ୟକ୍ତି ମହାପ୍ରଭୁଙ୍କ ନିମନ୍ତ କିଛି ଦେବାର ମାନସ କରେ ସେ ତାହା ଦେବମନ୍ଦିରର ପରୀକ୍ଷା କିବା ସିରସ୍ତାଦାର ଯିମାରେ ଦେଇଁ ଲେଖାଇଁ ଦେଇ ଆସିବ ନଚେତ ମହାପ୍ରଭୁଙ୍କ ଦର୍ଶନସମୟରେ ଭେଟୀସ୍ୱରୂପ ମହାପ୍ରଭୁଙ୍କ ମସ୍ତକରେ ଦେଇଁ ଆସିବ ଏପରି ହେଲେ ସେହିଦ୍ରବ୍ୟ ଉତ୍ତମରୂପେ ମହାପ୍ରଭୁଙ୍କ ଖର୍ଚ୍ଚରେ ଅପି ଅନ୍ୟାବ୍ୟୟ ନୋହିବ ଓ ପଣ୍ଡାଙ୍କୁ ଯେ ଯାହା ନିହନ୍ତା ସ୍ୱରୂପଦେବାକୁ ଇଚ୍ଛିବ ତାହା ସେ ପଣ୍ଡାଙ୍କୁ ଦେଲେ ତହିଁରେ କାହାର ଆପତ୍ତି ନାହିଁ ।

୨୩।୩।୭୧ । ଣ । ଦେବମନ୍ଦିର କମିଟୀ ।

ଶ୍ରୀ ବାବୁ ବଳଦେବପଟ୍ଟନାୟକଙ୍କ ଅନୁମତ୍ୟନୁସାରେ ପ୍ରକାଶିତ ହୋଇଥିବା ପୁସ୍ତକମାନଙ୍କର

| ନାମ | ମୂଲ୍ୟ |
|---|---|
| କାଦମ୍ବରୀ | ୧ |
| ଭାରତବର୍ଷର ଇତିହାସ ପ୍ରଥମଭାଗ | ୦।୵୦ |
| " ଦ୍ୱିତୀୟଭାଗ | ୦।୵୦ |
| " ତୃତୀୟଭାଗ | ୧ ୫ |
| ଶିଶୁପାଠ ପ୍ରଥମଭାଗ | ୦ ।୵ |
| " ଦ୍ୱିତୀୟଭାଗ | ୦ ।୵ |
| " ତୃତୀୟଭାଗ | ୦।୵ |
| ସୀତାବନବାସ | ୦।୵ |
| ରଘୁବଂଶ | ୦।୵୦ |
| ଭୂଗୋଲସୂତ୍ର | ୦ ।୵ |
| ବୋଧୋଦୟ | ୦ । |
| ବର୍ଣ୍ଣପରିଚୟ | ୦/୬ |
| ବ୍ୟାକରଣସଂକ୍ଷେପ | ୦ ।୵ |
| ସ୍କୁଲମେଥଡ୍ସ ଅର୍ଥାତ୍ ଶିକ୍ଷାପ୍ରଣାଳୀ | ୦ ୫ |

ଏ ପୁସ୍ତକମାନ ଆମ୍ଭ ନିକଟରେ କିମ୍ବା କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ କିମ୍ବା କଟକ ନର୍ମେଲ ସ୍କୁଲରେ କିମ୍ବା କଲିକତା ସ୍କୁଲବୁକ ସୋସାଇଟୀରେ ତତ୍ତ୍ୱ କଲେ ଅନାୟାସରେ ପୁସ୍ତକ ପାଇପାରିବେ ଓ ଅଧିକ ପରିମାଣରେ ପୁସ୍ତକ କ୍ରୟ କଲେ ଶତକଡ଼ା ୧୦ ଙ୍କାରୁ ୨୦ ଙ୍କା ପର୍ଯ୍ୟନ୍ତ ଉପକାର ପାଇପାରିବେ ।

ସମ୍ବଲପୁର ୬।୩।୭୧ ମସିହା } ଶ୍ରୀ ବଳଦେବପଟ୍ଟନାୟକ

## NOTICE.

Baboo Haranath Bhuttacharge M. A. B. L., will read a paper on "Materialism at the next ordinary meeting of the Cuttack Debating Society to be held at the High School Premises on Wednesday the 5th proximo at 7½ P. M.

Cuttack,

The 24th March 1871

Sharada Bhoosun Sanyel

Asst. Secretary C. D. Society

## ମୂଲ୍ୟପ୍ରାପ୍ତି ।

ଲାଲା ଭାଗବତପ୍ରସାଦ ଶ୍ରୀଏ କଟକ ବକସ୍ଥା ୨
ଶାସ୍ତ୍ରୀଜୀ ବଳେନ୍ଦ୍ର ନରସିଂହପୁର ,, ୧୨

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଦ୍ଧାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Digitized by srujanika@gmail.com

Split by PDF Splitter

47


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୭ମ
ସଂ ୧୬ଖ୍ୟା

ତାଂ ୧୯ ମାହେ ଏପ୍ରେଲ ସନ ୧୮୭୯ ମସିହା । ମୁ । ଚୈତ୍ର ୨୯ ନ ସଂ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ୬
ମଫସଲ ପାଇଁ ଡାକମାସୁଲ ଟ୧


### ମହରମ ପର୍ବ ।

ଅଦ୍ୟ ଏପର୍ବର ଶେଷଦିନ ଓ ଏବର୍ଷ ଏହା କିରୂପେ ନିର୍ବାହ ହେଉଅଛି ନଗରସ୍ଥ ଲୋକେ ଏପର୍ଯ୍ୟନ୍ତ ପ୍ରତ୍ୟକ୍ଷ କରନ୍ତୁ ଓ ଅନ୍ୟଲୋକଙ୍କୁ କହିବାର ସମୟ ହୋଇ ନାହିଁ । ଯେତେଦୂର ଦେଖା ହୋଇଅଛି ତାହା ଉତ୍ତମ ଦେଖାଗଲା ଓ ଅନୁମାନ ହୁଅଇ କୁଶଳରେ ପର୍ବ ଶେଷ ହେବ କାରଣ ବର୍ତ୍ତମାନରେ ପର୍ବରକ୍ଷା ପ୍ରତି ପୁଲିସ ପ୍ରଧାନ ପ୍ରଭୁଙ୍କର ମାତ୍ର ଆନନ୍ଦର ବିଷୟ ଯେ ପୁଲିସ ଗତବର୍ଷ ପ୍ରାୟ ପର୍ବକର୍ତ୍ତାଙ୍କ ନ ହୋଇ ଅନୁକୂଳ ହୋଇଅଛନ୍ତି । ସଂପ୍ରତି ଟାମସନ ସାହେବ ଉକ୍ତ ପର୍ବର ସୁପ୍ରବନ୍ଧ ଯେଉଁପରି ବନ୍ଦୋବସ୍ତ କରିଅଛନ୍ତି ତାହା ଅତ୍ୟନ୍ତ ସନ୍ତୋଷଜନକ ଅଟଇ ସେ ଆଜ୍ଞା ଦେଇଅଛନ୍ତି ଯେ ଗୃହଗୃହଠାରୁ ପ୍ରତ୍ୟହ ରାତ୍ରି ର ୧୨ ଘଣ୍ଟା ପର୍ଯ୍ୟନ୍ତ ଖେଳ ଓ ବାଜା ବାହାରିବାରେ ଏବଂ ଶେଷଦିନ ଅର୍ଥାତ ଅଦ୍ୟଦିନ ପୂର୍ବ ମୁହୂର୍ତ୍ତରୁ କରି ସହିତ ତାଜା ଓ ସମାରୋହ ବାହାର ପାରିବ । ଗଲବର୍ଷରେ ଯେତେ ତାଜିଆ ବାହାରିଲା ପ୍ରାୟ ସମସ୍ତେ ପ୍ରଥମ ହେବାକୁ ଚେଷ୍ଟା କରି ଆଗକୁ ଦୌଡ଼ୁଥାନ୍ତି ଏଥିରେ କଳହ ଗୋଳ ଏବଂ ଉତ୍ପାତ ହୁଅଇ ଏଥିପାଇଁ ସେ ସମସ୍ତ ତାଜିଆବାଲାଙ୍କୁ ଡକାଇ ଯେ ଯାହା ପଛକୁ ରହିବ ତହିଁର ସ୍ଥାନ ପୂର୍ବରୁ ଧରିଦେଇଅଛନ୍ତି । ଏଥିରେ ଅନ୍ୟଥା ଯେ କରିବ ସେ ମାଜିଷ୍ଟ୍ରେଟଙ୍କର ଦଣ୍ଡ ପାଇବ ।

ଗତବର୍ଷ ଡ୍ରେକ୍ସ ସାହେବଙ୍କ ଆଜ୍ଞା ସଙ୍ଗେ ଏବର୍ଷ ଟାମସନ ସାହେବଙ୍କ ଆଜ୍ଞାକୁ ତୁଳନା କଲେ କେତେ ଅନ୍ତର ଦେଖାଯାଏ । ସଂପ୍ରତି ଟାମସନ ସାହେବ ଯଥାର୍ଥ ପୁଲିସକର୍ମଚାରୀ ଅଟନ୍ତି ।

ନାନା ଜାତୀୟ ସମାରୋହ ପୂର୍ବକ ପର୍ବରକ୍ଷା କରିବା ଶାନ୍ତିଭଙ୍ଗ ନିମିତ୍ତ ହୋଇ ନାହିଁ । ଲୋକଙ୍କ ସୁଖପାଇଁ ଅଟଇ । ଏସବୁ ଯେଉଁପ ପ୍ରକାରରେ ଚଳଇ ତହିଁର ବନ୍ଦୋବସ୍ତ ଯେ କରିପାରେ ସେହିବ୍ୟକ୍ତି ଯଥାର୍ଥ ଶାନ୍ତିରକ୍ଷକ ଏସବୁ ବନ୍ଦକରି ଯେ ବ୍ୟକ୍ତି ନିଶ୍ଚିନ୍ତ ହୁଅଇ ସେ ଅତି ଦୁର୍ବଳଲୋକ ତାହାକୁ ଶାନ୍ତିରକ୍ଷାର ଭାର ଗ୍ରହଣ କରିବାର ଉଚିତ ନୁହଇ ।

———

### ଚୌକିଦାର ଓ କଲେକ୍ଟର କର୍ମଚାରୀ ।

ପାଠକମାନଙ୍କ ସ୍ମରଣ ଥିବ ଯେ କଲେକ୍ଟର-ଅଧୀନ ସର୍ଦ୍ଦେ କୌଣସି ଚୌକିଦାର ପଦକୁ ସଜାଇବାକୁ ଅସ୍ୱୀକାର କରିବାରୁ ତାହା ଉପରେ ଅଭିଯୋଗ ହୋଇଥିଲା ଓ ମାଜିଷ୍ଟ୍ରେଟଙ୍କ ଗୋଚରରେ ଉକ୍ତ କଥା ଆସିବାରୁ ସେ ଆଜ୍ଞା ଦେଇଥିଲେ କି ଚୌକିଦାରକୁ ପୁଲିସକର୍ମ ଭିନ୍ନ କରିବାର କର୍ତ୍ତବ୍ୟ ତାହା ନ ଥିଲା ବେଳେ ଅର୍ଥାତ ସେ କାର୍ଯ୍ୟରେ ବ୍ୟାଘାତ ନ କରି କଲେକ୍ଟର କର୍ମଚାରୀଙ୍କୁ ଅବଶ୍ୟ ସାହାଯ୍ୟ କରିବ । ବୋଧ ହୁଅଇ ଏ ବନ୍ଦୋବସ୍ତ କଲେକ୍ଟର-କର୍ମଚାରୀଙ୍କ ମନୋମତ ନ ହେବାରୁ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କ ନିକଟକୁ ଏ ବିଷୟରେ ପତ୍ର ଯାଇଥିଲା । ଗବର୍ଣ୍ଣମେଣ୍ଟ ବଙ୍ଗାଳ ତହିଁରେ ନିମ୍ନଲିଖିତ ସର୍କୁଲରର ଆଜ୍ଞା ପ୍ରଚାର କରିଅଛନ୍ତି । ଯଥା—

ଯେଉଁ ରଇତଙ୍କ ଜମିରେ ଅନାଦାୟଙ୍କ ଜଳ ମନାଇ ଦିଆଯାଇଥାଏ ସେ ସବୁ ଚାଲ-କର୍ମଚାରୀଙ୍କୁ ଜଣାଇ ଦେବା ଚୌକିଦାରର କର୍ତ୍ତବ୍ୟ କର୍ମ ଅଟଇ କି ନା ଏରୂପ ପ୍ରଶ୍ନ ହେବାରୁ ଲେଫ୍ଟେନାଣ୍ଟ ଗବର୍ଣ୍ଣର ଲେଖୁଅଛନ୍ତି କି ଯଦ୍ୟପି ସନ ୧୮୧୭ ମସିହାର ୨୦ ଆଇନରେ ଲେଖାଅଛି ଯେ ଚୌକିଆମାନେ କେତେ ପ୍ରକାର ଅପରାଧର ସମ୍ବାଦ ଥାନାରେ ଦେବେ ମାତ୍ର ସାମାନ୍ୟ ବୁଦ୍ଧି ଓ ସର୍ବଦାର ବ୍ୟବହାରଦ୍ୱାରା ନିଶ୍ଚୟ ହୋଇଅଛି ଯେ ଚୌକିଆମାନେ ପୁଲିସକର୍ମଚାରୀ ମୁଦ୍ଦେ ଅପରାଧ ନିର୍ଣ୍ଣୟ କରିବା ପକ୍ଷରେ ସାଧାରଣରୂପେ ସାହାଯ୍ୟ କରିବାକୁ ବାଧ୍ୟ ଅଟନ୍ତି ।

ସନ ୧୮୭୧ ମସିହାର ୬ ଆଇନରେ ନିଶ୍ଚୟ ହୋଇଅଛି ଯେ ଚୌକିଆମାନଙ୍କର କର୍ତ୍ତବ୍ୟ କି ମାଜିଷ୍ଟ୍ରେଟ କିମ୍ବା କୌଣସି ପୁଲିସ କର୍ମଚାରୀ କିମ୍ବା ଗବର୍ଣ୍ଣମେଣ୍ଟର ଅଧିକାର ପ୍ରାପ୍ତ ଅନ୍ୟ କୌଣସି କର୍ମଚାରୀ ଯେ କିଛି ଚୌକିଆଠାରୁ ଜାଣିବାର ଆବଶ୍ୟକ ଜ୍ଞାନ କରିବେ ତାହା ଚୌକିଆକୁ ଦେବାକୁ ହେବ । ମାତ୍ର ଆଇନ ସବୁ ଜିଲ୍ଲାରେ ପ୍ରଚଳ ହେବାପାଇଁ ବିଳମ୍ବ ହୋଇପାରେ ଅତଏବ ଲେଫ୍ଟେନାଣ୍ଟ ଗବର୍ଣ୍ଣର

Digitized by srujanika@gmail.com

Split by PDF Splitter



ସ୍ପଷ୍ଟ ଆଜ୍ଞା ଦେଇଅଛନ୍ତି ଯେ ଗବର୍ଣ୍ଣମେଣ୍ଟ ଅମୀନ ଅଥବା ଜାଲ ଇଲାକାର ଅନ୍ୟ କୌଣସି କର୍ମଚାରୀ ଯେ କିଛି ସ୍ଥାନୀୟ ସମ୍ବାଦ ଚୌକିଦାରଠାରୁ ଜାଣିବାକୁ ପ୍ରୟୋଜନ କରନ୍ତି ତାହା କହିଦେବା ଚୌକିଦାରମାନଙ୍କର କର୍ତ୍ତବ୍ୟକର୍ମର ଏକ ଅଂଶ ବୋଲି ଜ୍ଞାନ କରିବାକୁ ହେବ"

ଆମ୍ଭମାନଙ୍କ ବିବେଚନାରେ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ଯଥାର୍ଥ ଅଟଇ ଓ ମାଜିଷ୍ଟ୍ରେଟ ଯେଉଁ ଆଜ୍ଞା ଦେଇଥିଲେ କୌଣସି ରୂପେ ତହିଁର ବିରୋଧ ନୁହଇ । ତେବେ ଜାଲ କର୍ମଚାରୀମାନେ ଯେରୂପ ଆଶା କରିଥିଲେ ସେରୂପ ହୋଇ ନାହିଁ ସେମାନେ ଚୌକିଦାରଙ୍କ ପଦକା ପକାଇବା କର୍ମ ନିର୍ବାହ କରିବାକୁ ଚେଷ୍ଟା କରିଥିଲେ ଓ ସେହି କଥା ପ୍ରବଳ କରିବାପାଇଁ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ପ୍ରାର୍ଥନା କରିଥିଲେ ମାତ୍ର ସେମାନଙ୍କର ଉକ୍ତ ଆଶା ସଫଳ ହେଲା ନାହିଁ । ବାସ୍ତବରେ ପଦକା ପକାଇ ବୁଲିବା ଚୌକିଦାର କର୍ତ୍ତବ୍ୟକର୍ମ ନୁହଇ । କେବଳ ଅପରାଧର ସମ୍ବାଦ ଦେବା ତାହାର କର୍ମ ଓ ଆଉ ଯେଉଁ ସମସ୍ତ ସ୍ଥାନୀୟ ସମ୍ବାଦ ତାହାକୁ ଜଣାଥିବାର ସମ୍ଭବ ସେ ସବୁ ପ୍ରୟୋଜନମତେ ସରକାରୀ କର୍ମଚାରୀଙ୍କୁ କହିଦେବା ତାହାର କର୍ତ୍ତବ୍ୟ ହୋଇଅଛି ଯଥା ମୌଜାର ସରହଦ ସୀମା କ୍ଷେତ୍ର ବିଶେଷର ଦଖଲକାର ପ୍ରଜା ଇତ୍ୟାଦି ଏହା ଛଡ଼ା ଆଉ କିଛି ନୁହଇ । ଆମ୍ଭେମାନେ ଭରସା କରୁ ଯେ ଏହି ଆଜ୍ଞାର ଭିନ୍ନାର୍ଥ କରି ଯେମନ୍ତ କୌଣସି କର୍ମଚାରୀ ଦୁଃଖି ଚୌକିଦାରଙ୍କୁ ଅନର୍ଥକ କ୍ଲେଶ ନ ଦେଉନ୍ତୁ ।

---

### ଜଳକର ଅତ୍ୟାଚାର

ଆମ୍ଭେମାନେ ଏ ବିଷୟରେ ଗତସପ୍ତାହରେ କେତେ କଥା ଲେଖିଥିଲୁଁ । ମାତ୍ର ଯେଉଁ କଥା କେତେଦୂର ସତ୍ୟ ତାହା ନିଶ୍ଚୟ କରିପାରି ନ ଥିଲୁଁ । ଗୁରୁପାଞ୍ଚଦିନ ହେଲା ବୁଢ଼ା ମାଡ଼କଦ ନଗର ଏଲକାର କେତେଗୁଡ଼ିଏ ପ୍ରଜା କାଗଜପତ୍ର ଧରି ଏ ନଗରକୁ ଆସି ଜଳକର ଅତ୍ୟାଚାରରୁ ରକ୍ଷା ପାଇବାର ପରାମର୍ଶ ପଚାରି ବୁଲୁଥିଲେ । ଆମ୍ଭେମାନେ ଏହାଙ୍କ ମଧ୍ୟରୁ ଏକଜଣଙ୍କଠାରେ ଖଣ୍ଡିଏ ଇସ୍ତାହାର ଦେଖି କୌତୁକାବିଷ୍ଟ ହୋଇ ପାଠକଲୁଁ ସେ ଇସ୍ତାହାରରେ ଶ୍ରୀ ରବର୍ଟ ସାହେବ ଅସିଷ୍ଟାଣ୍ଟ ସୁପ୍ରେଣ୍ଟ କେନାଲଙ୍କ ଇଂରାଜୀ ଦସ୍ତଖତ ଅଛି ଓ ଏକ ମୋହର ମଧ୍ୟ ବସିଅଛି । ଇସ୍ତାହାରର ଭାଷା ଶୁଦ୍ଧ ଅବିକଳ ମନେ ନାହିଁ କିମ୍ବା ପ୍ରଚଳିତ ନେବାକୁ ସମୟ ପାଇଲୁଁ ନାହିଁ ମାତ୍ର ତହିଁର ମର୍ମ ଏହି ଯେ 'ଏ ଇସ୍ତାହାର ସହିତ ଯେଉଁ ଫର୍ଦ୍ଦ ପଠାଗଲା ତହିଁରେ ପ୍ରତ୍ୟେକ ପ୍ରଜାକୁ ଯେଉଁ ବାବତରେ ଯେତେ ଟଙ୍କା ଦେଣା ତାହା ଲେଖାଅଛି ଏ ଟଙ୍କା ଫିରିସ୍ତି ମାସ ତା ୧ ରଖରେ ଦେଣ ଥିଲା ଯେବେ ଏ ଟଙ୍କା ଚଳିତମାସ ତା ୧୫ ରଖ ମଧ୍ୟରେ ଦାଖଲ ନ ହୁଅଇ ତେବେ ବାକିଦାରଙ୍କ ନାମରେ ୱାରଣ୍ଟ ଜାରି ହେବ ଓ ସେମାନଙ୍କୁ ଗିରଫ୍ତାର କରି କଟକ ଜେଲଖାନାରେ କଏଦ ରଖାଯିବ" ।

ଆମ୍ଭେମାନେ ଖଣ୍ଡିଏ ବିଜ୍ଞାପନ ଦେଖିଅଛୁଁ ମାତ୍ର ପ୍ରଜାଙ୍କ କହିବାରୁ ଜଣାଗଲା ଯେ ପ୍ରତ୍ୟେକ ମୌଜାରେ ଏହିପରି ଇସ୍ତାହାରମାନ ଦିଆଯାଇଅଛି ଏବଂ ଏହି ଇସ୍ତାହାର ସଙ୍ଗେ ଥିବା ଫର୍ଦ୍ଦରେ ଯେତେ ଟଙ୍କା ଦାବି ହୋଇଅଛି ତାହା ମୌଜାର ଖଜଣାର ଦୁଇ ତିନିଗୁଣ ଅଟଇ । ଏତେଟଙ୍କା ପ୍ରଜାମାନେ ସହଜରେ ଦେବାକୁ ସକ୍ଷମ ହେବେ ସମ୍ଭବକୁ ଆସୁ ନାହିଁ ଓ ଶୁଣାଯାଏ ଯେ କେତେ ଜଣ ଜଳକର ଦେବାପାଇଁ ଗୋରୁ ବଳଦ ଇତ୍ୟାଦି ଆବଶ୍ୟକୀୟ ଦ୍ରବ୍ୟ ବିକ୍ରୟ କରିବାକୁ ଆରମ୍ଭ କଲେଣି କାରଣ ସାଧୁଆଜାଡ଼ ଜେଲଖାନାକୁ ଗଲେ ଜାତିଭ୍ରଷ୍ଟ ହୁଅନ୍ତି ଓ ବହୁତ କୌଡ଼ି ଖର୍ଚ୍ଚ କଲେ ପୁନର୍ବାର ଜାତିରେ ମିଶନ୍ତି ଏହିହେତୁ କଏଦକୁ ତାହାଙ୍କର ଭାରି ଡର ।

ରବର୍ଟ ସାହେବ କେଉଁ ଆଇନାନୁସାରେ ଏ ଆଜ୍ଞା ପ୍ରଚାର କରିଅଛନ୍ତି ଓ କର୍ଣ୍ଣଡ ସାହେବଙ୍କ ମଞ୍ଜୁରି ନେଇ ତାହା କରିଅଛନ୍ତି କି ନାହିଁ କିଛି ଇସ୍ତାହାରରେ ଲେଖା ନାହିଁ । ମାତ୍ର କୌଣସିରୂପେ କର୍ଣ୍ଣଡ ସାହେବ ଏଥିରେ ଦାୟୀଭୂତ ଅଟନ୍ତି । ଯେବେ ତାହାଙ୍କର ଅଜ୍ଞାତରେ ହୋଇଥାଏ ତେବେ ସେ ଆପଣା ଅଧୀନକର୍ମଚାରୀଙ୍କ ଉପରେ କିଛି କର୍ତ୍ତୃତ୍ୱ କରି ନାହାନ୍ତି ବୋଲିବାକୁ ହେବ ଓ ସର୍ବଦା ମୋଫସଲରେ ବୁଲିବା ପ୍ରତ୍ୟକ୍ଷେ ଏହା ନ ଜାଣନ୍ତି ଏମନ୍ତ ବିଶ୍ୱାସ ହେଉ ନାହିଁ ।

ଆମ୍ଭେମାନେ ଉକ୍ତ ଇସ୍ତାହାର କେଉଁ ଆଇନାନୁସାର ହୋଇଅଛି ଜାଣିବାକୁ ଅନେକ ଅନୁସନ୍ଧାନ କଲୁଁ ମାତ୍ର କିଛି ସ୍ଥିର ହେଲା ନାହିଁ । ଜଳକର ଆଦାୟର ଆଇନ ଅର୍ଥାତ୍ ବଙ୍ଗଳା ଗବର୍ଣ୍ଣମେଣ୍ଟର ସନ ୧୮୬୯ ମସିହାର ୬ ଆଇନରେ ଲେଖାଅଛି ଯେ ଖଜଣା ଆଦାୟ ହେବା ଆଇନାନୁସାର ଜଳକର ଆଦାୟ ହେବ ଏବଂ ଉକ୍ତ ଆଇନୁସାର ଯେଉଁ ନିୟମାବଳୀ ପ୍ରକାଶ ହୋଇଅଛି ତହିଁର ୩୦ ଧାରାରେ ସ୍ପଷ୍ଟରୂପେ ଲେଖାଅଛି ଯେ ଜଳକର ଦେଣନିମିତ୍ତ ଧାର୍ଯ୍ୟ ହୋଇଥିବା ଦିନରେ ତାହା ଆଦାୟ ନ ହେଲେ ରେବନ୍ୟୁ ପ୍ରେଣ୍ଡ ବାକିଦାର ନାମରେ ସନ ୧୮୬୭ ମସିହାର ଅଠଆଇନ ଅନୁସାରେ ମୋକଦ୍ଦମା କରି ଟଙ୍କା ଆଦାୟ କରିବେ ନିରୂପିତ ଦିନରେ ନ ଦେଲେ ଏକାବେଳକେ କଏଦ କରିବାର କଥାନ କୌଣସିଠାରେ ନାହିଁ ଓ ଏରୂପ କଥା ଇସ୍ତାହାରରେ ଲେଖିବାରୁ ଜଣାଯାଏ ରବର୍ଟ ସାହେବ ଅନର୍ଥକ ଭୟ ଦେଖାଇ ଟଙ୍କା ଆଦାୟ କରିବା ମାନସରେ ଏରୂପ ଇସ୍ତାହାର ଦେଇଅଛନ୍ତି ଓ ଏଥିରେ ଯେ କେତେ ଅତ୍ୟାଚାର ଓ ଅନିଷ୍ଟ ହେବାର ସମ୍ଭାବନା ତାହା କେହି ବୁଝି ନାହାନ୍ତି । ଆମ୍ଭେମାନେ ସ୍ଥାନୀୟ କଲେକ୍ଟର ଓ କମିଶନରଙ୍କୁ ଅନୁରୋଧ କରୁଅଛୁଁ ଯେ ଏଥିରେ ହସ୍ତକ୍ଷେପ କରନ୍ତୁ ନୋହିଲେ ପ୍ରଜାଙ୍କର ଦୁଃଖର ସୀମା ରହିବ ନାହିଁ ।

---

### ସର ଉଇଲିୟମ ଗ୍ରେ ସାହେବ ।

ବଙ୍ଗଳାର ଭୂତପୂର୍ବ ଲେପ୍ଟେନାଣ୍ଟ ଗବର୍ଣ୍ଣର ସର ଉଇଲିୟମ ଗ୍ରେ ସାହେବଙ୍କ ନିକଟକୁ କଟକର ଯେଉଁ ଅଭିନନ୍ଦନପତ୍ର ପ୍ରେରିତ ହୋଇଥିଲା ତହିଁର ଉତ୍ତର ଆସିଅଛି । ଉତ୍ତର ଆସିବାରେ ବହୁତ ବିଳମ୍ବ ହେଲା ତହିଁର ହେତୁ ଏହି ଯେ ନାନାସ୍ଥାନର ସ୍ୱାକ୍ଷରମାନ ସଂଗ୍ରହ କରି ଅଭିନନ୍ଦନପତ୍ର କଲିକତାକୁ ପଠାଇବାରେ ବିଳମ୍ବ ହେଲା ଓ ତାହା କଲିକତାରେ ପ୍ରବେଶ ହେବା ପୂର୍ବରୁ ସାହେବ ପ୍ରଶଂସିତ ଉକ୍ତ ନଗରରୁ ପ୍ରସ୍ଥାନ କରିଥିଲେ । ତହୁଁ ବାବୁ ଦଗମ୍ବର ମିତ୍ର ଅତି ସତ୍ୱର ଅଭିନନ୍ଦନପତ୍ରକୁ ଡାକରେ ପଠାଇବାରେ ବମ୍ବେଇ ନଗରରେ ସାହେବଙ୍କୁ ପ୍ରାପ୍ତ ହେଲା । ପାଠକଙ୍କ ଜାଣିବା କାରଣ ଉତ୍ତରର ଅନୁବାଦ ଏଠାରେ ପ୍ରକାଶ କରୁଅଛୁଁ । ଯଥା—

ବମ୍ବେଇ ତା ୧୧ ରଖ ମାର୍ଚ୍ଚ ସନ ୧୮୭୧ ମସିହା ।

କଟକ ନଗର ଏବଂ ଓଡ଼ିଶାବାସିଙ୍କଠାରୁ ଆମ୍ଭେ ଖଣ୍ଡିଏ ଅଭିନନ୍ଦନପତ୍ର ପ୍ରାପ୍ତ ହୋଇ ତାହା ପାଠ କରିବାଦ୍ୱାରା ବହୁତ ତୁଷ୍ଟ ଲାଭ କରୁଅଛୁଁ ।

ଯେଉଁମାନେ ଉକ୍ତ ଅଭିନନ୍ଦନପତ୍ରରେ

Digitized by srujanika@gmail.com

Split by PDF Splitter



ସ୍ୱୀକାର କରୁଅଛନ୍ତି ତହିଁରେ ଅନୁଗ୍ରହପୂର୍ବକ ବର୍ତ୍ତମାନ ବ୍ୟକ୍ତ ହୋଇଥିବା କାରଣ ସେମାନଙ୍କୁ ଆମ୍ଭେ ଅନ୍ତଃକରଣ ସହିତ ଧନ୍ୟବାଦ ଦେଉଅଛୁଁ ଏବଂ ଆମ୍ଭେ ତାହାଙ୍କୁ ନିଶ୍ଚୟ କରି କହୁଅଛୁଁ ଯେ ଓଡ଼ିଶାପ୍ରଦେଶ ପ୍ରତି ଆମ୍ଭର ବିଶେଷ ମନୋଯୋଗ ଥିବାର ଯାହା ସେମାନେ ଉଲ୍ଲେଖ କରୁଅଛନ୍ତି ତାହା ଯଥାର୍ଥ ଅଟଇ ।

ଆମ୍ଭେ ଲେପ୍ଟନେଣ୍ଟଗବର୍ଣ୍ଣରୀ ପଦ ପରିତ୍ୟାଗ କରିବାର ଅଳ୍ପକାଳ ପୂର୍ବରେ ଅତିଆନନ୍ଦର ସହିତ ଶୁଣିଥିଲୁଁ ଯେ ଓଡ଼ିଶାରେ ଜଳସେଚନ ଓ ନୌକା ଗମନାଗମନ କାର୍ଯ୍ୟ ବିସ୍ତାର ନିମିତ୍ତ ଆମ୍ଭେ ଯେ ସମସ୍ତ ଅନୁରୋଧ କରିଥିଲୁଁ ତାହା ଗବର୍ଣ୍ଣମେଣ୍ଟ ଇଣ୍ଡିଆ ତହିଁରେ ସମ୍ମତ ହୋଇଅଛନ୍ତି ଏବଂ ଆମ୍ଭେ ଏକାନ୍ତ ବିଶ୍ୱାସ କରୁଁ ଯେ ଉକ୍ତ କାର୍ଯ୍ୟମାନ ବର୍ତ୍ତମାନ ଯେତେ ଶୀଘ୍ର ହୋଇପାରେ ସମ୍ପୂର୍ଣ୍ଣ ହେବ ।

ସ୍ୱାକ୍ଷର ଡବଲିଉ ଗ୍ରେ ।

ଉତ୍ତର ଟଣ୍ଡିକ ଉତ୍ତମ ହୋଇଅଛି. ଏବଂ ସମ୍ଭବ ସେ ଲୋକେ ତାହାକୁ ସମାଦର ଓ ଆନନ୍ଦପୂର୍ବକ ଗ୍ରହଣ କରିବେ ସନ୍ଦେହ ନାହିଁ । ମାତ୍ର ତହିଁର ପ୍ରାନ୍ତଭାଗରେ ନାଳର ଉଲ୍ଲେଖ ହୋଇଥିବାରୁ ତଦ୍ବିଷୟରେ କିଛି ମତ ବ୍ୟକ୍ତ ନ କରି କ୍ଷାନ୍ତ ହୋଇ ରହି ନ ପାରୁଁ । ତାହା ଏହି ଯେ ଏଠାରୁ ଯେଉଁ ଅଭିନନ୍ଦନପତ୍ର ଯାଇଥିଲା ତହିଁରେ ନାଳର ପ୍ରସଙ୍ଗ କିଛି ମାତ୍ର ନ ଥିଲା ଏବଂ ଯଦ୍ୟପି କି ହରଭକ୍ତୀୟଙ୍କ ପକ୍ଷ ଆପଣା ଅଭିନନ୍ଦନପତ୍ରରେ ନାଳକାର୍ଯ୍ୟର କଥା ଲେଖିଥିଲେ ମାତ୍ର ଓଡ଼ିଶାରୁ ବିଶେଷ ପତ୍ର ପ୍ରେରିତ ହେବା [illegible] ତେତେ ବଳବତ୍ତର [illegible] ଏହା ଉପଲବ୍ଧ ହେଉଅଛି ଯେ ଗବର୍ଣ୍ଣମେଣ୍ଟ ଏବଂ ଜଳନୀତିବାଦୀ ସଦ୍ବିବେଚକମାନେ ନାଳ ନିର୍ମାଣ କାର୍ଯ୍ୟର ଉପଯୋଗିତା ବିଶ୍ୱାସ କରି ଚିନ୍ତିତ ହୋଇ ବସିଅଛନ୍ତି ତହିଁର କାର୍ଯ୍ୟ ପ୍ରବାହ କ୍ଷେପ ହେଉଅଛି ତାହା ସେମାନଙ୍କୁ ଦୃଶ୍ୟ ନାହିଁ । ଅଧିକନ୍ତୁ ଯେଣୁକି ଭିନ୍ନ ସ୍ଥାନର ଲୋକମାନେ ଓ ସ୍ୱୟଂ ସର ଉଇଲିୟମ ଗ୍ରେ ନାଳ ନିର୍ମାଣ କାର୍ଯ୍ୟକୁ ଓଡ଼ିଶା ପ୍ରତି ତାହାଙ୍କ ପ୍ରଧାନ କାର୍ଯ୍ୟ ବୋଲି ଗଣ୍ୟ କରୁଅଛନ୍ତି ସେସ୍ଥଲେ ଓଡ଼ିଶାବାସିମାନେ ଭ୍ରମ କ୍ରମେ ସେ କଥା ଆପଣା ପ୍ରଦତ୍ତ ଅଭିନନ୍ଦନପତ୍ରରେ ଲେଖିବାକୁ ଛାଡ଼ିଦେବେ ସମ୍ଭବ ନୁହଇ ଅତଏବ ଆମ୍ଭେମାନେ ବୋଧକରୁଁ ଯେ ନାଳ ସମ୍ପର୍କରେ ଓଡ଼ିଶାବାସିମାନେ ସର ଉଇଲିୟମ ଗ୍ରେ ସାହେବଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ନୁହନ୍ତି ବୋଲି ତାହାଙ୍କ ପ୍ରଶଂସାପତ୍ରରେ ସେ କଥା ଲେଖି ନାହାନ୍ତି ମଧ୍ୟ ଜଳକର ସମ୍ପର୍କରେ ପ୍ରଜାଙ୍କ ମନୋଭାବକୁ ଆଲୋଚନା କଲେ ଏହି ବିଶ୍ୱାସ ଦୃଢ଼ ହେଉଅଛି । କାରଣ ଉକ୍ତ କର ଆଦାୟର ନିୟମାବଳୀ ଏହି ମହାଶୟଙ୍କ ଆଜ୍ଞା କ୍ରମେ ପ୍ରକାଶିତ ହୋଇଅଛି ଓ ସେ ଥିବା ପର୍ଯ୍ୟନ୍ତ ଏକା ତାହାଙ୍କ ସାକ୍ଷାତ ତତ୍ତ୍ୱାବଧାନରେ ଉକ୍ତ ମହକୁମାର କାର୍ଯ୍ୟ ଚଳୁଥିଲା ।

---

# ସାପ୍ତାହିକ ସଂବାଦ ।

ଏଲାହାବାଦର ସଂବାଦପତ୍ରରୁ ପ୍ରକାଶ ଯେ ଟାଣ୍ଡ୍ରଓ୍ୟାର ଫିଲ୍ଡ ସର୍ଜନ ଜଣେ ଇଷ୍ଟଂଦର କୋଷ୍ଟରେଗ ଅତି ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ କରିଅଛନ୍ତି । ଔଷଧମଧ୍ୟରେ କେବଳ ଖାଦ୍ୟନଟଲ ତେଲ ଓ କାରବୋଲିକ ଏସିଡ ନାମକ ଦ୍ରବ୍ୟ ବ୍ୟବହାର କରିଥିଲେ ।

ବରୋଦା ଗୁଇକୁବାଡ଼ ଗଲାଚୈତ୍ରମାସ ତା ୧୭ ରଖରେ ବିବାହ ହୋଇଥିବାର ଟେଲିଗ୍ରାଫ ସଂବାଦ ପାଇ ଅଛୁଁ । ନାଚ ବାଜା ରୋଷଣୀ ବାଣ ଇତ୍ୟାଦି ସମାରୋହର ପରିସୀମା ନ ଥିଲା ।

ଉକ୍ତପତ୍ରରୁ ଅବଗତ ହେଲୁଁ ଯେ କଣ୍ଟ୍ରୋଲର ଜେନରଲ ସାହେବ ଓଡ଼ିଶାରେ ଗୋଟିଏ କରେନ୍ସି ନୋଟ ମହକୁମା ସ୍ଥାପନ ନିମିତ୍ତ ପେପର କରେନ୍ସି କମିଶନରଙ୍କୁ ଅନୁରୋଧ କରିଥିଲେ । ମାତ୍ର ଗବର୍ଣ୍ଣମେଣ୍ଟ ଇଣ୍ଡିଆ ତହିଁରେ ସମ୍ମତ ହେଲେ ନାହିଁ । ସେ ଆଜ୍ଞା କଲେ କି ସମ୍ପ୍ରତି ନୋଟ ବିଷୟରେ ଯେଉଁ ଆଜ୍ଞା ପ୍ରଚାର ହୋଇଅଛି ତାହା ପ୍ରଚୁର ଅଟଇ । ଉକ୍ତ ଆଜ୍ଞା ଏହି ଯେ ପ୍ରତ୍ୟେକ ଖଜଣା ଖାନାରେ ଏତ ଏକ ତହବିଲ ରହିବ ଯେ ସେଥିରେ କୋଟ କ୍ରୟ ବିକ୍ରୟ ହେଉଥିବ ।

ମାନ୍ୟବର ବାଇରାମଜି ଜେଜିଭାୟଙ୍କ ଅନୁକୂଲ୍ୟରେ ବମ୍ବେଇରେ ଗୋଟିଏ ଲୁଗାବୁଣିବା କମ୍ପାନୀ ସ୍ଥାପନ ହେବାର ଉଦ୍ୟମ ହେଉଅଛି । ଏଥିରେ ବମ୍ବେଇର ଆଉ କେତେ ଭଦ୍ରଲୋକଙ୍କ ସହାନୁଭୂତି ଅଛି । ଭାରତବର୍ଷ ପାଇଁ ଏ ବ୍ୟବସାୟ ଅତି ଲାଭକର ଅଟଇ ଅତଏବ ଏଥିର ଉନ୍ନତି ସାଧାରଣ ମଙ୍ଗଳର ବିଷୟ ସନ୍ଦେହ ନାହିଁ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଆଜ୍ଞା ଦେଇଅଛନ୍ତି ଯେ କୌଣସି କର୍ମଚାରୀ ଆପଣା କର୍ମ ସହିତ ଅନ୍ୟକର୍ମ କରିଥିଲେ ଯାହା ଅଧିକା ବେତନ ପାଇ ଥାଅନ୍ତି ପେନ୍‌ସନ ହିସାବ ସମୟରେ ଉକ୍ତ ଅଧିକା ବେତନର କୌଣସି ଅଂଶ ଗଣନା ହେବ ନାହିଁ ।

ବୋମ୍ବାଇରେ ଋଶୀୟ ସେନାଙ୍କର ଅତ୍ୟାଚାର ଅତ୍ୟନ୍ତ ହୋଇଅଛି । ଏମାନେ ଦୋକାନିଙ୍କ ଉପରେ ଏବଂ ସ୍ତ୍ରୀଲୋକଙ୍କ ଉପରେ ଅନେକ ଦୌରାତ୍ମ୍ୟ କରୁଅଛନ୍ତି । ନଗରବାସିମାନେ ଭୟଗ୍ରସ୍ତ ହୋଇ ସୂର୍ଯ୍ୟ ଅସ୍ତ ହେଲେ କବାଟ ବନ୍ଦକରି ରହୁଅଛନ୍ତି । ଋଷିୟାର ଶାସନପ୍ରଣାଳୀ ପ୍ରତି ଏ ସଂବାଦ ଶୁଭକର ନୁହଇ ।

ଦେଶୀୟ ମହାରାଜଙ୍କ ମଧ୍ୟରେ ପାତିଆଲାର ମହାରାଜଙ୍କୁ ଶିକ୍ଷାଦାନ ବିଷୟରେ ଅଗ୍ରଗଣ୍ୟ ବୋଲିବାକୁ ହେବ ଏହାଙ୍କ ରାଜ୍ୟରେ ୧୪ଟା ବିଦ୍ୟାଳୟ ସ୍ଥାପିତ ହୋଇଅଛି ଓ ଏଥିର ସମୁଦାୟ ବ୍ୟୟ ବାର୍ଷିକ ଟ ୫୧୮୦୦ ଙ୍କା ଅଟଇ ବଡ଼ ୨ ବିଦ୍ୟାଳୟ ସମସ୍ତରେ ଇଂରାଜୀ ଓ ଦେଶୀୟ ବିଦ୍ୟାର ଶିକ୍ଷାଦାନ ହୁଏଇ ।

ପ୍ରତ୍ୟାହିକ ସଂବାଦ ନାମରେ ବଙ୍ଗଲାରେ ଖଣ୍ଡିଏ ସଂବାଦପତ୍ର ପ୍ରକାଶ ହୋଇଅଛି ଏହାର ମୂଲ୍ୟ ସବୁ ସଂବାଦପତ୍ରଠାରୁ ଊଣା ଏବଂ ଏହାର ଲେଖା ଉତ୍ତମ ବୋଲି ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି ।

[illegible]ଦିଆଳର ମହାରାଜ ପଦ ପାଇବା ନିମିତ୍ତ କଲିକତାକୁ ଆସିଥିବା କାଳରେ ଉକ୍ତ ନଗରରେ ସାଧାରଣ ଉପକାରାର୍ଥ ସଂସ୍ଥାପିତ ଥିବା ଆଶ୍ରମମାନଙ୍କ ସାହାଯ୍ୟ ନିମିତ୍ତ ଟ୨୦୦୦ ଙ୍କା ଦାନ କରିଥିଲେ । ଏତ୍ର ବଦାନ୍ୟତାକୁ ଅସତ୍ୟ ଲୋକେ ଏବା ଅଧିକ କ୍ଷମ ନ କରିବେ କାରଣ ତେକ୍ଷନାଳର ମହାରାଜ ପଦ ପାଇବା ସମୟରେ ଏତେ ପରିମାଣରେ ଟଙ୍କା ଦାନ କରିଥିଲେ ମାତ୍ର ପଟିଆଲାର ମହାରାଜ ସ୍ୱଦେଶରୁ କଲିକତାର ଅଭିବାଦରେ ଅନେକ ଖର୍ଚ୍ଚାନ୍ତ ହୋଇଥିବେ ଓ କଲିକତାରେ ଥାଇଁ ଆଉ ଅନେକ ପ୍ରକାର ବ୍ୟୟ କରୁଅଛନ୍ତି ତନ୍ମଧ୍ୟରେ କେବଳ ଟାଉନହଲ ଗୃହରେ ସଙ୍ଗୀତ ଓ ବାଦ୍ୟର ଏକସଭା ବିଦାୟ କାଳୀନ କରିଥିଲେ ଯେ ସେଥିରେ ଟ ୨୩୦୦୦ ହଜାର ଟଙ୍କା ବ୍ୟୟ ହୋଇଥିଲା ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲ ଏବଂ ଅନ୍ୟ ସମସ୍ତ ଉଚ୍ଚପଦାରୂଢ଼ ଓ ଦେଶୀୟ ବିଦେଶୀୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସେ ସଭାକୁ ଆଗମନ କରିଥିଲେ ।

Digitized by srujanika@gmail.com

Split by PDF Splitter



ସେଣ୍ଟ୍ରାଲ ଇଣ୍ଡିଆ ଟାଇମସରେ ଲେଖାଅଛି ଯେ ସାଗର ପ୍ରଦେଶରେ ଜଣେ ମୁସଲମାନ କନଷ୍ଟବଲ ଓ ଜଣେ ହିନ୍ଦୁ କନଷ୍ଟବଲ ମଧ୍ୟରେ ଧର୍ମ ବିଷୟରେ ତର୍କବିତର୍କ ହେଉଁ ୨ ମୁସଲମାନ କନଷ୍ଟବଲ ହିନ୍ଦୁକୁ ଗୁଳିଦ୍ୱାରା ହତକଲା ଓ ବାରୁଦ ବନ୍ଧୁକ ସଙ୍ଗେ ନେଇ ଆଉ ଦୁଇ ହିନ୍ଦୁ ସିପାହୀଙ୍କୁ ସେହିପରି ମାରି ସାହାଗଡ଼ କିଲ୍ଲା ମଧ୍ୟରେ ପ୍ରବେଶ ହେଲା । ସେଠାରେ ଏମନ୍ତ ଗୁଳିମାରିବା ଆରମ୍ଭ କଲା ଯେ କେହି ପାଖେ ପଶିପାରିଲେ ନାହିଁ । ସେଦିନ ସନ୍ଧ୍ୟାବେଳୁଁ ଆରଦିନ ଦୁଇପ୍ରହର ଯାଏ ପୁଲିସ ତାହାକୁ ଧରିବାକୁ ଚେଷ୍ଟା କରି ପରିଶେଷରେ ନ ପାରିବାରୁ ବନ୍ଧୁକରେ ତାହାର ପ୍ରାଣ ନେଲେ ।

ଜବିଲପୁର କ୍ରନିକଲ ଲେଖନ୍ତି ଯେ ନାଗପୁରଠାରେ ଏ ବର୍ଷ ଗତବର୍ଷ ପ୍ରାୟ ଅତିଶୟ ଜଳକଷ୍ଟ ହୋଇଅଛି । କୂଅ ସବୁ ଶୁଖିଯାଉଅଛି ଏବଂ ଝରମାନ ବହିବାର ବନ୍ଦ ହେଉଅଛି ଗ୍ରୀଷ୍ମଦିନ ଆରମ୍ଭରେ ଏପରି ଭବିଷ୍ୟତକୁ କି ହେବ ବୋଲାଯାଇ ନ ପାରେ ।

ବଙ୍ଗଲାର ଭୂତପୂର୍ବ ଲେଫ୍‌ଟେନାଣ୍ଟ ସର ଜେ ସାହେବ ଗତମାସ ତା ୧୧ ରିଖରେ ବମ୍ବେଇଠାରୁ ଜାହାଜରେ ବିଲାତକୁ ଯାତ୍ରା କଲେ ।

ଏଡ୍ରୁକେଶନଗେଜେଟକୁ ବର୍ଦ୍ଧମାନ ବିଭାଗର ଏକ ବ୍ୟକ୍ତି ଲେଖିଅଛନ୍ତି "ଗତ ଫାଲ୍‌ଗୁନ ତା ୧୬ ରିଖରେ ଚକ୍ରଦୀଘିର ନିକଟବର୍ତ୍ତୀ ଖାନପୁର ନାମକ ଗ୍ରାମରେ ଏକ କୌତୁକଜନକ ବିବାହ ହୋଇଯାଇଅଛି । ଖାନପୁରର ପ୍ରାୟ ଏକମାଇଲ ଉତ୍ତରରେ ବାରଗାଁ ନାମକ ଗ୍ରାମ ଅଛି ସେସ୍ଥାନର କୌଣସି ଲୋକର କନ୍ୟା ସହିତରେ ଖାନପୁରସ୍ଥ କୌଣସି ବ୍ୟକ୍ତିର ପୁତ୍ରର ବିବାହ କଥା ହେଲା କିନ୍ତୁ କନ୍ୟାପିତାର ମନୋନୀତ ନ ହେବାରୁ ଅନ୍ୟଠାରେ ପାତ୍ରର ଅନ୍ୱେଷଣ କଲା ବିବାହ ଦିବସ ପୂର୍ବଦିନ ପାତ୍ରର ପିତା କୌଣସି ଲୋକ ଦ୍ୱାରା କିଛି ଲୋଭ ଦେଖାଇ କନ୍ୟାପିତାକୁ ଆପଣା ଘରକୁ ନେଇ ପୁତ୍ରକୁ ବିବାହ କରାଇଦେଇଅଛି । ଦୂରସ୍ଥ କନ୍ୟାର କର୍ତ୍ତୃପକ୍ଷମାନେ କ୍ରୁଦ୍ଧ ହୋଇ ଅଭିଯୋଗ କରିବାର ଉଦ୍‌ଯୋଗ କରୁଅଛନ୍ତି ।

କାଶ୍ମୀରର ମହାରାଜଙ୍କ କନ୍ୟାର ସମାରୋହରେ ବିବାହ ହୋଇ ଯାଇଅଛି । କନ୍ୟାକୁ ଦଶଲକ୍ଷଟଙ୍କା ଯୌତୁକ ଦିଆ ଯାଇଅଛି ।

ବୋମ୍ବାଇ ଗାର୍ଡିୟାନ୍ ବୋଲନ୍ତି "ଏତଦ୍ଦେଶୀୟଲୋକଙ୍କୁ ଯେପରି ପ୍ରାଣସଂହାରକ ଅସ୍ତ୍ର ବ୍ୟବହାର କରିବାକୁ ନିଷେଧ ଅଛି ସେହିପରି ଇଉରୋପୀୟମାନଙ୍କ ପକ୍ଷରେ ମଧ୍ୟ ଏହି ନିଷେଧ ପ୍ରବର୍ତ୍ତିତ କଲେ ଭଲ ହୁଅନ୍ତା । ଆମ୍ଭେମାନେ ପ୍ରାୟ ପ୍ରତିମାସରେ ଇଉରୋପୀୟମାନଙ୍କ କର୍ତ୍ତୃକ ହତ୍ୟାସଂକ୍ରାନ୍ତ ଦୁଇ ଏକ ମୋକଦମା ଅଦାଲତରେ ଉପସ୍ଥିତ ହେବାର ଦେଖିବାକୁ ପାଉଁ ।

ସଭ୍ୟତାବୃଦ୍ଧି ସହକାରେ ଲୋକଙ୍କର ଦୁର୍ବୁଦ୍ଧିର ମଧ୍ୟ ବିଲକ୍ଷଣ ସ୍ଫୂର୍ତ୍ତି ହେଉଅଛି । ଏସିଆଟିକ ବୋଲନ୍ତି ଯେ ଏକପ୍ରକାର ପ୍ରାଣସଂହାରକ ଅଦୃଶ୍ୟ ବିଷର ଆବିଷ୍କ୍ରିୟା ହୋଇଅଛି ଉକ୍ତ ପତ୍ରର ସମ୍ପାଦକ ଏକ ଚିକିତ୍ସାସଂକ୍ରାନ୍ତ ପତ୍ରିକା ପାଠରେ ଅବଗତ ହୋଇଅଛନ୍ତି ଯେ ଏକବ୍ୟକ୍ତି ଓଷଧ ଚିଠି ପଢ଼ି ୨ ଅଚେତନ ହୋଇ ପ୍ରାଣ ତ୍ୟାଗ କଲା । ଏଥିରେ ଅନୁସନ୍ଧାନରେ ବିଷ ନ୍ୟସ୍ତ ହୋଇଥିଲା ଯେ ତାହାର ଆଘ୍ରାଣରେ ଉକ୍ତବ୍ୟକ୍ତିର ପ୍ରାଣନାଶ ବିପଦ ଘଟିଲା ।

ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ବାହାଦୁର ପୂର୍ବବଙ୍ଗଲାର ଜଳପଥରେ ଡକାଇତି ନିବାରଣାର୍ଥ ବାର୍ଷିକ ୫ ୧୬୭୦ ଟଙ୍କା ବ୍ୟୟରେ ନୌକା ପୁଲିସ ସ୍ଥାପନର ଅନୁମତି କରିଅଛନ୍ତି ।

କୌଣସି ଘୋଇଦାର ସାକ୍ଷ୍ୟ ପୋଷକତା ନ ପାଇଲେ ବିଶେଷରେ ଅପ୍ରୀତିଜନକ ହେଲେ ଏକଦୋଷ ସାବ୍ୟସ୍ତଗତ ପୋଷକ ହୋଇ ପାରିବ ନାହିଁ ।

ଉତ୍କୋଚ ଗ୍ରହଣାପରାଧରେ ତମୋଲୁକର ମୁନସଫି ଅଦାଲତର ସିରସ୍ତାଦାର ସଦବୁଣ୍ଡି, ଦୁଇଜଣ ମୋହରର ବର୍ଷେ ପର୍ଯ୍ୟନ୍ତ କର୍ମଚ୍ୟୁତ, ଚତୁର୍ଥ ସ୍ଥାନାନ୍ତରିତ ହୋଇଅଛି [illegible]

ହାଇକୋର୍ଟର ଜଜ ମାକ୍‌ଫର୍ସନ ସା[illegible] ଇଙ୍ଗଲଣ୍ଡରୁ ପ୍ରତ୍ୟାଗତ ହୋଇ ଗତସପ୍ତାହ ବୃହସ୍ପତିବାରରେ ହାଇକୋର୍ଟରେ ସ୍ୱକୀୟ ଆସନରେ ଆସୀନ ହୋଇଅଛନ୍ତି ।

---

ପ୍ରେରିତ ପତ୍ର ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ ଏଥିର କେନ୍ଦୁଝରର ରାଜା ଧନଞ୍ଜୟଭଞ୍ଜ ବର୍ତ୍ତମାନରେ ପ୍ରଜାପାଳନର ଯେଉଁ ଯେପରି ଅବଲମ୍ବନ କରୁଅଛନ୍ତି ତାହା ପ୍ରଶଂସନୀୟ ଅବଶ୍ୟ ହୋଇପାରେ । ଏହଯେ ଉପସ୍ଥିତ ମକଦମା ସକଳ ଶୁଦ୍ଧାମାନଙ୍କଠାରୁ ପ୍ରମାଣ ନେଇଁ ଅଇନାନୁଯାୟୀ ନିଷ୍ପତ୍ତି କରୁଅଛନ୍ତି ଏବଂ କାହାର ସୁପାରସ ଘେନି ପକ୍ଷପାତ କରିବାର ଯିତକ ନିଷେଧ କରୁଅଛନ୍ତି । ଏ । ପୁନଶ୍ଚ ଏଥି ମାର୍ଚ୍ଚମାସ ତା ୫ ରିଖ ରବିବାରଠାରୁ ଭ୍ରମରଞ୍ଜନ ନାମରେ ଏକ ସମାଜ ସ୍ଥାପନ କରି ତହିଁରେ ପ୍ରତି ରବିବାରଦିନ ସନ୍ଧ୍ୟା ଘ ୭ ଟାଠାରୁ ଘ ୧୧ । ୧୨ ଟା ପର୍ଯ୍ୟନ୍ତ ସ୍ୱୟଂ ରାଜା ଏବଂ ଅନ୍ୟାନ୍ୟ ଭଦ୍ରବ୍ୟକ୍ତି ଜ ୧୫ ଣ ମେମ୍ବର ଉପସ୍ଥିତ ହୋଇଁ ଧର୍ମଶାସ୍ତ୍ରର ବିଚାର ଓ ଅନ୍ୟାନ୍ୟ ବିଦ୍ୟୋନ୍ନତି ଏବଂ ପ୍ରଜାପାଳନର ସୁପ୍ରଣାଳୀ ଇତ୍ୟାଦି ବିଷୟର [illegible] କରନ୍ତି । ସେହିସଭାରେ ପ୍ରତିଥର ଅନେକ ପଣ୍ଡିତ ଏବଂ ପ୍ରଜାବର୍ଗ ଏପରି ଜ ୫୦୦ ଣ ଉପସ୍ଥିତ ହେବାର ଦେଖାଯାଏ । ସେହି ବିଷୟର ସମସ୍ତରେ ଜେଉଁ ୨ ସ୍ଥାନରେ ପୁଷ୍କରିଣୀ, କୂପ ଇତ୍ୟାଦି ନ ଥିବାରୁ ତହିଁରେ ଯତ୍ନ ହେବାର ଏବଂ ମାର୍ଗ ପରିଷ୍କାର ଏବିଷୟର ତର୍କ ଉପସ୍ଥିତ ହେଉଅଛି । ବୋଧ ହୁଅଇ ଅଳ୍ପକାଳ ମଧ୍ୟରେ ଉକ୍ତ ବିଷୟ ସକଳର ତର୍କ ସାର୍ଥ ହୋଇଁପାରିବ । ମଧ୍ୟ ରାଜା ମହାଶୟ ଯେପରି ରାଜ୍ୟପାଳନରେ ମନୋନିବେଶ କରୁଅଛନ୍ତି ସର୍ବଦା ସେହିପରି ଯତ୍ନରେ ରହିଲେ ଅତୁଳ ଯଶୋଲାଭ କରି ଚଉଦିଗରେ ଖ୍ୟାତାପନ୍ନ ହୋଇଁ ଉଠିବେ ଏଥିରେ ସନ୍ଦେହ ନାହିଁ । ଇତି ।

[illegible]।୭୧

। ନା । ବଗମୁଦ ବିଦ୍ୟାଧରମହାପାତ୍ର ।

---

ବିଜ୍ଞାପନ

---

[illegible]ର ପୁସ୍ତକ ଅର୍ଥାତ୍ [illegible] ଗ୍ରନ୍ଥମାନଙ୍କର ପାଠଂସ୍ପୃହକ ହୋଇଁ ଧାର୍ଯ୍ୟ ହୋଇଁଛି ସେହି ପୁସ୍ତକ ମୁଦ୍ରାଙ୍କନ ହୋଇଁ ବିକ୍ରୟ ନିମିତ୍ତ ପ୍ରିଣ୍ଟିଂ କମ୍ପାନି ଯନ୍ତ୍ରାଳୟରେ ପ୍ରସ୍ତୁତ ଅଛି । ପୁସ୍ତକର ମୂଲ୍ୟ ୫ ୦ ୵ ଅଣା ମାତ୍ର ପୁସ୍ତକେଚ୍ଛୁକ ବ୍ୟକ୍ତିମାନେ ଉକ୍ତ ସ୍ଥାନରେ ତତ୍ତ୍ୱ କଲେ ଅତିଶୀଘ୍ର ପାଇଁ ପାରିବେ । ଇତି ।

[illegible]।୭୧ } ଗୋଜପିକେଶ୍ୱର ବିଦ୍ୟାଭୂଷଣ ନନ୍ଦ ଶର୍ମା

---

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭ ୬ଗ
ସଂ ୧୩ଖ୍ୟା
ତା ୮ ରିଖ ମାହେ ଏପ୍ରେଲ ସନ ୧୮୭୧ ମସିହା ।ମୁଂ। ଚୈତ୍ର ଦ ୨୮ ନ ସଂ ୧୨୭୮ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧

### ଇନ୍‌କମ୍‌ଟାକ୍ସ ।

ଚଳିତବର୍ଷ ପାଇଁ ଇନ୍‌କମ୍‌ଟାକ୍ସ ନେବାର ଆଇନ ଗତମାସ ତା ୩୧ ରିଖରେ ବିଧିବଦ୍ଧ ହେଲା । ଟାକ୍ସଆଇନ ଜାରି ସମୟରେ ଗତ ୨ବର୍ଷ ହେଲା କୌଣସି କ୍ଲେଶ ଦେଖାଯାଇ ନ ଥିଲା । ଗବର୍ଣ୍ଣମେଣ୍ଟ ଇଚ୍ଛାକଲେ ବ୍ୟବସ୍ଥାପକ ସଭାର ସଭ୍ୟମାନେ ହାଁ ହାଁ କୋଲ ଆଇନରେ ସମ୍ମତି ଦେଉଥିଲେ । ଏବର୍ଷ ଯଦ୍ୟପି ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବିତ ଆଇନ ବିଧିବଦ୍ଧ ହେଲା ଓ କୌଣସିରୂପେ ତାହାର ପରିବର୍ତ୍ତନ ହେବାର ସମ୍ଭାବନା ଦେଖାଗଲା ନାହିଁ ତଥାପି ଆଇନର ପାଣ୍ଡୁଲିପି ବିଚାର କରିବାକୁ ପ୍ରାୟ ତିନିସପ୍ତାହକାଳ ସମୟ ଦିଆଗଲା ଓ ସଭ୍ୟମାନେ ବିସ୍ତର ତର୍କବିତର୍କ କଲେ । ପ୍ରଥମଦିନ ବ୍ୟବସ୍ଥାପକ ସଭାରେ ଯେରୂପ ତର୍କ ଉପସ୍ଥିତ ହୋଇଥିଲା ଓ ସଭ୍ୟମାନେ ଯେରୂପେ ଏଟାକ୍ସ ବିରୁଦ୍ଧରେ ମତ ପ୍ରକାଶ କଲେ ଯେବେ ସେମାନେ ଅଡି ବସିଥାନ୍ତେ ତେବେ ଆଇନ ଜାରି ହେବା ଦୁସ୍ତର ହୋଇଥାନ୍ତା । ମାତ୍ର ଗବର୍ଣ୍ଣମେଣ୍ଟଙ୍କ ଟଙ୍କା ପ୍ରୟୋଜନ କାଳରେ ସଭ୍ୟମାନେ ତାହାଙ୍କୁ ସାହାଯ୍ୟ ନ କରିବା ଅକର୍ତ୍ତବ୍ୟ ବିବେଚନାରେ ଟାକ୍ସଆଇନ ଜାରିହେବାକୁ ମତ ଦେଲେ । କେବଳ ଏତିକିକଥା ରହିଲା ଯେ ଏଆଇନ ଚିରସ୍ଥାୟୀ ହେବାପାଇଁ ଯାହା କଳ୍ପନା ଥିଲା ଅଥବା କେତେକାଳ ଆଇନ ପ୍ରବଳରହିବ ତାହା ତହିଁରେ ଲେଖା ନ ଥିବାରୁ ଚିରସ୍ଥାୟୀ ହେବାର ସମ୍ଭାବନା ଥିଲା ସେହି ସଂଶୟ ଦୂରକରି କେବଳ ଏକବର୍ଷ ପାଇଁ ଆଇନ ଜାରିହେବାର ନିୟମ ହେଲା । ଏକଥାରେ ଯଥାର୍ଥତଃ ଲୋକଙ୍କର ବିଶେଷ ଲାଭ କି ଗବର୍ଣ୍ଣମେଣ୍ଟଙ୍କର କୌଣସି ହାନି ନାହିଁ । ବର୍ଷଯାକ ଟାକ୍ସ ନେବେ ଭବିଷ୍ୟତକୁ ଯେପରି ଅବସ୍ଥା ଦେଖିବେ ସେପରି କାର୍ଯ୍ୟ କରିବେ । ଏକ ସମୟରେ ଯେତେବେଳେ ବର୍ଷ ମଧ୍ୟଭାଗରେ ଟାକ୍ସ ବଢ଼ାଇବାକୁ ଅଡ଼ୁଆ ନ ହେଲା ସେସ୍ଥଳେ ବର୍ଷ ଉତ୍ତାରୁ ପୁନର୍ବାର ଇନ୍‌କମ ଟାକ୍ସ ନେବାକୁ କଣ ବାଧା ହୋଇପାରେ । ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କର ଯେରୂପ ମନୋଭାବ ତହିଁରୁ ସ୍ପଷ୍ଟ ଜଣାଯାଏ ଯେ ଟାକ୍ସ ଜଦାର ଆମ୍ଭମାନଙ୍କଠାରୁ ଛାଡ଼ ଦିବ ନାହିଁ । ଲୋକମାନେ ଟାକ୍ସ ହେତୁରୁ ହାହାକାର ରଡ ଛାଡୁଅଛନ୍ତି ଓ ଲର୍ଡମେଓଙ୍କୁ କେତେ ନିନ୍ଦା କରୁଅଛନ୍ତି ମାତ୍ର ଲର୍ଡମେଓ ବୋଲନ୍ତି ଯେ ସେ କେବଳ ଟାକ୍ସ ଉଣା କରିବାକୁ ଚେଷ୍ଟା କରୁଅଛନ୍ତି ଏଥିରେ ଆମ୍ଭେମାନେ ଆଉ କି କହିବା । ଯେସ୍ଥଳେ ଗବର୍ଣ୍ଣମେଣ୍ଟଙ୍କର ଏରୂପ ବିଶ୍ୱାସ ଯେ ଲୋକେ ଅଳ୍ପ ଟାକ୍ସ ଦେଉଅଛନ୍ତି ସେସ୍ଥଳେ ଲୋକମାନଙ୍କର କର୍ତ୍ତବ୍ୟ ଯେ ଉପସ୍ଥିତ ଟାକ୍ସପାଇଁ ବିରକ୍ତ ନ ହୋଇ ଯେରୂପ ଅଧିକ ଟାକ୍ସ ନ ପଡ଼େ ତହିଁର ଭାବନା କରନ୍ତୁ ।

———

### କଟକସୋସାଇଟୀ ସଭା ।

ଗତ ସୋମବାର ଗୃହରେ କଟକସୋସାଇଟୀର ଏକ ବିଶେଷ ସଭା ହୋଇଥିଲା ଓ ତହିଁରେ ଉତ୍କଳଭଲ୍ଲିସିନୀ ଓ କଟକ ଡିବେଟିଂ କ୍ଲବର ସଭ୍ୟମାନେ ଆମନ୍ତ୍ରିତ ହୋଇ ଆସିଥିଲେ । ଏନଗରସ୍ଥ ତିନିସଭାକୁ ଏକତ୍ରିତ କରିବା ଏ ଅଧିବେଶନର ଉଦ୍ଦେଶ୍ୟ ଥିଲା । ଯଥାମତ ସଭାର କାର୍ଯ୍ୟାରମ୍ଭ ହେଲା ଶ୍ରୀଯୁକ୍ତ ସ୍ୱଭାନସା ସାହେବ କହିଲେ ଯେ ଏନଗରରେ ପୃଥକ ୨ ତିନିସଭା ଥିବାରୁ ବହୁତ ଅସୁବିଧା ହେଉଅଛି । କୌଣସି ସରକାରୀବିଷୟରେ ଲୋକଙ୍କ ମତ ଜାଣିବାକୁ ହେଲେ ତିନିସଭାକୁ ପ୍ରଶ୍ନ ହୁଅଇ ଓ ଅନେକସମୟରେ ଭିନ୍ନ ୨ ମତ ଆସୁଥାଏ । ଏକସ୍ଥାନର ଲୋକଙ୍କଠାରୁ ଭିନ୍ନ ୨ ମତ ଆସିବାରୁ ଗବର୍ଣ୍ଣମେଣ୍ଟ କୌଣସି ମତପ୍ରତି ଆସ୍ଥା କରିବାକୁ କୁଣ୍ଠିତ ହୁଅନ୍ତି ସୁତରାଂ ଆପଣା ଇଚ୍ଛାନୁସାର କର୍ମ କରନ୍ତି । ସବୁ ସଭା ଏକତ୍ର ହେଲେ ଗୋଟିଏ ମତ ପ୍ରକାଶ ହୁଅନ୍ତା ଓ ବହୁତଲୋକ ବସି ମତ ଦେଲେ ତାହା ସମଧିକ ବଳବାନ୍ ହୁଅନ୍ତା । ଏହାପରେ ସେ ଆପଣାମତ ବ୍ୟକ୍ତ କଲାରୁ ବାବୁ ବିଚିତ୍ରାନନ୍ଦ ଦାସ କହିଲେ ଯେ ପ୍ରତ୍ୟେକସଭାର ଉଦ୍ଦେଶ୍ୟ ଭିନ୍ନ ୨ ଅଟଇ ଓ କେହି କାହାରିସଙ୍ଗେ ମିଶିବାକୁ ସମ୍ମତ ନୁହନ୍ତି ବିଶେଷରେ ଉତ୍କଳଭଲ୍ଲିସିନୀ କଟକସୋସାଇଟୀ ସଙ୍ଗେ ମିଶିଲେ ସଭାର କୌଣସି ଲାଭ ନାହିଁ ଅନ୍ୟର୍ଥଙ୍କ ଅଧୀନ ହୋଇ ରହିବାର ପ୍ରୟୋଜନ

Digitized by srujanika@gmail.com

Split by PDF Splitter



କି ବରଂ କଟକହୋସାଇଟୀର ହେଡେକ ଦାୟ ଏସବୁ ଉପରକୁ ଆସିପାରେ । ସରକାରୀ ବିଷୟରେ ମତାମତ ପ୍ରକାଶ କରିବାକୁ ଗୋଟିଏ ପୃଥକ ସଭା ହେବାର ପୂର୍ବରୁ କଳ୍ପନା ହୋଇଥିଲା ସେପରି ସଭା ଗୋଟିଏ ସ୍ଥାପନ ହେଉ ଓ ଉପସ୍ଥିତ ସଭ୍ୟଙ୍କ ମନୋନୀତ ଅନୁସାରେ ତହିଁର ସ୍ବତନ୍ତ୍ର ନିୟମମାନ ହେଉ ଓ ସ୍ବତନ୍ତ୍ର କର୍ମଚାରୀ ନିଯୁକ୍ତ ହେଉନ୍ତୁ ତାହା ହେଲେ କାହାର କୌଣସି ଆପତ୍ତି ନାହିଁ ଉତ୍କଳହିତୈଷିଣୀର ଅନ୍ୟାନ୍ୟ ସଭ୍ୟମାନେ ମଧ୍ୟ ଏହିପ୍ରକାର ବ୍ୟକ୍ତ କଲେ ମାତ୍ର ସେ ସବୁ କଟକହୋସାଇଟି ସଭ୍ୟଙ୍କ ମନରେ ଲାଗିଲା ନାହିଁ । ପରଶେଷରେ ଗ୍ରିକସା ସାହେବ ଦୁଇସଭା ମିଶିବା ବିଷୟରେ ଉପସ୍ଥିତ ସଭ୍ୟଙ୍କ ମତ ପ୍ରାର୍ଥନା କରିବାରେ କେବଳ ସେ ସ୍ବୟଂ ଓ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ ସମ୍ମତିସୂଚକ ହସ୍ତୋତ୍ତୋଳନ କଲେ ଆଉ ସମସ୍ତେ ତୁନିହୋଇ ବସିଲେ । ଏହା ଦେଖି ସେମାନେ ନିରସ୍ତ ହେଲେ । ଏଉତ୍ତାରୁ ଜଳକର ଅବାଧ୍ୟ ସମ୍ପର୍କରେ ଜମିଦାରଙ୍କର ଦୁଃଖର କଥା ଉଠି ପଡ଼ିଗଲା ଓ ତହିଁ ସଙ୍ଗେ ସଭା ଶେଷ ହେଲା ।

---

ମହରମ ପର୍ବ ।

ଆମ୍ଭେମାନେ ଯେଉଁପରି ଆଶା କରିଥିଲୁଁ ଠିକ ସେହିପରି ଘଟିଅଛି । ଅର୍ଥାତ୍ ଏବର୍ଷ ଏ ପର୍ବ ଉତ୍ତମରୂପେ ନିର୍ବାହିତ ହୋଇଅଛି କଟକବାସୀର ସମାରୋହ ଏ ପର୍ବର ପ୍ରଧାନକାର୍ଯ୍ୟ ମାତ୍ର ତାହା ନିର୍ବିଘ୍ନରେ ନିର୍ବାହ ହୋଇଅଛି । ନିର୍ବିଘ୍ନ କହିବାର ବିଶେଷ ଉଦ୍ଦେଶ୍ୟ ଏହି ଯେ । ଗତବର୍ଷରେ ପୁଲିସର ଦୌରାତ୍ମ୍ୟରୁ କୌଣସି ତାଜିଆ ଯଥେଷ୍ଟ ଭୋଇ ଏକ ସ୍ଥାନରେ ସ୍ଥିର ହୋଇ ନ ଥିଲା ପୁଲିସ ଗୋରୁ ଅଡ଼ାଇଲା ପ୍ରାୟ ଆଖଡ଼ା ଓ ତାଜିଆ ସବୁକୁ ତଡ଼ିଦେଇ ଦେବାରୁ କିଛି ସୁଖ ହେଲା ନାହିଁ । ଏ ବର୍ଷ ପୁଲିସ ଏସବୁ କଷ୍ଟ ନ ଦେଇ କେବଳ ଗୋଳ ନିବାରଣ ପକ୍ଷରେ ଯତ୍ନବାନ୍ ଥିଲେ । ପୁଲିସର ଏ ସୁବୁଦ୍ଧି କେଉଁଠାରୁ ଜାତ ହେଲା ସ୍ଥିର କରିବା କଠିନ ନୁହଇ । ଉତ୍କୃଷ୍ଟ ସୁପ୍ରିଣ୍ଟେଣ୍ଡେଣ୍ଟ ଟାମସନ ସାହେବ ଗତବର୍ଷ ନ ଥିଲେ ଓ ଏବର୍ଷ ପ୍ରଥମରୁ ସେ ଯେଉଁପରି ବନ୍ଦୋବସ୍ତମାନ କଲେ ତହିଁର ଫଳସ୍ବରୂପ ଏହାକୁ ଗ୍ରହଣ କରିବାକୁ ହେବ । ସଦର ଷ୍ଟେସନ ଇନ୍‌ସ୍ପେକ୍ଟରର ଓ ସବ୍‌ଇନ୍‌ସ୍ପେକ୍ଟରର ମଧ୍ୟ ନୂତନ ଅଟନ୍ତି ଓ ଏମାନେ ଆପଣା କାର୍ଯ୍ୟ ଉତ୍ତମରୂପେ କରିବାର ଜଣାଯାଏ ।

ତାଜିଆମାନଙ୍କ ମଧ୍ୟରେ କିଏ ଭଲ ହୋଇଥିଲା ଲୋକେ ଶୁଣିବାକୁ ଇଚ୍ଛାକରନ୍ତି । ମାତ୍ର ଆମ୍ଭେମାନେ ଯାହା ଦେଖିଲୁଁ ତହିଁରୁ ପ୍ରକାଶ ହେଲା ଯେ ଏଣିକି ଲୋକଙ୍କର ଅବସ୍ଥା ବଡ଼ କଠିନ ହୋଇ ପଡ଼ିଲାଣି । ଟଙ୍କା କଷ୍ଟରେ ମିଳିବାର ସମସ୍ତେ ଅନୁଭବ କରୁଅଛନ୍ତି ମାତ୍ର ତହିଁ ସଙ୍ଗେ ନିତ୍ୟନୈମିତ୍ତିକ ବ୍ୟୟ ଏମନ୍ତ ବଢ଼ୁଅଛି ଯେ ଏସମସ୍ତ କାର୍ଯ୍ୟରେ ବିଶେଷ ବ୍ୟୟ କରିବାକୁ କାହାରି ସାମର୍ଥ୍ୟ ହେଉ ନାହିଁ । ଏହି କାରଣରୁ ତାଜିଆମାନ ପୂର୍ବାପେକ୍ଷା କ୍ଷୁଦ୍ର ଓ ମଳିନ ରୂପ ଧାରଣ କରିଥିଲେ । ପଲଟନ ତାଜିଆମାନ ପୂର୍ବ ପ୍ରାୟ ହୋଇଥିଲା ଓ ମୁଭାହାଟ ତାଜିଆ ଶିଳ୍ପକାର୍ଯ୍ୟରେ ସେସବୁର ସମାନ ଓ କୌଣସି ଅଂଶରେ ଉତ୍କୃଷ୍ଟଭାବ ଲଭିଥିଲା । ସହର ତାଜିଆମଧ୍ୟରେ କରିମଖାନ ଓ ବର୍କ୍ସିବଜାର ତାଜିଆ ଏ ଦୁହିଁଙ୍କି ଲୋକେ ଭଲ ବୋଲୁଥିଲେ । ଅଉ ସବୁର ଉଲ୍ଲେଖର ପ୍ରୟୋଜନ ନାହିଁ । କରବଲା ବନ ତାଜିଆସବୁ ନଈକୂଳକୁ ଯାଇପାରିଲା ନାହିଁ ସରକାରୀ ତାରଡାକର ଲୁହାତାର ବାଟ ଉପରେ ଯାଇଥିବାରୁ ଉଚ୍ଚ ତାଜିଆମାନ ତାହାତଳେ ଯାଇ ନ ପାରନ୍ତି ତାରକୁ ଓହ୍ଲାଇ ଦେବାପାଇଁ ପୁଲିସସାହେବ ଉଦ୍ୟୋଗ କରିଥିଲେ ମାତ୍ର ତହିଁରେ କିଛି ଫଳ ହେଲା ନାହିଁ । ପୂର୍ବରୁ ଉପାୟ କରିଥିଲେ ବୋଧ ହୁଅଇ ତାଜିଆବାଲାଙ୍କର ଆଶା ପୂର୍ଣ୍ଣ ହୋଇଥାନ୍ତା ।

ପରଶେଷରେ ଗୋଟିଏ କଥାର ଉଲ୍ଲେଖ କରିବା । ପୁଲିସର ସର୍ବପ୍ରକାର ସୁଖ୍ୟାତି ଦେଖାଗଲା ମାତ୍ର କରବଲାବନ ପୁଲିସର ସୁପରିଣ୍ଟେଣ୍ଡେଣ୍ଟ ଓ ଇହାଙ୍କର ଅସିଷ୍ଟାଣ୍ଟ ଦୁହେଁ ଘୋଡ଼ାରେ ଚଢ଼ି ଗୋଳମାଳ ମଧ୍ୟରେ ପ୍ରବେଶହୋଇ କନଷ୍ଟବଲଙ୍କ ଦ୍ୱାରା ଲୋକଙ୍କୁ ବାହାରକରି ଦେବାର ଯେଉଁ ଆଜ୍ଞା ଦେଲେ ସେଥିରେ ଅନେକ ଲୋକଙ୍କର କଷ୍ଟ ଓ ଅପମାନ ହୋଇଥିବ । ଗୋଳମଧ୍ୟକୁ ଘୋଡ଼ା ନେବାର ଅନ୍ୟାୟ । ଯେବେ ନେଲେ ଏକପାଖରେ ରହିବାର ଉଚିତ ଥିଲା । ମହିସଡ଼କରେ ଛଡ଼ା ହୋଇ ଲୋକଙ୍କୁ କନଷ୍ଟେବଲ ହାତରେ ତଡ଼ିଦେବାର ଭଲ ହୋଇ ନାହିଁ ।

---

ଜଳକର ଅତ୍ୟାଚାର ।

ଆମ୍ଭେମାନେ ଆନନ୍ଦର ସହିତ ପାଠକଙ୍କୁ ଜଣାଉଅଛୁଁ ଯେ ଉପରିଲିଖିତ ଶିରୋନାମାରେ ଆମ୍ଭେମାନେ ଗତ ସପ୍ତାହରେ ଯେଉଁ କଥାମାନ ଲେଖିଥିଲୁଁ ତାହା ଶ୍ରୀ କଲ୍‌ଭିନ ସାହେବଙ୍କ ଗୋଚରରେ ଆସିବାରୁ ସେ ତହିଁର ଯଥାର୍ଥ ପ୍ରତିକାର କରି ଗୋଟିଏ ଇଂରାଜୀ ଚିଠି ଆମ୍ଭମାନଙ୍କ ନିକଟକୁ ପଠାଇଅଛନ୍ତି । ପତ୍ରଟି ସ୍ଥାନାନ୍ତରରେ ଅବିକଳ ପ୍ରକାଶିତ ହେଲା ଓ ଏଠାରେ ଆମ୍ଭେ ତହିଁର ଅନୁବାଦ ଲେଖି ଦେଉଅଛୁଁ ଯେ ଇଂରାଜୀ ନ ଜାଣିବା ଲୋକେ ତହିଁର କଥାମାନ ଗୋଚର କରିବେ ।

ଶ୍ରୀ ଉତ୍କଳଦୀପିକାସମ୍ପାଦକ

ସମୀପେଷୁ ।

ମହାଶୟ !

ଆପଣଙ୍କ ଗତମାସ ତା ୧ ରିଖର ପତ୍ରିକାରେ "ଜଳକର ଅତ୍ୟାଚାର" ଶିରୋନାମାରେ ଏକ ପ୍ରବନ୍ଧ ଲେଖି ଉଦ୍ଧାର ଶ୍ରୀ ଗ୍ରବର୍ଟ ସାହେବଙ୍କ ଜାରିକଲା ଇସ୍ତାହାରର କଥା ସମସ୍ତଙ୍କୁ [illegible]ଇଅଛ ଉକ୍ତ ବିଷୟ ଆମ୍ଭଙ୍କୁ ଜଣାଇବାରେ ଆମ୍ଭେ ଆପଣଙ୍କ ନିକଟରେ ବାଧ୍ୟ ହେଉଅଛୁଁ ।

ଶ୍ରୀ ଗ୍ରବର୍ଟ ସାହେବଙ୍କୁ ଏପ୍ରକାର କୌଣସି ଇସ୍ତାହାର ଜାରି କରିବାପାଇଁ କଦାଚ କ୍ଷମତା ଦିଆଯାଇ ନାହିଁ । ଅଇନର କଥା ଆପଣ ଯାହା ଲେଖିଅଛ ତାହା ଯଥାର୍ଥ ଅଟେ ଓ ଗ୍ରବର୍ଟ ସାହେବଙ୍କୁ ଏହି ଉପଦେଶ ଦିଆଯାଇଅଛି କି ସେ ସରବରାହକାରଙ୍କୁ ଜଣାଇବେ ଯେ ଯାହାଙ୍କର ନାମ ଫର୍ଦ୍ଦମାନରେ ଲେଖାଅଛି ସେମାନେ ଯେବେ ଆପଣା ଦେଣା ଟଙ୍କା ଦ ୧୫ ନ ମଧ୍ୟରେ ନ ଦେବେ କିମ୍ବା ବନ୍ଦୋବସ୍ତ ପ୍ରତି ଆପତ୍ତି ଥିଲେ ତାହା ନ କରିବେ ତାହା ହେଲେ ସାହେବ ପ୍ରଶଂସିତ ଅମୁ ନିକଟକୁ ରିପୋର୍ଟ କରିବେ । ସେ ରିପୋର୍ଟ ପାଇଲାରୁ ସନ ୧୮୬୯ ମସିହାର ଅ ୭ ଇକାନୁସାର ସର୍ଟିଫିକଟ ଦାଖଲ ଓ ଏତ୍ତଲନାମା ଜାରି ହେବ । ଯେବେ ଏ ସବୁକୁ ସେମାନେ ମାନ୍ୟ ନ କରିବେ ତେବେ ଯେମନ୍ତ ଦେଓ୍ୱାନୀ ମକଦ୍ଦମାର ଡିକ୍ରୀଜାରୀରେ ହୁଅଇ ସେହିପରି ସେମାନେ ଆପଣା ଦେଣ ଟଙ୍କା ନିମିତ୍ତ ଦେଓ୍ୱାନୀ ଜେଲରେ କଏଦ ହେବାକୁ ବାଧ୍ୟ ହେବେ ।

ଏପ୍ରକାର ଇସ୍ତାହାରମାନ ଫେର ଅନିଭିଦ କରିବା କାରଣ ଆମ୍ଭେ ଶ୍ରୀ ଗ୍ରବର୍ଟ ସାହେବଙ୍କ ନିକଟକୁ ଲେଖିଅଛୁଁ ।

Digitized by srujanika@gmail.com

Split by PDF Splitter



ଅନୁଗ୍ରହପୂର୍ବକ ଆପଣଙ୍କ ଆଗାମୀ ପତ୍ରିକାରେ ଏ ପତ୍ରକୁ ପ୍ରକାଶ କରିବା ହେବେ ।

କଟକ
ତା ୮ ରଣ ଅପ୍ରେଲ
ସନ ୧୮୭୧ } ଦସ୍ତଖତ ମି, କର୍ଣ୍ଣେଲ୍
ହେନାଲ ରେବନ୍
ସୁପ୍ରେଣ୍ଟେଣ୍ଡେଣ୍ଟ

ଶ୍ରୀଯୁକ୍ତ କର୍ଣ୍ଣେଲ ସାହେବ ଯେ ଆପଣା ମହକୁମାର ଦୋଷ ଜାଣିବା ମାତ୍ରକେ ତହିଁର ପ୍ରତୀକାର କରିଅଛନ୍ତି ଏଥିରେ ଅମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ଓ ଏଥିରୁ ବୋଧ ହୁଅଇ ଯେ ଇସ୍ତାହାରର କଥା ତାହାଙ୍କୁ ଜଣା ନ ଥିଲା ମାତ୍ର ଏଥି ମଧ୍ୟରେ କେତେ ଲୋକଙ୍କର କଷ୍ଟ ହେଲା ତାହା ଲେଖିବାର ବାହୁଲ୍ୟ । ଯାହା ହେଉ ଏଥର ଶ୍ରୀଯୁକ୍ତ କର୍ଣ୍ଣେଲ ସାହେବଙ୍କୁ ପ୍ରାର୍ଥନା ଏହି ଯେ ଅଇନାନୁସାର କର୍ମ କରିବାରେ ଯେମନ୍ତ ଲୋକଙ୍କର ବୃଥାର ପୀଡ଼ା ନ ହୁଅଇ ତହିଁ ପକ୍ଷରେ ଦୃଷ୍ଟି ରଖିବେ ହାଜିଆ ଓ ଶୂଦ୍ରମାନେ କଏଦକୁ ବଡ଼ ଭୟ କରନ୍ତି କାରଣ କଏଦ ହେଲେ ସେମାନଙ୍କର ଅନେକ ଜାତି ନଷ୍ଟ ହୁଅଇ ଓ ପୁନର୍ବାର ଜାତ ହେବାକୁ ବହୁତ ବ୍ୟୟ ଓ କ୍ଳେଶ ହୁଅଇ । ଯେସ୍ଥଳେ ଅଇନରେ ସମ୍ପତ୍ତି କ୍ରୋକ୍ କି ନିଲାମଦ୍ୱାରା ଓ କଏଦଦ୍ୱାରା ଟଙ୍କା ଆଦାୟ କରିବାର ବିଧାନ ଅଛି ସେ ସ୍ଥଳେ କଏଦ କରିବା ଅପେକ୍ଷା ଅଗ୍ରେ ସମ୍ପତ୍ତି ନିଲାମଦ୍ୱାରା ଟଙ୍କା ଆଦାୟ କରିବାର ଭଲ । କଏଦରେ ଲୋକଙ୍କର ବୃଥାର କ୍ଳେଶ ଓ ଅର୍ଥ ବ୍ୟୟ ହେବ ସତ୍ୟ ମାତ୍ର ଟଙ୍କା ତେତେ ସହଜରେ ଆଦାୟ ହେବାର ଦେଖା ଯାଏ ନା ।

---

## ଫ୍ରାନ୍ସ ଦେଶର ବର୍ତ୍ତମାନ ଅବସ୍ଥା ।

ଅମ୍ଭେମାନେ ଭରସା କରିଥିଲୁଁ ଯେ ପ୍ରସିୟା ସହିତ ସନ୍ଧି ହେବାରୁ ଫ୍ରାନ୍ସର ଦୁରବସ୍ଥା ଶେଷ ହେଲା । ମାତ୍ର ବାସ୍ତବରେ ତାହା ହୋଇ ନାହିଁ ପ୍ରସୀୟ ସୈନ୍ୟମାନେ ଆପଣାଦେଶକୁ ଗୃହାଗମନ କଲେ ଓ ବିଦେଶ ସହିତ ଯୁଦ୍ଧ ଶେଷହେଲା ସତ୍ୟ ମାତ୍ର ଫ୍ରାନ୍ସ ଅରାଜକ ହୋଇ ଥିବାରୁ କେହି କାହାକୁ ମାନୁ ନାହାନ୍ତି । ପ୍ରଜାମାନେ ଆପଣା ମଧ୍ୟରେ ଯୁଦ୍ଧ ଆରମ୍ଭ କରିଅଛନ୍ତି । ଶାସନର ଭାର ସ୍ଥିରହୋଇ କାହାର ଠାରେ ରହି ନାହିଁ ଏସବୁ ବ୍ୟାପାର ଅତି ଶୋଚନୀୟ ଓ ଏହା କିରୂପେ ଶେଷହେବ କିଛି କୋହିଯାଇ ନ ପାରେ । ପ୍ରତିଦିନ ତାରଡାକଯୋଗେ ଯେସମସ୍ତ ସମ୍ବାଦ ଆସୁଅଛି ତହିଁରେ କେବଳ ହାଣକାଟର କଥା ଶୁଣାଯାଏ । ରାଜାହିନ ଲୋକଙ୍କ ଶାସନ କେତେ କଠିନ ସୁବୋଧ ପାଠକମାନେ ଏଥିରୁ ବିବେଚନା କରିବେ ।

ଏଣେ ଯୁଦ୍ଧ ଶେଷ ହେଲାରୁ ପ୍ରସୀୟମାନେ ସ୍ୱରାଜ୍ୟକୁ ଫେରି ଯାଇ ଫ୍ରାନ୍ସର ଭୂତପୂର୍ବ ରାଜା ନେପୋଲିୟନଙ୍କୁ କୟଦରୁ ମୁକ୍ତ ଦେଲେ । ଅବଗତ ହେଲୁଁ ଯେ ନେପୋଲିୟନ ଲଣ୍ଡନ ନଗରକୁ ଯାଇ ଶ୍ରୀଶ୍ରୀ ମତି ମହାରାଣୀ ଭିକ୍ଟୋରିୟାଙ୍କ ସହିତ ସାକ୍ଷାତ କରିଥିଲେ । ସାକ୍ଷାତ୍ କରିବାର ଉଦ୍ଦେଶ୍ୟ କିଛି ଜଣାଯାଇ ନାହିଁ ଅନୁମାନ ହୁଅଇ ସେ ଆପଣା ରାଜତ୍ୱ ଲାଭ କରିବା କାରଣ ଚେଷ୍ଟା କରୁଅଛନ୍ତି ମାତ୍ର ଫରାସୀମାନେ ପୁନର୍ବାର ତାହାଙ୍କୁ ରାଜା ବୋଲି ସ୍ୱୀକାର କରିବେ ଏମନ୍ତ ଅନୁଭବ ହୁଏ ନାହିଁ । ସେମାନେ ରାଜ୍ୟକୁ ପ୍ରଜାତନ୍ତ୍ର ଶାସନପ୍ରଣାଳୀ ଅଧୀନରେ ରଖିବାକୁ ଏକାନ୍ତ ବାଞ୍ଛା କରିଅଛନ୍ତି । କେବଳ କେହି ବଳବାନ୍ ଅଧ୍ୟକ୍ଷ ଘଟନା ନ ହେବାରୁ ବୋଧ ହୁଅଇ କେହି କାହାରି ମାନୁ ନାହାନ୍ତି କ୍ଷମା ସ୍ଥିର ହୋଇ ରହୁ ନାହିଁ । ପ୍ରସୀୟମାନେ ଏସବୁ ଦେଖି ଫ୍ରାନ୍ସସହିତ ଯେଉଁ ସନ୍ଧି ହୋଇଥିଲା ତହିଁ ଉପରେ ଭରସା କରିପାରୁ ନାହାନ୍ତି କାରଣ ଯେଉଁଲୋକେ ସନ୍ଧିପତ୍ରରେ ସ୍ୱାକ୍ଷର କରିଥିଲେ ଯେବେ ସେମାନେ ଶାସନ କରି ପାରୁ ନାହାନ୍ତି ତେବେ ତାହାଙ୍କ ସନ୍ଧି ପତ୍ର କେଉଁ କାର୍ଯ୍ୟର ହେବ । ଏ ସବୁ ଚିନ୍ତା କରି ପୁନର୍ବାର ଫ୍ରାନ୍ସକୁ ସୈନ୍ୟ ପ୍ରେରଣ କରିବାର ଆୟୋଜନ କରୁଅଛନ୍ତି ଓ ଶୁଣାଯାଏ ଯେ କେତେ ସୈନ୍ୟ ପାରିସ ନଗର ସମ୍ମୁଖରେ ଉପସ୍ଥିତ ହେଲେଣି ଯାହା ହେଉ ବେଳକୁବେଳ ବ୍ୟାପାର ଗୁରୁ ହୋଇ ଉଠିଲା । ପର ଶେଷରେ କଣ ହେବ କୋହିଯାଇ ନ ପାରେ । ଅମ୍ଭେମାନେ ବୋଧ କରୁଁ ଯେବେ ନେପୋଲିୟନଙ୍କୁ ଫରାସିମାନେ ପୁନର୍ବାର ରାଜପଦରେ ଅଭିଷେକ କରନ୍ତି ତାହା ହେଲେ ଦେଶର ବିଦ୍ରୋହ ନିବାରଣ ହେବ ଓ ପ୍ରସୀୟମାନେ ମଧ୍ୟ ସନ୍ତୁଷ୍ଟ ହୋଇ ଆପଣା ରାଜ୍ୟରେ ତୁନିହୋଇ ବସିବେ ।

# ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ ଜଜସାହେବ ଫୌଜ୍ ମୋକଦ୍ଦମା ବିଚାର କାରଣ ବାଲେଶ୍ୱରକୁ ଗମନ କରିଅଛନ୍ତି ।

ଶ୍ରୀଯୁକ୍ତ କମିଶ୍ନର ସାହେବ ଗତ ଗୁରୁବାର ପୁରୁଷୋତ୍ତମକୁ ଗମନ କରିଅଛନ୍ତି ସେଠାରେ ଉକ୍ତ ସପ୍ତାହ ରହି ଚଳିତମାସ ଶେଷ ସରକି କଟକକୁ ପ୍ରତ୍ୟାଗମନ କରିବେ ।

କଟକର ଟାଉନମାର୍କ୍ସ ମୋହରର ଉପରେ ଅନ୍ୟାୟ ଟଙ୍କା ନେବାର ସନ୍ଦେହ ହେବାରୁ କମିଟି ତାହାଙ୍କୁ କର୍ମରୁ ବରଖାସ୍ତ କରିଅଛନ୍ତି ।

କଟକ ଟାଉନ କମିଟି ଟ ୧୦୦ ଙ୍କା ବେତନରେ ଜଣେ ଓଭରସିଅର ରହିବାର ଯେଉଁ ଘୋଷଣା ଦିଆଯାଇଥିଲା ଉକ୍ତ କର୍ମରେ ଡବଲଟ ଉଡିନସାହେବ ନିଯୁକ୍ତ ହୋଇଅଛନ୍ତି ।

ଅମ୍ଭେମାନେ ଏଥିପୂର୍ବେ ଏ ନଗରକୁ କେତେଜଣ ମୁଗଲ ପଠାଣ ଅସିବାର କଥା ଲେଖିଥିଲୁଁ ଶୁଣିଲୁଁ ଯେ ଏମାନଙ୍କ ମଧ୍ୟରୁ କେତେଜଣ କେନ୍ଦ୍ରାପଡ଼ା ମୁକାମକୁ ଯାଇଥିଲେ ସେଠାରେ କୌଣସି ଲୋକ ସହିତ କଳହ୍ୟା ଓ ମାରପିଟ କରିବାରୁ ପୁଲିସ ଗିରଫ୍ତାର କରି ତିନିଜଣଙ୍କୁ ସବଡିବିଜନ ମେଜିଷ୍ଟ୍ରେଟଙ୍କ ନିକଟକୁ ଚାଲାଣ କଲା । ତହିଁରେ ସେମାନଙ୍କ ଉପରେ ଟ ୫ ଙ୍କା ଲେଖାଏଁ ଅର୍ଥଦଣ୍ଡ ଓ ଛଅମାସ କଏଦ ରହିବାର ବିଧାନ ହେଲା । ମୁଗଲମାନେ ନଗଦ ଏକହଜାର ଟଙ୍କା ଜମା କରିଦେଇ ଏଠାକୁ ଅପିଲ କରିବାକୁ ଆସିଅଛନ୍ତି ।

ଏହିସ୍ଥାନର ଦୁଇପହରଅନ୍ଧାରିମ ରାତିରେ କେତେଗୁଡିଏ ମୁସଲମାନ ସମାରୋହପୂର୍ବକ ଛାତି ହତିଆର ଘେନି ବାଜା ବଜାଇ ନଗରରେ ଭ୍ରମଣ କରୁଥିଲେ ଏଥିମଧ୍ୟରେ ପୁଲିସସଙ୍ଗେ ବିବାଦ ହେବାରୁ ପୁଲିସ ତାହାଙ୍କର ଢେଙ୍ଗା,ବାଡି କାଢି ନେଲା ତହୁଁ ସେମାନେ କ୍ରୋଧାନ୍ୱିତ ହୋଇ ଇଟା ପଥର ଘେନି ପୁଲିସ ଚୌକିଦାରକୁ ପ୍ରହାର କଲେ ଏଥିରେ ତିନିଜଣ ପୁଲିସ ଓ ଜଣେ ରଇୟତ ଆଘାତ ପାଇଁ ହାସପାତାଲକୁ ପ୍ରେରିତ ହୋଇଅଛନ୍ତି । ବଡ଼ ଆନନ୍ଦର ବିଷୟ ଯେ କଟକରେ ଏପରି ଗୋଲମାଲ ହୁଅଇ ନାହିଁ । ସେରୂପ ହେଲେ ଏକାବେଳକେ ପଦ୍ଧବନ୍ଦ ହୁଅନ୍ତା ।

ନଦୀୟା, ପାଟଣା, ବାଲେଶ୍ୱର, ବର୍ଦ୍ଧମାନ ଓ ସାରଣ ଏହି କେତେଗୋଟି ଜିଲ୍ଲା ପୁଲିସର କିଛି ନ୍ୟୁନତା କରି ବାକରଗଞ୍ଜ ପୁଲିସର ଲୋକଙ୍କ ସଂଖ୍ୟାବର୍ଦ୍ଧିତ କରିବାର ଅନୁମତି ହୋଇଅଛି ।

ସୁନ୍ଦରବନରେ କେରେଲିନା ଧାନ୍ୟ ଉତ୍ତମ ପ୍ରକାର ଜନ୍ମୁଅଛି । ଏହା ନୀଚ ଓ ଓଦାଭୂମିରେ ଅଧିକ ଜନ୍ମେ । ବୋଧହୁଅଇ କୁଜଙ୍ଗ କନିକା ଇତ୍ୟାଦି ସ୍ଥାନରେ ଏ ଧାନ୍ୟ ଜନ୍ମିପାରେ ।

Digitized by srujanika@gmail.com

ମହରମପର୍ବ ସମୟରେ କଲିକତାରେ ଦୁଇଜଣ ମୁସଲମାନ ମଦ୍ୟପାନ କରି ହୋସେନଙ୍କ ବିଷୟରେ ତର୍କ କରି ୨ ଏପରି ମାରପିଟ କଲେ ଯେ ପୁଲିସ ସେମାନଙ୍କୁ ଧରି ନେଇଗଲା ଓ ବିଶେଷ ଆଘାତ ପାଇଥିବାରୁ ତାହାଙ୍କୁ ହାସପାତାଲକୁ ପଠାଗଲା । ଏମାନେ ଅପଣା ଧର୍ମରେ ବଡ ଟାଣଥିବାରୁ ଜଣାଯାଏ ।

ଅମ୍ଭେମାନେ ଗେଜେଟରୁ ଅବଗତ ହେଲୁଁ ଯେ ମାନ୍ୟବର ଆସଲି ଇଡ଼ନ୍ ସାହେବ ବ୍ରିଟେନିୟ ବ୍ରହ୍ମରାଜ୍ୟର ପ୍ରଧାନ କମିଶ୍ନର ପଦରେ ନିଯୁକ୍ତ ହୋଇଅଛନ୍ତି । ଇଡନ୍ ସାହେବଙ୍କ ପଦବୃଦ୍ଧିରେ ସମସ୍ତେ ଆନନ୍ଦ ହେବେ ସନ୍ଦେହ ନାହିଁ ଓ ତାହାଙ୍କର ଯେମନ୍ତ ପକ୍ଷପାତ ବୁଦ୍ଧି ଓ କର୍ତ୍ତୃତ୍ୱଶକ୍ତି ତଦନୁସାରେ କର୍ମ ତାହାଙ୍କୁ ମିଳିଅଛି ।

ଖୁଲମହନ୍ଦ୍ରର ଜଣେ ବିଖ୍ୟାତ ଜମିଦାର ଜଣେ ପୁଲିସର କର୍ମଚାରୀଙ୍କୁ ୫ ୩୦୦ ଙ୍କା ଘୁସ ଦେବାକୁ ଚେଷ୍ଟା କରିବାରୁ ପୁଲିସକର୍ମଚାରୀ ତାହା ନାମରେ ଅଭିଯୋଗ କରି ତାହା ଉପରେ ୫ ୬୦୦ ଙ୍କା ଅର୍ଥଦଣ୍ଡ କରାଇଅଛି ଓ ତାହାର ଗୁମାସ୍ତା ଉପରେ ମଧ୍ୟ ୫ ୧୦୦ ଙ୍କା ଅର୍ଥଦଣ୍ଡ ହୋଇଅଛି ।

ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲ ସାହେବ ଗତମାସ ଶେଷଭାଗରେ କଲିକତା ନଗରରୁ ସିମଲାନଗରକୁ ପ୍ରସ୍ଥାନ କଲେ । ଉତ୍ତର ପଶ୍ଚିମର କେତେ ସ୍ଥାନରେ କିଛିକାଲ ଅବସ୍ଥିତ କରି ଗ୍ରୀଷ୍ମ ଓ ବର୍ଷାକାଳ ସିମଲା ପର୍ବତରେ ସୁଖରେ ଅତିବାହିତ କରିବେ ।

ଦିନାଜପୁରର ମୁନସଫ ତପସିଲ୍ୟ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ସରସରୀଭାବେ ଗିରପ୍ତାର କରିବାରୁ ବଙ୍ଗଲା ଗବର୍ଣ୍ଣମେଣ୍ଟ ତାହାଙ୍କୁ କର୍ମରୁ ସସପେଣ୍ଡ କରିଅଛନ୍ତି । ହାକିମୀ କରି ଏତେ ଦୁର୍ଦ୍ଦଶା ଲଭିବାକୁ ହୁଅଇ ।

କଲିକତାର ସନାତନୀ ଧର୍ମରକ୍ଷଣୀ ସଭା ସମୁଦ୍ରଜାତ ଜଳପାନ ବିଷୟରେ ଯେଉଁ ବ୍ୟବସ୍ଥା ଦେଇଅଛନ୍ତି । ବୋମ୍ବାଇସ୍ଥ ଧର୍ମସଭା ତହିଁରେ ଆପତ୍ତି ଉତ୍ଥାପନ କରି ନାନା ଦେଶୀୟ ପଣ୍ଡିତମାନଙ୍କର ବ୍ୟବସ୍ଥାକୁ ଚାହିଁଅଛନ୍ତି । ପଣ୍ଡିତମାନେ ସେ ବିଷୟରେ ସ୍ୱ ସ୍ୱ ଅଭିମତ ବ୍ୟବସ୍ଥା ପଠାଉଁଅଛନ୍ତି । ଶୁଣାଯାଏ ପ୍ରାୟ ସମସ୍ତେ ଉକ୍ତ ଜଳପାନକୁ ନିଷେଧ କରିଅଛନ୍ତି ବୋଧ ହୁଅଇ ଏହି ବ୍ୟବସ୍ଥାବଳୀ ଶୀଘ୍ର ପତ୍ରସ୍ଥ ଅବା ପୁସ୍ତକସ୍ଥ ହୋଇବ ।

ଏଡୁକେସନ ଗେଜେଟର ଜଣେ ସଂବାଦଦାତା ଲେଖିଅଛନ୍ତି "ଆପଣାମାନେ ଶୁଣିଅଛନ୍ତି ଯେ ଏଠା ବ୍ରାହ୍ମସମାଜର ଅନ୍ୟତର ଉପାଚାର୍ଯ୍ୟ ଶ୍ରୀ ହେମଚନ୍ଦ୍ର ସିଂହ ମହାଶୟ ବ୍ରାହ୍ମଧର୍ମ ପରିତ୍ୟାଗ କରି ପ୍ରଭୁ ୟିଶୁଖ୍ରୀଷ୍ଟଙ୍କ ଶ୍ରୀ ଚରଣସେବକପଦ ଗ୍ରହଣ କରିଥିଲେ । ସମ୍ପାଦକ ମହାଶୟ ଏକଥାବରେ କି କହିବେ ? ଗତ ତା ୧୮ ରଗରୁ ସେ ପୁନଶ୍ଚ ଖ୍ରୀଷ୍ଟଧର୍ମ ପରିତ୍ୟାଗ କରି ବ୍ରାହ୍ମସମାଜରେ ପ୍ରବେଶ ହୋଇଅଛନ୍ତି । ତେବେ ଅନୁମାନ ଯେବେ କାର୍ଯ୍ୟ କାରଣର ମୂଳ ଅନୁସନ୍ଧାନ କରିବାକୁ ପାରନ୍ତି ତେବେ ଏମନ୍ତ ବୋଧ ହୁଅଇ ଯେ ସିଂହ ମହାଶୟ ଯେତେବେଳେ ଏତେ ଅବ୍ୟବସ୍ଥିତ ଚିତ୍ତ ସେତେବେଳେ ଖ୍ରୀଷ୍ଟାନ ହେବା ପୂର୍ବରେ ତାଙ୍କର କେଉଁଣସି ମାନସିକ ଭାବ ଗୁପ୍ତ ଥିଲା ଏବେ ତାଙ୍କର ଅସଂପୂର୍ଣ୍ଣତା ଦେଖି ହେଉ ଅବା ଅନ୍ୟ କେଉଁଣସି କାରଣରୁ ହେଉ କମଳଣ ଗୃହରେ ଅଗତ କୁକ୍କୁରର ନ୍ୟାୟ ଖାଦ୍ୟ ପାଏ ମାଏ କେତେଥର ଆଘ୍ରାଣ କରି ପ୍ରତିଗମନ କଲେ ।

ଏବର୍ଷ ତ ୭ ଣ ବଙ୍ଗାଳି ଯୁବକ ସିଭିଲ ସର୍ବିସ ପ୍ରବେଶ ନିମିତ୍ତ ଇଂଲଣ୍ଡ ଗମନ ବିଷୟରେ ମାନସ କରିଅଛନ୍ତି ।

ଗତ ବୃହସ୍ପତିବାର ଅପରାହ୍ନ ସମୟରେ ଗିମ୍ବାଲଦହରେ ଘୋରତର ଅଗ୍ନିକାଣ୍ଡ ହୋଇ ଯାଇ ଅଛି । ହିସାବକରି ଦେଖାଯାଇଅଛି ଯେ ଅଗ୍ନିଉତ୍ପାତରେ ପ୍ରାୟ ଚାରିଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଅଛି । ଶ ୫୦୦ ଶ୍ର ଘର ଏବଂ ଶ ୫୦ ଶ୍ର ଚାଉଳ ଦୋକାନ ଏକଘଣ୍ଟା ମଧ୍ୟରେ ଭସ୍ମସାତ୍ ହୋଇ ଯାଇଛି । ଏହି ଭୟଙ୍କର ଅଗ୍ନିର ଲିଭାଇବା ଚେଷ୍ଟା ବିଶେଷରୂପେ କଲେ ମଧ୍ୟ କେଉଁଣସି ଫଳ ହେଲା ନାହିଁ । ଗବର୍ଣ୍ଣର ଜେନରଲ ବାହାଦୁର ପ୍ରଥମେ ଘୋଡା ଚଢ଼ି ସେଠାରେ ଉପସ୍ଥିତ ଥିଲେ । ତହିଁ ଉତ୍ତାରୁ ପୁଲିସର କମିଶ୍ନର ଏବଂ ତତ୍ପରେ ଡେପୁଟିକମିଶ୍ନର ଆଗମନ କରିଥିଲେ ପରେ ଲେଡମେୟୋ ମହୋଦୟା ମଧ୍ୟ ଦାସୀଗଣସହିତରେ ସେଠାରେ ଉପସ୍ଥିତ ହୋଇଥିଲେ ବ ୭୮ ବର୍ଷର ଗୋଟିଏ ବାଳକ କାନ୍ଧରେ ଘୋଇଁଥିଲା ତାହାର କର୍ତ୍ତା ତାକୁ ଭୁଲ ଅଗ୍ନି ଲିଭାଇବା ଚେଷ୍ଟାରେ ଥିବାରୁ ସେ ବାଳକ ପୋଡିମରି ଯାଇଅଛି । ଅଉ ଛଅଗୋଟି ଗୋହତ୍ୟା ହୋଇଅଛି । ଅଗ୍ନି ନିର୍ବାପକ ପୁଲିସ ପରଦିନ ପ୍ରାତଃକାଳରେ କ୍ଳାନ୍ତ ଶରୀରରେ ପ୍ରତ୍ୟାଗମନ କଲେ ।

" ଗତ ମଙ୍ଗଳବାରଦିବସୀୟ ଇଣ୍ଡିୟାନ ଡେଲିନ୍ୟୁସ ପତ୍ରରେ ଗୋଟିଏ ଅଦ୍ଭୁତ ଗଳ୍ପ ପ୍ରକାଶ ହୋଇଅଛି । ବ୍ରହ୍ମଦେଶୀୟ ମହାରାଜ ଗୋଟିଏ ଶ୍ୱେତହସ୍ତି ବାଳକ ଧରିଅଛନ୍ତି । ଏହି ଚୁଅଟି ସ୍ତ୍ରୀମାନଙ୍କ ଦୁଗ୍ଧ ପାନକରି ବଞ୍ଚୁଛି ଏହି ନିମିତ୍ତ ମହାରାଜ ଦୁଗ୍ଧବତୀ ରମଣୀମାନଙ୍କୁ ଅପଣା ଉଆସ ଭିତରେ ରଖିଅଛନ୍ତି ଏବଂ ସେମାନଙ୍କ ଦୁଗ୍ଧ ପାନରେ ଏହି ହସ୍ତିବାଳକ ପ୍ରତିପାଳିତ ହେଉଅଛି ।

ହିନ୍ଦୁପେଟ୍ରିଅଟ ଅବଗତ ହୋଇ ଅଛନ୍ତି ଯେ ଇଂଲଣ୍ଡରେ ଇଙ୍ଗରାଜ ଟିକାର ନିୟମ ପ୍ରଚଳ ହେବା ପୂର୍ବରେ ପ୍ରତି ଦଶଲକ୍ଷ ଲୋକ ମଧ୍ୟରେ ୩୦୦୦ ଲୋକ ବସନ୍ତ ରୋଗରେ ମରୁଥିଲେ । ଟିକା ଚଳନ ହେବାରୁ ହାରାହାରି କେବଳ ୨୦୨ ଲୋକ ମରୁଅଛନ୍ତି । ସ୍କଟଲଣ୍ଡ ଓ ଆଇରଲଣ୍ଡରେ ନଲସୂଦଙ୍କ ଟିକା ଦେବା ପ୍ରଥା ଥିବାରୁ ବସନ୍ତ ରୋଗରେ ଜଣେ ସୁଦ୍ଧା ମରୁ ନାହିଁ ଏକଥାଟା ଯଥାର୍ଥ ହେଲେ ଇଂରାଜ ଟିକାରୁ ଅତ୍ୟନ୍ତ ଭଲ ବୋଲିବାକୁ ହେବ ।

---

ପ୍ରେରିତ ପତ୍ର ।

---

TO THE EDITOR OF THE OOTKUL DEEPIKA.

SIR,

In your issue of the 1st. Inst. you in an article headed " Water-rate oppression " bring to notice an Istihar issued by Mr. Roberts; I am obliged to you for bringing this matter to my notice.

Mr. Roberts was altogether unauthorized to issue any such notice. The Law is as you have pointed out and Mr. Roberts' instructions were that he should inform the people that unless those whose names were entered in the Khuttean paid up or objected to assessment within 15 days, he would make a report to me, when certificates would be filed and notices issued under Act VII of 1868. If these were not duly complied with they would be liable to imprisonment for debt in the Civil Jail precisely as in a Civil Suit.

I have written to Mr. Roberts directing the immediate withdrawal of all such notices.

Please insert this in your next issue.

T. Kirkwood
Canal Revenue Supdt.

4-4-71
Cuttack

---

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୪ | ସଂ ୧୪ ସଂଖ୍ୟା
ତା ୨୬ ରିଖ ମାହେ ଏପ୍ରେଲ ସନ ୧୮୭୯ ମସିହା । ମ । ବୈଶାଖ ୧୪ ନ ସନ ୧୨୮୬ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୫।
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫॥
ମଫସଲ ପାଇଁ ଡାକମାସୁଲ ୫।

### ଚିରସ୍ଥାୟୀ ବନ୍ଦୋବସ୍ତ ।

ଗତମାସ ତା ୩ ରିଖ ଅପରାହ୍ନ ୩ ଘଣ୍ଟା ସମୟରେ କଲିକତାର ଭାରତବର୍ଷୀୟ ସଭା ଗୃହରେ ଦେଶୀୟ ଜମିଦାର ଓ ସମ୍ଭ୍ରାନ୍ତ ଲୋକମାନଙ୍କର ସଭା ହୋଇଥିଲା । ସଭାର ଉଦ୍ଦେଶ୍ୟ ଏହି ଯେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ମନ୍ତବ୍ୟ ଓ ଉଡ଼ିଷା କଟିଭି ଭୂମି ଉପରେ ଯେଉଁ କର ବସାଇବାକୁ ପ୍ରସ୍ତାବ କରଅଛନ୍ତି ତାହା ଚିରସ୍ଥାୟୀ ବନ୍ଦୋବସ୍ତର ବିରୁଦ୍ଧ ଅଟଇ ତାହା ସ୍ପଷ୍ଟ କରିବାପାଇଁ ବିଲାତର ପାର୍ଲିମେଣ୍ଟ ସଭାରେ ଦରଖାସ୍ତ କରିବା । ସଭାରେ ବହୁତ ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଉପସ୍ଥିତ ହୋଇଥିଲେ ଓ ଆଉ ଲୋକମାନେ ଏତେ ଅଧିକ ହେଲେ ଯେ ଗୃହରେ ସ୍ଥାନ ହେଲା ନାହିଁ ତାହା ଦେଖି ଜଣେ ସଭ୍ୟ ବୋଇଲେ କି ଏପରି ବୃହତ ବିଷୟର ସଭା ଖୋଲା ପଦାଥରେ ହେବାର ଉଚିତ ଥିଲା ତାହା ହେଲେ ସବୁ ଲୋକଙ୍କୁ ସ୍ଥାନ ହୁଅନ୍ତା । ଶ୍ରୀମଣ୍ଡଳ ସଭାର କାର୍ଯ୍ୟ ଆରମ୍ଭ ହେଲା । ବାବୁ ଦିଗମ୍ବର ମିତ୍ର ପ୍ରଥମ ପ୍ରସ୍ତାବ ଏହିରୂପ କଲେ ଯେ ଏ ସଭା ସ୍ଥିରଚିତ୍ତରେ ବିବେଚନା କରନ୍ତି ଯେ ପ୍ରସ୍ତାବିତ ସ୍ଥାନୀୟ ଭୂମି କର ଚିରସ୍ଥାୟୀ ବନ୍ଦୋବସ୍ତ ନିୟମର ବିରୁଦ୍ଧ ଅଟଇ । ସେ ବନ୍ଦୋବସ୍ତ ଯେ ଯୁକ୍ତି ଉଣ୍ଡଲପ ଲାଗିବ କରିଥିଲେ ଏବଂ ତାହା ପାର୍ଲିମେଣ୍ଟ ସଭାରେ ଗ୍ରାହ୍ୟ ହୋଇଥିଲା । ଏ ପ୍ରସ୍ତାବ ସମସ୍ତ ସମସ୍ତ ଲୋକଙ୍କର ମନୋନୀତ ହେଲା ଏବଂ ଚିରସ୍ଥାୟୀ ବନ୍ଦୋବସ୍ତ ସମ୍ପର୍କରେ କେତେକ ସଭ୍ୟ ଉତ୍ତମ ବକ୍ତୃତାମାନ କଲେ । ତହିଁ ଉତ୍ତାରୁ ପାର୍ଲିମେଣ୍ଟ ସଭାକୁ ଯେଉଁ ଆବେଦନ ଦିଆଯିବ ତାହା ପାଠ ହୋଇ ଧାର୍ଯ୍ୟ ହେଲା ଏବଂ ଛନ୍ଦୁନିଭରୂପେ ସଭା ଭଙ୍ଗିଲା ।

ଚିରସ୍ଥାୟୀ ବନ୍ଦୋବସ୍ତ ଓଡ଼ିଶାରେ ପ୍ରଚଳ ନାହିଁ ତଥାପି ଆମ୍ଭେମାନେ ବୋଧ କରୁଁ ଯେ ଏ ସଭାର କାର୍ଯ୍ୟକୁ ଓଡ଼ିଆ ଲୋକେ ବଡ଼ କରି ଦେଖିବେ ନାହିଁ । ମାତ୍ର ଓଡ଼ିଶାର ଏତିକି ଫଳ ହେବ କି ବର୍ତ୍ତମାନ ବନ୍ଦୋବସ୍ତର ମିଆଦ ଶେଷ ହେବା ପର୍ଯ୍ୟନ୍ତ କୌଣସି କର ଭୂମି ଉପରେ ବସି ପାରିବ ନାହିଁ ।

ବିଲାତର ସେକ୍ରେଟାରୀ ଭୂମି ଉପରେ ସ୍ଥାନୀୟ କର ବସାଇବା ବିଷୟରେ ଯେଉଁ ପତ୍ର ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ଲେଖିଥିଲେ ତହିଁରେ ଅନେକ ଯୁକ୍ତି ଦର୍ଶାଇ ସ୍ଥିର କରିଥିଲେ ଯେ ୧୭୯୩ ସାଲର ନିୟମରେ କୌଣସି ଦୋଷ ନାହିଁ ଏଥିର ବିସ୍ତାରିତ ବିବରଣ ପୂର୍ବରୁ ଲେଖା ଯାଇଅଛି ମାତ୍ର ସେଥିରୁ ଯୁକ୍ତି ବଡ଼ ବଳବାନ ନୁହଇ । ସାମାନ୍ୟ ବୁଦ୍ଧିରେ ଜଣାଯାଏ ଯେ ଏକା ଜମିଦାରଙ୍କଠାରୁ ନେଉ ଅଥବା ଅନ୍ୟ ଲୋକ ଠାରୁ ନେଉ ଯେବେ ଭୂମି ଉପରେ କିଛି କର ବସିବ ଅର୍ଥାତ ଜମିଦାରଙ୍କୁ ଯେବେ ବନ୍ଦୋବସ୍ତ ଅନୁସାର ଖଜଣା ଅନ୍ୟ କିଛି ଟଙ୍କା କୌଣସି ନାମରେ ଭୂମି ହିସାବରୁ ଦେବାକୁ ପଡ଼ିବ ତେବେ ତାହା ଅବଶ୍ୟ ଚିରସ୍ଥାୟୀ ବନ୍ଦୋବସ୍ତର ବହିର୍ଭୂତ ହେବ ସନ୍ଦେହ ନାହିଁ । ଚିରସ୍ଥାୟୀ ବନ୍ଦୋବସ୍ତର ତାତ୍ପର୍ଯ୍ୟ ଏହି ଯେ ଜମିଦାରମାନେ ନିର୍ଦ୍ଧାରିତ ଖଜଣା ଦେଇ ବାକି ଯାହା ପାଇବେ ତାହା ସେମାନଙ୍କର ଲାଭ ଯେବେ ତହିଁରୁ ଗବର୍ଣ୍ଣମେଣ୍ଟ କିଛି ନେବେ ତେବେ ନିଶ୍ଚୟ ନିୟମ ଲଙ୍ଘନ କରିବେ ଏରୂପ କରିବା ଗବର୍ଣ୍ଣମେଣ୍ଟ ପକ୍ଷରେ କଦାପି ଉଚିତ ନୁହଇ ଦେଖାଯିବ ପାର୍ଲିମେଣ୍ଟ ସଭା କିରୂପେ ଏ ଆବେଦନ ପତ୍ର ନିଷ୍ପତ୍ତି କରନ୍ତି ।

---

### ପ୍ରଦେଶୀୟ କର ।

ଗତମାସ ତା ୨୭ ରିଖରେ ବଙ୍ଗଳା ବ୍ୟବସ୍ଥାପକ ସଭାରେ ପ୍ରଦେଶୀୟ କର ବସାଇବାର ଆଇନର ପାଣ୍ଡୁଲିପି ଶ୍ରୀଯୁକ୍ତ ଗକସାହେବ ଉପସ୍ଥିତ କରିଥିଲେ । ସେ ଆଇନ ବିଷୟରେ ପ୍ରସ୍ତାବ କଲାଉତାରୁ ଶ୍ରୀଯୁକ୍ତ ଲେପ୍ଟେନଣ୍ଟ ଗବର୍ଣ୍ଣର ବାହାଦୁର ଗୋଟିଏ ଦୀର୍ଘ ବକ୍ତୃତା କଲେ ସେ ବକ୍ତୃତା ପାଠରେ ଆମ୍ଭେମାନେ ଯାରପରନାହିଁ ଆନନ୍ଦ ଲଭିଲୁଁ । ଯଦ୍ୟପି କି ତାହାଙ୍କର ସମସ୍ତ କଥା ଆମ୍ଭମାନଙ୍କର ମନୋନୀତ ହୋଇ ନାହିଁ ତଥାପି ଅଦ୍ୟବଧି ବିଷୟରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆର କାର୍ଯ୍ୟର ସମାଲୋଚନାରେ ଅତି ସନ୍ତୁଷ୍ଟ ହେଲୁଁ । ବାସ୍ତବରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ହସ୍ତରେ କେତେ ମହକୁମାର ଅର୍ଥବ୍ୟୟର ଭାର ଦେଇ

Digitized by srujanika@gmail.com

Split by PDF Splitter



କୌଣସି ଯୁକ୍ତିର କାର୍ଯ୍ୟ କରି ନାହାନ୍ତି ଓ ତହିଁର ଚରମଫଳ କେବଳ ଟାକ୍ସ ବୃଦ୍ଧି ଅଟଇ ଅନ୍ୟ କିଛି ସୁବିଧା ତହିଁରୁ ଜଣାଯାଉ ନାହିଁ ।

ଶ୍ରୀଯୁକ୍ତ କାମ୍ବେଲସାହେବ କହିଲେ ଯେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ କେତେ ଗୁଡ଼ିଏ ମହକୁମାର ବ୍ୟୟର ଭାର ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ଦେଇ ତହିଁରେ ଯେତେ ଟଙ୍କା ପ୍ରକୃତ ବ୍ୟୟ ହୋଇଥିଲା ତହିଁରୁ ଊଣା ଟଙ୍କା ଦେଇଅଛନ୍ତି । ଯଥା ସେହି ସମସ୍ତ ମହକୁମାରେ ବ୍ୟୟ ବଙ୍ଗଳାରେ ସନ ୧୮୭୦।୭୧ ସାଲ ଯେତେ ଖର୍ଚ୍ଚ ହୋଇଥିଲା ତହିଁରୁ ଶତକଡ଼ା ୫ଟଙ୍କା ଲେଖାଏ ଊଣାକରି ଟ ୧୪୫୦୦୦୦୦ ଙ୍କା ଦେଇଅଛନ୍ତି । ଏଥିରୁ ଗତବର୍ଷ ଗବର୍ଣ୍ଣମେଣ୍ଟର ଧନ ନିଅଣ୍ଟ ଥିବାରୁ ସବୁପ୍ରକାର ବ୍ୟୟ ଊଣା ହୋଇଥିଲା ଓ ସେହି ଊଣାବ୍ୟୟରୁ ମୋଟରେ ୧୧ ଲକ୍ଷ ଟଙ୍କା ଅତିରିକ୍ତ ଅବଶିଷ୍ଟ ଦାନ କରିଅଛନ୍ତି । ଏଥିରେ କୌଣସିରୂପେ ବଙ୍ଗଦେଶର କାର୍ଯ୍ୟ ନିର୍ବାହ ହୋଇ ନ ପାରେ । ପୁଣି ଯେଉଁ ମହକୁମାମାନ ଦେଇଅଛନ୍ତି ତହିଁରୁ କିଛି ରାଜସ୍ୱ ପ୍ରାପ୍ତ ହୁଅଇ ନାହିଁ । କିମ୍ବା ସେ ସବୁ ଲାଭଜନକ ହୋଇ ନାହିଁ । ଅତଏବ ସ୍ପଷ୍ଟ ଦେଖାଯାଏ ଯେ ଏସବୁ ବନ୍ଦୋବସ୍ତର ପ୍ରଥମ ଫଳ ଟାକ୍ସ ଆଦାୟ କରିବା ଅଟଇ । କୌଣସିପ୍ରକାରେ ଟାକ୍ସ ଆଦାୟ ନ ହେଲେ ସେ ସବୁ ବ୍ୟୟ ନିର୍ବାହ ହୋଇ ନ ପାରେ ମାତ୍ର ସେ ଟାକ୍ସ କଣ ହେବ ଓ ତାହା କିପରି ଆଦାୟ ହେବ ସ୍ଥିର କରିବାର କଠିନ । ନୂତନ ଟାକ୍ସ ଲୋକଙ୍କ ମନୋନୀତ ହେବ ନାହିଁ ତାହା ଆଦାୟ କରିବାର ସହଜ ଉପାୟ ଶୀଘ୍ର ହୋଇ ନ ପାରେ ଯେ ନିଅଣ୍ଟ ପଡ଼ିଅଛି ତାହା କିଛି ବର୍ଷକ ସକାଶେ ନୁହଇ । ପ୍ରତିବର୍ଷ ଏ ଟଙ୍କା ଉଠାଇବାକୁ ହେବ । ବରଂ ଉତ୍ତରୋତ୍ତର ଅଧିକ ଟଙ୍କା ପ୍ରୟୋଜନ ହେବ । କାରଣ ଯେସମସ୍ତ ବ୍ୟୟ ନିର୍ବାହ କରିବାର ଭାର ଦିଆଯାଇ ଅଛି ସେ ମହକୁମା ସବୁର ଆୟ ହୁଅଇ ନାହିଁ ଅଥଚ ସମାଜର ଓ ଦେଶର ଉନ୍ନତି ସଙ୍ଗେ ବର୍ଷକୁବର୍ଷ ବଢ଼ୁଥିବ ।

ତହିଁ ଉତ୍ତାରୁ ଲେଫ୍ଟନେଣ୍ଟଗବର୍ଣ୍ଣରସାହେବ ଏକ ଏକ ମହକୁମାର ବର୍ତ୍ତମାନ ଅବସ୍ଥା ବର୍ଣ୍ଣନ କରି ସମସ୍ତଙ୍କୁ ବୁଝାଇଲେ ଯେ ତାହାଙ୍କ ଜାଣିବାରେ କୌଣସିଥିରେ ବ୍ୟୟ ଊଣା ହୋଇ ନ ପାରେ । ଲୋକଙ୍କଠୁ ମହକୁମାରୁ ଆୟ ହେବାର ଉଚିତ ନୁହଇ ବରଂ ଯେଉଁ ଉପାୟରେ ଲୋକେ ଅଳ୍ପ ଖର୍ଚ୍ଚରେ ରେଳଯୁଗେ କମାଇପାରନ୍ତି ତହିଁ ପ୍ରତି ଦୃଷ୍ଟି ରଖିବାର କର୍ତ୍ତବ୍ୟ । ଜେଲଖାନାର ବ୍ୟୟ ଊଣା ହୋଇ ନ ପାରେ କାରଣ ଜେଲ କାର୍ଯ୍ୟ ପ୍ରଣାଳୀରେ ଅନେକ ଦୋଷ ଅଛି ଯେ ତାହା ଖଣ୍ଡନ କରିବାକୁ ଅଧିକ ବ୍ୟୟର ଆବଶ୍ୟକ ଓ କଏଦିଙ୍କ ଦ୍ୱାରା ଲାଭ କରିବାର ଆଶା କଲେ ଅନେକ ପ୍ରକାରେ ତାହାଙ୍କର ଦଣ୍ଡର ବ୍ୟବସ୍ଥା ଉତ୍ତମ ହୁଅଇ ନାହିଁ । ପୁଲିସର ବ୍ୟୟ ଆଗଠାରୁ ବହୁତ ଊଣା ହୋଇଅଛି ଏଥର ଆଉ କିଛି ଊଣା କରିବାକୁ ଗଲେ କାର୍ଯ୍ୟ ଚଳିବ ନାହିଁ । ଶିକ୍ଷାବିଷୟରେ ଲୋକଙ୍କର ଆଗ୍ରହ ଦିନକୁଦିନ ବଢ଼ୁଅଛି ତହିଁରେ ବ୍ୟୟ ଊଣା କଲେ ବଡ଼ ଅମଙ୍ଗଳ ହେବ । ଚିକିତ୍ସାମହକୁମାରେ ମଧ୍ୟ ଊଣା ହେବାର ସ୍ଥାନ ନାହିଁ । ପୂର୍ତ୍ତବର୍ତ୍ମ ବିଷୟରେ ବଙ୍ଗଳା ଅନ୍ୟାନ୍ୟ ପ୍ରଦେଶ ଅପେକ୍ଷା ଅନେକ ନ୍ୟୂନ । ତେବେ କେଉଁଣସି ଠାରେ ବ୍ୟୟ ଲାଘବ କରିବା ନାହିଁ ଓ ଯେତେ ଟଙ୍କା ଗବର୍ଣ୍ଣମେଣ୍ଟଇଣ୍ଡିଆ ଊଣା କରି ଦେଇଅଛନ୍ତି ତାହା କର ସ୍ୱରୂପ ଆଦାୟ ବ୍ୟତିରେକେ ଆଉ କୌଣସି ଉପାୟ ନାହିଁ । ସେ କର କଣ ହେବ ତାହା ସଭାର ବିବେଚ୍ୟ ଅଟଇ ।

ଶ୍ରୀଯୁକ୍ତ କାମ୍ବେଲ ସାହେବ ଅନେକ ପ୍ରକାର କରର ନାମ ଉଲ୍ଲେଖ କଲେ ଓ ତାହା ଗ୍ରହଣ କରିବା ପକ୍ଷରେ ଯେ ଆପତ୍ତିମାନ ଅଛି ତାହା ମଧ୍ୟ ବର୍ଣ୍ଣନ କରି ଶେଷରେ କହିଲେ କି କେଉଁ କର ଉତ୍ତମ ହେବ ଯଦ୍ୟପି ସମ୍ପ୍ରତି ସେ କଥା ତାହାଙ୍କୁ ଜଣା ପଡ଼ୁ ନାହିଁ ମାତ୍ର କେଉଁ କର ଗ୍ରହଣ କରିବାର ଉଚିତ ନୁହଇ ତାହା ସେ କହି ଦେଉଅଛନ୍ତି । ବହୁତ ଲୋକଙ୍କର ମତ ଏହି ଯେ ଲବଣକର କିଛି ବୃଦ୍ଧି କଲେ ସବୁ କଥା ଭଲ ହୋଇଯିବ ମାତ୍ର ତାହାଙ୍କ ମତରେ ଲବଣକର ବୃଦ୍ଧି କରିବା କଦାଚ ଉଚିତ ନୁହଇ ସେ ଆପଣା କଥା ପୋଷକତାରେ ଅନେକ ଯୁକ୍ତି ଦେଖାଇଲେ ସେ ସବୁ ଲେଖିବାକୁ ସ୍ଥାନ ନାହିଁ ମାତ୍ର ତହିଁ ମଧ୍ୟରେ ପ୍ରଧାନ ଯୁକ୍ତି ଏହି ଯେ ଲବଣକର ବୃଦ୍ଧି କଲେ ଦୁଃଖିଲୋକଙ୍କର ବିଶେଷ କଷ୍ଟ ହେବ । ତାହାଙ୍କ ମତରେ ସମ୍ପ୍ରତି ଯେ ପରିମାଣରେ ଲବଣକର ସ୍ଥାପିତ ହୋଇଅଛି ତାହା ମଧ୍ୟ ଦୂଷଣୀୟ କାରଣ ସମୁଦ୍ରତୀରବାସି ପ୍ରଜାମାନେ ଏଥିରେ ଯଥେଷ୍ଟ କଷ୍ଟ ପାଉଅଛନ୍ତି । ସେ ଏ କଥା ପ୍ରମାଣ ନିମନ୍ତେ ଶ୍ରୀଯୁକ୍ତ ହଣ୍ଟର ସାହେବଙ୍କ ଏକ ପତ୍ରରୁ କିୟଦଂଶ ପାଠ କଲେ । ହଣ୍ଟର ସାହେବ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି ଯେ ଓଡ଼ିଶାରେ ଲୁଣର ଦର ଅଧିକ ହେବାରୁ ଭାରି ଅନିଷ୍ଟ ହେଉଅଛି ଉପକୂଳବାସିମାନେ ବହୁତ ମାଛ ପ୍ରାପ୍ତ ହୁଅନ୍ତି ଓ ସେ ସବୁ ନଦୀପଥରେ ଗ୍ରାମକୁ ଅମ୍ଭ ପଠାଯାଏ । ସେ ସବୁ ମାଛକୁ ଶୁଖୁଆ କରନ୍ତି ନାହିଁ କାହିଁକି ଏ କଥା ତାହାଙ୍କୁ ପଚାରିବାରେ ସେମାନେ ଦସ୍ତୁର ଏହି ଉତ୍ତର କଲେ ଯେ ଲୁଣର ଦର ଅଧିକ ଥିବାରୁ ସେମାନେ ଭଲ ଶୁଖୁଆ କରି ନାହାନ୍ତି ଓ ପଚାମାଛ ଖାଇ ରୋଗଗ୍ରସ୍ତ ହୁଅନ୍ତି । ଯେବେ ଲବଣ ଶସ୍ତା ଥାନ୍ତା ତେବେ ଶୁଖୁଆର ବେପାର ବହୁତ ବୃଦ୍ଧି ହୁଅନ୍ତା ଓ ଲୋକଙ୍କର ଉତ୍ତମ ଆହାର ହୁଅନ୍ତା ଉପକୂଳବାସିମାନଙ୍କ କି ଇତର କି ଭଦ୍ର ସମସ୍ତେ ଶୁଖୁଆ ଖାନ୍ତି କେବଳ ବ୍ରାହ୍ମଣମାନଙ୍କ ପକ୍ଷରେ ତାହା ନିଷିଦ୍ଧ ଥିବାର ଜଣାଯାଏ । ହଣ୍ଟର ସାହେବ ଆହୁରି କହିଅଛନ୍ତି ଯେ ଲବଣ ସେର ଟ୦/ ଲେଖାଏଁ ଓଡ଼ିଶାରେ ବିକ୍ରୀ ହୁଅଇ ବଙ୍ଗଳାରେ ପ୍ରାୟ ଏକ ପଇସାରେ ଏକସେର ମିଳଇ । ଏଥିରୁ ଓଡ଼ିଶା ପ୍ରଜାମାନେ କି ଯେ ବଙ୍ଗପ୍ରଜାଙ୍କ ଚତୁର୍ଥାଂଶ ଆଦାୟ କରନ୍ତି ନାହିଁ ଏକା ଲବଣ ସକାଶେ ଚାରିଗୁଣ ଅଧିକ ମୂଲ୍ୟ ଦିଅନ୍ତି ଓ ଦେଶୀୟ ରାଜାଙ୍କ ସମୟରେ ଯେତେ ମୂଲ୍ୟ ଦେଉଥିଲେ ବର୍ତ୍ତମାନ ତହିଁରୁ ଅନେକ ଅଧିକ ଦେଉଛନ୍ତି ଏ ବଡ଼ ଦୁଃଖର ବିଷୟ ଏବଂ କଥିତ ଅଛି ଯେ ସନ୧୮୧୭ ମସିହାରେ ଖୋର୍ଦ୍ଧାରେ ଯେଉଁ ବିଦ୍ରୋହ ହୋଇଥିଲା ଲବଣର ମୂଲ୍ୟ ବୃଦ୍ଧି ତହିଁର ହେତୁ ଅଟଇ । ଏହିସବୁ ଜାଣିଣି ଶ୍ରୀଯୁକ୍ତ କାମ୍ବେଲସାହେବ କହିଲେ ସେ ଲବଣକର ବୃଦ୍ଧି କରିବାକୁ କଦାଚ ଇଚ୍ଛା କରନ୍ତି ନାହିଁ ଏ କାରଣମାନ ତାହାଙ୍କୁ ଏତେ ପ୍ରବଳ ଜଣାଯାଏ ଯେ ସେ ଆପଣା ଦକ୍ଷିଣହସ୍ତ କାଟିଦେବାକୁ ବରଂ ସମ୍ମତ ହେବେ ମାତ୍ର ଲବଣକର ବୃଦ୍ଧି କରିବାକୁ ମତ ଦେବେ ନାହିଁ । ଲବଣକର ଛଡ଼ା ଆଉ ଯେଉଁ ଟାକ୍ସ କରିବାର ଉଚିତ ଜଣାଯିବ ତାହା ସେ ବିଚାର କରିବେ ।

ଶ୍ରୀଯୁକ୍ତ ଲେଫ୍ଟନେଣ୍ଟ ଗବର୍ଣ୍ଣରସାହେବଙ୍କ ବକ୍ତୃତା ଶେଷହେଲାରୁ ଲବଣକର ବୃଦ୍ଧିକରିବା ବିଷୟରେ ଆଉ ତର୍କ ଉପସ୍ଥିତ ହେଲା ଏବଂ ଶ୍ରୀଯୁକ୍ତ ଇଡେନସାହେବ କାମ୍ବେଲସାହେବଙ୍କ ମତର ଯଥାର୍ଥ ପ୍ରତିବାଦ କଲେ ସମ୍ପ୍ରତି ତହିଁର ବିସ୍ତା-

Digitized by srujanika@gmail.com

Split by PDF Splitter



ରତ ବିବରଣ ଲେଖିବାକୁ ସ୍ଥାନ ନାହିଁ ଆଗାମୀ ସପ୍ତାହରେ ବେଳଥିବାରେ କିଛି ଲେଖିବାକୁ ହେବ ।

---

## ଇନ୍‌କମ୍‌ଟାକ୍ସ ।

ଭାରତବର୍ଷର ଇନ୍‌କମ୍‌ଟାକ୍ସ ଆଇନରେ ସଦାବର୍ତ୍ତ ଓ ଧର୍ମାର୍ଥ ଓ ସର୍ବସାଧାରଣ ଉପକାର ନିମିତ୍ତ ଯେ ସମସ୍ତ ସମ୍ପତ୍ତି ନିଯୁକ୍ତ ହୋଇଅଛି ତହିଁ ଉପରେ ଟାକ୍ସ ବସିବାର ନିଷେଧ ହୋଇଅଛି ଏ ଅନୁସାରେ ବୋଧ ହୁଅଇ ପୁରୀର ମଠଧାରୀମାନେ ସମସ୍ତେ ଟାକ୍ସରୁ ମୁକ୍ତ ପାଇବେ ପୂର୍ବବର୍ଷମାନଙ୍କରେ ଆଇନରେ ସ୍ପଷ୍ଟରୂପେ ଏ କଥା ନ ଥିଲା ତଥାପି କଲେକ୍ଟରମାନେ ଆପଣା କ୍ଷମତାନୁସାରେ ସଦାବର୍ତ୍ତ ଓ ଧର୍ମାର୍ଥ ସମ୍ପତ୍ତି ସବୁକୁ ମୁକ୍ତ ଦେଇଥିଲେ । ମାତ୍ର ଶୁଣିଅଛୁଁ ଯେ ପୁରୀର ମଠଧାରୀମାନେ ସମସ୍ତେ ମୁକ୍ତ ପାଇ ନ ଥିଲେ ଯେବେ ସେମାନଙ୍କୁ ମୁକ୍ତ ଦିଆଯାଏ ତାହା ହେଲେ ସରକାର ଇନ୍‌କମ୍‌ଟାକ୍ସ ଅଧିକ କଦାପି ଅଦାୟ ହେବ ନାହିଁ ତଥାପି ଆମ୍ଭେମାନେ ବୋଧ କରୁଁ ଯେ ଟାକ୍ସର ଭାର ଅଧିକ ବିବେଚନାରେ ଆଇନର ବିପରୀତ କାର୍ଯ୍ୟ କରିବାର କାହାରିକୁ କ୍ଷମତା ନାହିଁ । ମଠର ମହନ୍ତମାନେ ଅନେକ ଟଙ୍କା ଆପଣା ବ୍ୟୟରେ ଆଣିବାର ଓ ଅନେକ ପ୍ରକାର ଅପବ୍ୟୟ କରିବାର ସର୍ବସାଧାରଣଙ୍କୁ ଜଣା ଅଛି । ଯେବେ ସେଥିପାଇଁ ସେମାନଙ୍କଠାରୁ ଇନ୍‌କମ୍‌ଟାକ୍ସ ଗୃହୀତ ହୁଅଇ ତେବେ ତାହାଙ୍କ କାର୍ଯ୍ୟକୁ ସରକାର ଉଦାସୀନ ନୋହନ୍ତି ନାହିଁ ବୋଲି ଲୋକଙ୍କର ବିଶ୍ୱାସ ହେବ ଓ ସେମାନେ ମଧ୍ୟ ଅଧିକ ଉତ୍ସାହିତ ହେବେ । ଅତଏବ ମଠଧାରୀମାନେ ଅପବ୍ୟୟ କଲେ ତହିଁର ଯଥାର୍ଥ ପ୍ରତିକାର କରିବାର ଉଚିତ ଏ ହେତୁରୁ ସେମାନଙ୍କଠାରୁ ଇନ୍‌କମ୍‌ଟାକ୍ସ ଗୃହୀତ ହୋଇ ନ ପାରେ ।

# ସାପ୍ତାହିକ ସଂବାଦ ।

ଆମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ କଟକ ଦେଓ୍ୱାନୀ ଅଦାଲତର ମୋହରର ବାବୁ ନବଦ୍ୱୀପଦାସ ଦେବାଙ୍କ ବାବୁ ଶ୍ୟାମସୋମଙ୍କ ବାଡ ପୋଖରୀରେ ବୁଡିମରିଗଲେ ଶୁଣିଲୁଁ ଯେ ଲୁଗା ଧୋଇବା ସହିତ ସେ ଖଇକୁ ଯାଇଥିଲେ ଅକସ୍ମାତ ଗୋଡ଼ ଖସିଯାଇ ଏ ଦୁଃଖାବହ ଘଟଣା ହେଲା ।

ଇନ୍‌ସ୍ପେକ୍ଟର ଗଦ୍ୟମହମ୍ମଦର ବତ୍ତା ବ ଯେ ପୂର୍ବେ କଟକରେ ସବ୍ ଇନ୍‌ସ୍ପେକ୍ଟର ଥିଲେ ସେ ଯାଜପୁରରେ ଏକ ଫୌଜଦାରୀ ମକଦ୍ଦମାରେ ଆସାମୀ ହୋଇ ଓ୍ୱାରେଣ୍ଟଦ୍ୱାରା ଗିରଫ୍ତାର ଓ କର୍ମରୁ ସସପେଣ୍ଡ ହୋଇଅଛନ୍ତି । ମକଦ୍ଦମା ଯାଜପୁର ଡେପୁଟୀମେଜିଷ୍ଟ୍ରେଟଙ୍କ ବିଚାରାଧୀନରେ ଅଛି । ପଦବୃଦ୍ଧି ସଙ୍ଗେ ଏଡ଼େ ବିପତ୍ତି !!!

ଆମ୍ଭେମାନଙ୍କ କଲେକ୍ଟର ଶ୍ରୀଯୁକ୍ତ ମାକ୍‌ଫର୍ଲେନ ସାହେବ ଚଉମହଲଗାର ମୋଫସଲଗସ୍ତରୁ ଫେରି ଆସିଲେ ଶୁଣାଯାଏ ଯେ ଅତିଶୀଘ୍ର ଛୁଟୀ ନେଇ କଲିକତାକୁ ଯିବେ ।

ଆମ୍ଭମାନଙ୍କର ଜଣେ ବନ୍ଧୁ ପୁରୀରୁ ଲେଖିଅଛନ୍ତି ଯେ କୋଠଦେଶ ପ୍ରଗନାରେ ଏକପ୍ରକାର ବାଡରେ ବଗମାସର ଏକ ଆମ୍ବଗଛ ତହିଁରେ ଝାଡଗୋଟି ପଶ ହୋଇଥିଲା ତହିଁରେ ୧୯ ଅଙ୍ଗୁଳ ଓ ମୋଟରେ ଏକ ଲୁଚା କେଶନର ନୋଟ ତହିଁରେ ଏବର୍ଷ ବଡ଼ଲ ହୋଇ ଅବଧି ଏକଗୋଟି ଆମ୍ବଟି ଲଗି ରହିଅଛି ତାକୁ ଦେଖିବା ନିମନ୍ତେ ଜମିଦାର ଶ୍ରୀଯୁକ୍ତ ଭଗବାନ ସିଂହ ନିଧାଳତରେ ରଖାଇ ଅଛନ୍ତି ଏରୂପ ହେବାର କି କାରଣ ତାହା ସ୍ଥିରକରି ନ ପାରିବାରୁ ଆମ୍ଭଙ୍କୁ ଜଣାଇଲେ ଯଦ୍ୟପି କେହି ତହିଁର କାରଣ କିଛି ସ୍ଥିର କରି ପାରନ୍ତି ତେବେ ଜଣାଇବେ ।

ଏ ବର୍ଷ ଭାରତବର୍ଷରେ କପା ଫସଲ ଉତ୍ତମ ହୋଇଥିବାର ଜଣାଯାଏ ମଧ୍ୟପ୍ରଦେଶରୁ ଗତବର୍ଷାପେକ୍ଷା ପ୍ରାୟ ୧୭୦୦୦ ବସ୍ତା ରପ୍ତାନି ହୋଇଅଛି ଏବଂ ଅରାଭରୁ ଗତବର୍ଷ ୫୦୦୦ ବସ୍ତା ପଠାଯାଇଥିଲା ଏ ବର୍ଷ ୮୦୦୦ ବସ୍ତା ପ୍ରେରିତ ହୋଇଅଛି ।

ଗେଷ ବ ୧୮ ନ ଶୁକ୍ରବାର ବ୍ରାହ୍ମମତରେ ପାବନାରେ ଗୋଟିଏ ବିଧବା ବିବାହ ସମ୍ପନ୍ନ ହୋଇଅଛି । ବର କନ୍ୟା ଦୁହେଁ ବ୍ରାହ୍ମଣଜାତୀୟ । ବରର ନାମ ଗୋପାଳଚନ୍ଦ୍ର ମଜୁମଦାର ଜାତି ଗୁପ୍ତ ବୟଃକ୍ରମ ୨୮ ବର୍ଷ । କନ୍ୟାର ନାମ ସ୍ୱର୍ଣ୍ଣମୟୀଦେବୀ ବୟଃକ୍ରମ ୧୬ବର୍ଷ ଏ କନ୍ୟା ୯ ବର୍ଷରେ ବିଧବା ହୋଇଥିଲା ଗୋପାଳଚନ୍ଦ୍ର ମଜୁମଦାରର ଏହି ପ୍ରଥମ ବିବାହ ହରଗବାବୁଙ୍କ ଉଦ୍ୟୋଗରେ ଓ ବ୍ୟୟରେ ତାହାଙ୍କ ବଡ଼ିଙ୍ଗ ଠାରେ ଏକାର୍ଯ୍ୟ ସମାଧା ହୋଇଅଛି ଏ ବିବାହରେ ଯଦ୍ଧେ କେହି ପ୍ରତିବାଦୀ ହେବ ଏହି ଆଶଙ୍କାରେ ହରଗ ବାବୁ ପୁଲିସର ସାହାଯ୍ୟ ପ୍ରାର୍ଥନା କରିଥିଲେ । ତଦନୁସାରେ ସେହି କାଳରେ ସେଠା ପୁଲିସ ଇନସ୍ପେକ୍ଟର ଓ ହାଓ୍ୱାଲଦାର ପଦ୍ଧତି ବହୁତ କନେଷ୍ଟବଲ ଉପସ୍ଥିତ ଥିଲେ । ଫଳତଃ ବିବାହ ସମୟରେ ସେ ସ୍ଥାନରେ ଯେପରି ଜନତା ଥିଲା ତହିଁରେ ହରଗବାବୁ ପୁଲିସର ସାହାଯ୍ୟ ନେଇ ଉତ୍ତମ କରିଥିଲେ ଅନ୍ୟଥା ଏହି ବିବାହ ବ୍ୟାପାର ନିର୍ବିଘ୍ନରୂପେ ନିର୍ବାହ ହେବାର କଠିନ ହୋଇଥାନ୍ତା ।

ଭାରତବର୍ଷର ଷ୍ଟେଟ ସେକ୍ରେଟରୀ ରାଇଟ ଅନ୍ ଆରେଗଲ ସାହେବ ଡାକ୍ତର ଫୋର୍ବ୍ସ ସାହେବଙ୍କର ଦୀର୍ଘକାଳ କାର୍ଯ୍ୟଦକ୍ଷତା ପରିଚୟରେ ତାହାଙ୍କର ନିୟମିତ ପେନସନ ଛଡ଼ା ତାହାଙ୍କୁ ବାର୍ଷିକ ଆଉ ମଧ୍ୟ ଟ ୫୦୦ ଙ୍କା ବୃତ୍ତି ପ୍ରଦାନ କରିଅଛନ୍ତି ।

ଇଂଲଣ୍ଡରେ ଗୋଟିଏ ନୂତନ କମ୍ପାନି ହୋଇଅଛି । ସେମାନେ ଭଦ୍ରଲୋକଙ୍କର ଅନାଥ ପୁତ୍ରମାନଙ୍କର ଉଚ୍ଚଶିକ୍ଷାର ବ୍ୟୟ ନିର୍ବାହ ବିଷୟରେ ସାହାଯ୍ୟ କରିବେ ।

ଫ୍ରେଣ୍ଡ ଅବ୍ ଇଣ୍ଡିଆ ବୋଲନ୍ତି ଗ୍ରୀନ୍ ଏଣ୍ଡ କୋମ୍ପାନି ନାମକ ଏକ କୋମ୍ପାନି ଲଣ୍ଡନରୁ ମାନ୍ଦ୍ରାଜରେ ହୋଇ କଲିକତା ପର୍ଯ୍ୟନ୍ତ ଗୋଟିଏ ଷ୍ଟିମାର ଲାଇନ ପ୍ରତିଷ୍ଠିତ କରିଅଛନ୍ତି ।

ବର୍ତ୍ତମାନରେ ଜ ୩ ଣ ବଙ୍ଗାଳି ଯୁବକ ଇଂଲଣ୍ଡଗମନ ଯାତ୍ରା କରିଅଛନ୍ତି ଜ ୨ ଣ ବାରିଷ୍ଟର ହୋଇଁ ଆସିବେ ଏବଂ ଜଣେ ସିବିଲ ସର୍ବିସ ପରୀକ୍ଷା ଦେବେ ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ କଲିକତାର ପୁଲିସକମିସନର ହଗସାହେବ ଆପଣାକୁ ଗେରପ୍ତାର କରି ଏଲାହାବାଦକୁ ପଠାଇଅଛନ୍ତି । ଏକଥାଟି ବଡ଼ କୌତୁକଜନକ ଓ ଅପେ ଆପଣାକୁ ଗିରପ୍ତାର କରିବା ହଠାତ୍ ଅସମ୍ଭବ ଜଣାଯାଏ । ତାତ୍ପର୍ଯ୍ୟ ଏହି ଯେ ହଗସାହେବ କଲିକତାରେ ଥିଲାବେଳେ ଗୋଟିଏ ବାକସ ହଜାଇବାରୁ ପୁଲିସରେ ଥାନାରେ ସଂବାଦ ଦେଇଥିଲେ । ସେ ଦ୍ରବ୍ୟ ବର୍ତ୍ତମାନ ଏଲାହାବାଦରେ ଠଗ୍‌ପଡିବାରୁ ସେଠାର ମାଜିଷ୍ଟ୍ରେଟ ସାକ୍ଷ୍ୟ ଦେବାପାଇଁ ହଗସାହେବଙ୍କ ନିକଟକୁ ସମନ ପଠାଇଲେ । ହଗସାହେବ ସମନ ଅନୁସାରେ ନ ଯାଇ ଲେଖିପଠାଇଲେ କି ଅନେକ କର୍ମ ପଡିବାରୁ ସେ ଆପଣା ସ୍ଥଳରୁ ଘୁଞ୍ଚ ଯାଇ ନ ପାରନ୍ତି ମାଜିଷ୍ଟ୍ରେଟ ଏଥିରେ

Digitized by srujanika@gmail.com

ସନ୍ତୁଷ୍ଟ ନ ହୋଇ ଉଅରଣ୍ଟ ଜାରୀ କଲେ ଓ କଲିକତା ପୁଲିସର କମିସ୍ନର୍ ହ୍ଗ୍ସ ଆପଣା ଉପରେ ତାହା ଜାରି କରିବାକୁ ହଗସାହେବଙ୍କୁ ପ୍ରାର୍ଥନା । ଉକ୍ତ ଦିନ ହଗସାହେବ ଆପେ ଉଅରଣ୍ଟରେ ଗିରପ୍ତାର ହୋଇ ଏଲାହାବାଦକୁ ଯାଇଅଛନ୍ତି । ଯେଉଁ ମାଜିଷ୍ଟ୍ରେଟମାନେ ଦୁଃଖି ଲୋକଙ୍କୁ ପ୍ରହାର ବା ଅନ୍ୟପ୍ରକାର ପୀଡ଼ା ଦିଅନ୍ତି ଯେବେ ସେମାନେ ଆପଣା ବଳର ଅପେ କର କାରାଗାରକୁ ଯାଉଥାନ୍ତେ କେଡେ ନ୍ୟାୟକଥା ହୁଅନ୍ତା ?।

ଉକ୍ତପତ୍ରିକାର ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି ଯେ ବାଙ୍କୁଡ଼ା ଜିଲ୍ଲା ଥାନା ବିଷ୍ଣୁପୁର ଗୋମୀ ଗ୍ରାମକୁ ନିବାସୀ ଅର୍ଜୁନ ବାରିକ ନାମରେ ଏକବ୍ୟକ୍ତି ବ ୧୨୦ ବର୍ଷ ବୟସ ପର୍ଯ୍ୟନ୍ତ ବଞ୍ଚିଥିଲେ, ତାହାଙ୍କର ବୟସ ବ ୧୦୦ ବର୍ଷ ପୂର୍ଣ୍ଣ ହେବା ପୂର୍ବରୁ ଦନ୍ତମାନ ପଡ଼ିଯାଇଥିଲା ତଦୁତ୍ତାରୁ ପୁନର୍ବାର ନୂଆଦାନ୍ତ ବାହାରିଲା । ପ୍ରାୟ ତିନି ସପ୍ତାହ ହେବ ଏହାଙ୍କର କାଳ ହୋଇଅଛି ।

ଦସ୍ତାବଜ ରେଜଷ୍ଟରୀ ବିଷୟରେ ନୂତନ ଆଇନ ଯାରି ହୋଇଅଛି । ହାଇକୋର୍ଟ ସ୍ଥିର କରନ୍ତି ଯେ ରେଜଷ୍ଟାର ଜେନରଲଙ୍କ ପଦ ଉଠିଯିବ ଓ ବେଭରଲୀ ସାହେବ ଯେ ବର୍ତ୍ତମାନ ରେଜଷ୍ଟାର ଜେନରଲ ଅଛନ୍ତି କଷ୍ଟମହାଲ ପାଇଁ ଇନସ୍ପେକ୍ଟର ଜେନରଲ ସ୍ୱରୂପ କାମ କରିବେ । ତଦୁତ୍ତାରେ ବେବରଲୀ ସାହେବ ଅନ୍ୟକର୍ମ ପାଇବେ ଯେ ଇନସ୍ପେକ୍ଟର ଜେନରଲ ପଦ ଉଠିଯାଇ ଡିଭିଜନ କମିସ୍ନରମାନଙ୍କୁ ତାହାଁର ଭାର ଦିଆଯିବ ।

ମହୀସୁରଠାରୁ ବାଙ୍ଗାଲୋର ପର୍ଯ୍ୟନ୍ତ ମା ୧୦୦ ମାଇଲ ବାଟରେ ରେଲଗାଡ଼ି ସଡ଼କ ନିର୍ମାଣ କରିବାପାଇଁ ଗବର୍ଣ୍ଣର ଜେନରଲ ସାହେବ ସମ୍ମତି ପ୍ରଦାନ କରିଅଛନ୍ତି ଏଥିରେ ୫୫୦,୦୦୦୦ ଟଙ୍କା ବ୍ୟୟ ହେବାର ଅନୁମାନ ହୋଇଅଛି ଅର୍ଥାତ୍ ମାଇଲ ପ୍ରତି ଅର୍ଦ୍ଧଲକ୍ଷ ଟଙ୍କା ବ୍ୟୟ ପଡ଼ିବ ଏ ଟଙ୍କା ମହୀସୁର ଗଭର୍ଣ୍ଣମେଣ୍ଟ ଦିଆଯିବ ।

ରାଜପୁତାନାସ୍ଥ ଦେଶୀୟ ବଡ଼ଲୋକଙ୍କ ପୁତ୍ରଙ୍କ ପଠନ ନିମିତ୍ତ ଅଜମିରରେ ଗୋଟିଏ କଲେଜ ହେବାର ସ୍ଥିର ହୋଇଅଛି ତନ୍ନିମିତ୍ତ ରାଜପୁତାନା ରାଜାମାନେ ସାତଲକ୍ଷ ଟଙ୍କା ଚେନ୍ଦା ସଂଗ୍ରହ କରିଅଛନ୍ତି । ଏକା ଜୟପୁରର ରାଜା ଏକ ଲକ୍ଷ ଟଙ୍କା ଦେଇଅଛନ୍ତି ଓ ଅନ୍ୟ ରାଜାମାନେ ଜଣକେ ପାଞ୍ଚହଜାରଠାରୁ ପଞ୍ଚାଶ ହଜାର ପର୍ଯ୍ୟନ୍ତ ଦାନ କରିଅଛନ୍ତି ।

" ଗାର୍ଡ଼ିଅନ୍ ଅବ୍ ଦକ୍ଷିଣ ପତ୍ରର ସମ୍ପାଦକ ଲେଖନ୍ତି ଏକଦିନ ପାତ୍ରାଳୀରେ ମଙ୍ଗଳା ବେଳେ ଦୁଇଟି ଗଣ୍ଡାର ପଞ୍ଚମ ଶ୍ରେଣୀ ପ୍ରଦର୍ଶିତ ହୋଇଥିଲା । ଦର୍ଶକମାନେ ସବୁ ଶ୍ରେଣୀର ସମୁଦାୟ ପଦାର୍ଥ ଛାଡ଼ି ଦେଖୁଥାନ୍ତି ଥିଲେ ।

ଏଡୁକେଶନ ଗେଜେଟ ବୋଲନ୍ତି ଗୋବରକୁ ବାଜରେ ଟୀକା ପ୍ରଦାନ ସୂତ୍ରରେ ଅସାନ ପ୍ରଦେଶରେ ଗୋଲଯୋଗ ଉଠିଅଛି ।

---

ପ୍ରେରିତପତ୍ର

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ

ଆପଣଙ୍କ ଗତସପ୍ତାହ ପତ୍ରିକାରେ ଗଙ୍ଗା ବନ୍ଧୁ ଦ୍ୱିଜ ପ୍ରସ୍ତାବଟି ସଂକ୍ଷେପରେ ପ୍ରକଟିତ ହୋଇଥିବାରୁ ବୋଧ ହୁଏ, ଭରସା କରୁଁ ଆପଣ ଅନୁଗ୍ରହ ପୂର୍ବକ ବେଦନ ବଳରେ ଯେଉଁ ବିଷୟକୁ ତର୍କ ବିତର୍କ ଓ ଆପତ୍ତି ହୋଇଥିଲା ତାହା ବିସ୍ତାର କରି ପାଠକମାନଙ୍କ ଜ୍ଞାତାର୍ଥେ ପ୍ରକାଶ କଲେ ଚରିତାର୍ଥ ହେବୁଁ ।

କଟକ ୧୨।୪।୭୧ ଆପଣଙ୍କର ଅନୁଗତ

Kally Pada Banerjea.

ବେଦନ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ ଓ ପଣ୍ଡିତ ପ୍ରଭାକର ବିଦ୍ୟାମଣିଙ୍କ ମଧ୍ୟରେ କଭ ତର୍କ ବିତର୍କ ହୋଇଥିଲା ଓ କ୍ରମେ ତାହା ଭେଦ ହୋଇ ଉଠିଲା । ସଭ୍ୟମାନଙ୍କର ତହିଁରେ କୌତୁକ ଜାତ ହେବାରୁ କ୍ଷମାଯାଏ ମାତ୍ର ଦୁର୍ଭାଗ୍ୟକ୍ରମେ ଅମ୍ଭେମାନେ ତହିଁର ସଂକ୍ଷେପ ବୃତ୍ତାନ୍ତ ଲେଖିରଖି ନ ଥିବାରୁ ବର୍ତ୍ତମାନ କିଛି ମନରେ ପଡ଼ୁନାହିଁ ଯେବେ ପାଠକମାନଙ୍କର କୁତୂହଳପାଇଁ ଅନ୍ୟ କେହି ସଭ୍ୟ ସେକଥାମାନ ସ୍ମରଣ କରି ଲେଖି ଦେଇ ପାରନ୍ତି ତାହା ହେଲେ ଅମ୍ଭେମାନେ ବାଧିତ ହେବୁଁ ।

ଉ, ଦୀ ସମ୍ପାଦକ

---

ମାନ୍ୟବର ଶ୍ରୀଲ ଶ୍ରୀଯୁତ ଉତ୍କଳଦୀପିକାସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ଏ ଗୀତଟିକୁ ଅର୍ପଣ କରୁଅଛୁ ପ୍ରାର୍ଥନା କରେଁ ଯେ ଅନୁଗ୍ରହ ପୂର୍ବକ ଉକ୍ତ ଦର୍ପଣରୁ ଛପାଇବାକୁ ଅବଧାନ ହେଲେ ମୁଁ କୃତକାର୍ଯ୍ୟ ହେବ ।

ଗୀତ ବସନ୍ତବର୍ଣ୍ଣନ ।

କ୍ରମେ ଋତୁ ଶେଷେ ପ୍ରବେଶ ହୋଇଲା ଋତୁରାଜ ଆଜ । ଦବାଗ୍ନିର ପିଣ୍ଡ ପରି ଦଗର ସମୀରେ ଗମିଲେ ସବଳ । ଏ କାଳେ । ଶିଶିର ପଡ଼ ସବୁ ନାଶ । ଲଗ୍ନ ରୁଚି ହେଲା ବନଜନ କ୍ଷେତ୍ରୀ ଦ୍ୱିଜୀ ଉତ୍ତର ବଲେଶ । ୧ ।

ବନକୁ ବନ ମଣ୍ଡଣ କରି ନେଲା ଋତୁରାଜ ଆନନ୍ଦର ସ୍ୱରରେ । କାମେ କୃଷ୍ଣ କଲା ନବବଧୂ ପରି ବାରଣ ମୋହ ସ୍ତ୍ରୀ ପୁରୁଷେ । ସକଳେ । ସଦାଗହ ସ୍ନାନାଗାରରେ । ହସନ୍ତି ଲଗାଇ ଗାଇ ପରି ସବୁ ସ୍ନାନ ସ୍ଥାନ ସ୍ଥାନବସ୍ତ୍ରରେ । ୨ ।

ଚନ୍ଦ୍ର ବଦନକୁ ଅଧର ଗୁଆଁ ଲଗାଇଲା ହଂସଅଂଶୁରେ । ଥିଲି ଥିଲି ଥଗ ଥଗ ତାଳ ପସ୍ତ ବଞ୍ଚି ସବୁ ଉଡ଼ାରେ । ଏ ଗୀତ । କେତେ ଦନ ଯିବ କୋଲନ୍ତି । ଅନ୍ତରେର ଗୀତ ଯାଉ ଯାଉ କାର କାହିଁ ସ୍ତବ କରନ୍ତି । ୩ ।

କେଦାର ସମ୍ପତ୍ତି ସଦନରେ ସ୍ଥିତ କୃଷକ ହୋଇଲେ ଅଗ୍ରଣୀ । ନରପତିତସ୍ୱ କେଲେ କେରତସ୍ୱ ନୂତନ ପ୍ରଜାଠାରୁ ପୁଣି । ସମସ୍ତେ । ବର୍ଦ୍ଧିତ ନଦୀ ଖେଳ ପରି । ଋତୁରାଜ କୁଳିଶ ପତନେ ନାଶନ ପଦ୍ମ ପୁଲକମନ୍ୟ କରି । ୪ ।

ଏକାଳ ଭୋଗକୁ ଏହି ଋତୁକାଳ ଉଚିତ ଲକ୍ଷିତ ତାମ୍ବୂଳ । ପେଲିଯୁଗୀ ଭନ୍ଦୋଳୀ ଜବାଥରୀ ନବଲବଣେ ଯେ କେଳ । ଆସନେ । ଗ୍ରୀଳିକାଟୀରେ ଗମନ । କମ୍ପନ ଲୟନେ ଗହଁ ଥିବ ଯେବେ କହୁରାଗେ ସେ ଦୂଷଣ ।

ରଙ୍ଗ ଦେଖି ଉଙ୍ଗ ବଙ୍ଗର ବନାତ ପିଥାନ ଦେ ଯତ୍ନବସ୍ତ୍ରରେ । ଲାଲ ବାଲ ଧରି ତାଡ଼ନକୁ ଇଚ୍ଛି ଶାଲ ଦୋଶାଲ ରେଜାଇରେ । ସମସ୍ତେ ଏହିପରି ଭାବେ ରହନ୍ତି । କେ ଛମେତ୍ତି ମନ୍ଦିରରେ ପୁଣି ଦନ ଗଣି କାଳ କାଟନ୍ତି । ୬ ।

କେତେମାନେ ଯାମିନୀମାନରେ କାମିନୀଙ୍କ କ୍ରୋଡ଼କରଣ । ଲହସ ରସରେ ନବଦମ୍ପତିରେ ମାତଣ ବୋଲନ୍ତି ବଚନ । ଏଣିକେ । ପାନ୍ଥ ମନେ ଜହଇ । ବୋଲେ ବାସୁଦେବ ହେ ଭୋଗତସ୍ୱରୁ ଏକ ଉତ୍ତମ ବେଶ ଏହ । ୭ ।

୬।୪।୭୧ । ଇ । ଶ୍ରୀ ବାସୁଦେବମହାପାତ୍ର ମେଦିନୀପୁର ସ୍କୁଲ ବଗାରି ଟୋଲୀ

---

ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକ ପ୍ରିଣ୍ଟିଂକୁମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲ ।

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


ଭାଗ ସଂଖ୍ୟା } ତା ୧୨ ରଖ ମାହେ ଏପ୍ରେଲ ସନ ୧୮୭୯ ମସିହା ।ମ୍ନ। ବୈଶାଖ ୧୧ନ ସ୍ନ ୧୨୮୬ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪୲ ; ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୪୬ ; ମଫସଲ ପାଇଁ ଡାକମାସୁଲ ୫୦


### ବିବାହର ବ୍ୟୟଲାଘବ ।

ଚଳିତମାସ ତା ୧୩ ରଖର ଓଡ଼ିଆ ଗବର୍ଣ୍ଣମେଣ୍ଟ ଗଜେଟରେ ପାଟନା କମିଶନରଙ୍କର ଏକ ପତ୍ର ଓ ତତ୍ସମ୍ବଳିତ କାଗଜସବୁ ଅନୁବାଦ ହୋଇ ପ୍ରକାଶ ହୋଇଅଛି । ସେ କାଗଜସବୁରୁ ପ୍ରକାଶ ଯେ ଉକ୍ତ ପ୍ରଦେଶରେ ମୁନସି ପ୍ୟାରୀ ଲାଲ ଅନେକ ପରିଶ୍ରମ କରି ବିବାହ ସମ୍ପର୍କୀୟ ବ୍ୟୟଲାଘବ ନିମିତ୍ତ ଯେସମସ୍ତ ଉଦ୍ୟୋଗ କରିଅଛନ୍ତି ତାହା ବିପର୍ଯ୍ୟନ୍ତ ଫଳଦାୟକ ହୋଇଅଛି ପ୍ରକାଶ ପାଉଅଛି । ମୁନସି ପ୍ୟାରୀଲାଲଙ୍କ କାର୍ଯ୍ୟ ଦେଖି କମିଶନର ସାହେବ ତାହାଙ୍କର ପ୍ରଚୁର ପ୍ରଶଂସା ଗବର୍ଣ୍ଣମେଣ୍ଟକୁ ଲେଖିଅଛନ୍ତି ଭରସା ହୁଅଇ ଗବର୍ଣ୍ଣମେଣ୍ଟ କମିଶନରଙ୍କ ଲେଖାରେ ଐକ୍ୟ ହୋଇ ମୁନସିଙ୍କର ସମ୍ମାନ ବୃଦ୍ଧି କରିବେ ।

ବିବାହର ବ୍ୟୟ ବାହୁଲ୍ୟ ହେତୁରୁ ପଶ୍ଚିମରେ ଯେତେ ୨ କୁକର୍ମମାନ ହେଉଥିଲା ଓ ଅଦ୍ୟାପି ନ୍ୟୁନାଧିକରେ ହେଉଅଛି ତାହା ମୁନସି ପ୍ୟାରୀ ଲାଲ ଉଲ୍ଲିଖିତରୂପେ ବର୍ଣ୍ଣନା କରିଅଛନ୍ତି । ଯଥା ।

କୌଣସି ସ୍ଥଳରେ ହିନ୍ଦୁ ଅବିବାହିତା ସ୍ତ୍ରୀମାନେ ବୃଦ୍ଧାବସ୍ଥା ପ୍ରାପ୍ତ ହେଲେ ଓ ସେମାନେ ସଂସାରରେ ବହୁକାଳ ବଞ୍ଚିବାର ଆଶା ନ ଥିବାର ଜାଣି ବିବାହ ଶାସ୍ତ୍ରରୂପେ ସେମାନେ ଅଶ୍ୱତ୍ଥବୃକ୍ଷର ଚତୁର୍ଦ୍ଦିଗରେ ୭ ଥର ପର୍ଯ୍ୟନ୍ତ ଭ୍ରମଣ କରନ୍ତି ଓ ଯେଉଁ ସ୍ତ୍ରୀମାନଙ୍କର କୁଟୁମ୍ବମାନେ ବିବାହର ଖରଚ ଦେବାକୁ ଅକ୍ଷମ ହେବାପ୍ରଯୁକ୍ତ ଅବିବାହିତା ଅବସ୍ଥାରେ ରହିବାକୁ ବାଧିତ ହୁଅନ୍ତି ସେହି ସ୍ତ୍ରୀମାନେ ଆପଣାର ସତୀତ୍ୱ ଭ୍ରଷ୍ଟକରିବାର ପ୍ରକାଶ ଅଛି ଓ ସେମାନଙ୍କର କୁଟୁମ୍ବମାନେ ସେହି ଦୁର୍ନାମରୁ ରକ୍ଷାପାଇବା ଅଭିପ୍ରାୟରେ ଗର୍ଭପାତ କରାଇବାକୁ ବାଧିତ ହୋଇଅଛନ୍ତି । ଯେବେ ସେହି ଅପରାଧ ପ୍ରକାଶ ପାଏ ତେବେ ତଦ୍ଦ୍ୱାରା ତାହାର କୁଟୁମ୍ବମାନେ ଆପଣାକୁ ଲଜ୍ଜିତ ଜ୍ଞାନକରି କେହି ବିଷ ଖାଇ ଅନ୍ୟ କେହି ଜଳରେ ବୁଡ଼ିମରିବା ଦ୍ୱାରା ଆତ୍ମହତ୍ୟା କରନ୍ତି ଏହିପ୍ରକାର ଅଧିକ ଦୁଷ୍କର୍ମ ବୃଦ୍ଧି ହୁଅଇ । କୌଣସି ସ୍ଥାନରେ "ନା ରହେଗା ବାଉଁଶ ନା ବଜେଗୀ ବଂଶୀ" ଏହିକଥା କହି ଲୋକମାନେ ଆପଣା ଶିଶୁ କନ୍ୟା ଜନ୍ମ ହେବା ସମୟରେ ବଧକରନ୍ତି । ଅନ୍ୟାନ୍ୟ ସ୍ଥାନରେ ୫ କିମ୍ବା ୬ ବର୍ଷର କନ୍ୟାମାନଙ୍କୁ ବିବାହ ଦିଅନ୍ତି କିମ୍ବା ବୃଦ୍ଧଲୋକମାନଙ୍କୁ ବିକ୍ରୟ କରିଦିଅନ୍ତି । କେହି ଟଙ୍କା ସକାଶେ ଆପଣାର କନ୍ୟା ବଦଳ ଦିଅନ୍ତି ଓ ଅନ୍ୟ କେହି କ ଯେଉଁମାନଙ୍କ ମଧ୍ୟରେ ଶିଶୁବଧର ପ୍ରଥା ଚଳୁଥାଏ ସେମାନେ ତାଛଲ୍ୟ ବିଷୟ ଉପର ବିଶେଷ ଜ୍ଞାନ ନ କରି ଆପଣା ପୁତ୍ରମାନଙ୍କୁ ଅତି ନୀଚଜାତୀୟ କନ୍ୟାମାନଙ୍କ ସହିତ ବିବାହ କରନ୍ତି । ଅନେକ ଲୋକମାନେ ବୃଥା ଆଶା ଅପେକ୍ଷାରେ ଆପଣା ଧନ ଅପବ୍ୟୟ କରିବାରୁ ଓ ଆପଣା ପୈତୃକସମ୍ପତ୍ତି ଓ ଅଳଙ୍କାର ଇତ୍ୟାଦିରୁ ପୃଥକ୍ ହେବାରୁ ଚୌର୍ଯ୍ୟବୃତ୍ତି ଶଠତା ଓ ଅନ୍ୟାନ୍ୟ ଅବହିତ ଉପାୟ ଅବଲମ୍ବନ କରିବା ଦ୍ୱାରା ଆପଣାମାନଙ୍କର ଅବଶିଷ୍ଟ ଦିନପାତ କରନ୍ତି ଏହିପ୍ରକାରେ ଆପଣାର ସମ୍ଭ୍ରମ ଓ ମର୍ଯ୍ୟାଦା ଲୋପ କରନ୍ତି । ଫଳତଃ ଏତାଦୃଶ ଅପରିମିତ ବ୍ୟବହାର ଭାରତବର୍ଷରେ ଅନେକ ଶ୍ରେଷ୍ଠ ଓ କୁଳୀନ ବଂଶ ସର୍ବନାଶ ହେବାର କାରଣ ହୋଇଅଛି ଓ ଅନେକ ଧନାଢ୍ୟ ମହାଜନ ଓ ବଣିକମାନଙ୍କର ଦରିଦ୍ରାବସ୍ଥା ଘଟିଅଛି । ଅପରିମିତ ବ୍ୟବହାର ଦ୍ୱାରା ଲୋକମାନଙ୍କ ପ୍ରତି ଯେଉଁ ଦୁର୍ଦ୍ଦଶା ଘଟୁଥାଏ ତାହା ବର୍ଣ୍ଣନା କରିବାର ଅନାବଶ୍ୟକ କାରଣ ତାହା ଏମନ୍ତ ପ୍ରସିଦ୍ଧ ଅଛି ଯେ ତଦ୍ବିଷୟରେ ବ୍ୟାଖ୍ୟା କରିବାର ଆବଶ୍ୟକ ନାହିଁ ।

ଏପ୍ରଦେଶରେ ଏତାଦୃଶ ଦୁଷ୍କର୍ମର ବ୍ୟାପାର ଘଟଇ ନାହିଁ ସତ୍ୟ ମାତ୍ର ଏଠା କରଣମାନଙ୍କ ଘରେ ଏଥିରୁ କେତୋଟି କଥା ସାଧି ହେଉଅଛି ବୋଲିବାକୁ ହେବ । ଏଠା କରଣମାନଙ୍କ ଘରେ ଏରୂପ ଘଟିବା ବିଚିତ୍ର ନୁହଇ କାରଣ ସେମାନେ ଓଡ଼ିଶାରେ ସର୍ବାପେକ୍ଷା ମର୍ଯ୍ୟାଦାବନ୍ତ ଓ ବୁଦ୍ଧିମାନ୍ ଲୋକ ଅଟନ୍ତି ଓ ରାଜକାର୍ଯ୍ୟରେ ଏହିମାନେ ନିଯୁକ୍ତ ହେଉଥିବାରୁ ପୂର୍ବରୁ ଏହାଙ୍କର ମର୍ଯ୍ୟାଦା ଗୌରବ ଅଧିକ ଅଛି । ବିବାହ ଇତ୍ୟାଦିର ବ୍ୟୟ ଲୋକର ଧନ ଅନୁସାରେ ନ ହୋଇ ମର୍ଯ୍ୟାଦାନୁସାରେ ହୋଇ ଆସୁଥିବାରୁ ଅଧିକ ମର୍ଯ୍ୟାଦାବନ୍ତ ଲୋକକୁ ଅଧିକ ବ୍ୟୟ

Split by PDF Splitter

Digitized by srujanika@gmail.com

60

କରିବାକୁ ପଡେ । ପୂର୍ବେ କରଣମାନଙ୍କର ଲାଭର ଉପାୟ ଅନେକ ଥିଲା ରାଜଦରବାରରେ ଥାଇ ବିଶେଷ ମାନ୍ୟ ହେଉଥିଲେ ଓ ଅଧିକାର-ବଳରେ ନାନାପ୍ରକାର ଆୟୋଜନ କରି କରି ସମାରୋହରେ ପୁତ୍ର କନ୍ୟାର ବିବାହ କରୁଥିଲେ ବର୍ତ୍ତମାନକୁ ସେଧନ ଓ କ୍ଷମତା ଅତ୍ୟନ୍ତ ଲୋକ ଲୋପ କରୁଅଛନ୍ତି ମାତ୍ର ପୂର୍ବର ମର୍ଯ୍ୟାଦା କହୁଲୋକର ଅଛି ସୁତରାଂ ମନୋମତରୂପେ ବିବାହର ବ୍ୟୟ ଚଳାଇପାରନ୍ତି ନାହିଁ ବୋଲି କେତେଲୋକ ବହୁକାଳପର୍ଯ୍ୟନ୍ତ କନ୍ୟାର ବିବାହ କରି ପାରନ୍ତି ନାହିଁ ଓ କାହାର ୨ କନ୍ୟା ଅବିବାହିତା ଅବସ୍ଥାରେ ପ୍ରୌଢ଼ା ହୋଇଯାଏ । ଯେବେ ମୁନସି ପ୍ୟାରୀ ଲାଲଙ୍କପରି ଏଠାରେ କୌଣସି ମହାଶୟ କରଣମାନଙ୍କର ବିବାହର ବ୍ୟୟଲାଘବ କରିବାକୁ ଚେଷ୍ଟା କରନ୍ତି ତେବେ ତାହାଙ୍କର ପରିଶ୍ରମ ବ୍ୟର୍ଥ ହେବ ନାହିଁ । କେଉଁ ୨ ବିଷୟରେ କରଣଙ୍କ ବିବାହର ବ୍ୟୟ ଊଣା ହୋଇପାରେ ତହିଁର ବିସ୍ତାରିତ ବର୍ତ୍ତନ କରିବା ସମ୍ପ୍ରତି ଆମ୍ଭମାନଙ୍କ ମାନସ ନୁହଇ । ପ୍ରସ୍ତାବ ଆରମ୍ଭ ହେଲେ ସେସବୁର ତର୍କ ହେବ ବର୍ତ୍ତମାନ ଏତିକ କହିବାର ଆବଶ୍ୟକ ଯେ ଅନେକ ବିଷୟରେ ବ୍ୟୟ ଅଧିକ ପଡିବାରୁ ବହୁତଲୋକ ଆପଣା ସ୍ନେହକନ୍ୟାମାନଙ୍କୁ ଯଥାକାଳରେ ବରିଷ୍ଠ ବରହସ୍ତେ ସମ୍ପ୍ରଦାନ କରି ପାରୁ ନାହାନ୍ତି ଓ ଏଥିପାଇଁ କେତେଥର ଏହି ପତ୍ରିକାରେ ପତ୍ରମାନ ପ୍ରକାଶ ହୋଇଅଛି ।

## ଲବଣକର ।

ଲବଣକର ବିଷୟରେ ଶ୍ରୀଯୁକ୍ତ ଲେଫ୍ଟନେଣ୍ଟ ଗବର୍ଣ୍ଣରଙ୍କ ଅଭିପ୍ରାୟ ଗତସପ୍ତାହରେ ପାଠକଙ୍କୁ ଜଣାଇଥିଲୁଁ । ତଦୁତ୍ତାରୁ ହେରାଲ୍ଡ୍ ପତ୍ରରେ ଦେଖିଲୁଁ ଯେ ଜଣେ ପତ୍ରପ୍ରେରକ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ମତରେ ଐକ୍ୟ ହୋଇ ଓଡିଶାରେ ଲବଣକର ଊଣା କରିବାକୁ ଅନୁରୋଧ କରିଅଛନ୍ତି । ତାହାଙ୍କର ଯୁକ୍ତି ଏହି ଯେ ଓଡିଶାରେ ଲବଣର ମୂଲ୍ୟ ଅଧିକ ହେବାରୁ ଶୁଲୁଆର ବେପାର କମୁ ନାହିଁ । କାରଣ ଉପକୂଳରେ କହୁତ ମାଛ ଧରାଯାଏ ଓ ସେ ସବୁ ଲବଣାଭାବରେ ଶୁଖୁଆ ହୋଇ ନ ପାରି ବୃଥାରେ ନଷ୍ଟ ହୁଅଇ । ଏକା ଏହିବ୍ୟକ୍ତି ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ମତ ପୋଷକଭାବରେ କହିଅଛନ୍ତି ଏମନ୍ତ ନୁହେ ଓ ଶ୍ରୀଯୁକ୍ତ କାମ୍ପବେଲସାହେବ ମଧ୍ୟ ଏକା କଷ୍ଟରସାହେବଙ୍କ କଥାରେ ଭୁଲି ନାହାନ୍ତି ଗତ ଦୁର୍ଭିକ୍ଷ ସମୟରେ ଏଠାଲୋକେ ଗବର୍ଣ୍ଣମେଣ୍ଟଙ୍କୁ ଗୋଟିଏ ଆବେଦନ ପତ୍ର ପଠାଇ ଥିଲେ ତହିଁରେ ପ୍ରଜାଙ୍କର କୁଶଳବର୍ଦ୍ଧନ ଯୋଗ୍ୟ ଅନ୍ୟାନ୍ୟ ପ୍ରସ୍ତାବ ମଧ୍ୟରେ ଲବଣକର ଊଣାକରିବାର ଗୋଟିଏ ପ୍ରାର୍ଥନା ଥିଲା । ସେମାନେ ଏହି ଯୁକ୍ତି ଦର୍ଶାଇଥିଲେ ଯେ ଏଠାଲୋକେ ବହୁତ ପଖାଳ ଖାନ୍ତି ଓ ପଖାଳରେ ବହୁତ ଲବଣ ଲାଗିଥାଏ ଲବଣବିନା କେବଳ ପଖାଳର ସ୍ୱାଦୁ ହୁଅଇ ନାହିଁ ଏମନ୍ତ ନୁହେ ଲବଣ ତୋରାଣିର ଅମ୍ଳକୁ ନାଶ କରଇ ଲବଣବିନା ତହିଁରେ ରୋଗ ହୋଇପାରେ ।

ଏହିପରି ଲବଣକର ବିଷୟରେ ଅନେକ ଯୁକ୍ତି ଅଛି ମାତ୍ର ଏ କର ଊଣା ହେଲେ କିପରିମାଣରେ ଦୁଃଖୀଲୋକଙ୍କ କ୍ଲେଶ ଖଣ୍ଡନ ହେବ କିଛିସ୍ଥ ଜଣାପଡୁ ନାହିଁ ବିମ୍ବା ସେସବୁ ବିଷୟରେ ଆମ୍ଭେମାନେ ସ୍ୱୟଂ କିଛି କହିବାକୁ ସମ୍ପ୍ରତି ପ୍ରସ୍ତୁତ ହୋଉ ନାହୁଁ । ଶ୍ରୀଯୁକ୍ତ ଇଡନ ସାହେବ ଯେ ଯୁକ୍ତିମାନ ପ୍ରଦର୍ଶନ କରାଇଥିଲେ ତହିଁର ଉଲ୍ଲେଖ କରିବା ଏପ୍ରସ୍ତାବର ତାତ୍ପର୍ଯ୍ୟ ଅଟଇ ଅତଏବ ତହିଁରେ ପ୍ରବୃତ୍ତ ହେଲୁ ।

ଶ୍ରୀଯୁକ୍ତ ଇଡନସାହେବ କହିଲେ ଲବଣର ମୂଲ୍ୟ ବୃଦ୍ଧି ହେବାର କଥା ଅଲିକ ମାତ୍ର । ଇଂରେଜମାନେ ଭାରତବର୍ଷକୁ ଅଧିକାର କରିବାଦିନୁ ଆରମ୍ଭକରି ଅନୁମାନକଲେ ସମସ୍ତ ଖାଦ୍ୟ ଦ୍ରବ୍ୟର ଭାଉ ଅନେକ ବୃଦ୍ଧି ହୋଇଅଛି ମାତ୍ର ଲୁଣର ଭାଉ ପ୍ରାୟ ସେହିରୂପ ରହିଅଛି । ଅତଏବ ଲୁଣ ଉପରେ ଟାକ୍ସ ବସିବାରେ କୌଣସି ମନ୍ଦ ଘଟି ନ ପାରେ ବିଶେଷରେ ଯେବେ ଦୁଃଖୀଲୋକମାନେ ସମସ୍ତ ଦ୍ରବ୍ୟରେ ପୂର୍ବାପେକ୍ଷା ଅଧିକ ମୂଲ୍ୟ ଦେଇ ନିର୍ବାହ କରୁଅଛନ୍ତି ତେବେ ଏକା ଲୁଣରେ କିଛିକି ଅଧିକ ଦେବାକୁ ଜଣ କ୍ଲେଶ ହେବ ବୁଝାଯାଉ ନାହିଁ । ଜଣେ ମନୁଷ୍ୟ ବର୍ଷରେ ପ୍ରାୟ ସେ ୧୦ ରୁ ଅଧିକ ଲବଣ ଖାଇ ପାରଇ ନାହିଁ ଯେବେ ସେରରେ ଏକ ପଇସା କର ବୃଦ୍ଧି ହୁଅଇ ତେବେ ବର୍ଷରେ ଜଣକେ ଦଶପଇସା ଅଧିକା ଦେବେ ପୁଣି ସେ ଦଶପଇସା ଉଶୁଲ୍ କରିବାକୁ ଲୋକ ନିଯୁକ୍ତ ହେବ ନାହିଁ ଓ ସେ କେଉଁବାଟେ ଦେଲେ ତାହା ସେ ଜାଣିପାରିବେ ନାହିଁ । ଅଦ୍ୟାପି ଅନେକ ଲୋକ ଅଛନ୍ତି କି ସେ ଲବଣରେ କର ଦିଅନ୍ତି କି ନାହିଁ ଜାଣନ୍ତି ନାହିଁ । ଅତଏବ ଯେଉଁ ଟାକ୍ସ ଏମନ୍ତ ସୂକ୍ଷ୍ମରୂପେ ଆଦାୟ ହୁଅଇ କି ଦେବା ବ୍ୟକ୍ତିକୁ ତାହା ଗୋଚର ହୁଅଇ ନାହିଁ ସେ ଟାକ୍ସ କଦାଚ ଅନିଷ୍ଟକର ବୋଲି ଲୋକଙ୍କର ଜ୍ଞାନ ହେବ ନାହିଁ ଓ ଗବର୍ଣ୍ଣମେଣ୍ଟ ଏମନ୍ତ ସୂକ୍ଷ୍ମରୂପେ ଆଉ କୌଣସି ଟାକ୍ସ ଆଦାୟ କରି ପାରିବେ ନାହିଁ ।

କେତେ ଲୋକ ବୋଲନ୍ତି ଯେ ଲବଣକର ଦୁଃଖୀଲୋକ ଉପରେ ପଡ଼ଇ ବଡ଼ଲୋକମାନେ ଏଥିରୁ ମୁକ୍ତ ପାଇଅଛନ୍ତି ଓ ଯେଉଁ ଟାକ୍ସ ବଡ଼ଲୋକଙ୍କୁ ଛାଡିଦେଇ ଦୁଃଖୀଙ୍କି କ୍ଲେଶ ଦିଅଇ ତାହା କଦାଚ ଭଲ ନୁହଇ । ଏଥିରୁ ଶ୍ରୀଯୁକ୍ତ ଇଡନସାହେବ ଉତ୍ତର କରିଅଛନ୍ତି ଯାହାର ଯେମନ୍ତ ଅବସ୍ଥା ତାହାକୁ ତଦନୁସାରେ ଟାକ୍ସ ଦେବାକୁ ହୁଅଇ ଦୁଃଖୀଲୋକ କେବଳ ଆପଣାର କର ଦିଅଇ ମାତ୍ର ବଡଲୋକ ଯେତେ ନଉକର ଚାକର ଆପଣାଘରେ ରଖଇ ସେ ସମସ୍ତଙ୍କର ଟାକ୍ସ ଦିଅଇ । କେହି ୨ ବଡ଼ଲୋକର ଅଠ ଦଶଜଣ ନଉକର ଅଛନ୍ତି ଅତଏବ ତାହାକୁ ଦୁଃଖିଲୋକଙ୍କଠାରୁ ଅଠ ଦଶଗୁଣ ଅଧିକ ଟାକ୍ସ ଦେବାକୁ ହୁଅଇ । ଯେବେ ଗବର୍ଣ୍ଣମେଣ୍ଟଙ୍କର ଏରୂପ ଅବସ୍ଥା ହୋଇଥାନ୍ତା ଯେ ଲୋକଙ୍କଠାରୁ କୌଣସି କର ନ ନିଅନ୍ତେ ତେବେ ତାହା ସୁଖର ବିଷୟ ଥିଲା । ମାତ୍ର ଯେସ୍ଥଳେ ଦେଖାଯାଏ ଯେ କର ନ ନେଲେ ଚଳିବ ନାହିଁ ଓ ସେହି ହେତୁରୁ ନାନା ପ୍ରକାର ନୂତନ କର ନେବାର ପ୍ରସ୍ତାବ ହେଉଅଛି ସେସ୍ଥଳେ ଯହିଁରେ ସହଜରେ ଏକବାଟରେ ଅଧିକକର ଆଦାୟ ହେବ ତାହା ଛାଡି ବହୁତ ପ୍ରକାର କର ଗ୍ରହଣ ପୂର୍ବକ ଲୋକଙ୍କୁ ବହୁତ କଷ୍ଟ ଦେବାର କଦାଚ ଉଚିତ ନୁହଇ । ସମ୍ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଯେତେଟଙ୍କା ଊଣା ପଡିଅଛି ଏକା ଲବଣକର ଉପରେ ମହଣକେ ଛଅଣା କି ଅଠଅଣା ଅଧିକା କର ନେଲେ ସବୁ ଊଣା ପୂର୍ଣ୍ଣ ହୋଇ ବରଂ ଅଧିକା ପ୍ରାପ୍ତି ହେବ ଏମନ୍ତ ସୁନ୍ଦର ଉପାୟକୁ ତ୍ୟାଗ କରିବା କଦାଚ ଯୁକ୍ତିଯୁକ୍ତ ନୁହଇ ।

ଶ୍ରୀଯୁକ୍ତ ଇଡନସାହେବଙ୍କ କଥା ଶେଷ ହେଲାରୁ ବାବୁ ଦିଗମ୍ବର ମିତ୍ର ଓ ଅନ୍ୟାନ୍ୟ ସଭ୍ୟମାନେ ଲବଣକର ପୋଷକଭାବରେ ଅନେକ ଯୁକ୍ତି ଦର୍ଶାଇଲେ । ବାବୁ ଦିଗମ୍ବର କହିଲେ କି ଯେବେ ଦୁଃଖୀଙ୍କଠାରୁ ଟାକ୍ସ ନେବା କଥାନ ଗବର୍ଣ୍ଣମେଣ୍ଟ ନ କରନ୍ତେ ତେବେ ଲବଣକର ବିଷୟରେ କିଛି ଆପତ୍ତି ହୋଇ ପାରନ୍ତା ମାତ୍ର ଭୂମି ଉପରେ ଯେଉଁ କର ବସିବ ତହିଁରୁ ଦୁଃଖି-

Split by PDF Splitter



ମାନେ ଖାଦ୍ୟ ଖିବେ ନାହିଁ ଓ ତମାଖୁ ଉପରେ କର ବସିଲେ ମଧ୍ୟ ଦୁଃଖିଙ୍କୁ ବେଶ ଅଭାବ ଅଥଚ ତମାଖୁ ଛାଡ଼ିଦେଲେ ମଧ୍ୟ କାହାର କ୍ଷତି ହେବ ନାହିଁ ବରଂ ଟିକସ ହେତୁରୁ ବହୁତ ଲୋକ ତମାଖୁ ଛାଡ଼ିଦେଲେ ଆଶାନୁରୂପ ଆଦାୟ ମିଳିବ ନାହିଁ ଅତଏବ ଲବଣକର ଛଡ଼ା ଆଉ କୌଣସିରୂପେ ଅକ୍ଳେଶରେ ଅଧିକ ଟଙ୍କା ଆୟ ହେବାର ସମ୍ଭାବନା ନାହିଁ ।

ଲେଫ୍ଟନାଣ୍ଟ ଗବର୍ଣ୍ଣର ଏକଥାମାନ ଶୁଣି ନହେଲେ କି ଯେବେ ଦେଶର ଲୋକମାନେ ଲବଣକର ବୃଦ୍ଧିରୁ ଅନ୍ୟାନ୍ୟ ଟିକସଠାରୁ ସହଜ ଜ୍ଞାନ କରନ୍ତି ତେବେ ତାହାଙ୍କର ଆପତ୍ତି କରିବାର ପ୍ରୟୋଜନ ନାହିଁ ।

# ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ କଲେକ୍ଟର ମାକ୍‌ଫର୍ଶନ ସାହେବ ଗତ ମଙ୍ଗଳବାର କଲିକତାକୁ ଯାତ୍ରାକଲେ ସେ ଅପ୍ରେଲର ବାଟେ ଜାହାଜରେ ଗମନ କରିବେ ।

ଶ୍ରୀଯୁକ୍ତ ଟଏନବି ସାହେବ ଯଏଣ୍ଟ ମାଜିଷ୍ଟ୍ରେଟ ଦ୍ୱିତୀୟଶ୍ରେଣୀର ଏକଟିଂ କଲେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି । ମାକ୍‌ଫର୍ଶନ ସାହେବଙ୍କ ଫେରି ଆସିବା ପର୍ଯ୍ୟନ୍ତ ଏ କାର୍ଯ୍ୟ କରୁଥିବେ ।

ଅମ୍ଭେମାନେ ଅବଗତ ହେଲୁଁ ଯେ ଯାଜପୁରର ସବ୍‌ଇନ୍‌ସ୍‌ପେକ୍ଟର ଶ୍ୟାମସୁନ୍ଦର ଦତ୍ତଙ୍କ ଉପରେ ଦଣ୍ଡବିଧିର ୩୫୪ ଦଫା ଅନୁସାରେ ଦୁଇଅଭିଯୋଗ ପ୍ରମାଣ ହେବାରୁ ସେଠାର ଡେପୁଟିମାଜିଷ୍ଟ୍ରେଟ ଏକ ଅଭିଯୋଗରେ ୬ ମାସ କଠିନ ପରିଶ୍ରମ ସହିତ କଏଦ ଓ ଟ ୩୦୦ ଙ୍କା ଅର୍ଥଦଣ୍ଡ ଓ ଅନ୍ୟ ଅଭିଯୋଗରେ ମା ୩ ସ ସେହି ପ୍ରକାର କଏଦ ଓ ଟ ୧୦୦ ଙ୍କା ଅର୍ଥଦଣ୍ଡ ଏରୂପ ମା ୯ ସ କଏଦ ଟ ୪୦୦ ଙ୍କା ଅର୍ଥଦଣ୍ଡର ଆଜ୍ଞା ଦେଇଅଛନ୍ତି । ଗତ କାଲି ଜଜ ସାହେବଙ୍କ ନିକଟରୁ ଅପିଲ ଦରଖାସ୍ତ ଅଗ୍ରିଧିକାଶ ମକଦ୍ଦମା ବିଷୟରେ ଅମ୍ଭେମାନେ ବର୍ତ୍ତମାନ କିଛି କହି ନ ପାରୁଁ ।

ଅମ୍ଭେମାନେ ଅବଗତ ହେଲୁଁ ଯେ ଫରାସି ଓ ପ୍ରୁଶୀୟଙ୍କ ଯୁଦ୍ଧରେ ଫ୍ରାନ୍ସଦେଶର ବହୁତ ଲୋକ ଦୁର୍ଦ୍ଦଶାଗ୍ରସ୍ତ ହୋଇଥିବାରୁ ସେମାନଙ୍କ ସାହାଯ୍ୟ ନିମିତ୍ତ ଭେଦା ଦ୍ୱାରା ଏ ନଗରରେ କିଛି ଟଙ୍କା ତୋଳିବାର ଉଦ୍‌ଯୋଗ ହେଉଅଛି । ଅତଏବ ଯେଉଁ ଲୋକେ ଏହିଁରେ ସ୍ୱାକ୍ଷର କରୁଅଛନ୍ତି ତଦ୍ୱାରା ସଭ୍ୟସାମାନ୍ୟ ଠଙ୍କା ଭେଦା ହୋଇଅଛି ଯେବେ ଅସଭ୍ୟ ଅଧିବାସୀମାନେ ଏଥିରେ ମନୋଯୋଗୀ ହୁଅନ୍ତି ତାହା ହେଲେ ଅତିଭଲ ହେବ । ଅମ୍ଭେମାନେ ଗତ ସପ୍ତାହରେ ଏବିଷୟରେ ଖଣ୍ଡିଏ ପତ୍ର ପାଇଥିଲୁଁ ସ୍ଥାନାଭାବରୁ ସେସମୟରେ ତାହା ପ୍ରକାଶ କରିବାରୁ କ୍ଷାନ୍ତରହି ବର୍ତ୍ତମାନ ପ୍ରକାଶ କରୁଅଛୁଁ । ଭରସା କରୁଁ ତାହା ପାଠକଲେ ପାଠକଙ୍କର ଦୟାଜାତ ହୋଇପାରେ ।

ଫ୍ରେଣ୍ଡ ଅବ ଇଣ୍ଡିଆ କହନ୍ତି ଯେ ବଙ୍ଗଳାର ନୂତନ ଲେଫ୍ଟନେଣ୍ଟ ଗବର୍ଣ୍ଣର ଆପଣା ଅଧୀନ ଶିକ୍ଷାବିଭାଗରେ ଆଜ୍ଞା ପ୍ରଚାର କରିଅଛନ୍ତି କି ଉକ୍ତ ବିଭାଗରେ ଥିବା ଇଂରେଜ କର୍ମଚାରୀମାନେ ଯେ ଯେଉଁ ଜିଲ୍ଲାରେ କର୍ମ କରୁଥିବେ ସେ ଜିଲ୍ଲାର ଚଳନୀୟ ଭାଷାରେ ପରୀକ୍ଷା ଦେବେ । ସନ ୧୮୬୯ ମସିହା ଡିସେମ୍ବରମାସରେ ସେକ୍ରେଟାରୀ ଅବଷ୍ଟେଟଙ୍କ ନିକଟରୁ ଯେଉଁ ପତ୍ର ଆସିଥିଲା ସେହି ଅନୁସାରେ ଏ ଆଜ୍ଞା ପ୍ରଚାର ହୋଇଅଛି । କେବଳ ଇଂରେଜ କର୍ମଚାରୀଙ୍କପ୍ରତି କାହିଁକି ? ଦେଶୀୟକର୍ମଚାରୀଙ୍କପ୍ରତି ଏ ଆଜ୍ଞା ପ୍ରଚଳ କଲେ ଆହୁରି ଭଲ ହେବ ।

ପାୟୋନିୟରରୁ ପ୍ରକାଶ ଯେ ମୋହରମ ଓ ରାମନବମୀ ପର୍ବ ଏକାବେଳକେ ପଡ଼ିବାରୁ ବରେଲିରେ ମୁସଲମାନ ଓ ହିନ୍ଦୁଙ୍କ ମଧ୍ୟରେ ବଡ଼ ଦଙ୍ଗା ହୋଇଥିଲା ଓ ତହିଁରେ ମୁସଲମାନମାନେ ପ୍ରଥମେ ଦଙ୍ଗା ଆରମ୍ଭ କଲେ । ଗତମାସ ତା ୩୦ ରିଖ ଗୃହରେ ଏକସଣ୍ଠ ଦାସ୍ୟ ମୁସଲମାନ ହିନ୍ଦୁମାନଙ୍କୁ ଆକ୍ରମଣ କରି ଜଣେ ମହନ୍ତ ଓ ଆଉ ଚାରିଜଣ ଓ ଏପରି ପାଞ୍ଚଜଣଙ୍କୁ ହତ ଓ ଆଉ ୨୮ ଜଣଙ୍କୁ ଆହତ କଲେ । ଫରିଦପୁରରେ ଏହିପରି ବ୍ୟାପାର ଘଟିଥିଲା ଓ ସେଠାରେ ମୁସଲମାନମାନେ ହିନ୍ଦୁ ଓ ପୁଲିସ ଉଭୟଙ୍କୁ ଆକ୍ରମଣ କଲେ । ଶେଷରେ ପୁଲିସ ଗୁଳି ମାରିବାରୁ ସେମାନେ ପଳାଇଲେ ମାତ୍ର କେତେଜଣ ହତ ଓ ଆହତ ହେଲେ । ଦଙ୍ଗା ଓ ମନୁଷ୍ୟ ହତ୍ୟାଦ୍ୱାରା ଧର୍ମ ରକ୍ଷା କରିବାର ଫଳ ମୁସଲମାନମାନଙ୍କୁ ଉତ୍ତମରୂପେ ବୁଝାଇବାର ଆବଶ୍ୟକ । ବର୍ତ୍ତମାନ ମୋକଦ୍ଦମାର ତଦାରକ ହେଉଅଛି ।

ଢାକାପ୍ରକାଶ ଲେଖନ୍ତି ଯେ ସେଠାଲୋକେ ଇଂରେଜୀ ଔଷଧକୁ ବହୁ ଆଦର କରୁ ନାହାନ୍ତି ଓ ଏଥିର ଏହି କାରଣ ସେ ନିର୍ଦ୍ଦେଶ କରନ୍ତି ଯେ ସେଠାରେ ଭଲ ଔଷଧ କି ଉତ୍ତମ ଚିକିତ୍ସକ ନାହାନ୍ତି । ଡେଲିନିୟୁସ ଏସଂବାଦ ଲେଖି କହନ୍ତି ଇଂରେଜୀ ଔଷଧ ଆଦରଣୀୟ ନ ହେବାର ଆଉ ଗୋଟିଏ ପ୍ରବଳ କାରଣ ଅଛି ତାହା ଏହି ଯେ ଅନେକ ମୋଫସଲ ଚିକିତ୍ସାଳୟର ଡାକ୍ତରମାନେ ଲାଞ୍ଚ ନ ପାଇଲେ ଭଲ ଚିକିତ୍ସା କରନ୍ତି ନାହିଁ । ଏମନ୍ତ କି ସିବିଲ ସର୍ଜନ ଡାକ ଲେଖି ଦେଲେ ସେ ଔଷଧ ଦେବାପାଇଁ ଡାକ୍ତରଖାନା ଲୋକେ ଉତ୍କୋଚ ପ୍ରାର୍ଥନା କରନ୍ତି ଓ ତାହା ନ ପାଇଲେ ଭଲ ଔଷଧ ଦିଅନ୍ତି ନାହିଁ । ଜିଲ୍ଲା ସିବିଲସର୍ଜନଙ୍କର ଏ ବିଷୟରେ ଦୃଷ୍ଟି ରଖିବାର ଉଚିତ ।

ଭରତପୁରର ରାଜା ନସିରାବାଦରେ ଥିବା ସମୟରେ ସେଠା ପଲ୍ଟନର ସାହେବମାନଙ୍କୁ ଅତି ସମାରୋହ ପୂର୍ବକ ଭୋଜୀ ଦେଇଥିଲେ ଏବଂ ସିପାହୀମାନଙ୍କୁ ଅଢ଼ାଇ ହଜାର ଟଙ୍କା ପାରିତୋଷିକ ଦେଲେ । ଏ ରାଜା କି ଆପଣା ବଦାନ୍ୟତା ଦେଖାଇବା ପାଇଁ ଆଉ କୌଣସି ସତ୍‌କାର୍ଯ୍ୟରେ ଟଙ୍କା ବ୍ୟୟ କରିବାକୁ ପାଉଲେ ନାହିଁ ?

ଡେଲିନିୟୁସ ଲେଖନ୍ତି ଯେ କଲିକତାରେ ଏବର୍ଷ ଚରଖୀପାଟୁଆ ଯାତ୍ରା ଅତି ସୁନ୍ଦରରୂପେ ନିର୍ବାହ ହେଲା । ପୂର୍ବପ୍ରାୟ ପିଠିଫୋଡ଼ା ଇତ୍ୟାଦି କଷ୍ଟର ବ୍ୟବହାର ଏକାବେଳକେ ଉଠିଯାଇଅଛି ଓ ଲୋକମାନେ ଅତ୍ୟନ୍ତ ଆନନ୍ଦରେ ପର୍ବ ନିର୍ବାହ କରୁଅଛନ୍ତି ।

ହିନ୍ଦୁ ହିତୈଷିଣୀ କହନ୍ତି ବାବୁ ବୈକୁଣ୍ଠନାଥସେନ ଡେପୁଟୀ ଇନ୍‌ସ୍‌ପେକ୍ଟରଙ୍କ ଯତ୍ନ ଓ ଉତ୍ସାହରେ ବହରମପୁର ଯୁଗପଡ଼ା ନିବାସୀ ସୁକବି ପଣ୍ଡିତ ଜଗବନ୍ଧୁ ତର୍କବାଗୀଶ ୧୪ ପ୍ରକାର କବିତା ଓ କେତେଗୁଡ଼ିଏ ବନ୍ଧବ୍ୟତୀତ କବିତା ଏବଂ ତାଳପତ୍ର ଓ ତୁଳଟକାଗଜର ପୁସ୍ତକ ନାନାପ୍ରକାର କାଳୀ, ବାଉଁଶର କଲମ ଓ କଲମଦାନୀର ନାନାପ୍ରକାର ଡଙ୍ଗା ମହାରାଣୀଙ୍କୁ ଉପହାର ପ୍ରେରଣ କରିଅଛନ୍ତି ।

କଟକର ହେଡକ୍ଲାର୍କ ଶ୍ରୀଯୁକ୍ତ ଯାଦବଚନ୍ଦ୍ର ସରକାର ଟ ୩ ଙ୍କା ଲାଞ୍ଚ ନେବା ଅପରାଧରେ କର୍ମଚ୍ୟୁତ ହୋଇଅଛନ୍ତି । ଯାଦବବାବୁ ଟ ୩ ଙ୍କାର ଲୋଭ ଛାଡ଼ି ନ ପାରି ବାର୍ଷିକ ଟ ୧୦୦୦ ଙ୍କାରେ ଜଳାଞ୍ଜଳି ଦେଲେ ଏହା କମ ଆକ୍ଷେପର ବିଷୟ ନୁହେ । ଏଥିରେ ଦୃଷ୍ଟି ରଖି ଲାଞ୍ଚ ଖାଇବା ସଉକ ବ୍ୟକ୍ତିମାନେ ଅବଶ୍ୟ ସାବଧାନ ହେବେ ।

Digitized by srujanika@gmail.com

Split by PDF Splitter



ବରୋଦାର ଜଣେ ପତ୍ରପ୍ରେରକ ଟେଲିଗ୍ରାଫକୁ ଲେଖିଅଛନ୍ତି ଯେ ସେଠାରେ ଅଳ୍ପକାଳ ହେଲା ଗୋଟିଏ ବୃହତ୍ ଅଗ୍ନିକାଣ୍ଡ ହୋଇ ଯାଇଅଛି । ଏଥିରେ ପ୍ରାୟ ୪୦୦୦ ଘର ଓ କେତେଗୁଡ଼ିଏ ସାମାନ୍ୟ ଘର ପୋଡ଼ିଗଲା । ପଲ୍‌ଟନ ସିପାହୀମାନେ ଅନେକ ପରିଶ୍ରମ କରି ଅଗ୍ନି ଲିଭାଇଲେ । ନୋହିଲେ ଯେମନ୍ତ ପବନ ହୋଇଥିଲା ଅଧିକ ବସ୍ତୁର କ୍ଷତି ହୋଇଥାନ୍ତା । ଲୋକଙ୍କର ଦୁର୍ଦ୍ଦଶା ଅତିଶୟ ହୋଇଅଛି ଓ ବରୋଦାର ଗାଇକୁଅଁର ବଦାନ୍ୟତା ପ୍ରକାଶ କରି ଏସମୟରେ ଆହାର ଓ ଆଚ୍ଛାଦନ ଦେଇ ଅନେକ ଲୋକଙ୍କ କ୍ଲେଶ ଦୂର କରୁଅଛନ୍ତି ।

ମାନ୍ଦ୍ରାଜରେ ବ୍ରହ୍ମଧର୍ମ ପ୍ରଚାରକମାନଙ୍କର ଅନେକ ଉଦ୍ୟମ ହେଉଅଛି । ମାନ୍ଦ୍ରାଜଟାଇମସ ଲେଖନ୍ତି ଯେ ଚଳିତମାସ ତା ୧୫ ରିଖରୁ ଗୋଟିଏ ବ୍ରାହ୍ମଧର୍ମ ବିଷୟକ ପତ୍ରିକା ପ୍ରଚାର ହେବ ଓ ତାହା ସମ୍ପୂର୍ଣ୍ଣ ଛମାସକୁ ତିନିମାସ ବାହାରିବ ।

ଗଳିତ ମାସ ତା ୧୦ ରିଖରେ ଶ୍ରୀଯୁକ୍ତ ଇଡେନ ସାହେବ ବଙ୍ଗଳା ସେକ୍ରେଟରୀ ପଦର ଭାର ଶ୍ରୀ ବେଲ ସାହେବଙ୍କ ହସ୍ତେ ଅର୍ପଣ କରି ଇଂଲଣ୍ଡଦେଶକୁ ଗମନ କଲେ । ବେଲ ସାହେବ ଡେମ୍ପିୟର ସାହେବଙ୍କ ଆସିବା ପର୍ଯ୍ୟନ୍ତ ଏକର୍ମ କରୁଥିବେ ।

ପାକ୍ଷିକ ସମ୍ବାଦ ବୋଲନ୍ତି ଦାକ୍ଷିଣାତ୍ୟ ଏକଜଣ ସ୍ତ୍ରୀଲୋକ ୨୨ମାସ ଗର୍ଭଧାରଣ କରି ଗୋଟିଏ ସନ୍ତାନ ପ୍ରସବ କରିଅଛି ପ୍ରସୂତି ଓ ସନ୍ତାନ ଦୁହେଁ ଭଲରେ ଅଛନ୍ତି ।

## ପ୍ରେରିତପତ୍ର

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ବିନୟ ନିବେଦନ ।

ମହାଶୟ ! ମତ୍ପ୍ରେରିତ ନିମ୍ନସ୍ଥ କେତୋଟି ପଂକ୍ତି ସଂଶୋଧନାନ୍ତେ ଭବଦୀୟ ଓଡ଼ିଶାଉତ୍କଳଦାୟିଣୀ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନ ଦାନ କଲେ ଚରିତାର୍ଥ ହେବୁଁ ।

ଆପଣଙ୍କ ପତ୍ରିକାପାଠକମାନେ ବୋଧ କରୁଁ ଇଉରୋପୀୟ ସମରବିଷୟ ଅର୍ଥାତ୍ ଫରାସୀ ଓ ପ୍ରୁସୀୟମାନଙ୍କ ମଧ୍ୟରେ ଯେ ଭୟାନକ ସମଗ୍ରଜନ ପ୍ରଚାର ହୋଇଥିଲା, ତାହା ଅଜ୍ଞାତ ନାହିଁ ଯାହା ହେଉ ସେ ସମସ୍ତ ଏକ୍ଷଣେ ଶାନ୍ତିସଲିଲଭ୍ୟାଶ ନିର୍ବାପିତ ହୋଇଅଛି, ମାତ୍ର ସେଯୁଦ୍ଧରେ ଅତିଶୟ ହୃଦୟ ବିଦାରକ ଘଟନା ସବୁ ହୋଇ ଯାଇଅଛି ଏବଂ ଆମ୍ଭେ ଭରସା ଓ ବୋଧ କରୁଁ ଯେ ସେସବୁ ସମ୍ବାଦ ଶ୍ରବଣକଲେ କେଉଁ ଦୟାଳୁ ବା ଉଦାରଚିତ୍ତ ବ୍ୟକ୍ତି ନା ଅଶ୍ରୁପାତ କରିବେ ଓ ସନ୍ତପ୍ତ ନ ହେବେ । ଏହି ଯୁଦ୍ଧରେ କେତେ ସହସ୍ରବ୍ୟକ୍ତି ଅବର୍ଣ୍ଣନୀୟ ଓ ବିକଳାଙ୍ଗ ହୋଇ ପଡ଼ିରହିଅଛନ୍ତି, କେତେଲୋକ ଅମୂଲ୍ୟ ପ୍ରାଣଧନ ହରାଇ ସେମାନଙ୍କର ଶୁଦ୍ଧ କଳତ୍ରାଦିମାନଙ୍କୁ ବାଟର କଙ୍ଗାଳି କରି ଯାଇଅଛନ୍ତି, ଆହା ସେମାନେ କି କ୍ଲେଶ ଓ ମନୋବେଦନା ଭୋଗ କରୁଅଛନ୍ତି? ସେମାନଙ୍କର ଦୁଃଖର ବିଷୟ ଭାବନା କରି୨ ସେମାନେ କିପ୍ରକାରେ ଦିନପାତ କରୁଅଛନ୍ତି । ହା ସେ ନିରୁପାୟ ବ୍ୟକ୍ତିମାନଙ୍କର କି ଦଶା ହେଉଥିବ, ସେମାନେ ସମସ୍ତେ ଆପଣା୨ ଅଭାବ ମୋଚନ ନିମିତ୍ତ କିପ୍ରକାର ଲାଳାୟିତ ହେଉଅଛନ୍ତି !!! ଏତେବେଳେ ସେମାନଙ୍କୁ କେ ଅନ୍ନବସ୍ତ୍ର ଦେବେ, କେ ସେମାନଙ୍କର ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଅଭାବ ସବୁ ମୋଚନ କରିବ ଏତେବେଳେ ସେମାନଙ୍କୁ ବିଦେଶୀୟ ଲୋକମାନେ ସାହାଯ୍ୟ ନ କଲେ ଆମ୍ଭେ ଦେଖୁଅଛୁଁ ଯେ ସେମାନଙ୍କର ଆଉ ଗତ୍ୟନ୍ତର ନାହିଁ । ଭାରତବର୍ଷର ସବୁସ୍ଥାନରୁ ବିଶେଷତଃ ବଙ୍ଗଦେଶରୁ ସାହାଯ୍ୟ ପ୍ରେରିତ ହେଉଅଛି ଅତଏବ ଆମ୍ଭେ ଓଡ଼ିଶାର-କଟକର ସାଧାରଣ ଲୋକଙ୍କଠାରେ ବିଶେଷତଃ ବଦାନ୍ୟ ଉଦାରଚିତ୍ତ ଓ ସଦାଶୟ ବ୍ୟକ୍ତିମାନଙ୍କଠାରେ ପ୍ରାର୍ଥନା କରୁଁ ଯେ, ଏକଥା ଦୁଃଖ ଶୁଣି ଯଦି ଆପଣମାନଙ୍କର ହୃଦୟ ଦ୍ରବୀଭୂତ ହୁଏ, ତେବେ ଆପଣମାନେ ଅନୁଗ୍ରହପୂର୍ବକ ଯଥା୨ ସାମର୍ଥ୍ୟ ଦାନ ଅବଶ୍ୟ ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ବାବୁ ଭଣୀଚରଣବନ୍ଦ୍ୟୋପାଧ୍ୟାୟ ବା ଦ୍ୱିତୀୟଶିକ୍ଷକ ଶ୍ରୀଯୁକ୍ତ ବାବୁ ହରନାଥଭଟ୍ଟାଚାର୍ଯ୍ୟଙ୍କ ଠାକୁ ପ୍ରେରଣକଲେ ସେମାନେ ଯଥାସ୍ଥାନକୁ ପ୍ରେରଣ କରିବେ । ଏସମ୍ବାଦ ଏଠାରେ କେହି ପ୍ରଚାର କରିଦେବାରେ ବା କେହି୨ "ସ୍କୁଲଭସ୍ମାସ୍ତ୍ରେ" ପାଠ କରିବାରେ ଅବଗତ ହାଇସ୍କୁଲର ପିଲାମାନେ ଆହ୍ଲାଦ ଓ ଦୟାପୂର୍ବକ ଉକ୍ତ ଦାନ ପ୍ରଦାନ କରୁଅଛନ୍ତି, ନର୍ମାଲସ୍କୁଲ, ମିଶନରୀସ୍କୁଲ ଓ ଉର୍ଦ୍ଦୁସ୍କୁଲର ମଧ୍ୟ ବହୁ ବହୁ ଆଦାୟ ହେବ ଏବଂ ସେହି ଆଦାୟଟଙ୍କା ଉପର୍ୟ୍ୟୁକ୍ତ ଶିକ୍ଷକ ଦ୍ୱୟଦ୍ୱାରା ସଂଗୃହୀତ ହୋଇ ଉଦ୍ଦିଷ୍ଟ ସ୍ଥାନକୁ ପ୍ରେରିତ ହେବ । ଯେଉଁମାନେ ଅନୁଗ୍ରହ କରିବେ ସେମାନେ ହାଇସ୍କୁଲକୁ ସେମାନଙ୍କର ଦାନ ପ୍ରେରଣ କରି ଆପଣା୨ ଉଦାରଚିତ୍ତତାର ପରିଚୟ ଦେବେ ଏବଂ ଭଲ୍ଲସଙ୍କ ଆମ୍ଭର ପରିଶ୍ରମ ମଧ୍ୟ ସଫଳକରି ଆମ୍ଭଙ୍କୁ ବାଧିତ କରିବା ହେବେ । ଇତି ।

ତା ୧୨ ରଖ ଅପ୍ରେଲ ବଶମ୍ବଦ
ସନ୧୮୭୧ କସ୍ୟଚିତ୍ ପ୍ରବାସିନଃ

## ବିଜ୍ଞାପନ ।

ଏତଦ୍ୱାରା ଅବଗତ କରାଯାଉଅଛି ଯେ ଯେଉଁମାନେ ପ୍ରିଣ୍ଟିଂକମ୍ପାନି ଛାପାଖାନାର ନୂତନପାଞ୍ଜି ବିକ୍ରୟ ନିମିତ୍ତ ନେଇଅଛନ୍ତି ସେମାନଙ୍କ ନିକଟରେ ପାଞ୍ଜି ବିକ୍ରୟ ନୋହିଁ ବାକି ଥିଲେ ତାହା ଅତିଶୀଘ୍ର ଏହି ଏପ୍ରେଲମାସ ମଧ୍ୟରେ ଏହି ଛାପାଖାନାକୁ ପଠାଇ ଦେଲେ ଏଠାରେ ବିକ୍ରୟ ହେବ ଯେଉଁମାନେ ଏହି ମାସ ମଧ୍ୟରେ ନ ପଠାଇବେ ଏମାସ ଅତୀତହେଲେ ସେମାନଙ୍କ ନିକଟରୁ ଆଉ ପାଞ୍ଜି ଗ୍ରହଣ ନୋହିଁ ନିୟମତ ମୂଲ୍ୟସକଳ ନିଆଯିବ ଇତି ।

୨୨।୩।୭୧ । ଉ । ପ୍ରି । କଂ । ସେକ୍ରେଟରୀ ।

ଉତ୍କଳୀୟପୁସ୍ତକେଚ୍ଛୁକ ସର୍ବସାଧାରଣଙ୍କୁ ଅବଗତ କରୁଅଛୁଁ ଯେ ଆମ୍ଭେ ପ୍ରାଚୀନକବି ଶ୍ରୀ ଦୀନକୃଷ୍ଣଦାସଙ୍କ କବିତା ରସକଲ୍ଲୋଳ ଶଦପୁସ୍ତକ ସଂଶୋଧନ ପୂର୍ବକ ମୁଦ୍ରାଙ୍କିତ କରିବାରେ ପ୍ରବୃତ୍ତ ଅଛୁଁ ମଧ୍ୟ ଅଳ୍ପକାଳ ସମୟ ମଧ୍ୟରେ ଏକାର୍ଯ୍ୟ ସମାଧାନ ହେବ । ଯେଉଁ ବ୍ୟକ୍ତିମାନେ ଏପୁସ୍ତକର ଗ୍ରାହକ ହୋଇଁ ଛପାହେବା ପୂର୍ବରୁ ସ୍ୱାକ୍ଷରିତ ପତ୍ର ଆମ୍ଭନିକଟକୁ ପଠାଇବେ ସେମାନେ ପୁସ୍ତକର ନିର୍ଦ୍ଧାରିତ ମୂଲ୍ୟର ଏକର ଚତୁର୍ଥାଂଶ କ୍ଷମା ପାଇବେ । ଅତଏବ ଏହି ପ୍ରାର୍ଥନା ଯେ ପୁସ୍ତକେଚ୍ଛୁକ ମହାଶୟଗଣ ଉକ୍ତ ବିଷୟ ଉପରେ ଦୃଷ୍ଟି ରଖି ସ୍ୱାକ୍ଷରିତ ପତ୍ର ଅତିଶୀଘ୍ର ଆମ୍ଭନିକଟକୁ ପଠାଇଁ ଚରିତାର୍ଥ କରିବେ ଇତି ।

୨୦।୩।୭୧

। ବି । ଶ୍ରୀ ପ୍ରଭାକର ଚୂଡ଼ାମଣି
କଟକ ନର୍ମାଲସ୍କୁଲ ଦ୍ୱିତୀୟଶିକ୍ଷକ ।

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୬ | ତା ୨୯ ରିଖ ମାହେ ଏପ୍ରେଲ ସନ ୧୮୭୧ ମସିହା । ବୈଶାଖ ୧୮ ଦିନ ସନ ୧୨୭୮ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪
ସଂଖ୍ୟା ୧୭ | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
| | ମଫସଲ ପାଇଁ ଡାକମାସୁଲ ୧ଟଙ୍କା


## ଗବର୍ଣ୍ଣମେଣ୍ଟ କାଲ ଦ୍ୱାରା ଜଳସେଚନ ପ୍ରଣାଳୀ ।

କାଲକାର୍ଯ୍ୟ ଦ୍ୱାରା ଓଡ଼ିଶାର କେତେ ଉପକାର ବା ଅପକାର ହେଉଅଛି ତହିଁର ବିଚାର ନିମିତ୍ତ କଟକସୋସାଇଟୀର ଗୋଟିଏ ସାଧାରଣ ସଭା ଆଗାମିମାସ ତା ୬ ରିଖରେ ହେବ ତହିଁର ବିଜ୍ଞାପନପତ୍ର ଅମ୍ଭେମାନେ ଖଣ୍ଡିଏ ପାଇଁଥିବାରୁ ଯଥାସ୍ଥାନରେ ପ୍ରକାଶ କଲୁଁ । ସଭ୍ୟମାନଙ୍କୁ ସାକ୍ଷୀ ସହିତ ଆସିବାର ପ୍ରାର୍ଥନା ଥିବାରୁ ପଞ୍ଚଖଣ୍ଡିକ ସମନପ୍ରାପ୍ତ ଲୋକ ହେଉଅଛି ତହିଁରେ ଅନେକ ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଉପସ୍ଥିତହୋଇ ସଭାକୁ ଶୋଭିତ କରିବେ । ଏ ସଭାକରିବାର ବିଶେଷ ଉଦ୍ଦେଶ୍ୟ କଣ ପତ୍ରସମ୍ବଳିତ ପ୍ରଶ୍ନାବଳୀରୁ ସ୍ପଷ୍ଟରୂପେ ପ୍ରକାଶ ପାଉ ନାହିଁ । ସାମାନ୍ୟ ବିବେଚନାରେ ପ୍ରକାଶ ହୁଅଇ ସୋସାଇଟୀ ଏ ବିଷୟରେ ଗବର୍ଣ୍ଣମେଣ୍ଟଙ୍କ ଭାର ଗ୍ରହଣ କରୁଅଛନ୍ତି ଓ ଅବସନ୍ନ ହେଲେ କାଲ ନିର୍ମାଣ କାର୍ଯ୍ୟ ଏକାବେଳକେ ବନ୍ଦ କରିଦେବେ ଏମନ୍ତ ଶଙ୍କା ହେଉଅଛି । ଅମ୍ଭମାନଙ୍କର ଏବିଷୟରେ ମତାମତ ପ୍ରକାଶ କରିବାର ସମୟ ହୋଇ ନାହିଁ କାରଣ ଜାଣିକରିବାର ସମସ୍ତ ହୋଇ ନାହିଁ କାରଣ ଜାଣି-କରିବାର ଲୋକେ ଆପେ ଆସି ମତ ବ୍ୟକ୍ତ କରିବାର ପ୍ରାର୍ଥନା ହୋଇଅଛି ତଥାପି ଅମ୍ଭେମାନେ ଅନୁମାନ କରୁଁ ଯେ ଜଳସେଚନ କାର୍ଯ୍ୟର ଉପଯୋଗିତା ବିଷୟରେ ମତ ଦେବାର ସମୟ ବିଲମ୍ବ ଅଛି । କେବଳ ଗତବର୍ଷ କାଲରୁ ଜଳସେଚନ କାର୍ଯ୍ୟ ଏକପ୍ରକାର ଚଳିବାର ଦେଖା ଯାଉଅଛି ଓ ତହିଁରେ ଉକ୍ତ ଅବସ୍ଥା ଦୂରହେଁ-ଯାକ ଅନୁଭବରେ ଆସିଅଛନ୍ତି । ଦୁଇ ଚାରିବର୍ଷ କାର୍ଯ୍ୟ ଚଳିଲେ ପ୍ରକୃତ ଅବସ୍ଥା ଜଣାପଡିବ ।

---

## ଗଡ଼ଜାତର ଖସଭୂମି ।

ଦିନ୨ ଯେମନ୍ତ ଦ୍ରବ୍ୟର ମୂଲ୍ୟ ବଢୁଅଛି ଓ ଲୋକଙ୍କର ସଂସାରନିର୍ବାହ କଠିନ ହୋଇ ଆସୁଅଛି ସେହିରୂପ ନାନାପ୍ରକାରରେ ଧନଅର୍ଜନ କରିବାକୁ ଲୋକେ ବ୍ୟସ୍ତ ଅଛନ୍ତି ନୂତନ ଉପାୟ ଅବଲମ୍ବନ ପୂର୍ବକ ଧନଲାଭ କରିବା ଜନ ବୁଦ୍ଧି ଓ ସଙ୍ଗତି ସମସ୍ତଙ୍କର ନାହିଁ ବୋଲି ତାହା ବୋଲି କେହି ନିଶ୍ଚିନ୍ତ ହୋଇ ରହୁ ନାହାନ୍ତି । ଯେଉଁମାନେ ନୂତନ ଉପାୟ ଉଦ୍ଭାବନ କରିବାକୁ ଅକ୍ଷମ ସେମାନେ ପୁରାତନ ଉପାୟମାନ ଅଭିନବପୂର୍ବକ ଅବଲମ୍ବନ କରି ଜୀବଯାତ୍ରା ନିର୍ବାହ କରୁଅଛନ୍ତି । ଏ ଦେଶରେ କୃଷି ପ୍ରଧାନ ବ୍ୟବସାୟ ଓ ଦିନ୨ ତହିଁର ଏତେ ବିସ୍ତାର ହୋଇଆସୁଅଛି ଯେ ଗୋଚରପଡିଆ ସୁଦ୍ଧା ରକ୍ଷା ପାଉ ନାହିଁ । ଯେଉଁ ଠାରେ କୌଣସି ଉପାୟରେ ଚଷ ଫସଲ ହୋଇପାରେ ତାହା କରିବାରେ ଲୋକେ ତ୍ରୁଟି କରୁ ନାହାନ୍ତି । ଏଣୁ ମୋଗଲବନ୍ଦିରେ ପ୍ରାୟ ଅନର୍ଥକ ପଡିଆ ଭୂମି ନାହିଁ । ମାତ୍ର ଗଡ଼ଜାତଅଞ୍ଚଳକୁ ଗଲେ କେତେକ ପଡିଆ ଭୂମି ପଡିରହିଥିବାର ଦେଖାଯାଏ ତହିଁର ଇୟତ୍ତା ନାହିଁ । ଏ ଭୂମିରେ ଧାନକ୍ଷେତ୍ର ହୁଅନ୍ତା ନାହିଁ ବୋଲି ଲୋକେ ତାହା ପାଖକୁ ଯାଉ ନାହାନ୍ତି । କୌଣସିଠାରେ ଅବା ଗ୍ରାମ କଟା ଜଙ୍ଗଲରେ ଉତ୍ପନ୍ନ ହୁଅଇ ନହୁବା ଅନେକ ଭୂମି ଅକର୍ମଣ୍ୟ ହୋଇ ପଡିରହିଅଛି ଏସବୁରେ ଯଦ୍ୟପି ଧ ଏଠାର ତଳମାଟି ଶସ୍ୟ ବଡ ହୋଇ ନ ପାରେ ମାତ୍ର ଚେଷ୍ଟାକଲେ ଯେ ଅନ୍ୟ ଫସଲମାନ ହେବ ତହିଁରେ ସନ୍ଦେହ ନାହିଁ ।

ଡେଲକାନ୍ସର ଜଣେ ପତ୍ରପ୍ରେରକ ଲେଖନ୍ତି ଯେ ଗଡ଼ଜାତମାନଙ୍କରେ ଉତ୍ତମ ଗଁ କ୍ଷେତ ହୋଇପାରେ । ଚମ୍ପାରଣ ପାଟଣାପ୍ରଭୃତି ଭୂମିଠାରୁ ଓଡ଼ିଶା ଗଡ଼ଜାତର ଭୂମି ନିକୃଷ୍ଟ ନୁହଇ ଓ କୌଣସି ଜାଣିବା ଲୋକ ଥରେ ଚେଷ୍ଟାକରି ଦେଖିଲେ ଏକଥାର ସାକ୍ଷାତ ପ୍ରମାଣ ପାଇବେ ଗଡ଼ଜାତରେ ଗଁ ଫସଲ ହେବା ଯୋଗ୍ୟ ଅନେକ ଭୂମି ଥିବାର ଅମ୍ଭେମାନେ ପୂର୍ବରୁ ଶୁଣିଅଛୁଁ ଓ ତହିଁରେ ଅମ୍ଭମାନଙ୍କର ବିଶ୍ୱାସ ହୁଅଇ ମାତ୍ର ଦୁଃଖର ବିଷୟ ଯେ କେହି ଚେଷ୍ଟା କରିବାକୁ ଲୋକ ନାହିଁ । ରାଜାମାନଙ୍କୁ ଏ ବିଷୟରେ ଅନୁରୋଧ କରିବା ବୃଥା କାରଣ ସେମାନେ ନୂତନ ଉପାୟଦ୍ୱାରା ଧନଲାଭ କରିବାକୁ କେବେ ଚେଷ୍ଟା କରନ୍ତି ନାହାନ୍ତି । ମାତ୍ର ଗବର୍ଣ୍ଣମେଣ୍ଟ ପକ୍ଷରୁ ଯେବେ ଅନୁଗୁଳ ଓ ବାଙ୍କିରେ ଏଥିର ପରୀକ୍ଷା ହୁଅଇ ତେବେ ଅବଶ୍ୟ ଫଳଲାଭ ହେବ । ଅତଏବ ଅମ୍ଭେମାନେ ଗଡ଼ଜାତ ସୁପ୍ରିଣ୍ଟଙ୍କୁ ଏବିଷୟରେ ଅନୁରୋଧ କରୁଅଛୁ

Split by PDF Splitter

Digitized by srujanika@gmail.com

କି ସେ ଜଣେ ଉପଯୁକ୍ତ କୃଷିକାର୍ଯ୍ୟ ଜାଣିବା ବ୍ୟକ୍ତିଙ୍କୁ ଅଣାଇଁ ଏଥିର ଉଦ୍ୟମ କରନ୍ତୁ ପ୍ରଜାମାନେ ଫଳ ଦେଖିଲାରୁ ଏ ଗୃସ ବୃଦ୍ଧି ପକ୍ଷରେ ବିଲମ୍ବ କରିବେ ନାହିଁ ।

---

ଚୌକିଦାର ଓ ନାଲଇଲାକା ଜମସ୍ତୀ ।

ନାଲଇଲାକା କର୍ମଚାରିଙ୍କୁ ଚୌକିଆମାନେ ସାହାଯ୍ୟ କରିବା ବିଷୟରେ ଅମ୍ଭେମାନେ ଚଳିତମାସ ତା ୧ ରଖର ପତ୍ରିକାରେ ଯେ ଆଜ୍ଞା ଉଲ୍ଲେଖ କରିଥିଲୁଁ ଗବର୍ଣ୍ଣମେଣ୍ଟ ବଙ୍ଗାଳ ପୁନର୍ବିଚାର ପୂର୍ବକ ତାହା ସଂଶୋଧନ କରିଅଛନ୍ତି । କାହିଁକି ପୂର୍ବପ୍ରକାଶିତ ଆଜ୍ଞାର ପୁନର୍ବିଚାର ହେଲା ଅମ୍ଭେମାନେ କହି ନ ପାରୁଁ ବୋଧ ହୁଅଇ ଚୌକିଦାରମାନଙ୍କ ପାଇଁ ପୁଲିସକର୍ମଚାରୀମାନେ ଗବର୍ଣ୍ଣମେଣ୍ଟକୁ ଆବେଦନ କରିଥିବେ କାରଣ ଚୌକିଆମାନେ ସର୍ବଦା ଅମୀନଙ୍କ ନିକଟରେ ଉପସ୍ଥିତ ରହିଲେ ତାହାଙ୍କର ପ୍ରକୃତ କାର୍ଯ୍ୟରେ ବ୍ୟାଘାତ ହେବାର ସମ୍ଭାବନା ।

ଲେପ୍ଟେନେଣ୍ଟ ଗବର୍ଣ୍ଣର ପୂର୍ବ ଆଜ୍ଞା ରହିତ କରେ ଲେଖିଅଛନ୍ତି କି ସନ ୧୮୧୭ ମସିହା ଆ ୨ ଇନର ଧା ୨୧ ମତେ ଚୌକିଦାରମାନେ ସମସ୍ତ ଘଟନାର ସମ୍ବାଦ ଥାନାରେ ଦବା ଏବଂ କେତେପ୍ରକାର ଅପରାଧିଙ୍କୁ ଗିରଫ୍ତାର କରିବା କାରଣ ମଧ୍ୟ ଥିଲେ ହେଁ କାର୍ଯ୍ୟତଃ ଏହି ସ୍ଥିର ହୋଇଅଛି ଯେ ଚୌକିଦାର ପୁଲିସର ଜଣେ କମଚାରୀସ୍ୱରୂପ ଅପରାଧ ଧରିବା ବିଷୟରେ ସାଧାରଣ ରୂପେ ସାହାଯ୍ୟ କରିବାକୁ ସେ ବାଧ୍ୟ ଅଛି ।

ବଙ୍ଗଳାକୌନସଲର ସନ ୧୮୬୭ ମସିହା ଅଠଅଇନର ଧା ୮ ଅନୁସାରେ ମୂଲ୍ୟ ନ ଦେଇ କିମ୍ବା ମୂଲ୍ୟ ଦେବା କାରଣ ଏକରାରନାମା ଲେଖି ନ ଦେଇ ଇଚ୍ଛାପୂର୍ବକ ନାଳଜଳ ନଡାଇବା ଭାରତବର୍ଷୀୟ ଦଣ୍ଡବିଧିର ଦଣ୍ଡନୀୟ ଅପରାଧ ବୋଲି ଧାର୍ଯ୍ୟ ହୋଇଅଛି । ଅତଏବ ଲେପ୍ଟେନଣ୍ଟଗବର୍ଣ୍ଣର ଆଜ୍ଞା ଦେଇଅଛନ୍ତି ଯେ ଚୌକିଦାରମାନେ ଆପଣା ୨ ଏଲାକା ମଧ୍ୟରେ ଏରୂପ ଅପରାଧ ଘଟିବାର ଦେଖିଲେ ତହିଁର ସଂବାଦ ଦେବେ । ଏହା ଭିନ୍ନ କେନାଲମହଲମାନଙ୍କୁ ଜଳ ନଡାଇବା ଲୋକମାନ ଧରାଇଁ ଦେବା କିମ୍ବା ଅନ୍ୟପ୍ରକାରରେ ସାହାଯ୍ୟ କରିବା ପାଇଁ ଚୌକିଦାରଙ୍କୁ ଲେପ୍ଟେନଣ୍ଟଗବର୍ଣ୍ଣର ଆଜ୍ଞା ଦେଇ ନ ପାରନ୍ତି ।

ପାଠକମାନେ ପୂର୍ବଆଜ୍ଞା ସଙ୍ଗେ ଏହାକୁ ତୁଳନା କଲେ ଅବଶ୍ୟ ଜାଣିପାରିବେ ଯେ ଏହା ସର୍ବାଂଶରେ ନ୍ୟାଯ୍ୟ ସିଦ୍ଧ ହୋଇଅଛି । ଅମ୍ଭେମାନେ ପୂର୍ବ ଆଜ୍ଞାକୁ ଅସଙ୍ଗତ ଜ୍ଞାନ କରି ନ ଥିଲୁଁ କାରଣ ଯେତେବେଳେ ଚୌକିଆଙ୍କୁ ପଦକାରସ୍ଥ କର୍ମରେ ନିଯୁକ୍ତ କରିବାପାଇଁ କଲକ୍ଟରକର୍ମଚାରୀମାନେ ଚେଷ୍ଟା କରୁଥିଲେ ତେତେବେଳେ କେବଳ ସମ୍ବାଦ ଦେବା କଥାକୁ ଅମ୍ଭେମାନେ ବହୁତ ଭଲ ଜ୍ଞାନ କଲୁଁ ଓ ମଧ୍ୟ ଚୌକିଆମାନଙ୍କଠାରୁ ଏ ସବୁ ସମ୍ବାଦ ଅନ୍ୟ ସରକାରି କର୍ମକାରକମାନେ ଅପେକ୍ଷା କରିଥାନ୍ତି । କିନ୍ତୁ ଆମ୍ଭମାନଙ୍କର ସ୍ମରଣ ନ ଥିଲା ଯେ ଅମିନମାନଙ୍କୁ ଉକ୍ତ ପ୍ରକାର ସାହାଯ୍ୟ କରିବାକୁ ଗଲେ ଚୌକିଆମାନେ ସର୍ବଦା ତାହାଙ୍କ ନିକଟରେ ହାଜର ରହିବେ ଓ ତହିଁରେ ତାହାଙ୍କ ପ୍ରକୃତ କର୍ମର ବ୍ୟାଘାତ ହେବ । ବର୍ତ୍ତମାନ ଯେ ଆଜ୍ଞା ହେଲା ତାହା ନିର୍ଦ୍ଦୋଷ ଅଟଇ ଏଥିରେ ଚୌକିଆଙ୍କୁ ଅଯୁକ୍ତ କର୍ମ କରିବାକୁ ହେବ ନାହିଁ କିମ୍ବା କଲକ୍ଟର ସାହେବଙ୍କ ନିକଟରେ ଉପସ୍ଥିତ ରହିବାକୁ ପଡିବ ନାହିଁ ।

---

କରୋଲିନାଧାନ

ଅମ୍ଭେମାନେ ଶ୍ରୀଯୁକ୍ତ କର୍ଲ୍ଡ୍ ସାହେବ କେନାଲ ରେବନ୍ୟୁ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କଠାରୁ କେରୋଲିନା ଧାନ ଗୃସ ବିଷୟରେ ନିମ୍ନଲିଖିତ ପତ୍ରଖଣ୍ଡିକ ପ୍ରାପ୍ତ ହୋଇ ସର୍ବସାଧାରଣଙ୍କ ଗୋଚର ନିମିତ୍ତ ପ୍ରକାଶ କରୁଅଛୁଁ ଯଥା ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ସମୀପେଷୁ

ମହାଶୟ

କେରୋଲିନା ଧାନ ଗୃସ ଏଠାରେ ପ୍ରଚଳିତ କରିବା ଉଦ୍ଦେଶରେ ଅମ୍ଭେ ୫୦ ମହଣ ବିହନ ଅଣାଇବାର ବନ୍ଦୋବସ୍ତ କରିଅଛୁଁ । ଯେ କେହି ଗୃସ କରିବାକୁ ମାନସ କରିବେ ଅମ୍ଭ ନିକଟରେ ପ୍ରାର୍ଥନା କଲେ ଅସଲ୍ ଦରରେ ବିହନ ପ୍ରାପ୍ତ ହୋଇପାରିବେ ମୂଲ୍ୟ ଓ ମହଣକୁ ଅନୁମାନିକ ୫।୯ ଟା ଲେଖାଏଁ ପଡିବ ।

ପ୍ରାର୍ଥିମାନେ ଇଚ୍ଛାନୁସାରେ ମୂଲ୍ୟ ନଗଦ ଦେବେ ଅଥବା ଧାନକାଟିଲାଠାରୁ ଆଗାମି ଡିସେମ୍ବରମାସରେ ଦେବେ ।

ମାନ୍ଦ୍ରାଜରେ କର୍ଣ୍ଣେଲ ଅସବର୍ଣ୍ଣର ଏଧାନ ଗୃସ କରି ପରୀକ୍ଷାଦ୍ୱାରା ଯେଉଁ ଆଶ୍ଚର୍ଯ୍ୟ ଫଳ ପ୍ରାପ୍ତ ହୋଇଅଛନ୍ତି ଅମ୍ଭେ ଏଠାରେ ତହିଁର ଉଲ୍ଲେଖ କରୁଅଛୁଁ । ସେ ସାବଧାନ ପୂର୍ବକ ଯଥା ବିଧାନରେ ଜଳସେଚନ ଓ ଗୋପଣଦ୍ୱାରା ଛଅସେର ବିହନରୁ ୧୬୩୭ ସେର ଧାନ ପାଇଅଛନ୍ତି ମାତ୍ର ନିକଟବର୍ତ୍ତୀ କ୍ଷେତରେ ଦେଖିଅଛନ୍ତି ୧୬୪ ସେର ବିହନରେ କେବଳ ଧାନ ୧୨୪୦ ସେର ଫଳିଥିଲା ।

ଏଧାନ ଗଛରେ ଉତ୍ତମ ଖଡ଼ଗୃଉଳ ମିଳଇ ଓ ତାହା ନିଟକ କଲିକତାରେ ଉଚ୍ଚ ମୂଲ୍ୟରେ ବିକି ହୋଇପାରିବ । ଏହାର ଆଉ ଗୋଟିଏ ଗୁଣ ଏହି ଯେ ଅଳ୍ପମାସରେ ଫସଲ ପ୍ରସ୍ତୁତ ହୁଅଇ ।

ଅମ୍ଭେ ବିହନ ପାଇଁ ପ୍ରାର୍ଥନା ପତ୍ର ପାଇବାକୁ ଆଗ୍ରହ କରୁଅଛୁଁ ଓ ଏବିଷୟ ସର୍ବସାଧାରଣଙ୍କୁ ଜଣାଇବା ଆଶାରେ ଆପଣଙ୍କୁ ପ୍ରାର୍ଥନା କରୁଅଛୁଁ ଆଗାମି ପତ୍ରିକାରେ ଏହାକୁ ମୁଦ୍ରିତ କରିବେ ।

ତା ୨୨ ରଖ ଅପ୍ରେଲ ସନ ୧୮୬୯ ମସିହା } ଦସ୍ତଖତ କର୍ଲ୍ଡ୍ ସାହେବ କେନାଲରେବନ୍ୟୁସୁପ୍ରିଣ୍ଟ

## ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ କମିଶନର ସାହେବ ଅଦ୍ୟ ପୁରୁଷୋତ୍ତମରୁ ଏ ନଗରକୁ ଯାତ୍ରା କରିବେ ଓ ଶୁଣାଯାଏ ଯେ ଆଗାମୀ ଶୀତକାଳ ପର୍ଯ୍ୟନ୍ତ ଆଉ ମୋଫସଲକୁ ଯିବେ ନାହିଁ ।

ଗତ ପୂର୍ବ ଶୁକ୍ରବାରଠାରୁ ପ୍ରାୟ ସପ୍ତାହ କାଳ ଧରି ବୃଷ୍ଟି ହୋଇ ଯାଇଅଛି ଦବା ସୃଷ୍ଟି ଅକାଳ ମେଘ ହେବାରୁ ବର୍ଷାକାଳ ପ୍ରାୟ ଅନୁଭବ ହେଲା ଓ ଜଳାଶୟମାନଙ୍କରେ ଜଳବୃଦ୍ଧି ହେବାରୁ ଭେକମାନେ ଆନନ୍ଦରେ ରଡି କଲେ ଅବଶ୍ୟ ମେଘର ଆଗସ୍ତ ଶୀଘ୍ର ନାହିଁ । ଅଧିକ ବୃଷ୍ଟିରେ କୃଷିକାର୍ଯ୍ୟର ବ୍ୟାଘାତ ହେବ ବୋଲି ଭୟ ହେଉଅଛି ।

ଅମ୍ଭେମାନେ ଗତ ସପ୍ତାହରେ ଲେଖିଥିଲୁ ଯେ ଶ୍ୟାମସୁନ୍ଦର ଦତ୍ତ କଠିନ ପରିଶ୍ରମ ସହିତ କଏଦ ରହିବାର ଓ ୫୦୦ ଟା ଅର୍ଥଦଣ୍ଡର ଆଜ୍ଞା ପାଇଅଛନ୍ତି ମାତ୍ର ତାହା ଭ୍ରମ ଅଟଇ ତାହାଙ୍କୁ ୫୦୦ ଟା ଅର୍ଥଦଣ୍ଡ ଓ ତାହା ନ ଦେଲେ ଛମାସ କଏଦ ରହିବାର ଆଜ୍ଞା ହୋଇଅଛି ଅପିଲ ଅଦାଲତ ଜାମିନରେ ମୁକ୍ତ ପାଇବାର ପ୍ରାର୍ଥନାକୁ ଅଗ୍ରାହ୍ୟ କରିଅଛନ୍ତି ।

ଗତ ପ୍ରକାଶିତ ବାଲେଶ୍ୱର ସମ୍ବାଦବାହିକାର ସମ୍ପାଦକ ଲେଖିଅଛନ୍ତି ଯେ "ଅମ୍ଭେମାନେ

Split by PDF Splitter

Digitized by srujanika@gmail.com

Split by PDF Splitter



ଗତ ବୈଶାଖମାସୀୟ ପତ୍ରିକାରେ ନୀଲଗିରି-ରାଜାଙ୍କର ଗୃହବିବାଦ ବିଷୟରେ ଯେଉଁ ପ୍ରସ୍ତାବ ଲେଖିଥିଲୁଁ ତାହା ପାଠକମାନଙ୍କୁ ଜଣା ଅଛି। ସେଥିରେ ରାଜାଙ୍କ ଦେୱାନ ବାବୁ ଦାମୋଦର ମହାପାତ୍ର ଅପଣାକୁ ଅପମାନିତ ଜ୍ଞାନ କରି ୧୦୦୦ ଟଙ୍କା ଇଜ୍ଜତଦାବୀରେ ଆମ୍ଭମାନଙ୍କ ବିରୁଦ୍ଧରେ ବାଲେଶ୍ୱର ଜିଲାର ମୁନସଫ ଶ୍ରୀଯୁକ୍ତ ବାବୁ ଯଦୁନାଥ ଦାସ ମହାଶୟଙ୍କଠାରେ ନାଲିସ କରିଅଛନ୍ତି। ଦେୱାନ ଅପଣା ଦରଖାସ୍ତରେ ଲେଖିଅଛନ୍ତି ତାହାଙ୍କ ଇଜ୍ଜତର ଦାମ ୫୦,୦୦୦ ଟଙ୍କା ଥିବା ପ୍ରତ୍ୟକ୍ଷେ ଆମ୍ଭେମାନେ ତେତେ ଟଙ୍କା ଦେଇ ପାରିବୁଁ ନାହିଁ ବୋଲି ସେ ୪୯୦୦୦ ଟଙ୍କା ଛାଡ଼ି ଦେଇ ୧୦୦୦ ଟଙ୍କା ପାଇଁ ନାଲିସ କରିଅଛନ୍ତି। ମକଦ୍ଦମା ସଂକ୍ରାନ୍ତ ଅନ୍ୟାନ୍ୟ ବିଷୟ ଓ ମୁନସଫଙ୍କ ବିଚାର କ୍ରମଶଃ ପାଠକମାନଙ୍କୁ ଗୋଚର କରାଇବୁଁ" ଦେୱାନ ଅପଣା ଦାବୀର ପଞ୍ଚାଶ ଭାଗର ଏକଭାଗ ମାତ୍ର ପାଇବାର ପ୍ରାର୍ଥନା କରିବାରୁ କାହା ଉପରେ ଅନୁଗ୍ରହ କରିଅଛନ୍ତି ବୁଝିବାର କଠିନ କାରଣ ଯେବେ ମୁଦାଲା ଉପରେ ଅନୁଗ୍ରହ କରି ୪୯ ଅଂଶ ଛାଡ଼ି ଦେଲେ ତେବେ ଆଉ ଏକଅଂଶକୁ ଛାଡ଼ି ଦେଇଁ ପାରିଲେ ନାହିଁ ?। ଅନୁମାନ ହୁଏ ଅଧିକ ଟଙ୍କା ଦାବୀ କଲେ କୋର୍ଟକୁ ନାଲିସ ସହାଶେ ଅଧି ଖର୍ଚ୍ଚ ହେବାରୁ ପଡ଼ିବ ବୋଲି ଅପଣା ଉପରେ ଅନୁଗ୍ରହ କରି ଚଳ କାନ୍ଥନରେ ଶୁଦ୍ଧ ହେଉଅଛନ୍ତି। ଯେବେ ମୁଦାଲାର କ୍ଷତି ନ କରି କେବଳ ତାହାକୁ ଶାସନ କରିବାର ଇଚ୍ଛା ଥାଏ ତେବେ ଟଙ୍କାଟିଏ ଦାବୀ କରିଥିଲେ ସେହି ଫଳ ହୁଅନ୍ତା।

ଡେଲିନ୍ୟୁସରୁ ଅବଗତ ହେଲୁ କି ଜଣେ ପରୀକ୍ଷିତ କର୍ମଚାରୀ କି ସେ ଅଳ୍ପକାଳ ହେଲା ଫିଣ୍ଡ଼ଏ ଉଲକର୍ମ ପାଇ ବଲାତରୁ ପଞ୍ଜାବକୁ ଆସିଥିଲେ କୌଣସି ଅନ୍ୟାୟ କାର୍ଯ୍ୟ କରିବାରୁ ଅପଣାପଦରୁ ବହିଷ୍କୃତ ହୋଇଅଛନ୍ତି। ଧନବିଭାଗର ଅଧ୍ୟକ୍ଷ ତାହାଙ୍କୁ କର୍ମଚ୍ୟୁତ କରିବାପାଇଁ ଗବର୍ଣ୍ଣର ଜେନରଲଙ୍କ ନିକଟକୁ ଯେଉଁ ପତ୍ର ଲେଖିଥିଲେ ସେଥିରେ ସ୍ପଷ୍ଟରୂପେ କହିଥିଲେ କି ବିଲାତରୁ ଭାରତବର୍ଷକୁ କର୍ମକାରକ ଆଣିବାର ନିୟମ ଉତ୍ତମରୂପେ ଚଳୁନାହିଁ ଗବର୍ଣ୍ଣର ଜେନରଲ ଏ ମତରେ ଐକ୍ୟ ହୋଇଅଛନ୍ତି। ଦେଖାଯିବ ଏଣିକି ଗବର୍ଣ୍ଣର ଜେନେରଲସାହେବ କେତେ ଦେଶୀୟ ଲୋକଙ୍କୁ ଉଚ୍ଚପଦରେ ବସାଇବେ।

କରାଚୀର କଷ୍ଟମ କଲେକ୍ଟରଙ୍କ ପ୍ରଚାରିତ ଫର୍ଦ୍ଦରୁ ଜଣାଯାଏ ଯେ ସିନ୍ଧୁଦେଶର ବନ୍ଦରସବୁରୁ ଏବର୍ଷ ୪୭୪୮ ବସ୍ତା ତୁଲା କି ତହିଁର ମୂଲ୍ୟ ଟ ୫୨୭,୫୦୦ ଙ୍କା ଅର୍ଥାତ ବିଦେଶକୁ ରପ୍ତାନି ହୋଇଅଛି। ଏ ତୁଲାସବୁ ତିନଖଣ୍ଡ ଜାହାଜରେ ବୋଝାଇହୋଇ ଯାଇଥିଲା ତହିଁମଧ୍ୟରୁ ଦୁଇଖଣ୍ଡ ଇଂଲଣ୍ଡକୁ ଓ କେବଳ ଏକ ଖଣ୍ଡ ଚୀନଦେଶକୁ ରପ୍ତାନି ହୋଇଥିଲା।

ବମ୍ବେଇରେ ଗୋଟିଏ ଜାହାଜରେ ତୁଲା ଲଦିବା ସମୟରେ ଦେଖାଗଲା ଯେ କେତେକ ବସ୍ତାରେ ତେଲୁଅ ତୁଲା ଅଛି ନଚେତ୍ ବସ୍ତାର ତୁଲାଯାକ ତେଲରେ କେହି ବୁଡ଼ାଇ ଦେଇଅଛି। ଅନ୍ୟାନ୍ୟ ଜାହାଜରେ ମଧ୍ୟ ଏହିପରି ଦେଖାଯାଇଅଛି। ଏହାର କାରଣ କି ?

ଡେଲିନ୍ୟୁସ ଶ୍ରବଣ କରିଅଛନ୍ତି ଯେ କଲିକତାର ଗବର୍ଣ୍ଣମେଣ୍ଟ ବିଦ୍ୟାଳୟମାନ ଆଗାମି ମାସ ତା ୯ ରଖଠାରୁ ଏକମାସ ନିମନ୍ତେ ବାର୍ଷିକ ଗ୍ରୀଷ୍ମକାଳର ଛୁଟି ଭୋଗ କରିବ। କଟକର ସ୍କୁଲମାନ ଶୀତକାଳରେ ବନ୍ଦହୁଅଇ। କେଉଁ ମତ ଶ୍ରେଷ୍ଠ ପାଠକମାନେ ଅନୁମାନ କରନ୍ତୁ।

ଓରଦା ପଥରକୋଇଲାଖଣି ନିକଟକୁ ରେଲଓ୍ୱାଡବାଟ ନିର୍ମାଣ କରିବା କାରଣ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ପାଞ୍ଚଲକ୍ଷ ଟଙ୍କା ଗଲିତବର୍ଷ ବଜେଟରେ ମଞ୍ଜୁର କରି ଅଛନ୍ତି ମାତ୍ର ଅବଧି ରେଲବାଟ ହେବାର ନିଶ୍ଚୟ ହୋଇ ନାହିଁ।

ବମ୍ବେଇରେ ଦେଶୀୟ ସିପାହିଙ୍କ ଲାଇନରେ ବସନ୍ତରୋଗର ପ୍ରାଦୁର୍ଭାବ ହୋଇଅଛି। ଚିକିତ୍ସାଳୟରେ ଏ ରୋଗିଙ୍କ ନିମନ୍ତେ ସ୍ଥାନ ନ ହେବାରୁ ପଡ଼ିଆରେ କୁଡ଼ିଏ ଟଣା ହୋଇ ତହିଁରେ ଏମାନଙ୍କୁ ରଖାଯାଇଥିଲା ମାତ୍ର ତହିଁନିକଟରେ ଜଣେ ଇଂରାଜକର୍ମଚାରୀଙ୍କ କୋଠି ଥିଲା। ରୋଗୀର ବତାସ ସେଠାରେ ଲାଗିବାରୁ ଉକ୍ତ ଇଂରାଜ ପୀଡ଼ିତ ହୋଇ ମରିଗଲେ।

ପାବନାସ୍ଥ ବିଧବାବିବାହ ଘେନି ବଙ୍ଗୀୟ ହିନ୍ଦୁଧର୍ମାନୁରାଗି ଅମଲା, ଉକୀଲ, ମୁକ୍ତାରମାନଙ୍କ ମଧ୍ୟରେ ମହାଗହଳ ପଡ଼ିଅଛି। ସେମାନେ ଚୈତ୍ର ର ୨୭ ନ ରବିବାର ଗୋଟିଏ ପ୍ରାକାଶ୍ୟ ସଭା କରିଥିଲେ, ତହିଁରେ ଏହି ପ୍ରସ୍ତାବ ହେଲା "ଯେଉଁମାନେ ବିଧବାବିବାହରେ ସଂଲଗ୍ନ ଥିଲେ ଆମ୍ଭମାନଙ୍କ ଦଳସ୍ଥ କେଉଁଣସି ବ୍ୟକ୍ତି ତାଙ୍କ ସଙ୍ଗରେ ସମ୍ପର୍କ ରଖି ନ ପାରିବେ ଓ ସେମାନଙ୍କର ହୁକା-ପାଣି ବନ୍ଦ କରାଯାଉ" ଏହି ପ୍ରସ୍ତାବରେ କୌଣସି ୨ ମେମ୍ବର ଏହି ଆପତ୍ତି କରିଥିଲେ ଯେ "ଏହି ଦଳସ୍ଥ କୌଣସି ୨ ବ୍ୟକ୍ତି ହିନ୍ଦୁଧର୍ମ ବିରୁଦ୍ଧ ନିଷିଦ୍ଧ କର୍ମ କରିଅଛନ୍ତି ଯେବେ ସେମାନଙ୍କ ହୁକା-ପାଣି ବନ୍ଦ କରାଯାଉ ତେବେ ଆମ୍ଭେମାନେ ପୂର୍ବୋକ୍ତ ପ୍ରସ୍ତାବରେ ସମ୍ମତ ହୋଇପାରୁଁ" ଏହି ଆପତ୍ତି ଉତ୍ଥାପିତ ହେବାରୁ ମେମ୍ବରମାନେ "ହତ ଇତି ଗଜଃ" କରି ସେଦିନ ସଭା ଭଙ୍ଗ କଲେ। ଶୁଣିଲୁଁ ସେହିବିଷୟର ମୀମାଂସା ନିମନ୍ତେ ପୁନର୍ବାର ସଭା ହେବ। ଶ୍ରୀଯୁକ୍ତ ବାବୁ ହରଚନ୍ଦ୍ର ଶର୍ମା ଓ ବିବାହର ପୁରୋହିତ ଶ୍ରୀଯୁକ୍ତ ବାବୁ ବାଣୀଚନ୍ଦ୍ର ଗୁପ୍ତ ଏହି ଦୁଇ ବ୍ୟକ୍ତି ସେମାନଙ୍କର ଲକ୍ଷ୍ୟସ୍ଥଳ ହୋଇଅଛନ୍ତି। ଯାହା ହେଉ ଏକ୍ଷଣେ ଆମ୍ଭମାନଙ୍କର ଏହି ଶଙ୍କା ହେଉଅଛି ଯେ ମେମ୍ବରମାନେ କାଥ ଖୋଳିବାକୁ ଯାଇଁ ଶେଷରେ ଯେପରି ସାପ ବାହାର ନ କରନ୍ତି।

ବଙ୍ଗଲା ସାମାଜିକ ବିଜ୍ଞାନ ସଭାର ଗତ ଅଧିବେଶନରେ ଡାକ୍ତର ଚକ୍ରବର୍ତ୍ତୀ କହିଅଛନ୍ତି ବର୍ତ୍ତମାନ ପୂର୍ବାପେକ୍ଷା କଲିକତାରେ ଓଲାଉଠା ଅନେକ କମ ହୋଇଅଛି। ସେ ବୋଲନ୍ତି ଏ ରୋଗ ନିବୃତ୍ତିର ପ୍ରଧାନ କାରଣ ମିଉନିସିପାଲଟିର ଜଳର କଲ ତାହାର ସନ୍ଦେହ ନାହିଁ।

ହିନ୍ଦୁରଞ୍ଜିକା କହନ୍ତି ନେପାଳର ଜଙ୍ଗବାହାଦୁରଙ୍କ ସଙ୍ଗରେ କେଉଁଣସି ସିକାରୀ ଗୋଟିଏ ହାତିନୁଆ ଧରିଥିଲା ତାହାର ମାତା ତାକୁ ଚହିଁଥିଲା। ଏକସମୟରେ ସେହି ସିକାରକୁ ଘୋଡ଼ା ଚଢ଼ିଯିବାର ଦେଖି ସେହି ହସ୍ତିନୀ ବନରୁ ବାହାରି ତାକୁ ଆକ୍ରମଣ କରନ୍ତେ ସେ ବ୍ୟକ୍ତି ନିରୁପାୟ ହୋଇ ନିକଟସ୍ଥ ଏକ ବରଗଛରେ ଚଢ଼ି ରହିଲା। ଅଶ୍ୱ ବନକୁ ପଳାଇଁ ଗଲା ହସ୍ତିନୀ ଅଶ୍ୱକୁ ଛାଡ଼ି ସେହି ବରଗଛ ମୂଳକୁ ଯାଇ ଥୋରଦ୍ୱାରା ତାକୁ ଉପାଡ଼ିବାର ଚେଷ୍ଟା କଲା ସେ ଗଛ ଅତି ବଡ଼ ଥିବାରୁ ନ ଉପୁଡ଼ନ୍ତେ ହସ୍ତିନୀ ନିକଟବର୍ତ୍ତୀ କେତେକ ରଙ୍ଗାକାଠ ପଡ଼ିଥିବାର ଦେଖି ତାହା ସବୁ ଥୋରଦ୍ୱାରା ବହିଆଣି ସେହି ଗଛମୂଳରେ ଉଚ୍ଚ କରି ଲଗାଇଁ ତହିଁଉପରେ ଉଠି ସେହି ସିକାରକୁ ଆକ୍ରମଣ କରିବାର ଚେଷ୍ଟା କଲା। ସିକାରୀ ହସ୍ତିନୀର ଏମନ୍ତ ରୀତି ଦେଖି ଭୟାତୁର ହୋଇଁ ଆପଣାଠାରେ ଥିବା ପଦାର୍ଥସବୁ ତାହା ଆଗକୁ ପକାଇ ଦିଅନ୍ତେ ହସ୍ତିନୀ ତହିଁରେ ଶାନ୍ତ ନ ଲଭି ବରଂ ଅତିଶୟ କୁପିତା ହୋଇଁ ଉଠିଲା। ଏହିସମୟରେ ଜଙ୍ଗବାହାଦୁର ସୈନ୍ୟବର୍ଗ ଜନ୍ତୁସିକାରରେ ବୁଲୁ ୨ ଏମନ୍ତ ଘଟନା

Digitized by srujanika@gmail.com

Split by PDF Splitter



ଦେଖି ହସ୍ତୀ ସେନା ଆବୃତରେ ସେହି ହସ୍ତିମାନ ବିନାଶ କରିଅଛନ୍ତି ।

ଭାରତବର୍ଷୀୟ ଗବର୍ଣ୍ମେଣ୍ଟ ମାର୍ଗ ଏବ ଶିକ୍ଷାକରକମେଟୀର ରିପୋର୍ଟ ଗ୍ରାହ୍ୟ କରିଅଛନ୍ତି କେବଳ ଏତିକି ମାତ୍ର ପରିବର୍ତ୍ତ ହୋଇଅଛି ଯେ କମିଟୀ ପ୍ରଜାମାନଙ୍କ ଉପରେ ୫୦ ୵ ଅଣା ଜମିଦାରମାନଙ୍କ ଉପରେ ୫୦ । ଅଣା କର ନିର୍ଦ୍ଧାରଣର ଅନୁରୋଧ କରିଥିଲେ । କିନ୍ତୁ ଗବର୍ଣ୍ମେଣ୍ଟ ଅଧା ଅଧି କରିବାକୁ ଚାହାନ୍ତି ।

କାମ୍ବେଲସାହେବ ଲେପ୍ଟିନେଣ୍ଟଗବର୍ଣ୍ଣର ହେବାମାତ୍ରେ ରେଭିନିଉ ବୋର୍ଡ ଆଫିସକୁ ଆଗମନ କରିଥିଲେ । ବୋର୍ଡ ରଖିବା ଉଚିତ କି ନା ଏବିଷୟରେ ତାଙ୍କସଙ୍ଗେ ବୋର୍ଡର ପତ୍ର ଲେଖା ଲେଖି ହେଉଅଛି । ଶୁଣାଗଲା ଲେପ୍ଟିନେଣ୍ଟଗବର୍ଣ୍ଣର ସ୍ଥିରକରି ଅଛନ୍ତି ବର୍ତ୍ତମାନ ଅବସ୍ଥାରେ ରେଭିନିଉ ବୋର୍ଡ ଉଠାଇ ଦିଆଯାଇ ନ ପାରେ ।

ଏଥୁକେଷନ ବୋଲଣ୍ଡି ଗତ ରୈଖ ଦିବସ ରାତ୍ରି ପ୍ରାୟ ଦୁଇପ୍ରହର ସମୟରେ ଅକାଶମଣ୍ଡଳରେ ପୂର୍ବଦିଗ ହଠାତ୍ ଅତ୍ୟନ୍ତ ରକ୍ତବର୍ଣ୍ଣ ହୋଇ ଭୀମନାଦରେ ଶବ୍ଦ ହୋଇଉଠିଲା । ଅମ୍ଭେମାନେ ପ୍ରାୟ ଡ ୧୬।୧୭ ଣ ସେକାଳରେ ଏକସ୍ଥାନରେ ଥିଲୁ । କି କାରଣ ଏପରି ହେଲା ଏବ କାହିଁର ଶବ୍ଦ ସେ ବୁଝି ନ ପାରିଲୁଁ କିନ୍ତୁ ଘଟଣା ପ୍ରାୟ ଘ ୧ । ୧୨ ଘଣ୍ଟା ରହି ସର୍ବଦା ବନ୍ଧୁକର ଶବ୍ଦ ପ୍ରାୟ ଘୋରତର ଗର୍ଜ୍ଜନ ହେଉଥିଲା ଏହି ଘଟଣା ଏଠାବାସୀ ସମସ୍ତେ ଦେଖି ଓ ଶୁଣି ଅତ୍ୟାଶ୍ଚର୍ଯ୍ୟ ହୋଇଅଛନ୍ତି ।

ଏଥର କୃଷ୍ଣପୁଷ୍କରେ ସ୍ନାନ କରିବା ନିମିତ୍ତ ଅଯୋଧ୍ୟା, ମୁରଶିଦାବାଦ, ନବଦ୍ୱୀପ ପ୍ରଭୃତି ସ୍ଥାନର ଅସଂଖ୍ୟ ଯାତ୍ରୀ ଯାଇଥିଲେ । ଏ ପ୍ରଦେଶର ଗୋସ୍ୱା ଘାଟରେ ଗଣ୍ଡିଏ ନୌକା ଥାଏ କିନ୍ତୁ ଗତ ରୈଖ ଦୁଇଦିନଠାରୁ ପ୍ରତ୍ୟେକ ଘାଟରେ ଶ ୬୦ ଗ୍ର ନୌକାରେ ସର୍ବଦା ଯାତ୍ରୀ ପାର ହୋଇଅଛନ୍ତି । ତଥାପି ଲୋକଙ୍କର ଏତେ ଭିଡ ଯେ କେହି ବେଙ୍କେପାଣିକି ନ ଗଲେ ନୌକା ଚଢିବାର ଅସାଧ୍ୟ ହୋଇଥିଲା । ମଧ୍ୟ କେତେ ଯାତ୍ରୀ ଏପରି ଭିଡ ଦେଖି ତୀର୍ଥଗମନରେ ବିମୁଖ ହୋଇ ଅପଣା୨ ସ୍ଥାନକୁ ଲେଉଟି ଅସିଅଛନ୍ତି । ଯାତ୍ରିମାନଙ୍କ ଭିଡ଼ ଦେଖି ଅନୁମାନ ହୁଏ ୬୦।୭୦ ହଜାର କିବା ତହିଁରୁ ଅଧିକ ଲୋକ ହୋଇଥାଇବେ ।

ଦ୍ୱାରଉଇନ ନାମକ ଏକଜଣ ପଣ୍ଡିତ ତାହାଙ୍କ ପ୍ରଣୀତ ଏକଖଣ୍ଡି ଗ୍ରନ୍ଥରେ ବୋଲଅଛନ୍ତି ଯେ ମନୁଷ୍ୟଜାତି ଲେମଗ ଚତୁଷ୍ପଦ ପ୍ରାଣିବିଶେଷଠାରୁ ଉତ୍ପନ୍ନ ହୋଇଅଛି । ଏହି ଚତୁଷ୍ପଦ ଜନ୍ତୁ ପ୍ରାଚୀନ ଭୂଗୋଳାର୍ଦ୍ଧରେ ବାସ କରନ୍ତି ।

ଲଣ୍ଡନରେ ଗୋଟିଏ ମଜାର ବ୍ୟାପାର ହୋଇଯାଇଅଛି । ଏକସ୍ତ୍ରୀର ଅପଣା ସ୍ୱାମିଠାରେ ଦାସୀଗମନର ସନ୍ଦେହ ହେଲା । ଏହି ସନ୍ଦେହର ସତ୍ୟତା ପ୍ରତିପାଦନାର୍ଥ ଦିନେ ଏହି ସ୍ତ୍ରୀ ତାହା ଦାସୀ ଘରେ ଶୋଇଥାଏ ଏବ ଅପଣା ଘରେ ଦାସୀକି ଶୁଆଇଥାଏ । ଏହି ସମୟରେ ଦୈବଗତ୍ୟା ଦାସୀର ସ୍ୱାମୀ ଅସି ଅପଣା ସ୍ତ୍ରୀ ଘରେ ପଶୁଥିଲା । ଏହି ସ୍ତ୍ରୀ ଅପର ଲୋକ ଟାଣହିସ୍ତରହ ଅନୁଭବ କରନ୍ତେ ବିଲକ୍ଷଣ ଗୋଲ ହୋଇ ଉଠିଲା । ଏହି ଗୋଲମାଲ ସମୟରେ ତାହାର ସ୍ୱାମୀ ଅସି ପହୁଞ୍ଚିଲା । ଏକ୍ଷଣେ ସେହି ସ୍ତ୍ରୀର ଗଳାରେ ଓଲଟା ଚୂଣ ପଡିଅଛି । ତାହାର ସ୍ୱାମୀ ସ୍ତ୍ରୀର ନିର୍ଦ୍ଦୋଷିତା ପ୍ରମାଣ ପ୍ରୟୋଗରେ ପ୍ରତୀତ ବା ସନ୍ତୁଷ୍ଟ ନୋହି ତାକୁ ପରିତ୍ୟାଗ କରିବା ନିମିତ୍ତ ବିଚାରାଳୟରେ ଅଭିଯୋଗ ଉପସ୍ଥିତ ହୋଇଅଛି ।

ଇଂଲଣ୍ଡୀୟାନ ବୋଲଣ୍ଡି ଟେଲି ନାମକ ସ୍ଥାନର ଅନ୍ତଃପାତି ପାଲମିଲନ ନଗରର ଟେଲଗ୍ରାଫ ନାମକ ସମ୍ବାଦପତ୍ରର ସମ୍ପାଦକ ସେଠା ରମଣୀମାନଙ୍କ ଗ୍ଲାନିଜନକ ଗୋଟିଏ ପ୍ରବନ୍ଧ ଅପଣା ପତ୍ରରେ ପ୍ରକାଶ କରିବାରେ ପ୍ରାୟ ଡ ୮୦ ଣ ସ୍ତ୍ରୀ ତାଙ୍କ ଛାପାଖାନାରେ ଏବ ଗୃହରେ ହଠାତ୍ ଉପସ୍ଥିତ ହୋଇ ଯଥେଷ୍ଟ ଭର୍ତ୍ସନା କଲେ ଏବ ପଶ୍ଚାତ୍ ମାତ୍ର ତାଙ୍କ ଦେହର ବସ୍ତ୍ରାଦି ଗ୍ରହଣପୂର୍ବକ ତାଙ୍କୁ ବିବସ୍ତ୍ରକରି ସମୁଦାୟ ଶରୀରରେ ଛପାକାଳି ବୋଲି ପରିତ୍ୟାଗ କରି ଗଲେ ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଅମ୍ଭେ ଗତ ରବିବାରଦିନ କୌଣସି କାର୍ଯ୍ୟବଶରେ ଭ୍ରମଣ କରିବାକୁ ଯାଇ କୋଦଣ୍ଡାବଳ ସିଦ୍ଧେଶ୍ୱରପୁର ଗ୍ରାମରେ ପ୍ରବେଶ ହୋଇ ଦେଖିଲୁଁ ଯେ ତହିଁର ଜମିଦାର ବାବୁ କୁଳମଣି ଆଚାର୍ଯ୍ୟ ମହାଶୟ ଏକ ଦେବମନ୍ଦିର ପ୍ରତିଷ୍ଠା କରିବାମାନସରେ ଅନେକ ସମ୍ଭାର ଅୟୋଜନପୂର୍ବକ ଅନେକାନେକ ବ୍ରାହ୍ମଣ ପଣ୍ଡିତମାନଙ୍କୁ ଅମନ୍ତ୍ରଣ କରି ସମାଜ ସ୍ଥାପନ କରିଅଛନ୍ତି ଅମ୍ଭେ ଏମନ୍ତ ସୁଖାବହ ଘଟଣା ଦେଖି ସେଠାରେ ରହି ଦେଖିଲୁଁ ଯେ ପଣ୍ଡିତମାନେ ନାନାବିଧ ଶାସ୍ତ୍ର ଏବ ସ୍ମୃତି ଇତ୍ୟାଦି ବିଷୟରେ ତର୍କବିତର୍କ କରି ଉପସ୍ଥିତ ଜନସମାଜଙ୍କୁ ଅନନ୍ଦିତ କରୁଅଛନ୍ତି । ସେ ସମାଜରେ ପଣ୍ଡିତବର ଶ୍ରୀ ପ୍ରଭାକର ଚୂଡ଼ାମଣି ମହାଶୟ ଅମନ୍ତ୍ରିତ ହୋଇ ବସି ସଂସ୍କୃତ କବିତାରେ ଏବ ନାନାବିଧ ତର୍କମାନଙ୍କର ଉତ୍ତର ପ୍ରଦାନରେ ପ୍ରଭାକର ତୁଲ୍ୟ ଦେଦୀପ୍ୟମାନ ହୋଇ ସମାଜସ୍ଥ ଜନମାନଙ୍କ ମାନସ କମଳକୁ ପ୍ରଫୁଲ୍ଲିତ କରୁଅଛନ୍ତି । ଏହାପରେ କେତେକ କ୍ଷଣ ପର୍ଯ୍ୟନ୍ତ ସମାଜ କାର୍ଯ୍ୟ ନିର୍ବାହିତ ହୋଇ ପରେ ସମସ୍ତ ବ୍ରାହ୍ମଣମାନେ ପ୍ରତିଷ୍ଠାମନ୍ଦିରଠାରେ ପ୍ରବେଶ ହେଲେ । ସେଠାରେ କର୍ମ ତତ୍ପର ସାଙ୍ଗ ହେଲରୁ ଆଚାର୍ଯ୍ୟମହାଶୟ ଉତ୍କଳମାନସରେ ବ୍ରାହ୍ମଣମାନଙ୍କ ମିଷ୍ଟାନ୍ନ ଭୋଜନରେ ସନ୍ତୁଷ୍ଟ କରି ସେମାନଙ୍କର ଯଥାସମ୍ଭବସମ୍ମାନ ପ୍ରଦାନ ପୂର୍ବକ ସେମାନଙ୍କୁ ବିଦାୟ ଦେଇ ଅତୁଲ ଧନ୍ୟବାଦ ପ୍ରାପ୍ତ ହେଲେ । ସେହି ପ୍ରତିଷ୍ଠା କର୍ମ ଗତ ଦିବସରେ ସମାପନ ହେଲା । ସେଠାରେ ପ୍ରାୟ ଅନେକ ବ୍ରାହ୍ମଣ, ପଣ୍ଡିତ ଦୁଃଖୀ କଙ୍ଗାଳି ଉପସ୍ଥିତ ହୋଇ ଯେତକ ଦକ୍ଷିଣା ପ୍ରାପ୍ତ ପରମ ସନ୍ତୁଷ୍ଟ ହେଲେ । ଅନ୍ୟାନ୍ୟ ଦେଶରେ ଧନିକବ୍ୟକ୍ତିମାନେ କେଉଁଷି କର୍ମ ଉପଲକ୍ଷରେ ବିଦ୍ୱାନମାନଙ୍କୁ ନିମନ୍ତ୍ରଣ କରି ଯଥାସମ୍ଭବରେ ସେମାନଙ୍କର ସମ୍ମାନ କରନ୍ତି ଯେବେ ଅମ୍ଭ ଏ ଦେଶରେ ସେପରି ହେଉଥାନ୍ତା ତେବେ ସେମାନଙ୍କର ପ୍ରଶଂସା ଏବ ଦେଶରେ ବିଦ୍ୟାବୃଦ୍ଧି ଅନାୟାସରେ ହେଉଥାନ୍ତା ଏଥିରେ ସନ୍ଦେହ ନାହିଁ । କେବଳ ଆଚାର୍ଯ୍ୟ-ମହାଶୟ ଏ ମାର୍ଗର ପ୍ରଥମ ପ୍ରଦର୍ଶକ ହୋଇ ଖ୍ୟାତି ପାଉଅଛନ୍ତି । ଯେବେ ଏହିପରି ସକଳସମୟରେ ଦୃଷ୍ଟି ରଖି ବ୍ୟବହାରକରନ୍ତି ତେବେ ଗୁଣଗ୍ରାହକମାନଙ୍କ ମଧ୍ୟରେ ବିଖ୍ୟାତ ହୋଇ ଦେଶବିଦେଶରେ ଯଶୋବଲ୍ଲୀର ବିକାଶମାନ କରି ପାରତ୍ରିକ ଫଳରେ ପରମ କୃତାର୍ଥ ହେବେ । ଇତି । ଅଳମତି ବିସ୍ତରେଣ

୨୫।୪।୭୧ । ର । କସଂପଚର୍ଣନସଂ ।

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଘୀବଜାର କଟକ ପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲ ।

Digitized by srujanika@gmail.com

Split by PDF Splitter



# ଅତିରିକ୍ତ ।

ଉତ୍କଳ ଦୀପିକା । ତା ୨୯ ରିଖ ମାହେ ଅପ୍ରେଲ ସନ ୧୮୭୧ ମସିହା ।

## ପ୍ରେରିତ ପତ୍ର ।

ଶ୍ରୀଯୁକ୍ତ ବାବୁ ଗୌରିଶଙ୍କର ଗୁପ୍ତ ।

ମହାଶୟ

ଇରିଗେସନ କାର୍ଯ୍ୟ ପ୍ରଣାଳୀ ବିବେଚନା କରିବା କାରଣ ଚଳିତ ସନ ମଇମାସ ତା ୨ ରିଖରେ ଏହି ନଗରରେ ସଭା ହେବ, ଅତଏବ ଆପଣ ଏହି ଅପ୍ରେଲମାସ ତା ୩୦ ରିଖ ମଧ୍ୟରେ ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଅନୁଗ୍ରହପୂର୍ବକ ଆମ୍ଭ ନିକଟକୁ ପଠାଇବାହେବେ । ଉପରୋକ୍ତ ସଭ୍ୟଦନ ଆପଣ ଓ କାଲପାଣି ବିଷୟର ଯେଉଁମାନେ ଲିଭମଣ୍ଡପେ ଜ୍ଞାତ ଅଛନ୍ତି ସେମାନଙ୍କ ସହିତ ସଭାରେ ଉପସ୍ଥିତ ହେଲେ ଚିରବାଧିତ ହେବୁଁ ।

ପ୍ରଶ୍ନ :—

୧ ମ । କାଲଦ୍ୱାରା କିପର୍ଯ୍ୟନ୍ତ ଉପକାର ହେବାର ସମ୍ଭାବନା ? ଓ କାଲ ପାଣିଦ୍ୱାରା କୃଷିକାର୍ଯ୍ୟର କି ପର୍ଯ୍ୟନ୍ତ ଉପକାର ହୋଇଅଛି ?

୨ ୟ । କାଲ ହେବା ପୂର୍ବରେ ଫସଲ କିପରିମାଣରେ ଉତ୍ପନ୍ନ ହେଉଥିଲା ଓ ବର୍ତ୍ତମାନ କି ପରିମାଣରେ ହେଉଅଛି ?

୩ ୟ । ଜଳକର ମାଣପ୍ରତି କେତେଁ ହେଲେ ଓ ପଟ୍ଟାର କି ପ୍ରକାର ସର୍ତ୍ତ ହେଲେ କାର୍ଯ୍ୟ ଉତ୍ତମରୂପେ ଚଳି ପାରିବ ?

୪ ର୍ଥ । ଇରିଗେସନ ଆଇନାନୁଯାୟୀ ଯେଉଁ ସବୁ ରୁଲ୍ ଓ ହୁକୁମ ହୋଇଅଛି ସେଥିରେ କାର୍ଯ୍ୟ କି ଉତ୍ତମରୂପେ ଚଳୁଅଛି ?

୫ ମ । କାଲର ମଛଦଥର ଅବସ୍ଥା କି ପ୍ରକାର? ଓ କି ପ୍ରକାରେ ମାଛ ବୃଦ୍ଧି ହୋଇପାରନ୍ତି ?

୬ ଷ୍ଠ । କାଲଦ୍ୱାରା ବର୍ତ୍ତମାନ ଯେଉଁ ୨ ପ୍ରକାରେ ଆୟ ହେଉଅଛି ତାହାଠାରୁ ଅନ୍ୟ କୌଣସିପ୍ରକାର ଆୟ ହୋଇପାରେ ?

୭ ମ । କାଲରେ ବର୍ତ୍ତମାନ ଯେପ୍ରକାର ନୌକା ଗତାୟାତ ହେଉଅଛି ତାହାଠାରୁ ଅଧିକ କି ପ୍ରକାରେ ଗତାୟାତ ହୋଇ ଆୟ ଅଧିକ ହେବ?

୮ ମ । କେଉଁ ସମୟରେ କେଉଁ ଫସଲ ହୁଏ ଏବ କି ପ୍ରକାର ଜମିରେ କି ପ୍ରକାର ଫସଲ ସବୁ ହୁଏ ଓ ମାଣପ୍ରତି ସେହି ସବୁର ଉତ୍ପତ୍ତି ଖର୍ଚ୍ଚା ଅନାଜ କେତେ ପଡେ ?

୧୯ । ୪ । ୭୧
କଟକ
ଆପଣଙ୍କର ଅନୁଗତ
ଶ୍ରୀ କାଲୀପଦ ବାନୁର୍ଯ୍ୟା
ସମ୍ପାଦକ କଟକ ସୋସାଇଟୀ

## ବିଜ୍ଞାପନ ।

ଆମ୍ଭକୃତ ଭ୍ରମଭଞ୍ଜନ ଦ୍ୱିତୀୟବାର ମୁଦ୍ରିତ ହୋଇଁ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । କ୍ରେତାମାନେ ଛାପାଖାନା କିମ୍ବା ଆମ୍ଭନିକଟରେ ତତ୍ତ୍ୱ କଲେ ପୁସ୍ତକ ପାଇବେ ।

ଶ୍ରୀ ଜଗନ୍ମୋହନ ଲାଲ

## କଟକ ପୁରୀ କେରେଜ କୁମ୍ପାନିର ବିଜ୍ଞାପନ ।

ପୁରୀଠାରୁ କଟକ ଓ କଟକଠାରୁ ପୁରୀ ପର୍ଯ୍ୟନ୍ତ କେରେଜକୁମ୍ପାନିର ଯେଉଁ ଗାଡିଡାକ ଚଳୁଅଛି ତହିଁର ଭଡ଼ା ଦୁଇଜଣ ଆରୋହୀରେ ୪ ୧୨ ଙ୍କା ନିର୍ଦ୍ଦିଷ୍ଟ ହୋଇଥିବାରୁ ଜଣେ ଦୁଇଜଣ କିମ୍ବା ତିନିଜଣ ଗଲେ ମଧ୍ୟ ସେହି ଭଡ଼ା ଦେବାକୁ ପଡୁଥିବା ଓ ସର୍ବଦା ଦୁଇଦୁଇ ଜଣ ଆରୋହୀ ଏକତ୍ର ଯିବାକୁ ଘଟନା ହେଉ ନ ଥିବାରେ ଜଣେ ଦୁଇଜଣଙ୍କ ଯିବାର ଅଭିଲାଷ ହେଲେ ମଧ୍ୟ ସେମାନେ ବିଶେଷ ଭଡ଼ା ଦେବାକୁ ପଡିବା ହେତୁଁ ଉତ୍ସୁକ ହେଉ ନ ଥିବାର ଜଣାଯାଏ । ଅତଏବ ସର୍ବସାଧାରଣଙ୍କ ଉପକାର ଏବ କୁମ୍ପାନିର କ୍ଷତି ନ ହେବା ଦୃଷ୍ଟିରେ ଅଜଦିନଠାରୁ 'ଅଏଜାଣ୍ଟ ଡିଛଦନ ଅନୁଭବ କରିବା ନିମିତ୍ତ କେରେଜ୍ୟାର ନିୟମ ପରିବର୍ତ୍ତନ କରିବାର ଆବଶ୍ୟକ ହେବାରୁଁ ଏହିପରିମାଣରେ ନିରୂପିତ କରାଗଲା କି ଏକାବେଳକେ ଅଧିକ ଆରୋହୀ ନ ଘଟିଲେ ଏକଜଣ ଆରୋହୀ ନିମିତ୍ତ କଟକଠାରୁ ପୁରୀ ଓ ପୁରୀଠାରୁ କଟକ ପର୍ଯ୍ୟନ୍ତ ଏକପିଠି ନିମିତ୍ତ ୪ ୬ ଙ୍କା

ଦୁଇଜଣ ଏକସମୟେ ଗଲେ କି ଆଇଲେ ଏକପିଠି ନିମିତ୍ତ ୪ ୮ ଙ୍କା

ତିନିଜଣ ଯିବାଆସିବାର ଏକପିଠି ନିମିତ୍ତ ୪ ୧୦

ଚାରିଜଣ ଯିବାଆସିବାର ଏକପିଠି ନିମିତ୍ତ ୪ ୧୨

ପୁରୁଷୋତ୍ତମ କ୍ଷେତ୍ରମଧ୍ୟରେ କିମ୍ବା ଚାରିମାଇଲ ମଧ୍ୟରେ କେହି ଏକଜଣଠାରୁ ଚାରିଜଣପର୍ଯ୍ୟନ୍ତ ଆରୋହୀ ଗଲେ ଯେତେଜଣ ଆରୋହଣ କରନ୍ତୁ ତାଙ୍କୁ ପ୍ରତିମାଇଲ ୪୦ । ହିସାବ କିମ୍ବା ପ୍ରତିଘଣ୍ଟା ୪୦।୵ ଦେବାକୁ ହେବ ।

ଶ୍ରୀ ଶିବାନନ୍ଦ ଦାସ ।

ତା ୧୦ ରିଖ ଅପ୍ରେଲ ସନ ୧୮୭୧ ମସିହା

ଏହାଦ୍ୱାରା ଅବଗତ କରାଯାଉଅଛି ଯେ ଯେଉଁମାନେ ପ୍ରିଣ୍ଟିଂକମ୍ପାନି ଛାପାଖାନାରୁ ନୂତନପାଞ୍ଜି ବିକ୍ରୟ ନିମିତ୍ତ ନେଇଅଛନ୍ତି ସେମାନଙ୍କ ନିକଟରେ ପାଞ୍ଜି ବିକ୍ରୟ ନୋହିଁ ବାକି ଥିଲେ ତାହା ଅତିଶୀଘ୍ର ଏହି ଏପ୍ରେଲମାସ ମଧ୍ୟରେ ଏହି ଛାପାଖାନାକୁ ପଠାଇଁ ଦେଲେ ଏଠାରେ ବିକ୍ରୟ ହେବ ଯେଉଁମାନେ ଏହି ମାସ ମଧ୍ୟରେ ନ ପଠାଇବେ ଏମାସ ଅତୀତହେଲେ ସେମାନଙ୍କ ନିକଟରୁ ଆଉ ପାଞ୍ଜି ଗ୍ରହଣ ନୋହିଁ ରୀତିମତ ମୂଲ୍ୟସକଳ ନିଆଯିବ ଇତି ।

୨୨।୪।୭୧ । ଉ । ପ୍ରି° । କଂ । ସେକ୍ରେଟରୀ ।

ଉତ୍କଳୀୟପୁସ୍ତକେଚ୍ଛୁକ ସର୍ବସାଧାରଣଙ୍କୁ ଅବଗତ କରୁଅଛୁଁ ଯେ ଆମ୍ଭେ ପ୍ରାଚୀନକବି ଶ୍ରୀ ଦୀନକୃଷ୍ଣଦାସଙ୍କ କବିତା ରସକଲ୍ଲୋଲ ଛନ୍ଦପୁସ୍ତକ ସଂଶୋଧନ ପୂର୍ବକ ଛାପାକରାଇବାରେ ପ୍ରବୃତ୍ତ ଅଛୁଁ ମଧ୍ୟ ଅତ୍ୟଳ୍ପ ସମୟ ମଧ୍ୟରେ ଏକାର୍ଯ୍ୟ ସମାଧାନ ହେବ । ଯେଉଁ ବ୍ୟକ୍ତିମାନେ ଏପୁସ୍ତକର ଗ୍ରାହକ ହୋଇଁ ଛାପାହେବା ପୂର୍ବରୁ ସ୍ୱାକ୍ଷରିତ ପତ୍ର ଆମ୍ଭନିକଟକୁ ପଠାଇବେ ସେମାନେ ପୁସ୍ତକର ନିର୍ଦ୍ଧାରିତ ମୂଲ୍ୟରୁ ଏକର ଚତୁର୍ଥାଂଶ କ୍ଷମା ପାଇବେ । ଅତଏବ ଏହି ପ୍ରାର୍ଥନା ଯେ ପୁସ୍ତକେଚ୍ଛୁକ ମହାଶୟଗଣ ଉକ୍ତ ନିୟମ ଉପରେ ଦୃଷ୍ଟି ରଖି ସ୍ୱାକ୍ଷରିତ ପତ୍ର ଅତିଶୀଘ୍ର ଆମ୍ଭନିକଟକୁ ପଠାଇଁ ଚିରବାଧିତ କରିବେ ଇତି । ୨୦।୪।୭୧

। ଉ । ଶ୍ରୀ ପ୍ରଭାକର ଚୂଡ଼ାମଣି
କଟକ ନର୍ମାଲସ୍କୁଲ ଦ୍ୱିତୀୟଶିକ୍ଷକ ।

☞ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୨ ସଂ୧୭ଖ୍ୟା | ତା ୭ ରଖ ମାହେ ମଇ ସନ୍ ୧୮୭୦ ମସିହା । ବୈଶାଖ ଦ ୨୫ ନ ସ୍ ୧୨୭୮ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ୫ | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ୬ | ମଫସଲ ପାଇଁ ଡାକମାସୁଲ ଟ୩

### ଚୀନଗୃହ୍ୟ ।

ପାଠକମାନଙ୍କର ସ୍ମରଣଥିବ ଯେ ପ୍ରାୟ ବର୍ଷେହେଲା ଚୀନର କୌଣସିବ୍ୟକ୍ତି ଫରାସିପାଦ୍ରି ନେଭେଲଜଣଙ୍କୁ ହତ ବା ଆହତକରି ଘର ପୋଡ଼ିଦେଇଥିଲେ । ସେଦିନଠାରୁ ବଦେଶୀୟଗୃହଙ୍କ ଜନ୍ମନୁଙ୍କ ସହିତ ଚୀନ ଶାସନକର୍ତ୍ତାମାନେ ନାନାଦ ଗୋଲଯୋଗ ଉପସ୍ଥିତ କରୁଅଛନ୍ତି । ଅବଶ୍ୟ ସେସବୁ ଶେଷ ନ ହୋଇ ବରଂ କ୍ରମଶଃ ଅଧିକା ବଢ଼ିବାର ଜଣାଯାଏ । ଗତମାସ ତା୨୦ ରିଖରେ ତାରଡାକଯୋଗେ ସମ୍ବାଦ ଆସିଅଛି ଯେ ଚୀନଗବର୍ଣ୍ଣମେଣ୍ଟ ବିଦେଶୀୟ ମନ୍ତ୍ରିଙ୍କ ନିକଟକୁ ଏକ ପତ୍ର ପଠାଇଅଛନ୍ତି ତହିଁରେ ଚୀନଗବର୍ଣ୍ଣମେଣ୍ଟ ଡଲଲିଖିତ ନିୟମମାନ ବିଦେଶୀୟ ମନ୍ତ୍ରିମାନଙ୍କୁ ପ୍ରତିପାଳନ କରିବାପାଇଁ ଲେଖିଅଛନ୍ତି ଯଥା ।

ସ୍ତ୍ରୀମାନଙ୍କୁ ପଢ଼ାଇବାନିମିତ୍ତ ସ୍ଥାପିତ ହୋଇଥିବା ବିଦ୍ୟାଳୟମାନ ଉଠାଇଦେବାକୁ ହେବ ।

କୌଣସି ପାଦ୍ରୀ ଦଳମଧ୍ୟରେ ଜ ୧୪ ଣ ଖ୍ରୀଷ୍ଟିଅନରୁ ଅଧିକ ରହିବେ ନାହିଁ ।

କନଫିଉସିଅସ ( ଚୀନ ଧର୍ମସୂତ୍ରକର ରଚୟିତା ) ଙ୍କ ନିୟମବିରୁଦ୍ଧରେ କମ୍ବା ଚୀନବାସିମାନେ ଯେସମସ୍ତ ନିୟମସବୁ ପୂର୍ବରୁ ମାନିଆସୁଅଛନ୍ତି ତହିଁବିରୁଦ୍ଧରେ କେହି କିଛି କହି ନ ପାରିବ ।

ପାଦ୍ରିମାନେ ସନ୍ଧିକୃତ ବନ୍ଦର ଭିନ୍ନ ଆଉ କରୁ ସ୍ଥାନରେ ଚୀନର ପ୍ରଜା ପ୍ରାୟ ରହିବେ ।

ଚୀନର ଅଦାଲତ ସମୂହରେ କେହି ଖ୍ରୀଷ୍ଟିୟାନ ଧର୍ମଗ୍ରହଣ କରିଥିବା ବ୍ୟକ୍ତି ନାଲିସକଲେ ଯେବେ ତହିଁରେ କେହି ପାଦ୍ରୀ ହସ୍ତକ୍ଷେପଣ କରଇ ତେବେ ସେଲୋକର ନାଲିସ ଅଗ୍ରାହ୍ୟ ହେବ ।

ଧର୍ମସମାଜକୁ କୌଣସି ସ୍ତ୍ରୀ ଯାଇପାରିବ ନାହିଁ । ଏଥିରୁ ଦେଖାଯାଏ ଚୀନବାସ ମାନେ ଆପଣା ପୁରାତନ ଧର୍ମ ପ୍ରତି ଅତିଶୟ ଅନୁରାଗୀ ଓ ତାହା କୌଣସି ରୂପେ ପରିତ୍ୟାଗ କରିବାକୁ ଇଚ୍ଛାନ୍ତି ନାହିଁ । ପାଦ୍ରିମାନେ ସର୍ବଦା ଏସବୁ ନିୟମବିରୁଦ୍ଧ କହୁଥିବେ ଓ ଖ୍ରୀଷ୍ଟିୟାନଧର୍ମଗ୍ରହଣକରିବାକୁ ଲୋକଙ୍କୁ ଅନୁରୋଧ କରୁଥିବେ ଏହିହେତୁରୁ ଚୀନଗବର୍ଣ୍ଣମେଣ୍ଟ ବୋଧ ହୁଅଇ ବିରକ୍ତ ହୋଇ ପାଦ୍ରିମାନଙ୍କୁ ସ୍ୱାୟତ୍ତରେ ଆଣିବା ପାଇଁ ଉକ୍ତ ନିୟମମାନ ପ୍ରସ୍ତାବ କରିଅଛନ୍ତି । ବାସ୍ତବରେ ଅନ୍ୟଜାତିର ଦେଶକୁ ଯାଇ ପାଦ୍ରିମାନେ ବିରୁଦ୍ଧ ଧର୍ମର ଉପଦେଶ ଦେବା ନିୟମଟି ଭଲ ନୁହଇ ଏହାଦ୍ୱାରା ଅନେକ କାଳି କଦଳ ଘଟନା ହୁଅଇ । ଇତି

---

### ଇଂଲଣ୍ଡର ବଜେଟ ।

ଗତମାସ ତା୨୦ରିଖରେ ତାରଡାକଯୋଗେ ସମ୍ବାଦ ଆସିଅଛି ଯେ ତହିଁ ପୂର୍ବଦିନରେ ପାର୍ଲିମେଣ୍ଟସଭାରେ ଇଂଲଣ୍ଡର ଆୟ ବ୍ୟୟ ଫର୍ଦ୍ଦ ଶ୍ରୀଯୁକ୍ତ ଲୋୱାହେବ ଆଗତକଲେ । ତହିଁରୁ ପ୍ରକାଶପାଇଲା ଯେ ଗତବର୍ଷର ଆୟ ୭୨ କୋଟି ଟଙ୍କା ହେବାର ଅନୁମାନ ହୋଇଥିଲା ମାତ୍ର ୭୦କୋଟି ପ୍ରାପ୍ତହେଲା ଓ ବ୍ୟୟ ୬୯ କୋଟି ୪୮ଲକ୍ଷ ଅନୁମାନ ହୋଇଥିଲା ମାତ୍ର ୬୯କୋଟି ୫୪ଲକ୍ଷ ନିଟ ବ୍ୟୟ ହେଲା । ଚଳିତବର୍ଷର ଆୟ ୬୯୫କୋଟି ଓ ବ୍ୟୟ ୭୬କୋଟି ହେବାର ଅନୁମାନ ହୋଇଅଛି ଅତଏବ ଏବର୍ଷ ପ୍ରାୟ ୭୫ କୋଟି ଟଙ୍କା ନିଅଣ୍ଟପଡ଼ିବାର ସମ୍ଭାବନା । ଏ ନିଅଣ୍ଟଟଙ୍କାକୁ ପୂର୍ତ୍ତିକରିବାକାରଣ ଦିଆସିଲାଇ ଉପରେ ଟାକ୍ସ ବସାଇବା ଏବଂ ଇନ୍‌କମ୍‌ଟାକ୍ସ ଓ ଉତ୍ତରାଧିକାରର ଟାକ୍ସ ବୃଦ୍ଧି କରିବାର ପ୍ରସ୍ତାବ ହୋଇଅଛି । ଅଧିକ ବ୍ୟୟ ପଡ଼ିବାର କାରଣ ଏକମାତ୍ର ଫରାସୀ ଓ ପ୍ରସୀୟଙ୍କ ଯୁଦ୍ଧ । ଏହି ଯୁଦ୍ଧରେ ଇଂଲଣ୍ଡକୁ କିଛି ସାହାଯ୍ୟ କରିବାକୁ ହୋଇ ନାହିଁ ମାତ୍ର ଏସମୟରେ ଏତେ ଘୋରଯୁଦ୍ଧ ଏବଂ ଜର୍ମାନୀୟଙ୍କର ଏତେ ପ୍ରବଳ ପ୍ରତାପ ଦେଖି ଇଂଲଣ୍ଡର ରାଜମନ୍ତ୍ରିମାନେ ସୈନିକ ବ୍ୟୟ ବଢ଼ାଇବାକୁ ସମ୍ମତ ହୋଇଅଛନ୍ତି । କେତେଗୋଟି ନୂତନ ଦୁର୍ଗ ନିର୍ମାଣହେବ ଏବଂ ଦେଶରକ୍ଷାର ଉପାୟମାନ ଦୃଢ଼ କରିବାକାରଣ ଉପଯୁକ୍ତ ସ୍ଥାନମାନଙ୍କରେ ଅଧିକା ସୈନ୍ୟାଗାର ନିର୍ମାଣ ହେବ ଏହି ସମସ୍ତ କାରଣରୁ ଅଧିକ ଟଙ୍କାର ପ୍ରୟୋଜନ ହୋଇଅଛି ନରୁବା ନିୟମିତ ବ୍ୟୟ ସକାଶେ ଟଙ୍କାର ପ୍ରୟୋଜନ ନାହିଁ । ଗତବର୍ଷ ଯେତେ ନିଟ ଖର୍ଚ୍ଚ ପଡ଼ିଥିଲା ପ୍ରାୟ ତେତିକ ଏବର୍ଷ ଆୟ ହେବାର ଅନୁମାନ ହୋଇଅଛି ।

Digitized by srujanika@gmail.com

Split by PDF Splitter

70



ଅମ୍ଭେମାନେ ଇଂଲଣ୍ଡର ବଜେଟ ସଙ୍ଗେ ଏଠା ବଜେଟଙ୍କୁ ତୁଳନାକଲେ ଅନେକ ପ୍ରଭେଦ ଦେଖାଯାଏ ଏବଂ ସେଥିପାଇଁ ଇଂଲଣ୍ଡର ଧନାଧ୍ୟକ୍ଷଙ୍କୁ ବହୁତ ପ୍ରଶଂସା କରିବାକୁ ହୁଅଇ ଉକ୍ତ କର୍ମଚାରୀ ଆୟ ବ୍ୟୟ ଯେରୂପ ଅନୁମାନ କରିଥିଲେ ପ୍ରତ୍ୟକ୍ଷ ଫଳ ସଙ୍ଗେ ତହିଁର ଅଳ୍ପମାତ୍ର ପ୍ରଭେଦ ହେଲା ଆୟ ଅଧିକ ହେଲା ମାତ୍ର ବ୍ୟୟ ଅନୁମାନର ଅଳ୍ପ ଅର୍ଥାତ୍ କେବଳ ୬ଲକ୍ଷଟଙ୍କା ଅଧିକ ପଡ଼ିଲା । ଏଠାର ଧନମନ୍ତ୍ରୀ ୪୯କୋଟି ୩୧ଲକ୍ଷ ବ୍ୟୟ ଅନୁମାନ କରିଥିଲେ ମାତ୍ର ଯଥାର୍ଥ ବ୍ୟୟ ୫୦କୋଟିରୁ ଅଧିକ ପଡ଼ିଲା ଅର୍ଥାତ୍ ଏକକୋଟିଟଙ୍କା ଅନୁମାନରେ ଭ୍ରମ ରହିଯାଇଥିଲା । ବ୍ୟୟରେ ଏପ୍ରକାର ଭ୍ରମ ହେବାର କୌଣସି କାରଣ ଦେଖାଯାଏ ନା ଯେହେତୁ ଅଗଠାରୁ ବ୍ୟୟର ପରିମାଣ ସ୍ଥିର ହୋଇ ଅଧୀନ କର୍ମଚାରୀଙ୍କୁ ପୁନଃ ବଜେଟରୁ ଅଧିକ ବ୍ୟୟ ନ ହେବାପକ୍ଷରେ ସାବଧାନକରି ଦିଆଯାଉଥାଏ । ଆମ୍ଭମାନଙ୍କର ଧନମନ୍ତ୍ରୀ ଯେବେ ଇଂଲଣ୍ଡର ଧନମନ୍ତ୍ରିଙ୍କଠାରୁ ବୁଦ୍ଧି ଶିଖିଥାନ୍ତେ ତାହା ହେଲେ ଭରସାହୁଅଇ ଇନ୍‌କମ୍‌ଟାକ୍ସର ପ୍ରତାପ ଅନେକ ଊଣାପଡ଼ନ୍ତା

ଏ ପ୍ରସ୍ତାବ ଲେଖାହେଲାଉତାରୁ ଅବଗତ ହେଲୁଁ ଯେ ଉତ୍ତରପ୍ରଦେଶକାରଙ୍କର ଟାକ୍ସ ବୃଦ୍ଧି କରିବା ରହିତହୋଇ କେବଳ ଇନ୍‌କମ୍‌ଟାକ୍ସ ଟଙ୍କାପ୍ରତି ଅଧଲାଏ ଅନୁମାନରେ ବୃଦ୍ଧିକରିବାର ଧାର୍ଯ୍ୟହେଲା ।

---

## ଭୋଟକର ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଯେଉଁ ଦିନରୁ ସ୍ଥାନୀୟ କର ବସାଇବାପାଇଁ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ଆଜ୍ଞା ଦେଲେଣି ସେଦିନୁ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ବଡ଼ ବ୍ୟସ୍ତ ହୋଇଅଛନ୍ତି । ଏକ୍ଷ ପ୍ରଦେଶରେ କେତେପ୍ରକାର କର ବସିବାର କଳ୍ପନା ହେଉଅଛି ଓ କେତେ ନୂଆ ଯୁକ୍ତିମାନ ବାହାର ହେଉଅଛି ତାହା ଶୁଣିବାକୁ ବଡ଼ କୌତୁକ ଜଣାଯାଏ । ବଙ୍ଗଳାରେ ଭୂମିକର ଉତ୍ତରପଶ୍ଚିମରେ ଜମାଉପରେ ଚୌକିଦାରୀ ବୃଦ୍ଧି ହେବାର ପ୍ରସ୍ତାବ ହେଉଅଛି । ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଅବଧି ଚିନ୍ତାରେ ମଗ୍ନ ଅଛନ୍ତି କିପ୍ରକାର କର ବସାଇବେ କିଛି ସ୍ଥିର କରିପାରୁ ନାହାନ୍ତି କିନ୍ତୁ ବମ୍ବେଇଗବର୍ଣ୍ଣମେଣ୍ଟ ଗୋଟିଏ ଚମତ୍କାର କରର କଳ୍ପନା କରିଅଛନ୍ତି । ତାହା ଏହି ଯେ ବିବାହ ଶ୍ରାଦ୍ଧ ଉପଲକ୍ଷରେ ଯେ ଭୋଜମାନ ଦିଆଯାଏ ତହିଁ ଉପରେ କର ବସାଇବା । କିପ୍ରକାର ଭୋଜରେ କର ବସିବ ତାହାର ସିଦ୍ଧାନ୍ତ ଏହିରୂପ ହୋଇଅଛି ଯେ କୌଣସି ଭୋଜରେ ଏକଶ ଲୋକ କିମ୍ବା ତତୋଽଧିକ ବ୍ୟକ୍ତି ହେଲେ ସେହି ଭୋଜଉପରେ କର ବସିବ । ଭୋଜଦାତାକୁ ସେକର ଦେବାକୁ ହେବ । ଏହି କରବିଷୟରେ ଅନେକ ତର୍କବିତର୍କ ହେଲା ମାତ୍ର ସମସ୍ତ ସମ୍ପ୍ରଦାୟର ଲୋକ ଏକଥାର ବିରୋଧୀ ହେବାରୁ ପରଶେଷରେ ବମ୍ବେଗବର୍ଣ୍ଣମେଣ୍ଟ ଏ ପ୍ରସ୍ତାବକୁ ପରିତ୍ୟାଗକରି ବିବାହ ଉପରେ କର ବସାଇବାକୁ ସ୍ଥିରକରିଅଛନ୍ତି । ଭୋଜଉପରେ କର ବସାଇବା ଧର୍ମଉପରେ ଏକପ୍ରକାର ହସ୍ତକ୍ଷେପଣ କରିବାର ହୁଅଇ । ଦେଶୀୟ ଲୋକମାନେ କୌଣସି କ୍ରିୟା ଉପଲକ୍ଷରେ ଭୋଜ ଦିଅନ୍ତି ଓ ସେକ୍ରିୟାମାନଙ୍କର ଧର୍ମ ସହିତ ସଂସ୍ରବ ଅଛି । ବିଶେଷରେ ଯେବେ ଧର୍ମର କଥା ନଥାଏ ତେବେ ଭୋଜଉପରେ କର ଆଦାୟକରିବା ନାନା କାରଣରୁ କଷ୍ଟକର ଓ ତହିଁରେ ଅନର୍ଥକ ଲୋକଉପରେ ଅତ୍ୟାଚାର ହେବାର ସମ୍ଭାବନା । ଏହି ହେତୁରୁ ଆମ୍ଭେ ବଡ଼ ଆନନ୍ଦିତ ହେଲୁଁ ଯେ ବମ୍ବେଇଗବର୍ଣ୍ଣମେଣ୍ଟ ଏହାକୁ ପରିତ୍ୟାଗ କରିଅଛନ୍ତି ।

ବିବାହ ଉପରେ କର ବସାଇବା ପକ୍ଷରେ କୌଣସି ଆପତ୍ତି ନାହିଁ । ବିବାହ କେବଳ ଖର୍ଚ୍ଚାର ବ୍ୟାପାର ତହିଁରେ ଦେଶୀୟଲୋକେ ବହୁତଟଙ୍କା ବ୍ୟୟ କରନ୍ତି ସରକାରକୁ କିଛି ଟାକ୍ସ ଦେବାରେ ବଡ କଷ୍ଟ ବୋଧ କରିବେ ନାହିଁ । ବିଶେଷରେ ଭାରତବର୍ଷର ଅଧିକାଂଶ ସ୍ଥାନରେ ବିବାହ ସମୟରେ ପ୍ରଜାମାନେ ଜମିଦାରଙ୍କୁ କିଛିଟ ଦେବାର ପ୍ରଥା ଚଳନ ଅଛି ଏଠାରେ ତାହା ବେହାଟନା ନାମରେ ଖ୍ୟାତ ଅତଏବ ସେମାନଙ୍କୁ କିଛିଟ ଦେବା ବଡ଼ କଷ୍ଟକର ବୋଧ ହେଉ ନାହିଁ । ତେବେ ଏତିକି ବୋଲିବାକୁ ହେବ ଯେ ଜମିଦାରମାନେ ଯେମନ୍ତ ବେହାଟନା ନିଅନ୍ତି ତେମନ୍ତ ହାଣ୍ଡି କାଠ ବା ପତର ଇତ୍ୟାଦିରେ ପ୍ରଜାର କଥଞ୍ଚିତ୍ ସାହାଯ୍ୟ କରନ୍ତି ସରକାର ସେରୂପ କିଛି କରିବେ ନାହିଁ । କିନ୍ତୁ ତାହା ନ କଲେ ମଧ୍ୟ ସରକାର କେବଳ ପ୍ରଜାଙ୍କ ଉପକାର ଓ ସୁଯୋଗ ନିମିତ୍ତ କର ଗ୍ରହଣ କରିଥିବାରୁ ସେଥିରେ ଅନେକ ପ୍ରକାର ହିତସାଧନ ହେଉଅଛି । ବିବାହକର ସମାଲୋଚକ ଦୃଷ୍ଟିରେ ବିବାହକରର ପରିମାଣ ସ୍ଥିର କଲେ ବୋଧ ହୁଅଇ ଉତ୍ତମରୂପେ କାର୍ଯ୍ୟ ଚଳିବ ।

---

## ନାଲକାର୍ଯ୍ୟର ରିପୋର୍ଟ

ଗବର୍ଣ୍ଣମେଣ୍ଟ ଜଳସେଚନ ମାହାଲର ସନ ୧୮୬୯।୭୦ ମସିହା ବାବତ୍ ବିଜ୍ଞାପନୀ ମୁଦ୍ରିତ ହୋଇ ପ୍ରାୟ ଦୁଇମାସ ହେଲା ପ୍ରଚାର ହୋଇଅଛି ଶ୍ରୀଯୁକ୍ତ ରଣ୍ଡଲସାହେବ ବାରିକମାସ୍ତରୀ ଇଲାକା ଗବର୍ଣ୍ଣମେଣ୍ଟ ସେକ୍ରେଟରୀ ଏହାର ରଚଇତା ଅଟନ୍ତି ଓ ଏଥିରେ ଜଳସେଚନ ପ୍ରସଙ୍ଗରେ ଅନେକ କଥା ଲେଖାଅଛି । ଶ୍ରୀଯୁକ୍ତ ରଣ୍ଡଲ ସାହେବଙ୍କ ରିପୋର୍ଟ ପାଠକଲେ ଜଳସେଚନ ମାହାଲର ଆୟର କଥା ବିଶେଷରୂପେ ପ୍ରକାଶ ପାଏ କିନ୍ତୁ ସେ ଯେତେକଥା ଲେଖିଅଛନ୍ତି ସେ ସବୁ ଅନୁମାନ ମାତ୍ର ପ୍ରତ୍ୟକ୍ଷ ଫଳ ଗୋଟିଏ ଦେଖା ଯାଉ ନାହିଁ ଏମନ୍ତ କି ଗତବର୍ଷ ଜଳସେଚନରେ କେତେଟଙ୍କା ଆଦାୟ ହୋଇଥିଲା ଏତିକି ସୁଦ୍ଧା ଲେଖା ନାହିଁ ଅଥଚ ଯିବ ଲାଭର କଥା ଯେତେ ବଢାଇ ଲେଖାଯାଇ ପାରେ ତହିଁରେ ତ୍ରୁଟି ହୋଇ ନାହିଁ । ଆମ୍ଭେମାନେ ପାଠକଙ୍କ ଗୋଚରାର୍ଥେ କର୍ଣ୍ଣେଲସାହେବଙ୍କ ବିଜ୍ଞାପନୀର ପ୍ରଧାନ କଥାମାନ ତଳେ ଲେଖୁଅଛୁଁ

ବିଜ୍ଞାପନୀ ବର୍ଷରେ କେତେଟଙ୍କା ଜଳକରରୂପେ ଆଦାୟ ହେଲା ତାହା ଲେଖା ନାହିଁ ମାତ୍ର ଯେତେ ଜମିରେ ଜଳ ଦିଆଗଲା ଓ ଯେତେ ଚୁକ୍ତିବନ୍ଦୋବସ୍ତ ହେଲା ତାହା ତଳଲିଖିତରୂପେ ଲେଖା ଅଛି । ଯଥା ।

ଜଳମଡାଇବାର ତାଲିକା

| | କବୁଲିୟତି | ଅନାଦ୍ୟକାର |
|---|---|---|
| କେନ୍ଦ୍ରପଡ଼ା ନାଲ | ମା ୬୮୭୩ | ମା ୩୨୦୦ |
| ହାଇଲେବଲନାଲ | ମା ୨୯୦୬ | ମା ୮୦୦ |

ଏରୂପେ ମୋଟ ମା ୧୩୭୭୯ ମାଣ ଜମିରେ ଜଳ ମଡା ଯାଇଥିଲା ଏଥିର ଜମା ଟ ୨୮୨୧୦ ହୋଇଅଛି । କିନ୍ତୁ କର୍ଣ୍ଣେଲସାହେବ ବୋଲନ୍ତି ଯେ ସମୁଦାୟ ଜମିରେ ଜଳ ମଡାଯାଇଥିଲେ ଦୁଇଲକ୍ଷ ଟଙ୍କା ଆୟ ହୁଅନ୍ତା । ଲୋକେ ଜଳ ନେଲେ ନାହିଁ ବୋଲି ଏଟଙ୍କା ବନ୍ଦୋବସ୍ତ ହୋଇପାରିଲା ନାହିଁ ।

ଜଳକର ଟଙ୍କା ଛଡା ସରକାରୀ ନାଲରୁ ଆଉ କେତେପ୍ରକାର ଆୟ ହୋଇପାରେ । ରଣ୍ଡଲସାହେବ ତହିଁର ତାଲିକା ଏହିରୂପେ ଦେଇ ଅଛନ୍ତି ଯଥା ।

୧ । ଲୁମ୍ବିକର ଅର୍ଥାତ୍ ସର୍ବଦା ଜଳର

Digitized by srujanika@gmail.com

Split by PDF Splitter



ସୁଯୋଗ ହେବାର ଭୂମିରେ ଅଧିକା ଫସଲ ହେବ ତହିଁପାଇଁ ଭୂମିର ଜମା ଯେତେ ଅଧିକ ହେବ ।

୨ । ମତ୍ସ୍ୟଦସ୍ତୁ ।
୩ । ନୌକା ଗମନାଗମନର ମାସୁଲ ।
୪ । କଷ୍ଟମ ମାସୁଲ ।
୫ । ଘାସ ଇତ୍ୟାଦ ବାବଦେ ଆମଦାନୀ ।
୬ । ବନ୍ଧ ମରମତ ଖର୍ଚ୍ଚା କିଫାଏତ ।

ଏଉପାୟମାନଙ୍କ ମଧ୍ୟରୁ ଚତୁର୍ଥ ଟି ନାଲହେତୁରୁ ହେବାର ସବଂସମ୍ଭବ ହେବ ନାହିଁ ବୋଲି କର୍ଣ୍ଣେଲସାହେବ ନିଜେ ପରିତ୍ୟାଗ କରି ଅଛନ୍ତି ଏବଂ ଆମ୍ଭମାନଙ୍କର ବିବେଚନାରେ ଷଷ୍ଠଉପାୟ ମଧ୍ୟ କିଛି ନୁହଇ । ବନ୍ଧ ମରମତ ଖର୍ଚ୍ଚାଠାରୁ ନାଲ ତିଆରିରେ ଅଧିକ ଖର୍ଚ୍ଚା ପଡିବ ଓ ତାହା ଗବର୍ଣ୍ଣମେଣ୍ଟଙ୍କ ଦେଣ ଅଟଇ ଅତଏବ ବନ୍ଧ ଖର୍ଚ୍ଚା କିଫାଏତ କେବଳ ହେସାବ କାଗଜର ଆୟ ପ୍ରକୃତ ନୁହଇ ।

ନୌକା ଗତାୟାତରେ ଯେଉଁ ନାଲରୁ ଯେତେ ମାସୁଲ ଆଦାୟ ହୋଇ ଅଛି ତହିଁର ବିବରଣ ଯଥା ।

| | | |
|---|---|---|
| କେନ୍ଦ୍ରାପଡାନାଲ | ଟ | ୪୬୩୯ |
| ହାଇଲେବେଲ | ଟ | ୬୦୦ |
| ମେଦନୀପୁର. | ଟ | ୧୩୮୭ |
| ଟାଇଡଲ | ଟ | ୩୩୬୦ |
| ତାଳଦଣ୍ଡା | ଟ | ୧୮୧ |

ଏଛଡା ମତ୍ସ୍ୟଦସ୍ତୁ ବାବତରେ ଟ ୧୪୯୮ ଙ୍କା ଉସୁଲ ହୋଇଥିଲା ।

ନୌକା ଗମନାଗମନ ଉସୁଲ ମଧ୍ୟରେ ଅଧିକାଂଶ ଟଙ୍କା ସରକାରୀମାଲ ଗତାୟାତରେ ଆଦାୟ ହୁଅଇ ଓ ତାହା କେବଳ ନାଲ ନିର୍ମାଣକାର୍ଯ୍ୟସମ୍ପର୍କୀୟ ଅଟେ ଅତଏବ ଆୟ ଚିରସ୍ଥାୟୀ ନୁହେ କିମ୍ବା ପ୍ରକୃତ ଆୟ ବୋଲିଯାଇ ନ ପାରେ ମେଦନୀପୁର ଓ ଟାଇଡଲ ନାଲରେ ନୌକାବାବତରେ ଅଧିକ ଆୟ ହୋଇଅଛି ତହିଁର କାରଣ ଅନୁମାନ ହୁଅଇ ମେଦନୀପୁର ପର୍ଯ୍ୟନ୍ତ ନାଲଖୋଲା ଠିକ ହେବାରୁ ସମସ୍ତ ବାଣିଜ୍ୟ ସେହିବାଟେ ଗତାୟାତ କରୁଅଛି ଓ ଏଥିରୁ ଭରସା ହୁଅଇ ଯେ ହାଇଲେବଲ ନାଲ ନିର୍ମାଣ ଶେଷ ହେଲେ ସେହିପ୍ରାୟ ଆୟ ହେବ । ଅଷଜ୍ୟ ଲୋକଙ୍କର ମଧ୍ୟ ବିଶ୍ୱାସ ଏହିଯେ କଲିକତା ପର୍ଯ୍ୟନ୍ତ ନାଲ ନିର୍ମାଣ ହେଲେ ନୌକା ମାସୁଲରେ ଯେତେଟଙ୍କା ଆଦାୟ ହେବ ପ୍ରାୟ ଜଳସେଚନ କରିବାର ତେତେଟଙ୍କା ହେବ ନାହିଁ ।

କିନ୍ତୁ କର୍ଣ୍ଣେଲ ରଣ୍ଡଲ ସାହେବ ଜଳକରଦ୍ୱାରା ବହୁତ ଟଙ୍କା ଲାଭକରିବାର ଆଶା ରଖନ୍ତି । ସେ କୋଲନ୍ତି ଯେ ନାଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣରୂପେ ଶେଷ ହେଲେ ଏକା ମହାନଦୀର ମା ୪,୯୫,୦୦୦ ଣ ଭୂମିରେ ଜଳସେଚନ ହୋଇପାରିବ ଓ ସରକାରୀ ଅତି ନ୍ୟୂନରେ ମାଣ ଏକଟଙ୍କା ଲେଖାଏଁ କର ଗ୍ରହଣ କଲେ ଯେତେ ବ୍ୟୟ କରୁଅଛନ୍ତି ତହିଁ ଉପରେ ଶତକରା ଅଠଟଙ୍କା ଲେଖାଏଁ ଲାଭ ପାଇପାରିବେ ।

ଓଡିଶାରେ ଯେତେ ନାଲକାର୍ଯ୍ୟ ନିର୍ମାଣ ହେବାର କଳ୍ପନା ଅଛି ସେ ସମସ୍ତ ହୋଇଗଲେ ଗବର୍ଣ୍ଣମେଣ୍ଟଙ୍କର ସର୍ବସୁଦ୍ଧା ଦୁଇକୋଟି ୬୬ ଲକ୍ଷଟଙ୍କା ବ୍ୟୟ ପଡିବ ଓ ଏଥିରୁ ବାର୍ଷିକ ୪୬ ଲକ୍ଷଟଙ୍କା ଉତ୍ପନ୍ନହେବାର ସମ୍ଭାବନା ଅଛି । ଏଥିମଧ୍ୟରୁ ମରମତ ଓ ଅମଲାଖର୍ଚ୍ଚା ବାର୍ଷିକ ୯ ଲକ୍ଷ ଟଙ୍କା ମିହାଯାଇ ଅବଶିଷ୍ଟ ୩୭ ଲକ୍ଷ ଟଙ୍କା ଲାଭହେବ । ଏଲାଭ ଶତକରା ଟ ୧୩ ଙ୍କାରୁ ଊଣା ହେବ ନାହିଁ । ଯେବେ ଏପ୍ରକାର ଆୟ ହୁଅଇ ତେବେ ଗବର୍ଣ୍ଣମେଣ୍ଟଙ୍କର ଟଙ୍କା ବ୍ୟୟ କରିବା ସାର୍ଥ ହେବ ସନ୍ଦେହ ନାହିଁ ମାତ୍ର ତାହା କେତେ କାଳରେ ଘଟନା ହେବ ଆମ୍ଭେମାନେ ନିଶ୍ଚୟ କରି କହି ନ ପାରୁଁ । ଅପାତତଃ ଯେରୂପ ଅବସ୍ଥା ଦେଖୁଅଛୁଁ ତହିଁରେ କର୍ଣ୍ଣେଲ ସାହେବଙ୍କ ଉକ୍ତି ମିଟରେ ମନ ମାନୁ ନାହିଁ ।

ପରିଶେଷରେ ବକ୍ତବ୍ୟ ଏହି ଯେ ମା ୪୦୦୦ ଣ ଜମିରେ ଅନ୍ୟ ପ୍ରକାରରେ ଗତବର୍ଷ ଜଳ ମଡ଼ାଯାଇଥିବାର ଯାହା ଲେଖାଯାଏ ତହିଁର ଖଣ୍ଡକଥା କିଛି ବିସ୍ତାରିତ ରୂପେ ବିଜ୍ଞାପନାରେ ଲେଖା ନ ଥିବାରୁ ମନରେ ସନ୍ଦେହ ରହିଲା । ଆମ୍ଭେମାନେ ମୋଫସଲରୁ ଯେସମସ୍ତ ସମ୍ବାଦ ପାଉଅଛୁଁ ତହିଁରୁ ଜାଣୁଅଛୁଁ ଯେ ଅନ୍ୟପ୍ରକାରରେ ଜଳ ମଡ଼ାଯାଇଥିବା ଜମି ବିଷୟରେ ବହୁତ ଅନ୍ୟାୟ ହେଉଅଛି ଓ ଏଥିରେ ଜଳକର କର୍ମଚାରୀଙ୍କର ସମ୍ପୂର୍ଣ୍ଣ ଅଧିକାର ଅଛି ଯେ ସେ କୌଣସି ଜମି ଉପରେ ଜଳକର ଲଗାଇ ପାରନ୍ତି । ଆଗାମି ବିଜ୍ଞାପନୀରେ ଏଥିର ବିସ୍ତାରିତ ଲେଖାଗଲେ ବଡ ଭଲ ହେବ ।

# ସାପ୍ତାହିକ ସଂବାଦ ।

ଆମ୍ଭେମାନେ ନଗରସ୍ଥ ପାଠକଙ୍କୁ ଜଣାଉଁଅଛୁଁ ଯେ ଅଦ୍ୟ ସନ୍ଧ୍ୟାସମୟରେ କଟକ ସୋସାଇଟୀର ଗୋଟିଏ ବୃହତ୍ ସଭା ହେବ ଓ ଏଥିରେ ଜଳକର ସମ୍ପର୍କୀୟ ଅନେକ ବିଷୟର ତର୍କବିତର୍କ ଓ ବିଚାର ହେବ । ଜଳକର କାର୍ଯ୍ୟ ଆଜିକାଲି ଓଡିଶାରେ ଯେମନ୍ତ ପ୍ରଧାନ ହୋଇଅଛି ସେବିଷୟରେ କିଛି ଲେଖିବାର ଆବଶ୍ୟକ ନାହିଁ । ଅତଏବ ପ୍ରାର୍ଥନା ଯେ ଜାଣିବାଲୋକେ ଏସଭାକୁ ଆସି ଆପଣା୨ ଅନୁଭବକଥାମାନ କହି ଜଳକର କାର୍ଯ୍ୟ ପ୍ରଣାଳୀର ଶ୍ରେଷ୍ଠ ପରିଚୟ ଦେଉନ୍ତୁ ।

ଶ୍ରୀଯୁକ୍ତ କମିଶ୍ନର ସାହେବ ଗତ ରବିବାର ପୁରୁଷୋତ୍ତମରୁ କଟକକୁ ପ୍ରତ୍ୟାଗମନ କଲେ ।

ଇନସ୍ପେକ୍ଟର ଶ୍ୟାମ ସୁନ୍ଦର ଦତ୍ତ ଅପିଲ ନିଷ୍ପତ୍ତିପର୍ଯ୍ୟନ୍ତ ଜାମିନ ଦେଇ କାରାଗାରରୁ ମୁକ୍ତ ପାଇଅଛନ୍ତି । ପ୍ରଥମେ ଜଜସାହେବ ଜାମିନ ନେଉ ନ ଥିଲେ ବୋଧ ହୁଅଇ ଗ୍ରୁପର ନକଲ ଦାଖଲ ହେବାରୁ ଜାମିନର ଆଜ୍ଞା ଦେଲେ ।

କଟକରେ ପୂର୍ବବର୍ଷମାନଙ୍କ ପ୍ରାୟ ଏବର୍ଷ ଅଗ୍ନିର ଭୟ ନ ଥିଲେହେଁ ଘରପୋଡ଼ା ଏକାବେଳକେ ବନ୍ଦ ନାହିଁ । ଗତସପ୍ତାହରେ ଦୁଇଯାଗାରେ ଅଗ୍ନିଲାଗି ଦୁଇଖଣ୍ଡ ଘର ଓ ଦ୍ରବ୍ୟ କ୍ଷତି ହୋଇଅଛି ।

କଟକ ଟାଉନକମିଟୀ ପୂର୍ବାପେକ୍ଷା ଏବର୍ଷ କିଛି ଅଧିକ ଚଞ୍ଚଳ ଅଛନ୍ତି । ଅନ୍ୟବର୍ଷମାନଙ୍କରେ ବର୍ଷାକାଳ ଅଧେ କି ଶେଷ ହେଲାରୁ ସଡକ ଦୁଇପାଟି ନାଳମାନ ପରିଷ୍କାର ହେଉଥିଲା ଏବର୍ଷ ମରମତକାର୍ଯ୍ୟ ଏବେଠୁଁ ଆରମ୍ଭ ହେଲାଣି । ନୂତନ ଓଭରସିୟରଙ୍କହେତୁ ଯେବେ ଏହା ହୋଇଥାଏ ବଡ଼ ଆନନ୍ଦର ବିଷୟ ଅଟଇ ।

ଏବର୍ଷ ଯେ ଓକାଲତ ପରୀକ୍ଷା ଏଠାରେ ହୋଇଥିଲା ତହିଁରେ ଉଚ୍ଚଶ୍ରେଣୀର ଓକାଲତିରେ କେହି ଉତ୍ତୀର୍ଣ୍ଣ ହୋଇ ନାହାନ୍ତି । କେବଳ ଏକଜଣ ଛୋଟଓକାଲତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଅଛନ୍ତି ।

ହିତକରୀ ବୋଲନ୍ତି ଇଂଲଣ୍ଡରେ କୌଣସି ସମ୍ପାଦକ ପଡୋଶିମାନଙ୍କ ଚରିତ୍ର ସମ୍ବନ୍ଧରେ କିଛି ଲେଖିବାରୁ ଦୁଇଜଣ ତାହାଙ୍କୁ ପ୍ରହାର କରିବାପାଇଁ ତାହାଙ୍କ ଅଫିସକୁ ଗଲେ । ସେ

Digitized by srujanika@gmail.com

Split by PDF Splitter



ଦୁର୍ବେ ସମ୍ପାଦକଙ୍କୁ ଚିହ୍ନନ୍ତି ନାହିଁ । ଜଣେ ସମ୍ପାଦକଙ୍କ ଘରେ ପହଞ୍ଚି ପଚାରିଲା ସମ୍ପାଦକ କାହାନ୍ତି ? ସମ୍ପାଦକ ତାହାର ପଚାରିବା ଭାବ ଭଙ୍ଗୀ ଦ୍ୱାରା ମନ୍ତବ୍ୟ ବୁଝିପାରି ବୋଇଲେ ମହାଶୟ ! ସମ୍ପାଦକ ବାହ୍ୟକୁ ଯାଇଅଛନ୍ତି ଏହି ତାହାଙ୍କ ଆସନ ପଡ଼ିଛି ଆପଣ ଯେବେ କିଛିକ୍ଷଣ ବସିପାରନ୍ତି ତେବେ ଅମ୍ଭେ ତାଙ୍କୁ ଡାକିଆଣିବୁଁ ଏମନ୍ତ କହି ସମ୍ପାଦକ ଚାଲିଗଲେ । ବାଟରେ ଆରଜଣ ସଙ୍ଗେ ତାଙ୍କର ଦେଖା ହୁଅନ୍ତେ ସେ ପଚାରିଲା ସମ୍ପାଦକ କାହାନ୍ତି ? ଏହା ଶୁଣି ସମ୍ପାଦକ କହିଲେ ଆପଣ ତାଙ୍କୁ ତାଙ୍କସ୍ଥାନରେ ଦେଖିବେ ସେ ଏକାକୀ ବସିଅଛନ୍ତି । ଏହା ଶୁଣି ସେଦୁଷ୍ଟ କାର୍ଯ୍ୟସ୍ଥାନରେ ପ୍ରବେଶ ହୋଇ ଦେଖିଲା ଯେ ଏକବ୍ୟକ୍ତି ଚୌକିଉପରେ ବସିଅଛି । ସେଦୁଷ୍ଟ ତାହାକୁ ଅର୍ଦ୍ଧମଣକାଳ ଏବଂ ଦୁହିଙ୍କର ଅଗ୍ରରୂପେ ହାତ ଚଳାଚଳି ହେଲା ଏହି ଅବସରରେ ସମ୍ପାଦକ ପ୍ରସ୍ଥାନ କଲେ ।

ଟେଲିଗ୍ରାଫଦ୍ୱାରା ଅବଗତ ହେଲୁଁ ଯେ ବାବୁ ଶଶିପ୍ରସାଦ ବାନୁର୍ଯ୍ୟା ଆପଣା ସ୍ତ୍ରୀକୁ ସଙ୍ଗେ ନେଇ ଅଲଗାନାମକ ଯାହାଜରେ ଇଂଲଣ୍ଡକୁ ଯାତ୍ରା କରିଅଛନ୍ତି । ଶଶିବାବୁ ଜଣେ ବ୍ରାହ୍ମ ଏବଂ ଆପଣା ବାସଭୂମି ବରାନଗରର ଉନ୍ନତିସାଧନପକ୍ଷରେ ଅନେକ ଉପାୟ କରିଅଛନ୍ତି । ଆପଣାଭାରିଜାକୁ ସଙ୍ଗେ ନେଇ ବିଲାତ ଯିବାରେ ଏ ପ୍ରଥମ ହେଲେ । ଅବଧି କେହି ଏଡ଼େ ସାହସ କରି ନ ଥିଲା ।

ପଞ୍ଜାବରେ ରହିମବକ୍ସ ନାମରେ ଏକ ମହାଜନ ଟିଥନମୀର କର୍ମ୍ମ ମଧ୍ୟରେ ଗୋଟିଏ ଚିକିତ୍ସାଲୟ ସ୍ଥାପନନିମିତ୍ତ ଏକକାଳୀନ ଟ ୨୦୦୦ ଟଙ୍କା ଓ ମାସିକ କିଛି ଚାନ୍ଦା ଦେବାରୁ ଗବର୍ଣ୍ଣମେଣ୍ଟ ତାହାଙ୍କର ସମ୍ମାନ ବୃଦ୍ଧି କରିଅଛନ୍ତି ବ ସେ କୌଣସି ଦରବାରରେ ଉପସ୍ଥିତ ହୋଇପାରିବେ ।

ଡାକଇଲାକା କର୍ମ୍ମଚାରୀମାନଙ୍କର ବେତନ ବୃଦ୍ଧି ଓ ନୂତନପ୍ରକାର ଶ୍ରେଣୀ ହୋଇଅଛି । ସବୁଶ୍ରେଣୀର କର୍ମ୍ମଚାରୀମାନେ ବର୍ଷକୁ ବର୍ଷ ଅଧିକା ବେତନ ପାଇବେ ଓ ବିଶ୍ରାମ ଏବଂ ଛୁଟିଦିବସ ମାନଙ୍କପକ୍ଷରେ ନୂତନ ନିୟମମାନ ହୋଇଅଛି ।

ଅମ୍ଭେମାନେ ଆନନ୍ଦସହିତ ଶ୍ରବଣ କଲୁଁ ଯେ ସିବିଲଇଲାକା ଚାକିରି କର୍ମ୍ମଚାରୀର ବେତନର ପରିମାଣ ପୁନର୍ଦୃଷ୍ଟି କରିବା କାରଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଗ୍ରେପମାନ ସାହେବଙ୍କୁ ନିଯୁକ୍ତ କରିବାକୁ ସ୍ଥିର କରି ବିଲାତକୁ ଲେଖିଅଛନ୍ତି । ସେଠାରୁ ଆଜ୍ଞା ଆସିଲେ ଏଥିର କାର୍ଯ୍ୟାରମ୍ଭ ହେବ ସିବିଲସର୍ଭିସ୍ଥ ଚାକିରି କର୍ମ୍ମଚାରୀମାନଙ୍କୁ ବହୁତ ବେତନ ଦିଆଯାଉଅଛି ଅକ୍ଲେଶରେ ତହିଁରୁ ବହୁତ ଊଣା ହୋଇପାରିବାର ସମ୍ଭାବନା ।

ମିରଟ ଆଗ୍ରା ପ୍ରଭୃତି ପ୍ରଦେଶରେ ଭାରି ଝଡ ବତାସ ଓ ମେଘଘଡ଼ଘଡ଼ି ଇତ୍ୟାଦି ହୋଇଯାଇଅଛି । ଯେଉଁସମୟରେ ଏଠାରେ ବୃଷ୍ଟି ହେଲା ଠିକ ସେହିସମୟରେ ସେଠାରେ ଏମାନ ଘଟିବାର ଜଣାଯାଏ ।

ସିଖମାନଙ୍କ ଧର୍ମପୁସ୍ତକ ଅନୁବାଦ କରିବା ନିମିତ୍ତ ବିଲାତର ସେକ୍ରେଟରୀ ଡାକ୍ତର ଟ୍ରେମ୍ପ ସାହେବଙ୍କୁ ପ୍ରଥମବର୍ଷ ପାଇଁ ଟ ୫୦୦୦ ଟଙ୍କା ଓ ଦ୍ୱିତୀୟବର୍ଷପାଇଁ ଟ ୪୦୦୦ ଟଙ୍କା ବେତନରେ ନିଯୁକ୍ତ କରିଅଛନ୍ତି ।

ବଙ୍ଗଳାର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଶ୍ରୀଯୁକ୍ତ କାମ୍ବେଲ ସାହେବ ବିଜ୍ଞାପନ ଦେଇଅଛନ୍ତି ଯେ ପ୍ରତି ଗୁରୁବାର ସନ୍ଧ୍ୟା ଘ ୬ ଣ୍ଟା ସମୟରେ ଦେଶୀୟଲୋକଙ୍କୁ ସାକ୍ଷାତ୍ ଦେବେ । କୌଣସି ଭଦ୍ରଲୋକ କି ଯେ ପୂର୍ବେ ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କ ଘରଠାରୁ ଯାଇ ସାକ୍ଷାତ୍ କରି ନ ଥାଏ ସେ ବ୍ୟକ୍ତିକୁ ସେଠାରେ ଉପସ୍ଥିତ ଥିବା କର୍ମ୍ମଚାରୀ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କୁ ଚିହ୍ନାଇ ଦେବେ । ଦେଶୀୟଲୋକଙ୍କ ପ୍ରତି ଏରୂପ ବ୍ୟବହାର ଯେ ସୁଶାସନ ପ୍ରତି କେତେ ହିତକର ତାହା ଅଳ୍ପରେ କୁହାଯାଇ ନ ପାରେ । ଯେସମସ୍ତ ହାକିମଙ୍କୁ କଳାଲୋକ ଦେଖି ଦୁର୍ଗନ୍ଧ ଜଣାଯାଏ ସେମାନେ ଏ ବିଜ୍ଞାପନ ପଢି କଣ ମନେ କରୁଥିବେ ବୋଲି ନ ପାରୁଁ ।

ଯୋଧପୁର ମହାରାଜାଙ୍କ ସଲାମି ତୋପ ସଂଖ୍ୟା ଊଣା କରିବା ନିମିତ୍ତ ଗବର୍ଣ୍ଣର ଜେନରଲ ସାହେବ ଯେଉଁ ଆଜ୍ଞା ଦେଇଥିଲେ ବିଲାତର ସେକ୍ରେଟରୀ ତାହା ମଞ୍ଜୁର କରିଅଛନ୍ତି ।

ପାଇୟୋନିୟର ବୋଲନ୍ତି ଯେ ଶୁକ୍ରବାରଦିନେ ଯେଉଁ ପଥରବୃଷ୍ଟି ହୋଇଥିଲା ତହିଁରେ ସମ୍ପତ୍ତି କ୍ଷତି ସଙ୍ଗେ ୨ ପ୍ରାଣହାନି ମଧ୍ୟ ହୋଇଅଛି । ଏକଜିଲ୍ଲାରେ ଜ ୧୧ ଣ ମନୁଷ୍ୟ ମରିବାର ଜଣାଯାଇଅଛି ଏବଂ ଆହୁରି ଜ ୪ ଣ ଏହିପରି ନାଶ ହୋଇଥିବାର ଶୁଣାଯାଏ ।

ମାନ୍ଦ୍ରାଜରେ ଲୋକସଂଖ୍ୟା ଗୃହୀତ ହେବାର ସମସ୍ତ ଉଦ୍ୟମ ଲାଗିଅଛି । ବଙ୍ଗଳାରେ ଏହା ଏକବର୍ଷ ପାଇଁ ସ୍ଥଗିତ ରହିଲା ମାତ୍ର ଏକାବେଳକେ ବନ୍ଦ ହୋଇ ନାହିଁ । ଗବର୍ଣ୍ଣମେଣ୍ଟ ଆଜ୍ଞା କରିଅଛନ୍ତି ଅଧିକା ଖର୍ଚ୍ଚ ବିନା ଯେସବୁ କାର୍ଯ୍ୟ ହୋଇପାରେ ତାହା ଚଳୁଥିବ ।

ମଧ୍ୟପ୍ରଦେଶର ପ୍ରଧାନକମିଶନରଙ୍କ ପ୍ରସ୍ତାବମତେ ଗ୍ରାମସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ଷ୍ଟାମ୍ପ-ବିକ୍ରେତା ନିଯୁକ୍ତ କରିବାକୁ ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି । ଅମ୍ଭେମାନେ ବୋଧ କରୁଁ ବଙ୍ଗଳାରେ ଏନିୟମ ପ୍ରଚଳ କଲେ ଭଲ ହେବ ମୋଫସଲରେ ଷ୍ଟାମ୍ପ କାଗଜ ମିଳଇ ନାହିଁ । ସ୍କୁଲର ଶିକ୍ଷକଙ୍କଦ୍ୱାରା ଏକାର୍ଯ୍ୟ ହେଲେ ସହଜରେ ଷ୍ଟାମ୍ପ ମିଳିପାରିବ ।

ଗ୍ରାମବାର୍ତ୍ତା ବୋଲନ୍ତି ଦିନାଜପୁରର ଅନ୍ତର୍ଗତ ଚିନ୍ତାମଲ ଥାନାର ଅଧୀନ ଫକିରଗଞ୍ଜରେ ସ୍ତ୍ରୀଲୋକେ ଡକାଇତି କରିଅଛନ୍ତି । ଗତ ଫାଲ୍‌ଗୁନ ଦ ୨୭ନ ଲୁମାରଖାଇ ନିବାସି ତିଲକଚନ୍ଦ୍ର ସାହାର ଆଡ଼ରେ ୨ପ୍ରହର ସମୟରେ ଉପସ୍ଥିତ ହେଲେ । ସେଠାରେ କିଛି କରି ନ ପାରି ଯଜ୍ଞେଶ୍ୱର ସାହା ଆଗରେ ପଶି ପ୍ରଥମେ ତାହାର ସିନ୍ଦୁକ ଭାଙ୍ଗିବାକୁ ଚେଷ୍ଟା କଲେ । ତହିଁରେ କୃତକାର୍ଯ୍ୟ ହୋଇ ନ ପାରି ବାହାର ବାକ୍ସରେ ଯେ ଟଙ୍କା ଥିଲା ତାହାସବୁ ନେଇ ଯାଇଛନ୍ତି । ଏ ଦଳରେ ଜ ୨୦୦ ଣ ସ୍ତ୍ରୀଲୋକ ଥିଲେ । ଏହାର ସବିଶେଷ ଅମ୍ଭେ ପରେ ପ୍ରକାଶ କରିବୁଁ ।

## ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ବାବୁ ବଳରାମ ସାହୁ | କଟକ | ବକେୟା | ଟ ୪ |
| ଏଜନ | ,, | ଅଗ୍ରିମ | ଟ ୨। |
| ,, ରାଧାକୃଷ୍ଣ ଦାସ | ,, | ବକେୟା ଦ୨ଫା | ଟ ୬ |
| ,, ଦୀନବନ୍ଧୁ ଘୋଷ | ,, | ,, | ଟ ୭ |
| ,, ଅଚ୍ୟୁତାନନ୍ଦ ଦାସ | ,, | ,, | ଟ ୩ |
| ,, ଗୋବିନ୍ଦଚନ୍ଦ୍ର ମହାପାତ୍ର | ପୁରୀ | ବକେୟା | ଟ ୬ |
| ,, ଉଦ୍ଧବଚରଣ ମହାନ୍ତି ମୋକ୍ତାର-ଦ୍ୱାର | | ବକେୟା | ଟ ୨ |
| ,, ଜୟକୃଷ୍ଣ ଦାସ | କଟକ | ,, | ଟ ୩ |
| ,, ସୁରେନ୍ଦ୍ର ମହାନ୍ତି | ,, | ,, | ଟ ୨ |
| ,, ଦୀନବନ୍ଧୁ ପଟ୍ଟନାୟକ କଦମାଲ-ତହସିଲଦାର | | ଅଗ୍ରିମ | ଟ ୮ |

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକ ପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଲୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୭ | ତା ୧୩ ରଖ ମାହେ ମଇ ସନ ୧୮୭୨ ମସିହା ।ମୂ। ଜ୍ୟେଷ୍ଠ ଦ ୧ ନ ସ୧୨୭୮ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୬
ସଂଖ୍ୟା ୧୮ | | ବର୍ଷାନ୍ତେମୂଲ୍ୟ ଦେଲେ ବର୍ଷକୁ ୬୭ ; ମଫସଲ ପାଇଁ ଡାକମାସୁଲ ୧୬


### ଜେଲଖାନା ଓ ଜାତିରକ୍ଷା

ଟେଲିଗ୍ରାଫ ପତ୍ରରୁ ଅବଗତହେଲୁଁ ଯେ ମାନ୍ଦ୍ରାଜରେ କଇଦମାନେ ଜାତି ଯିବାହେତୁରେ ଏକ ପ୍ରକାର ବ୍ୟବସାୟ ଶିକ୍ଷାକରିବାକୁ ଆପତ୍ତି କରିଥିଲେ । ଏଥିରୁ ସେଠା ଜେଲଖାନାସମୂହର ଇନ୍ସପେକ୍ଟର ଜେନରଲ ଗବର୍ଣ୍ଣମେଣ୍ଟଙ୍କ ସମ୍ମତିରେ ବିଧାନ କରିଅଛନ୍ତି ଯେ ଏରୂପ ଆପତ୍ତିମାନ ଶୁଣିବାର ଉଚିତ ନୁହଇ ଯହିଁରେ ଜେଲଖାନାର ଶାସନ ଉତ୍ତମରୂପେ ହେବ ତହିଁର ସମସ୍ତ କର୍ମକାରକଙ୍କୁ କାର୍ଯ୍ୟ କରିବାକୁ ହେବ । ବଙ୍ଗଳାରେ ବ୍ରାହ୍ମଣକଇଦୀ କାୟସ୍ଥ ଓ ନୁଆନମାନ ପ୍ରାୟ ଇଟାପ୍ରସ୍ତୁତ କିମ୍ବା ମାଲିଗିରି କରିବାକୁ ଆପତ୍ତି କରନ୍ତି ନାହିଁ । ମାନ୍ଦ୍ରାଜରେ ତନ୍ନପ୍ରକାର କାହିଁକି ହେବ ଆମ୍ଭମାନଙ୍କର ମଧ୍ୟ ଏହି ମତ । ଜେଲଖାନାକୁ ଯିବାଭଳି ମନ୍ଦକର୍ମ ଯେ କଲା ତାହାର ଅଉ ଆପଣା ଅଭିମାନ ରଖିବାର ପ୍ରୟୋଜନ କି ? ଯେମନୁଷ୍ୟ ଆପଣା ମହତ୍ତ୍ୱକୁ ସର୍ବଦା ଜଗିରହିଥାଏ ସେ କ୍ଷତିଗ୍ରସ୍ତହେଲେ ମଧ୍ୟ ଅଇନର ଦଣ୍ଡନୀୟ ଅପରାଧ କରଇ ନାହିଁ ଓ ସେରୂପ କାର୍ଯ୍ୟ ନ କଲେ ଜେଲଖାନାକୁ ଯିବାର ଆବଶ୍ୟକ ହେବ ନାହିଁ ତେବେ ଏମନ୍ତ ଘଟନା ହୁଅଇ ଯେ କୌଣସି ଲୋକ ଅନାବୃତ୍ତ କିମ୍ବା ଶତ୍ରୁର ଷଡ଼ଯନ୍ତ୍ରରେ ପଡ଼ି ଦଣ୍ଡ ଭୋଗକରଇ ଏପରି ଅବସ୍ଥାରେ ପଡ଼ିବାଲୋକପ୍ରତି ଅଇନର ନିୟମମାନ ଶିଥିଳରୂପେ ପ୍ରତିପାଳନ ହେବାର କହିଲି ଦେଖା ଯାଇଅଛି ଓ ଏମାନଙ୍କ ପକ୍ଷରେ ଜେଲର ନିୟମ ସହଜ ହେବା ବାଞ୍ଛନୀୟ ଅଟଇ କାରଣ କୌଣସି ସମ୍ଭ୍ରାନ୍ତବ୍ୟକ୍ତି ଦୈବବଶତଃ କାରାବାସର ଆଜ୍ଞା ପାଇଲେ ମୃତ୍ୟୁଅପେକ୍ଷା ସେ ଦଣ୍ଡକୁ ଅଧିକକର ମଣଇ ଓ ତାହାର ମାନସିକ ଦୁଃଖ ଏତାଦୃଶ ହୁଅଇ ଯେ ତହିଁରେ ସେ ଅନୁକ୍ଷଣେ ଦଗ୍ଧ ହେଉଥାଏ ଏରୂପଲୋକକୁ ଯେବେ ସଡ଼କରେ ମାଟି ବୋହିବା କିମ୍ବା ଅନ୍ୟ ଅନଭ୍ୟାସିତ ଓ ନୀଚଲୋକ ବ୍ୟବସାୟରେ ନିଯୁକ୍ତ କରାଯାଏ ତେବେ ତାହାର କପର୍ଯ୍ୟନ୍ତ ଦଣ୍ଡ ହୁଅଇ ବୋଲାଯାଇ ନ ପାରେ ଅତଏବ ଏସ୍ଥଳରେ ତାହାପ୍ରତି ସୁଦୃଷ୍ଟି ରଖିବା ନିୟମକର୍ତ୍ତାଙ୍କ ଉଚିତ ଅଟଇ । ଅନ୍ୟପକ୍ଷରେ ସମ୍ଭ୍ରାନ୍ତବ୍ୟକ୍ତି ଯେବେ ଜାଣି ଶୁଣି ଅପରାଧ କରନ୍ତି ତେବେ ସେହି କାର୍ଯ୍ୟ ହେତୁରୁ ତାହାର ମହତ୍ତ୍ୱ ଲୋପ ପାଇଲା ପଶ୍ଚାତ୍ ତାହାକୁ ଜେଲଖାନାରେ ରଖି ଯେରୂପ ବ୍ୟବହାର କରାଯାଏ ତହିଁରେ ତାହାର କିଛି ଆପତ୍ତି କରିବାର ନାହିଁ ଓ ମଧ୍ୟ ସେ କଦାଚ ଦୟାରପାତ୍ର ନୁହଇ ଏରୂପ ଲୋକକୁ ଦୟା କଲେ ସମ୍ଭ୍ରାନ୍ତବ୍ୟକ୍ତିଙ୍କୁ ମନ୍ଦକର୍ମ କରିବାରେ ଉତ୍ସାହ ଦେବା ହୁଅଇ ।

---

### କଟକ ନର୍ମ୍ମାଲ ସ୍କୁଲର ବାର୍ଷିକ ପାରିତୋଷିକ ଦାନ ।

ଗତ ଶୁକ୍ରବାର ସକାଳ ଘ ୭ ଟା ସମୟରେ ଏହିକାର୍ଯ୍ୟ ସମ୍ପାଦନାର୍ଥ କଟକ ନର୍ମ୍ମାଲ ସ୍କୁଲର ନୂତନ ଗାଲେରୀ ଗୃହରେ ସଭା ହୋଇଥିଲା ଓ ତାହା ଦର୍ଶନ କାରଣ ଅନେକ ଦେଶୀୟ ଓ ଦେଶୀୟ ଅନେକ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ପୂର୍ବରୁ ଆମନ୍ତ୍ରିତ ହୋଇ ଉପସ୍ଥିତ ହୋଇଥିଲେ । ଇଂରେଜଙ୍କ ମଧ୍ୟରେ ଶ୍ରୀଯୁକ୍ତ କମିଶ୍ନର କଲେକ୍ଟର ଏବଂ ସ୍କୁଲସର ରେବ୍ସ ସାହେବ ଓ ଘାତ୍ରୀ ବେଲ ଓ ବୁକ୍ସ ସାହେବମାନେ ଉପସ୍ଥିତ ଥିଲେ ବିଦ୍ୟାଳୟର ସୁପ୍ରେଣ୍ଟେଣ୍ଡେଣ୍ଟ ବାବୁ ଦ୍ୱାରକା ନାଥ ଚକ୍ରବର୍ତ୍ତୀ ମହାଶୟ ବାର୍ଷିକ ପରୀକ୍ଷା ଫଳ ଓ ବିଦ୍ୟାଳୟର କାର୍ଯ୍ୟ ବିଷୟରେ ଖଣ୍ଡିଏ ବକ୍ତୃତା ଇଂରାଜୀଭାଷାରେ ଲେଖିଥିଲେ ତାହା ପ୍ରଥମେ ପାଠ ହେଲା ଓ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ ତାହାକୁ ଉତ୍କଳଭାଷାରେ ସଭାକୁ ବୁଝାଇ ଦେଲେ ତଦୁତ୍ତାରୁ ଛାତ୍ରମାନଙ୍କୁ ପାରିତୋଷିକ ପୁସ୍ତକମାନ ଶ୍ରୀଯୁକ୍ତ କମିଶ୍ନର ସାହେବ ସ୍ୱହସ୍ତରେ ବିତରଣ କରି ଗାତ୍ରୋତ୍ଥାନପୂର୍ବକ ସ୍କୁଲର ଉନ୍ନତିରେ ସନ୍ତୋଷ ପ୍ରକାଶ କଲେ ସେ କହିଲେ ଯେ ନର୍ମ୍ମାଲସ୍କୁଲ ଏଠାରେ ସର୍ବାପେକ୍ଷା ପ୍ରଧାନ ବିଦ୍ୟାଳୟ ଅଟଇ କାରଣ ଏହାଦ୍ୱାରା ମୋଫସଲର ଅତି ନୀଚାବସ୍ଥାର ପ୍ରଜାମାନେ ବିଦ୍ୟା ଧନକୁ ଲଭି ପାରିବେ । ଯେତେବେଳେ ଗୁରୁମାନେ ସୁଶିକ୍ଷିତ ହୋଇ ମୋଫସଲରେ ସ୍କୁଲ କରି ପିଲାଙ୍କୁ ପଢ଼ାଇବେ ସେତେବେଳେ ଏ ଦେଶର କୁସଂସ୍କାର ଗୁଡ଼ିକ ଯଦ୍ଦ୍ୱାରା ଲୋକମାନଙ୍କ ମନ କହୁକାଳରୁ ଆଚ୍ଛନ୍ନ ହୋଇ ରହିବାରୁ ସେମାନଙ୍କର କୌଣସି ଉନ୍ନତି ହେଉ ନାହିଁ ।

Digitized by srujanika@gmail.com

Split by PDF Splitter



ତାହା ଦୂରୀଭୂତ ହେବ ଓ ସ୍ଥାନୀୟଲୋକ ପ୍ରଭାବରେ ଏ ସ୍ଥାନ ଉନ୍ନତାବସ୍ଥାକୁ ପ୍ରାପ୍ତ ହେବ। ହାଇସ୍କୁଲରେ ଇଂରାଜୀ ଶିକ୍ଷା ହୁଅଇ ଓ ଇଂରାଜୀ ଶିକ୍ଷାଦ୍ୱାରା ଜ୍ଞାନ ଓ ସଭ୍ୟତା ଅଧିକ ବୃଦ୍ଧି ହେବାର କଥା ଅଛି ସତ୍ୟ ମାତ୍ର ତାହା ସମସ୍ତଙ୍କୁ ସୁଲଭ ନୁହଇ କିମ୍ବା ସାମାନ୍ୟଲୋକଙ୍କ ପ୍ରତି ତାହା ତେତେ ପ୍ରୟୋଜନୀୟ ନୁହଇ। ଯେବେକି କୃଷକମାନେ ଭୂମିପରିମାଣ ଓ ଅଙ୍କ-ବିଦ୍ୟା ଯତ୍କିଞ୍ଚିତ୍ ଶିଖି ଆପଣା ଭୂମି ଓ ଘରର ଆୟ ବ୍ୟୟର ହିସାବ ବୁଝିପାରିବେ ଓ କୃଷିକର୍ମ ଯେ ଧାରାରେ କରି ଆସୁଅଛନ୍ତି ତହିଁରୁ କିଛି ଅଧିକ କରି ସାଧନ କରି ପାରିବେ ଅର୍ଥାତ୍ ହଳ ଓ ଖତ ଓ ଲଙ୍ଗଳ ପ୍ରଭୃତି ଯେଉଁରୂପେ ସୁଶିକ୍ଷିତ କୃଷକ ବର୍ତ୍ତମାନ ବ୍ୟବହାର କରୁଅଛନ୍ତି ସେହିରୂପେ କରି ପାରିବେ; ଏରୂପେ ନର୍ମ୍ମାଲସ୍କୁଲର ଉପକାରର କଥା ବର୍ଣ୍ଣନା କରି ଗତବର୍ଷରେ କେତେକ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଯେଉଁ ବିଦ୍ରୋହ ହୋଇଥିଲା ତହିଁର ଉଲ୍ଲେଖ କରି କହିଲେ ଯେ ବିଦ୍ୟାଳୟର ଅଧ୍ୟକ୍ଷ ରାଧାନାଥ ବାବୁ ଯଥାର୍ଥରୂପେ ଏ ବିଷୟର ତଦାରକ କରି ଇନସ୍ପେକ୍ଟରଙ୍କୁ ରିପୋର୍ଟ କରିବାରୁ ବହୁତ ପ୍ରତିକାର ହୋଇଅଛି ଓ ସେ ଭରସା କରନ୍ତି ଭବିଷ୍ୟତରେ ଯେମନ୍ତ ଏରୂପ କଥା ଆଉ କେବେ ଶୁଣା ନ ଯିବ।

ସଭାପତି ରେଭନସା ସାହେବଙ୍କ ବକ୍ତୃତା ସରିଲାରୁ ପାଦ୍ରି ବେଲୀସାହେବ କିଞ୍ଚିତ୍ ବକ୍ତୃତା କଲେ। ଇଂରାଜଙ୍କ ମୁଖରୁ ଓଡ଼ିଆଭାଷା ବଡ ସୁନ୍ଦର ଶୁଭଇ ଏଥିପାଇଁ ଦର୍ଶକମାନେ ବଡ କୌତୁକୀ ହୋଇ ଶ୍ରବଣକଲେ ଓ ସାହେବ ଠେକୁଆ ଓ କଛପର କାହାଣିଟି କହି ଅତି ସୁନ୍ଦରରୂପେ ପାରିତୋଷିକ ନ ପାଇଥିବା ବାଳକଙ୍କୁ ଉତ୍ସାହିତ ଓ ପାରିତୋଷିକ ପାଇଥିବା ବାଳକଙ୍କୁ ସତର୍କ କଲେ ତହିଁଉତାରୁ ଚୌଧୁରୀ ବିଶ୍ୱନାଥଦାସ ଦୁଇ ଚାରି ହିତକଥା ବାଳକଙ୍କୁ ବୁଝାଇ କହି ବିଦ୍ୟାଶିକ୍ଷା ପକ୍ଷରେ ମନୋଯୋଗୀ ହେବାକୁ ଉପଦେଶ ଦେଲେ।

ଏହିରୂପେ ପାରିତୋଷିକ ପ୍ରଦାନ ସଭାର କାର୍ଯ୍ୟ ଶେଷ ହେଲା। ଆମ୍ଭେମାନେ ସ୍ଥାନାଭାବରୁ ବାଳକମାନଙ୍କ ମୌଖିକପାଠ ଓ ଅନ୍ୟାନ୍ୟ ବିଷୟର ଉଲ୍ଲେଖ କରି ନ ପାରିଲୁଁ ଭରସାକରୁଁ ଆଗାମିସପ୍ତାହରେ କିଛି ପ୍ରକାଶ କରି ପାରିବୁଁ।

---

## ଗବର୍ଣ୍ଣମେଣ୍ଟ ନାଲ ଓ ଜଳସେଚନ-ପ୍ରଣାଳୀ ସଭା

ଉପର୍ଯ୍ୟୁକ୍ତ ବିଷୟ ବିବେଚନା କରିବା ନିମିତ୍ତ କଟକ ସୋସାଇଟୀ ଯେଉଁ ସଭା ବସାଇବାପାଇଁ ବିଜ୍ଞାପନ ଦେଇଥିଲେ ଓ ଯହିଁର ଉଲ୍ଲେଖ ଆମ୍ଭେମାନେ ଗତ ପୂର୍ବସପ୍ତାହର ପତ୍ରିକାରେ କରିଥିଲୁଁ ସେ ସଭା ଗତ ଶନିବାର ସନ୍ଧ୍ୟାସମୟରେ ହୋଇଥିଲା ମାତ୍ର ତହିଁର କିଞ୍ଚିତ୍ ପୂର୍ବରେ ଘୋର ବର୍ଷା ଓ ବତାସ ହୋଇଥିବାରୁ ବିସ୍ତର ଲୋକ ସଭାକୁ ଆସି ପାରିଲେ ନାହିଁ ସୁତରାଂ ସଭାର କାର୍ଯ୍ୟ ଚଳି ନ ପାରିଲା ତହୁଁ ଉପସ୍ଥିତ ସଭ୍ୟମାନେ ସୋମବାରଦିନ ସଭା କରିବାର ସ୍ଥିର କରି ଯେ ଯାହା ଘରକୁ ପ୍ରସ୍ଥାନ କଲେ।

ସୋମବାରଦିନ ରାତ୍ରି ଆଠଘଣ୍ଟା ସମୟରେ ପୁନର୍ବାର ସଭା ବସିଲା ଓ ଏଡ଼େ ଏତେଲୋକ ଉପସ୍ଥିତ ହେଲେ ଯେ କମ୍ପାନିଙ୍କ ଦୋମହଲା କୋଠାରେ ସ୍ଥାନ ପାଇବାର କଠିନ ହେଲା। ଇଂରାଜମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ରେଭନ୍‌ସା, କର୍ଲୁ ଡ଼୍, ଓ୍ୟାକର, ମାକମିଲନ, ଫ୍ଲେମିଙ୍ଗରେବସ କେମ୍ବଲ, ଗ୍ରୀନ, ଅଡ୍‌ଲିଂ ପ୍ରଭୃତି ସମ୍ଭ୍ରାନ୍ତ ସାହେବମାନେ ଉପସ୍ଥିତ ଥିଲେ ଏପରି ବଙ୍ଗଳା ଗବର୍ଣ୍ଣମେଣ୍ଟର ଇରିଗେସନ ଇନ୍‌ସ୍ପେକ୍ଟର ମହାଶୟ କାର୍ଯ୍ୟୋପଲକ୍ଷରେ ଏନଗରକୁ ଶୁଭାଗମନ କରିଥିବାରୁ କୌତୁକାବିଷ୍ଟ ହୋଇ ସଭାକୁ ଆଗମନ କରିଥିଲେ। ଦେଶୀୟଲୋକ ମଧ୍ୟରେ ନଗରସ୍ଥ ଅନେକ ସମ୍ଭ୍ରାନ୍ତ ବ୍ୟକ୍ତି ଯଥା ସରକାରି କର୍ମଚାରୀ ଉକିଲ ମୁକ୍ତାର ଜମିଦାର ନାଏବ ଲାଖରାଜଦାର ଖୋସବାସ ପ୍ରଭୃତି ପ୍ରାୟ ସକଳ-ଶ୍ରେଣୀର ଲୋକ ଉପସ୍ଥିତ ଥିଲେ। ବାହାରେ ହିତ ମଧ୍ୟରେ ମୋଫସଲରୁ ଶତାଧିକ ପ୍ରଜା ସଭାର କାର୍ଯ୍ୟ ଦେଖିବାକୁ ଆସି ଦଣ୍ଡାୟମାନ ହୋଇଥିଲେ ଓ ବେଳେ୨ ଉଚ୍ଚୈଃସ୍ୱରରେ ହରିବୋଲ ଧ୍ୱନି ଓ ମହାରାଣୀଙ୍କ ଦୁହାଇ ଦେଇ ଆପଣା ଦୁଃଖ ଜଣାଉଥିଲେ। ଦୋମହଲାଘର ଓ ବାରଣ୍ଡା ଲୋକରେ ପୂର୍ଣ୍ଣ ହୋଇଥିଲା। ଫଳତଃ ଏପରି ସଭା ଏଥିପୂର୍ବେ କଟକରେ କେବେ ହେବାର ଦେଖା ନାହିଁ ଏତେଲୋକ ଏକତ୍ରିତ ହେବାରୁ ଏହି ସିଦ୍ଧାନ୍ତ ହୁଅଇ ଯେ ଜଳସେଚନ ପ୍ରଣାଳୀର କାର୍ଯ୍ୟ ଏତ ସମସ୍ତଙ୍କୁ ଜାଗରୂକ କରୁଅଛି ଓ ସମସ୍ତଙ୍କମନରେ ଦୃଢ଼ରୂପେ ଲେଦଅଛି ନୋହିଲେ ଏତେ ବୃହତ୍ ସଭା କାହିଁକି ହୁଅନ୍ତା।

ସାଢ଼େ ଆଠଘଣ୍ଟା ଉତାରୁ ରୀତିମତ ସଭାର କାର୍ଯ୍ୟ ଆରମ୍ଭ ହେଲାରୁ ବାବୁ କାଳୀପଦବନ୍ଦ୍ୟୋ-ପାଧ୍ୟାୟ ଇଂରାଜୀ ଓ ଓଡ଼ିଆରେ ଯେଉଁ ପତ୍ରମାନ ସର୍ବସାଧାରଣଙ୍କ ନିକଟକୁ ପଠାଇ ଥିଲେ ତାହା ପାଠକରି ସଭାର ଉଦ୍ଦେଶ୍ୟ ବିଷୟରେ ଗୋଟିଏ ବକ୍ତୃତା କଲେ। ପ୍ରଥମେ ବକ୍ତୃତାର ଅଧିକ ଇଂରାଜୀରେ ଓ ତତ୍ପରେ ତାହାର ବିବରଣ ବଙ୍ଗଳା ଭାଷାରେ ସଭାକୁ ଜଣାଇଲେ। କାଳୀ-ପଦ ବାବୁଙ୍କ ବକ୍ତୃତାରେ ଅନେକ କଥାର ପ୍ରସଙ୍ଗ ଥିଲା। ବନ୍ଦୋବସ୍ତ ଜମିଦାର ଓ ପ୍ରଜାଙ୍କ ଅବସ୍ଥା ଗୃହର ଅବସ୍ଥା ନାଲନିର୍ମାଣର ଉପଯୋଗିତା ଇତ୍ୟାଦି ନାନା ବିଷୟରେ କିଛି୨ କହିଲେ ମାତ୍ର ଏହିସବୁ ବହୁତ ବିସ୍ତାର ଓ ଅପ୍ରାସଙ୍ଗିକ ରୂପେ କହି ମୂଳ ପ୍ରସଙ୍ଗକୁ ସଂକ୍ଷେପରେ ଶେଷ କଲେ। ତାହାଙ୍କ ବକ୍ତୃତାରୁ ଏତିକି ଜଣାଗଲା ଯେ ସେ ନିଜେ କିଛି ଅନୁଭବ କରି ନାହାନ୍ତି ଯାହା ଲୋକଙ୍କଠାରୁ ଶୁଣିଲେ ତାହା ମାତ୍ର ପ୍ରକାଶ କଲେ। ତାହାଙ୍କ ପ୍ରଚାରିତ ପ୍ରଶ୍ନାବଳୀ-ମଧ୍ୟରୁ କେବଳ ୬।୭।୮ ପ୍ରଶ୍ନର ଉତ୍ତର ଏହିରୂପେ ଦେଲେ ଯେ ଧୂର୍ତ୍ତକଲ କାହିଁକି ଗତାୟାତ କରିବାରୁ ନାଲରେ ମାଛ ରହିପାରୁ-ନାହାନ୍ତି। ଲକପୁର ଚଉପାଶରେ ପୋଖରୀ ପ୍ରାୟ ନାଲକୁବିସ୍ତାର କଲେ ମାଛ ବହୁତ ହେବେ ଓ ନଡିଆଗଛ ଅଧିକ ରୋପଣ ହେବ ଏବଂ ନାଲ ଚଉପାଶଭୂମିରେ ଗବର୍ଣ୍ଣମେଣ୍ଟ କପା-ରୋପଣ କଲେ ବହୁତ ଲାଭ ହେବ ଏବଂ ଯେତେ-ବେଳେ ଭୂମିରେ ଅଧିକ ଶସ୍ୟ ଜନ୍ମିବ ସେତେବେଳେ ବହୁତ ନୌକା ନାଲରେ ଯିବା ଆସିବା କରିବ ପରଶେଷରେ ଜଳକର ଅଦାୟ ସମ୍ବନ୍ଧରେ ଅନେକ ଅତ୍ୟାଚାର ହେଉଥିବା ଓ ସେଥିପାଇଁ ଲୋକେ ଜଳ ନେବାକୁ ଆପତ୍ତି କରୁଥିବାର କଥା କହିଲେ। ତାହାଙ୍କ ଜାଣିବା-ରେ ଜଳକର ଅଦାୟ ଅନୁନପ୍ରତି ଲୋକେ ଏକପ୍ରକାର ବିଦ୍ରୋହୀ ହୋଇଅଛନ୍ତି। ଏକ ହାକିମ ହସ୍ତରେ ଜଳକର ବନ୍ଦୋବସ୍ତ ଉସୁଲ ଏବଂ ତତ୍ସମ୍ପର୍କୀୟ ମକଦମାର ଭାର ଦେବା ଅନୁଚିତ ହୋଇଅଛି ଓ ତାହା ପୁଲିସକୁ ମେଜିଷ୍ଟ୍ରେଟୀ କ୍ଷମତା ଦେବାପ୍ରାୟ ବୋଧ ହୁଅଇ। ଜଳକର ଆଦାୟନିମିତ୍ତ ମାଡ଼ି ଇତ୍ୟାଦିକାରେ ଟଙ୍କା ଅନର୍ଥକ ବ୍ୟୟ ହେଉଅଛି କାରଣ ଉସୁଲ କେତେ ହେଲା ସେଥିର ସ୍ଥିର ହେଉ ନାହିଁ।

କାଳୀବାବୁଙ୍କ ବକ୍ତୃତା ଶେଷ ହେଲା ଉତାରୁ ତାହାଙ୍କ ପ୍ରାର୍ଥନାନୁସାରେ ଯେଉଁ ଜମିଦାର ଓ

Digitized by srujanika@gmail.com

ଅନ୍ୟବ୍ୟକ୍ତିମାନେ ତାହାଙ୍କ ପ୍ରଶ୍ନର ଉତ୍ତର ପଠାଇ ଥିଲେ ସେସମସ୍ତ ପାଠ ହେଲା । କେତେ ଗୁଣ୍ଡ ଉତ୍ତର ଇଂରାଜୀରେ ଲେଖାଥିଲା ତାହା ଶ୍ରୀ କଲ୍ଭିଡ଼ସାହେବ ସ୍ୱୟଂ ପାଠକଲେ ଓ ଓଡ଼ିଆ ଉତ୍ତରମାନ ବାବୁ ଗୋପାଳପ୍ରସାଦମିଶ୍ର ପାଠକରି ସଭାକୁ ଶୁଣାଇଲେ ଜଣ ଜଣଙ୍କର ଉତ୍ତର ସଂକ୍ଷେପ ଲେଖିବାକୁ ସ୍ଥାନ ନାହିଁ ମାତ୍ର ସେ ସବୁ ଉତ୍ତର ଯେ କେତୋଟି ବିଷୟରେ ପ୍ରାୟ ଐକ୍ୟ ତାହା ସଂକ୍ଷେପରେ ବ୍ୟକ୍ତ କରୁଅଛୁଁ । ତାହା ଏହି ଯେ ନାଳଜଳଦ୍ୱାରା କେବଳ ମରୁଡ଼ିସମୟରେ ଉପକାର ହୋଇପାରେ ଓ ଠେଙ୍ଗାଜମିରେ ଫସଲ ହେବାର ସମ୍ଭାବନା । ଆଉ ଉପକାର କିଛି ଦେଖାଯାଇ ନାହିଁ । ମାତ୍ର ବର୍ତ୍ତମାନ ବହୁତପ୍ରକାର ଅତ୍ୟାଚାର ହେଉଅଛି ସେ ଅତ୍ୟାଚାରମାନ ନାନାପ୍ରକାର । ଯଥା ନାଳବନ୍ଧଉପରେ ଗୋରୁ ଚଢ଼ିଗଲେ ତହିଁପାଇଁ ଜରିମାନା । ଜମିମାପରେ ଅମିନଙ୍କର ଦୌରାତ୍ମ୍ୟ, ଛୋଟପଦକାରେ ମାପକରି ଜମି ବଢ଼ାଇବା ଏବଂ କାଣିନଲଦ୍ୱାରା ଜମିର ପରିମାଣ ବୃଦ୍ଧିକରିବା । ଯେଉଁଠାକୁ ଜଳ ଯାଇ ନାହିଁ ତହିଁ ପାଇଁ କର ତଲବ କରିବା, ଏକ ଏକ ମୌଜାର ଜଳକର ଟଙ୍କା ସାଢ଼ସ୍ୱର ଅଧିକ ହୋଇଥିବା, ଶ୍ରୀଯୁକ୍ତ କଲ୍ଭିଡ଼ସାହେବଙ୍କୁ ଅଧିକ କ୍ଷମତା ଦେବା ଓ ତାହାଙ୍କ ହୁକୁମ ବିରୁଦ୍ଧରେ ଅପିଲର ବିଧି ନ ଥିବା ନୌକା ଗମନାଗମନର ମାସୁଲ ଅଧିକ କରିବାରୁ ଏବଂ ପଥିକଙ୍କ ଗନ୍ତାମାସୁଲ ସ୍ଥାପିତ କରିବାଭଳି ନୌକା ନ ରଖିବାରୁ ମାସୁଲ ଅଧିକ ପ୍ରାପ୍ତି ନ ହେବା ଇତ୍ୟାଦି । ଇତରଲୋକନଦ୍ୱାରା ଆଉ କେତୋଟି ଅପକାରର କଥା ମଧ୍ୟ ଉଲ୍ଲେଖ ହୋଇଥିଲା । ଯଥା, ଲାଖରାଜ ଦେବୋତ୍ତର ଓ ବ୍ରହ୍ମୋତ୍ତର ଜମିମାନ ନାଳପାଇଁ [illegible] ଜମି ନ ନେଇ ଟଙ୍କା ଦେବା ଓ ନାଳମାନ [illegible] ଖୋଳ ଏକ ଗ୍ରାମରୁ ଅନ୍ୟଗ୍ରାମକୁ ଯିବାର ବାଟ ନଷ୍ଟ କରିବା ଓ କେତେ ଲୋକର ଘରଦ୍ୱାର ଉଠାଇ ଦେବା ଏହିରୂପ ନାନା-ଅତ୍ୟାଚାର ଓ ଅମଙ୍ଗଳ ଘଟିବାର ଉତ୍ତରମାନଙ୍କରେ ଲେଖାଥିଲା ।

ଉତ୍ତରମାନ ପାଠ ହେଲା ଉତ୍ତାରୁ ବାବୁ ପୁରୁଷୋତ୍ତମପଣ୍ଡା ବାବୁ ବୈଦ୍ୟନାଥ ପଣ୍ଡିତଙ୍କ-ତହସିଲଦାର ଚୌଧୁରୀ ବିଶ୍ୱନାଥଦାସ ବାବୁ ଫକୀରମିଶ୍ର ଓ ବାବୁ ଗୋପାଳପ୍ରସାଦମିଶ୍ର ଜଳକର ଅତ୍ୟାଚାର ବିଷୟରେ ବକ୍ତୃତା କଲେ । ଏ ସବୁ ବକ୍ତୃତା ଅତି ସୁନ୍ଦର ହୋଇଥିଲା ମାତ୍ର ପୁରୁଷୋତ୍ତମପଣ୍ଡାଙ୍କ ବକ୍ତୃତା ସବୁଠାରୁ ଉତ୍ତମ ହୋଇଥିଲା ଓ ଚୌଧୁରୀ ବିଶ୍ୱନାଥଦାସ ଦ୍ୱିତୀୟ ହୋଇଥିଲେ । ଅମ୍ଭେମାନେ ଏମାନଙ୍କ ସାହସ ଦେଖି ଅତ୍ୟନ୍ତ ଆନନ୍ଦ ଲଭକଲୁଁ । ସଭାରେ ସ୍ପଷ୍ଟକଥା ନିର୍ଭୟରୂପେ କହିବାକୁ ଏଦେଶୀୟଲୋକଙ୍କର ସାହସ ଅଛି ବିଲକ୍ଷଣରୂପେ ଜଣାଗଲା ଓ ବକ୍ତାମାନେ ଶ୍ରୀଯୁତ କଲ୍ଭିଡ଼ ସାହେବଙ୍କ କାର୍ଯ୍ୟାବଳୀକୁ ବିସ୍ତର ନିନ୍ଦାକଲେ । ସେମାନେ କହିଲେ କି ଦୟାବାନ୍ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ସୁଚାରୁ ଶାସନପ୍ରଣାଳୀ ପକ୍ଷରେ ଜଳକର କଳଙ୍କ ସ୍ୱରୂପ ହୋଇଅଛି । ଜଳକର କେବଳ ଅତ୍ୟାଚାରର ଆକର ଓ ଶ୍ରୀଯୁତ କଲ୍ଭିଡ଼ସାହେବ ଯେ ଭାର ଗ୍ରହଣ କରିଅଛନ୍ତି ତହିଁରେ ସେ ପ୍ରଜାଙ୍କ ପ୍ରତି ଦୟାଭାବ ନ ବହି କେବଳ ଅତ୍ୟାଚାର କରୁଅଛନ୍ତି ।

ଏହିରୂପେ ସଭ୍ୟଙ୍କ କଥା ଶେଷ ହେଲାରୁ ଶ୍ରୀଯୁକ୍ତ କଲ୍ଭିଡ଼ସାହେବ ଆପଣା କାର୍ଯ୍ୟପ୍ରଣାଳୀର ଯୌକ୍ତିକତା ଦେଖାଇ ସଭ୍ୟମାନଙ୍କ କଥା ଖଣ୍ଡନ କରିବା ଆଶାରେ ଖଣ୍ଡିଏ ସୁଦୀର୍ଘ ରଚନା ପାଠ କଲେ ତାହା ଇଂରାଜୀ ଭାଷାରେ ଲେଖାଥିବାରୁ ଅଧିକାଂଶ ସଭ୍ୟ ବୁଝିପାରିଲେ ନାହିଁ ମାତ୍ର ସେ ଏହି ପ୍ରସ୍ତାବ କଲେ ଯେ ବକ୍ତୃତାର ଓଡ଼ିଆ ଅନୁବାଦ ଛପାକରି ସଭ୍ୟଙ୍କ ନିକଟକୁ ପଠାଇବେ ଓ ସେମାନେ ତାହା ପାଠକରି ଯାହାର ଯାହା ଆପତ୍ତି କରିବାକୁ ଇଚ୍ଛା ହେବ ଆଗାମି ସଭାରେ କି ସେହି ସଭା ବାରର ପଦାରଦନରେ ହେବ ଜଣାଇବେ ଶ୍ରୀଯୁକ୍ତ କମିଶ୍ୱରସାହେବ ଶ୍ରୀ କଲ୍ଭିଡ଼ସାହେବଙ୍କ ପ୍ରସ୍ତାବର ସମର୍ଥନ କରି ତାହାଙ୍କ ରଚନାକୁ ପ୍ରଶଂସା କଲେ [illegible] ସେହି ପ୍ରସ୍ତାବ ଧାର୍ଯ୍ୟହୋଇ [illegible]

## ସାପ୍ତାହିକ ସମ୍ବାଦ ।

ଗତ ଶୁକ୍ରବାର ଶ୍ୟାମସୁନ୍ଦର ଦତ୍ତଙ୍କ ଅପିଲ ମୋକଦ୍ଦମା ଦରପେସ ହୋଇଥିଲା । ଶ୍ରୀଯୁକ୍ତ ଜଜସାହେବ ବିଚାର କରି ଆସାମିକୁ ମୁକ୍ତଦେଇଅଛନ୍ତି ଓ ମୁକ୍ତିଲାଭ ସଙ୍ଗେ ଶ୍ୟାମସୁନ୍ଦରଦତ୍ତ ଆପଣା କର୍ମରେ ବାହାଲ ହୋଇ ପୁନର୍ବାର ସେହି ଯାଜପୁରକୁ ଯିବାର ଆଜ୍ଞା ପାଇଅଛନ୍ତି ଜଜସାହେବଙ୍କ ରାଏର ଆଭାଷ ମାତ୍ର ଅମ୍ଭେମାନେ ଶୁଣିଅଛୁଁ ତାହା ଏହି ଯେ ଡିପୋଟୀ ମାଜିଷ୍ଟ୍ରେଟ କେବଳ ଶୁଣିବା କଥାରେ ଦଣ୍ଡ ଦେଇଅଛନ୍ତି ଓ ଜଜସାହେବଙ୍କର ବିଶ୍ୱାସ ହେଉଅଛି ଯେ ଲୋକେ ମେଳିକରି ଏ ମୋକଦ୍ଦମା ଉଠାଇଅଛନ୍ତି । ଯଦ୍ୟପି ଏକଥା ସତ୍ୟ ହେଲା ତେବେ ଜଜସାହେବଙ୍କୁ ଏତିକ ବିଚାର କରିବାର ଥିଲା ଯେ ଜଣେ ସରକାରୀ ଚାକର ବିରୁଦ୍ଧରେ କାହିଁକି ନଗରଜାକ ଲୋକ ମେଳି କଲେ ?

ଗତ ବୁଧବାର ରାତ୍ରରେ ଦୁଇଜଣ କଏଦୀ କଟକ ଜେଲଖାନାରୁ ପଳାଇ ଅଛନ୍ତି । ପୁଲିସଦ୍ୱାରା ଏହାର ଅନୁସନ୍ଧାନ ହେଉଅଛି କିଛିଠିକ ମିଳି ନାହିଁ କଇଦମାନେ କିଲ୍ଲା କେନ୍ଦୁଝରର ନିବାସୀ ଥିବାର ଜଣାଯାଏ ।

ଭାରତବର୍ଷରେ ଯେତେ ବ୍ରିଟିସଦ୍ୱୀପ ଜନ୍ମିତ ମନୁଷ୍ୟ ଅଛନ୍ତି ସେମାନଙ୍କ ସଂଖ୍ୟା ହେବାପାଇଁ ସେକ୍ରେଟରୀ ଅବଷ୍ଟେଟ ଆଜ୍ଞା ପଠାଇଅଛନ୍ତି । ଚଳିତମାସ ତା ୧୫ ରିଖରେ ଉକ୍ତ ସଂଖ୍ୟା ହେବ ଏନିମନ୍ତରେ ସେଥିପାଇଁ ଫାରମମାନ ବଣ୍ଟା ହୋଇଅଛି । ଏ ଲୋକସଂଖ୍ୟା ଗଣନାର ତାତ୍ପର୍ଯ୍ୟ ଏହି ଯେ ବିଲାତରେ ସର୍ବ ଦି ଯେଉଁ ଲୋକସଂଖ୍ୟା ହୋଇଅଛି ତହିଁ ସଙ୍ଗେ ବିଦେଶରେ ଥିବା ବିଲାତିଲୋକଙ୍କୁ ଏକତ୍ର କରିବେ ।

ପାଇଓନିୟର କହନ୍ତି ଯେ ଜେନରଲ ବାର୍ଗେ ସାହେବ ଆରୋଗ୍ୟ ଲାଭ କରିବାରୁ ଲକ୍ଷ୍ନୌର ଧନିଲୋକମାନେ ଦୀନଦରିଦ୍ରଙ୍କୁ ଅନେକ ଧନ ଦାନ କରି ଆପଣାମାନଙ୍କ କୃତଜ୍ଞତାର ପରିଚୟ ଦେଇଅଛନ୍ତି । ଶାସନକର୍ତ୍ତାପ୍ରତି ଏରୂପ ଭକ୍ତି ଅତି ପ୍ରଶଂସନୀୟ ଅଟଇ ଏବଂ ଏଥିରୁ ବୋଧ ହୁଅଇ ଯେ ଜେନରଲ ବାର୍ଗେ ସାହେବ ଆପଣା କାର୍ଯ୍ୟଭାର ସମସ୍ତଙ୍କ ସନ୍ତୋଷ ମତେ ଚଳାଉଅଛନ୍ତି । ପଶ୍ଚାନ୍ତରେ ଯେଉଁ ଶାସନକର୍ତ୍ତାର ହସ୍ତରୁ ମୁକ୍ତ ପାଇବାପାଇଁ ଲୋକେ [illegible] ପୂଜା କରନ୍ତି । ତାହାଙ୍କ କଣ [illegible]

ତେଲଗ୍ରାଫ ଅବଗତ ହୋଇଅଛନ୍ତି ଯେ ବମ୍ବେଇ ଓ କଲିକତାରେ ଇନ୍‌କମ୍‌ଟାକ୍‌ସ ଦେବାବ୍ୟକ୍ତି ସଂଖ୍ୟା ଏକା ସମାନ ଥିଲେହେଁ କଲିକତାରେ ବମ୍ବେଇଠାରୁ ବହୁତନମ୍ବର ଫଉଜଦାରୀ ନାଲିସ ହୋଇଅଛି ଏଥିରୁ ଅନୁମାନ ହୁଅଇ ଯେ ବମ୍ବେଇ ଅସେସରମାନେ ବହୁତ ବିଚାରପୂର୍ବକ କାର୍ଯ୍ୟ କରଅଛନ୍ତି । କଲିକତାରେ ସେପରି ହୋଇଥିଲେ ଅଧିକ ଟଙ୍କା ମିଳନ୍ତା ଅଥଚ ଅତ୍ୟାଚାର ଊଣା ପଡ଼ିଥାନ୍ତା ।

Split by PDF Splitter

Digitized by srujanika@gmail.com

Split by PDF Splitter



ବମ୍ବେଇର କାମ୍ପେସଜୀ ଯାହାଁଗିର ରେଡମନୀ ଗୋଟିଏ ବାଯୁଙ୍କ ଚକିତ୍ସାଲୟ ନିର୍ମାଣ ନିମନ୍ତ ୫ ୫୦୦୦୦ ଙ୍କା ଏହି ସର୍ତ୍ତରେ ଦେବାକୁ ସ୍ୱୀକାର କରିଅଛନ୍ତି ଯେ ଗବର୍ଣ୍ଣମେଣ୍ଟ ଏହିପରିମାଣରେ ଟଙ୍କା ଉକ୍ତ କାର୍ଯ୍ୟସକାଶେ ଦାନ କରିବେ ।

ମନ୍ଦ୍ରସୂରରେ ମହରମପର୍ବ ସମୟରେ ବଡ଼ ଭୟଙ୍କର ଉତ୍ପାତ ଘଟିଥିଲା । ପ୍ରାୟ ଦୁଇ ଦିନ-ଦିନ ପର୍ଯ୍ୟନ୍ତ ଗୋଳମାଳ ଲାଗି ରହିଲା ଯେ ସେଥିରେ ଅନେକ ଲୋକ ଆହତ ଓ ଏକଜଣ ହତ ହେଲା ।

ଆଗାମୀ ଯୁଲାଇମାସ ତା ୪ ରଖରେ ପାଞ୍ଚ-ଟଙ୍କିଆ ସୁଧ ବାବତ୍ ୩୦ ଲକ୍ଷଟଙ୍କାର ଗବର୍ଣ୍ଣ-ମେଣ୍ଟ କାଗଜର ମିଯାଦ ପୂର୍ଣ୍ଣ ହେବ । ଅତଏବ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଇସ୍ତାହାର ଦେଇଅଛନ୍ତି ଯେ ଉକ୍ତ ପ୍ରମିସରୀ ନୋଟର ଅଧିକାରମାନେ ଇଚ୍ଛା କଲେ ସାଢେଚାରିଟଙ୍କା ସୁଧ ନେଇ ସେ କାଗଜମାନ ରଖିପାରିବେ ମାତ୍ର ଦଶବର୍ଷଉତ୍ତାରୁ ଏଥିର ପରବର୍ତ୍ତିରେ କେବଳ ଚାରିଟଙ୍କା ସୁଧ ହେବ । ଏଥିରୁ ଦେଖାଯାଏ ଆଜି କାଲି ଟଙ୍କା ଏତେ ଶସ୍ତା ହୋଇଅଛି ଯେ ଶତକରା ବର୍ଷକୁ ୫ ୫ ଙ୍କା ସୁଧ ମିଳିବାର କଠିନ । ଯାହା ହେଉ ଗବର୍ଣ୍ଣମେଣ୍ଟଙ୍କୁ ସୁଧ ଊଣା ଦେଣ ପଡ଼ିଲେ ସର୍ବସାଧାରଣର ଉପକାର ଅଛି ।

ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ନେଲୋର ସବ୍ କଲେ-କ୍ଟର ବର୍ଣ୍ଣେଲସାହେବଙ୍କୁ ଆଦେଶ କରିଅଛନ୍ତି ଯେ ସେ ତାଞ୍ଜୋରକୁ ଯାଇଁ ସେଠା ରଜାଙ୍କର ପୁସ୍ତକାଳୟ ଅନୁସନ୍ଧାନ କରି ସେଠାରୁ ଭଲ ୨ ସଂସ୍କୃତ ପୁସ୍ତକର ଗୋଟିଏ ତାଲିକା ପ୍ରସ୍ତୁତ କରି ପଠାନ୍ତୁ ।

ପ୍ରେରିତ ପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

[illegible]

କଟକସ୍ଥ ନରମ୍ୟଲ ବିଦ୍ୟାଳୟର ଦ୍ୱିତୀୟ-ଶିକ୍ଷକ ଶ୍ରୀଯୁକ୍ତ ପ୍ରଭାକର ଚୂଡ଼ାମଣି ଲେଖନ୍ତି ଯେ ପ୍ରାଚୀନକବି ଦୀନକୃଷ୍ଣଦାସଙ୍କର କବିତା ରସକଲ୍ଲୋଳ ଛନ୍ଦପୁସ୍ତକ ସଂଶୋଧନ ପୂର୍ବକ ଛପାଇବା ବିଷୟରେ ପ୍ରବୃତ୍ତିଅଛୁଁ ମଧ୍ୟ ଅତ୍ୟଳ୍ପ ସମୟରେ ଏକାର୍ଯ୍ୟ ସମାଧାନ ହେବ ଯେଉଁ ବ୍ୟକ୍ତିମାନେ ଏପୁସ୍ତକର ଗ୍ରାହକ ହୋଇ ଛପାହେବା ପୂର୍ବରୁ ସ୍ୱାକ୍ଷରିତପତ୍ର ଅମ୍ଭମାନଙ୍କୁ ପଠାଇବେ ସେମାନେ ପୁସ୍ତକର ନିର୍ଦ୍ଧାରିତ ମୂଲ୍ୟରୁ ଏକଚତୁର୍ଥାଂଶ କ୍ଷମା ପାଇବେ ଅତଏବ ଉକ୍ତ ପୁସ୍ତକ ଅତି ଉତ୍ତମ ଥିବାରୁ ତାହା ଗ୍ରହଣକରିବା ନିମନ୍ତ ପୁସ୍ତକେଚ୍ଛୁକମାନଙ୍କର ଉତ୍ସାହ ଜାତ ପୂର୍ବକ ସ୍ୱାକ୍ଷରପତ୍ର ପ୍ରେରଣ କରିବାର ମାନସ ହେଉଅଛି ଶିକ୍ଷକବର ପୁସ୍ତକରମୂଲ୍ୟ ଲେଖି ନ ଥିବାରୁ ବୋଧ କରୁଁ ଯେ ଅନେକ ଲୋକମାନେ ସ୍ୱାକ୍ଷରିତପତ୍ର ତାଙ୍କଠାକୁ ପଠା-ଇଲାପରେ ଯେବେ ଶିକ୍ଷକମହାଶୟଙ୍କର ୧ ଟଙ୍କା ମୂଲ୍ୟ ନିର୍ଦ୍ଧାରିତ କରିବାର ମାନସ ଥିବ ତେବେ ବିଶେଷପତ୍ର ପ୍ରାପ୍ତି ଅବଲୋକନରେ ୨ ଟଙ୍କା ମୂଲ୍ୟ ନିର୍ଦ୍ଧାରିତ କରିପାରନ୍ତି ଅତଏବ ଶିକ୍ଷକ-ମହାଶୟ ଏଥିରେ ଦାମକୁ ପ୍ରକାଶ କରିଅଛନ୍ତି କିମ୍ବା ଠକିବା ପ୍ରକାଶ କରିଅଛନ୍ତି ଏବିଷୟରେ ଆମ୍ଭେ ବଡ଼ ଭାବିତଅଛୁଁ ଏଉଭୟ ବିଷୟର ସନ୍ଦେହ କେହି ମୋଚନକଲେ ଚରିତାର୍ଥ ହେବୁଁ କଶେଷ କି ।

। ଜି । ଶ୍ରୀଅନାଥବନ୍ଧୁ ପାଟଯୋଷୀ
। ଗ୍ରା । ସୂନାଗଲା । ଇ । ପାଞ୍ଚଗଡ଼
। କି । ଗୋଇଥା । ଜ । ପୁରୀ
୨୬।୩।୭୧ ସାଲ

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଅଳକୁ ପ୍ରାୟ ଶ୍ରାବଣମାସହେବ ପୁରୁଷୋତ୍ତ-ମରେ ଗୋଟିଏ ବଡ଼ ଗୋଳମାଳ ଉଠିଥିଲା ଯେ ପୁରୁଷୋତ୍ତମସ୍ଥିତ ବ୍ରାହ୍ମଣଶାସନରେ ସଂସ୍କୃତ-ଚତୁଷ୍ପାଠୀମାନ ସ୍ଥାପିତ ହେବ । ଏହା ଶୁଣି ଅନେ[illegible] ଆନନ୍ଦରେ ମଗ୍ନ ଥିଲେ, କିନ୍ତୁ ବର୍ତ୍ତ[illegible] ଉଦ୍ଦ୍ୟୋଗ ହେଉ [illegible] ଅନ୍ଧୁ ଯେ ଏବିଷୟର କେହି କିଛି ଜାଣିଥିଲେ ଦୀପିକାରେ ପ୍ରକାଶ କରନ୍ତୁ । ପୁରୁ-ଷୋତ୍ତମକ୍ଷେତ୍ରସ୍ଥିତ ଭାଗବତସଭାର ଆବେଦନ-ପତ୍ର ସହିତ ଶ୍ରୀ ଗୋବିନ୍ଦଚନ୍ଦ୍ରମହାପାତ୍ର ମହାଶୟ ଯେ ଢେଙ୍କାନାଳ ମହାରାଜ ବାହାଦୁରଙ୍କଠାକୁ ପଠାହୋଇଥିଲେ ତହିଁରେ କି ଫଳ ହେଲା ? ସଭାରେ ଥରେ ପ୍ରସ୍ତାବ ହୋଇଥିଲା ଯେ ମହା-ରାଜ ଆବେଦନପତ୍ରର ବିସ୍ତାରର ଅତ୍ୟଳ୍ପଦିନ ମଧ୍ୟରେ ତହିଁରେ ଉତ୍ତର ଦେବେ, କିନ୍ତୁ ଅଉ କେବେ ? ଦିନ କି ଆସୁଅଛି ? ପୁନରପି ଶୁଣେ ସ୍ମରଣପତ୍ର ଯାଇଥିବାର ଶୁଣିଅଛୁଁ କିନ୍ତୁ ତହିଁର ଉତ୍ତର ମିଳିଲାଣି ?

ଭାଗବତସଭାର ପ୍ରସ୍ତାବରେ ଅତି ସାମାନ୍ୟ ଫଳ ହୋଇ ଅଛି ଶ୍ରୀ ଗୋବିନ୍ଦଚନ୍ଦ୍ରମହାପାତ୍ର ସ୍ୱୟଂ ଗୋଟିଏ ପାଠଶାଳା ଦାମୋଦରପୁର ଶାସନରେ ସ୍ଥାପନ କରିଅଛନ୍ତି । ସେଠାରେ ବର୍ତ୍ତମାନ ୩୦ଜଣ ବ୍ରାହ୍ମଣବାଳକ ନିଷ୍ଟମିତରୂପେ ଶିକ୍ଷା ପ୍ରାପ୍ତ ହେଉଅଛନ୍ତି । କିନ୍ତୁ ସଭାର ଅଧ୍ୟକ୍ଷ ଅଭିମତ ସିଅର୍ଥ ମହାରାଜ ଅଥବା ଅନ୍ୟ ବ୍ୟକ୍ତିମାନେ ସାହାଯ୍ୟ ନୋହିଲେ ଅଉ କାହାଠାରୁ କି ପ୍ରତ୍ୟାଶା ଅଛି ? ଭବିଷ୍ୟ ଜାଣିଥ !!!

ପୁରୀ ଆପଣଙ୍କ ଅନୁଗତ
୮।୫।୭୧ ଭାଗବତସଭାର କୌଣସି ସଭ୍ୟ

NOTICE

It is hereby made known that, the partnership business hitherto conducted by the undersigned, Messrs Mullick, Venkatareddy Naidu & Co. is dissolved from this date.

Soobul Chunder Mullick.
W. Venkatarreddy Naidu.
Cuttack
4th May 1871.

ବିଜ୍ଞାପନ ।

ଅମୂଲ୍ୟ ଭ୍ରମଭଞ୍ଜନ ଦ୍ୱିତୀୟବାର ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । କ୍ରେତାମାନେ ଛାପାଖାନାରେ କିମ୍ବା ଅମୂଲ୍ୟକଟକରେ ତତ୍ତ୍ୱ କଲେ ପୁସ୍ତକ ପାଇବେ ।

ଶ୍ରୀ ଜଗନ୍ମୋହନ ଲାଲ

[illegible]

ଶ୍ରୀ ମହନ୍ତ ନାରାୟଣଦାସ ପୁରୀ [illegible]
ବାବୁରାଜକିଶୋର ଘୋଷ କଟକ ,, ୫
,, ରାମପ୍ରସାଦ ସିଂହ ,, ,, ୫
,, କୃଷ୍ଣବଲ୍ଲଭ ଘୋଷ ,, ,, ୫ ୨
ଶ୍ରୀଯୁକ୍ତ ଜି, ଟ୍ରେଏନବସାହେବ ,, ଅଗ୍ରିମ ୫
ଶ୍ରୀଯୁକ୍ତ ଏ, ମେନସନ ସାହେବ ,, ବକାୟା ୫

ଏହି ଉତ୍କଳଦୀପିକା ସହର କଟକ ବର୍ତ୍ତା-ବଜାର କଟକ ପ୍ରିଣ୍ଟିଂକୁମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ } ତା ୨୦ ଋଣ ମାହେ ମଇ ସନ ୧୮୭୧ମସିହା ।ମି। ଜ୍ୟେଷ୍ଠ ବ ୮ ନ ସ୧୨୭୮ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୫

ସଂ୧୯ ଗୀ } { ବର୍ଷାନ୍ତେମୂଲ୍ୟ ଦେଲେ ବର୍ଷକୁ ୫୬

{ ମଫସଲ ପାଇଁ ଡାକମାସୂଲ ୫୩


କଟକ ନର୍ମାଲସ୍କୁଲର ବାର୍ଷିକ ପାରିତୋଷିକ ଦାନର ସଭା ।

ଗତସପ୍ତାହରେ ଅମ୍ଭେମାନେ ଏସଭାର ସମସ୍ତ ବିବରଣ ଲେଖି କେବଳ ଛାତ୍ରମାନଙ୍କ ମୌଖିକ ପାଠ ବିଷୟରେ କହିବା ବକ୍ତବ୍ୟ ଥିଲା ଓ ତାହା ଏ ସପ୍ତାହରେ ଲେଖିବାର ମାନସ ପ୍ରକାଶ କରିଥିଲୁଁ । ତଦନୁସାରେ ଲେଖାଯାଉଅଛି ଯେ ଛାତ୍ରଙ୍କ ମୌଖିକ ପଠନ କାର୍ଯ୍ୟଟି ଏବର୍ଷ ଅନ୍ୟାନ୍ୟ ବର୍ଷ ପ୍ରାୟ ସୁନ୍ଦର ହୋଇ ନାହିଁ । ତହିଁର କାରଣ କେବଳ ଛାତ୍ରଙ୍କ ଦୋଷ ନୁହଇ । ସ୍ଥାନ କାଳ ଓ ଅନ୍ୟାନ୍ୟ ବିଷୟମାନ ସେମାନଙ୍କ ବିପକ୍ଷ ହେବାରୁ ବୋଧ ହୁଅଇ ସେମାନେ ସଭାକୁ ସନ୍ତୋଷ କରି ପାରିଲେ ନାହିଁ । ସଭାଗୃହ ସଙ୍କୀର୍ଣ୍ଣ ଓ ବହୁ ଅନେକ ଲୋକେ ଠିଆ ରହିବାରୁ ଶବ୍ଦ ହେଉ [illegible] ନାହିଁ । ତହିଁରେ ପୁଣି [illegible] ସଭ୍ୟମାନେ ଦୂରରେ ବସିବାରୁ ଶୁଣି ପାଉଥିଲେ ନାହିଁ ଓ [illegible] ସମସ୍ତଙ୍କ ମନ ସନ୍ତୋଷ ଯିବା ପାଇଁ [illegible] ହେବା ଅତ୍ୟନ୍ତ କଠିନ । ଏହିସବୁ କାରଣରୁ ଦର୍ଶକଙ୍କ ଚିତ୍ତ ସ୍ଥିର ହୋଇ ପାରିଲା ନାହିଁ ଓ ଚିତ୍ତ ସ୍ଥିର ନ ଥିଲେ କୌଣସି କଥା ଶୁଣି ନ ଲାଗଇ ସମସ୍ତେ ଜାଣନ୍ତି । ଅମ୍ଭେମାନେ ଏହା ଦେଖି ଅନୁମାନ କରିଥିଲୁଁ ଯେ ସକାଳ ସମୟରେ ଏସଭା ହେବାର କଥା ହେଲେ ବଡ ଭଲ ହୁଅନ୍ତା । ପିଲାମାନଙ୍କ ପାଠ ଶୁଣିବା ବଡ କୌତୁକ ଜଣାଯାଏ ଓ ତାହା ଏକପ୍ରକାର ଯାହା ପ୍ରାୟ ବୋଧ ହୁଅଇ । ଗ୍ରୀଷ୍ମରେ ଏସବୁ ହେଲେ ସଭ୍ୟମାନେ ଅସ୍ଥିର ହୋଇ ବହୁତ ବେଳ ବସିବାକୁ ସମ୍ମତ ହୁଅନ୍ତେ ନାହିଁ ସୁତରାଂ ଏ କାର୍ଯ୍ୟ ଉତ୍ତମରୂପେ ନିର୍ବାହିତ ହୁଅନ୍ତା ।

ସେ ଯାହା ହେଉ ପିଲାଙ୍କ ପାଠରେ କେତୋଟି କଥା ବଡ ଭଲ ଜଣା ଗଲା । ଜଣେ ପିଲା ସଂସ୍କୃତ ଶ୍ଳୋକରେ ଗ୍ରାଫଲ ରେଭନସାସାହେବ ଓ ମହାଗୁଣୀ ପ୍ରଭୃତିଙ୍କ ଗୁଣକୀର୍ତ୍ତନ କଲେ ଓ ଅପର ଏକ ଛାତ୍ର ଭଗବତୀଚରଣଦାସ ଖଣ୍ଡିଏ ସୁନ୍ଦର ରଚନା ପାଠକଲେ । ରଚନା ଶେଷରେ ଗୋଟିଏ ବଙ୍ଗଳା କବିତା ବଡ ସୁନ୍ଦର ବୋଧ ହେଲା । ପାଠକଙ୍କ ଜାଣିବା କାରଣ ଉକ୍ତ କବିତାମାନ ସ୍ଥାନାନ୍ତରରେ ପ୍ରକାଶ କଲୁଁ ।

ପରିଶେଷରେ ବକ୍ତବ୍ୟ ଏହି ଯେ ସ୍କୁଲର ସୁପ୍ରସିଦ୍ଧ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀ ଆପଣା ବକ୍ତୃତାରେ ଏହି ସ୍କୁଲରେ କୃଷି-ବିଦ୍ୟା ଶିକ୍ଷା ଦେବାକୁ ପ୍ରସ୍ତାବ କରିଥିଲେ ଓ ଗ୍ରାଫଲ ସଭାପତି ଓ ସଭ୍ୟମାନେ ତାହାକୁ ମନୋନୀତ କଲେ । ସଭାପତି ବୋଇଲେ ଯେ ଗବର୍ଣ୍ଣମେଣ୍ଟ ବହୁତ ଟଙ୍କା ବ୍ୟୟ କରି ଏଦେଶରେ କୃଷିର ଉନ୍ନତିସାଧନ ଉଦ୍ଦେଶରେ କାଲ-ମାନ ଖନନ କରୁଅଛନ୍ତି ମାତ୍ର ଲୋକେ କୃଷି-ବ୍ୟବସାୟରେ ନିପୁଣ ନ ହେଲେ ତହିଁର ଆଶାନୁରୂପ ଫଳ ହେବାର ନୁହଇ । କୃଷି ଏଦେଶଲୋକଙ୍କର ପ୍ରଧାନ ଜୀବିକା ଓ କୃଷିଜାତ ଦ୍ରବ୍ୟ ଏଠାର ପ୍ରଧାନ ଧନ ଅତଏବ କୃଷିବିଦ୍ୟା ଏଦେଶଲୋକଙ୍କୁ ଶିଖାଇବା ସର୍ବାପେକ୍ଷା ପ୍ରଧାନ କାର୍ଯ୍ୟ ସନ୍ଦେହ ନାହିଁ । ବିଶେଷରେ ନର୍ମାଲ ସ୍କୁଲ ସାମାନ୍ୟଲୋକଙ୍କୁ ଶିକ୍ଷାଦେବା ପାଇଁ ସ୍ଥାପିତ ହୋଇଅଛି । ଏମାନଙ୍କପକ୍ଷରେ କେବଳ ଲେଖିବା ପଢିବାକୁ ଶିଖିବା ବିଶେଷ ଉପକାରୀ ନୁହଇ । ଲେଖା ପଢା ଶିଖିସାରି ଯେବେ ଏଠାର ନିମ୍ନ ଶ୍ରେଣୀର ଲୋକଙ୍କୁ କୃଷିବିଦ୍ୟାର ଶିକ୍ଷା ଦିଆଯାଏ ତେବେ ନର୍ମାଲସ୍କୁଲ ଦ୍ୱାରା ମହତ୍ ଉପକାର ସାଧନ ହେବ ସନ୍ଦେହ ନାହିଁ । ଅମ୍ଭେମାନେ ଗ୍ରାଫଲ କମିଶନର ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ସେ କେବଳ କୃଷି-ଶିକ୍ଷା ପ୍ରସ୍ତାବକୁ ମନୋନୀତ କରି ଭୁଲି ହୋଇ ନ ରହନ୍ତୁ । ମାତ୍ର ଏବିଷୟରେ ଗବର୍ଣ୍ଣମେଣ୍ଟଙ୍କୁ ଲେଖି ଯେରୂପେ ଉକ୍ତ ଶିକ୍ଷା ଦେବାର କଥା ସ୍ଥିର ହୁଅଇ ତହିଁ ପକ୍ଷରେ ଯତ୍ନବାନ ହେଉନ୍ତୁ ତାହା ହେଲେ ଲୋକଙ୍କର ଉପକାର ଓ ତାଙ୍କର ସୁଖ୍ୟାତିର ସୀମା ରହିବ ନାହିଁ ।

---

ଦେଶୋନ୍ନତି ଓ ଟାକ୍ସ ।

ଗଲିତମାସ ତା ୬ ଋଣର ଇଣ୍ଡିୟାନ ଅବ-ଯରବର ଗୋଟିଏ ସୁନ୍ଦରରଚନା ପ୍ରକାଶ ହୋଇଅଛି । ସମ୍ପାଦକ ବୋଲନ୍ତି କି ଯେବେ ହିନ୍ଦୁମାନେ ଯେରୂପ ଇଂରେଜମାନଙ୍କୁ ସ୍ନେହକରିବାର ଉଚିତ ତାହା ବର୍ତ୍ତମାନ କରୁ ନାହାନ୍ତି ଓ

ପୂର୍ବଶାସନକର୍ତ୍ତା ଓ ବର୍ତ୍ତମାନର ଶାସନକର୍ତ୍ତାଙ୍କ ମଧ୍ୟରେ ଯେଉଁ ବିସ୍ତର ଅନ୍ତର ଦେଖାଯାଏ ତାହା ସେମାନେ ବୁଝି ପାରୁ ନାହାନ୍ତି ତେବେ ଏହାର କାରଣ ଏହି ଯେ ଇଂରେଜମାନେ ତାହାଙ୍କର ଉନ୍ନତି ନିମନ୍ତେ ଅଧିକ ଚେଷ୍ଟା କରୁଅଛନ୍ତି । ବର୍ତ୍ତମାନର ଶାସନପ୍ରଣାଳୀ ଅତି ଉତ୍କୃଷ୍ଟ ହୋଇ ପଡୁଅଛି । ଲୋକଙ୍କର ଉନ୍ନତି ନିମନ୍ତେ ଅସଂଖ୍ୟ ଆଇନ ଓ ଅସଂଖ୍ୟ ଉପାୟ ଆରମ୍ଭ ହୋଇଅଛି । ଦେଶମାନ ରେଲବାଟ ଓ ନାଲରେ ପୂର୍ଣ୍ଣ ହେବ । ପୁଷ୍କରଣୀସବୁ ମାଛରେ ପୂର୍ଣ୍ଣ ହେବ ଓ ନାନାବିଧ ପକ୍ଷୀ ବାୟୁରେ ବିଚରଣ କରିବେ । ଚାଷୀମାନେ କୃଷି ଶିକ୍ଷା ପାଇବେ ଶିଳ୍ପକାରମାନେ ଆପଣା ଆପଣା ବ୍ୟବସାୟରେ ଶିକ୍ଷିତ ହେବେ ଓ ଲୋକମାନେ ବିଜ୍ଞାନଶାସ୍ତ୍ରରେ ପାରଦର୍ଶିତା ଲାଭ କରିବେ । ଏସମସ୍ତ ହିତକର ବ୍ୟାପାର ଅଟଇ ସନ୍ଦେହ ନାହିଁ ମାତ୍ର ଏହା ସଙ୍ଗେ ସଙ୍ଗେ ଗୋଟିଏ ଭୟଙ୍କର କଥା ଯୋଗ ହୋଇଅଛି । କୌଣସି କଥା ଟିକସ ଭିନ୍ନ ସାଧନ ହେବ ନାହିଁ ଦେଶୀୟ ଲୋକମାନେ ଦେଖୁଅଛନ୍ତି ଯେ ତାହାଙ୍କ ପାଇଁ ଯେତେ ହିତକର ବ୍ୟାପାରମାନ କଳ୍ପନା ହେଉଅଛି ତହିଁପାଇଁ ତାହାଙ୍କୁ ଉଠିବସିବାକୁ ଟିକସ ଦେବାକୁ ପଡୁଅଛି । ଏଥିରେ ଯେବେ ସେମାନେ ଗବର୍ଣ୍ଣମେଣ୍ଟଙ୍କ ପ୍ରତି ଉଚିତମତ ଶ୍ରଦ୍ଧା ପ୍ରକାଶ ନ କରନ୍ତି ତେବେ ତହିଁରେ ବିଚିତ୍ର କଣ ଅଛି ? ଏସମସ୍ତ ହିତକର ଅନୁଷ୍ଠାନର ଫଳ କ୍ରମେ ଭୋଗ ହେବ ସତ୍ୟ ମାତ୍ର ଆପାତତଃ ଉପାର୍ଜିତ ଧନର ଯେଉଁ ଅଂଶ ଟିକସରୂପେ ଦେଣ ପଡୁଅଛି ତାହା ବଡ଼ କଠିନ ବୋଧ ହେଉଅଛି । ଟଙ୍କା ଦେବାକୁ କେହି ସୁଖ ପାଆନ୍ତି ନାହିଁ ଓ ଗବର୍ଣ୍ଣମେଣ୍ଟ ଯେବେ ସେକଥାକୁ ବିଚାର କରି ସବୁ ହିତକଳ୍ପନାମାନ ଏକାବେଳକେ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା ନ କରି ଗୋଟି ଗୋଟି କରି ଫଳ ଦେଖି ବଢ଼ି କରୁଥାନ୍ତେ ତାହା ହେଲେ ଲୋକେ ଏପରି ଦୁଃଖିତ ହୁଅନ୍ତେ ନାହିଁ ଓଡ଼ିଶାର ନାଲଖନନ ବ୍ୟାପାର ଏଥିର ଉଦାହରଣ ଅଟଇ । ନାଲଜଳଦ୍ୱାରା ଯେ ପରିମାଣରେ କୃଷିର ଉପକାର ହେବ ତାହା ଏ ଦେଶଲୋକଙ୍କୁ ଜଣା ନ ଥିବାର ନାଲସମ୍ପର୍କୀୟ କର୍ମଚାରୀମାନେ ସ୍ୱୟଂ ସ୍ୱୀକାର କରୁଅଛନ୍ତି ଓ ଅଦ୍ୟାପି ଏଦେଶୀୟ ଲୋକଙ୍କୁ କୃଷିବିଦ୍ୟାରେ ଶିକ୍ଷା ଦେବାର ଚେଷ୍ଟା ହୋଇ ନାହିଁ । କୃଷି ଲୋକମାନେ ନାଲର ଉପକାର ଜାଣିବା ପୂର୍ବରୁ ସେମାନଙ୍କ ଉପରେ ଜଳକର ଲଗିବାରୁ କେମନ୍ତ ଦୁରବସ୍ଥା ପଡୁଅଛି ଗବର୍ଣ୍ଣମେଣ୍ଟ ଯେମନ୍ତ ବେଗ ଓ ତତ୍ପରତା ନାଲକୁ ପ୍ରସ୍ତୁତ କଲେ ତେମନ୍ତ ଅଗ୍ରେ ତାହାଙ୍କୁ ଦେଖିବାର ଥିଲା ଯେ ଲୋକେ ଏ ନାଲରୁ କେତେ ଉପକାର ପାଉଅଛନ୍ତି ଓ ନାଲର ଖର୍ଚ୍ଚ କି ପରିମାଣରେ ଆଦାୟ ହେଉଅଛି । ତାହା ନ ଦେଖି ବହୁବ୍ୟୟରେ ବିସ୍ତର କର୍ମଚାରୀ ନିଯୁକ୍ତ କରି ଗୁରୁଅଢ଼େ କାର୍ଯ୍ୟ ଚଳାଉଅଛନ୍ତି ଓ ସବୁଠାରେ ଲୋକଙ୍କଠାରୁ ଜଳକର ଦାବି କରିବାରୁ ସେମାନେ ବ୍ୟସ୍ତ ହୋଇ ନାଲକୁ କାଳ ସ୍ୱରୂପ ଜ୍ଞାନ କରୁଅଛନ୍ତି ସେଦିନ ଏକସଭାରେ କମିଶନର ସାହେବ ଜମିଦାରଙ୍କୁ କହିଲେ କି ଗବର୍ଣ୍ଣମେଣ୍ଟ ଏତେ ଟଙ୍କା ବ୍ୟୟ କରି ନାଲ ପ୍ରସ୍ତୁତ କଲେ ତୁମ୍ଭେମାନେ କର ନ ଦେଲେ ତାହା କିରୂପେ ଚଳିବ ତହିଁକି ଜଣେ ଜମିଦାର ଉତ୍ତର କଲେ ଯେ ନାଲ ନିର୍ମାଣ କରିବାକୁ କି ଆମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କୁ କହିଥିଲୁଁ ? । ଏ କଥାଟି କେମନ୍ତ ହେଲା ପାଠକମାନେ ଅନୁମାନ କରନ୍ତୁ ଆମ୍ଭମାନଙ୍କର ଶାସନକର୍ତ୍ତାମାନେ ଇଂଲଣ୍ଡରୁ ଆସିଅଛନ୍ତି ସଭ୍ୟତା ଓ ଉନ୍ନତି ବିଷୟରେ ଇଂଲଣ୍ଡ ଏ ଦେଶଠାରୁ ଲକ୍ଷଗୁଣରେ ଉତ୍କୃଷ୍ଟ ସନ୍ଦେହ ନାହିଁ ମାତ୍ର ଇଂଲଣ୍ଡର ଏପରି ଅବସ୍ଥା ଏକଦିନରେ ଘଟି ନାହିଁ ଆମ୍ଭମାନଙ୍କର ଶାସନକର୍ତ୍ତାମାନେ ଦେଶ କାଳ ପାତ୍ରର ବିବେଚନା ନ କରି ଏକଦିନରେ ଭାରତବର୍ଷକୁ ଇଂଲଣ୍ଡ ପରି କରିବାକୁ ଚେଷ୍ଟା କରୁଅଛନ୍ତି ତାହା କିରୂପେ ହୋଇପାରିବ ? ଆମ୍ଭମାନଙ୍କ ଶାସନକର୍ତ୍ତାଙ୍କୁ ଏସବୁ ବିଚାର କରି କାର୍ଯ୍ୟ କରିବାର ଉଚିତ ।

## ବିଜ୍ଞାନ ଶାସ୍ତ୍ରଶିକ୍ଷା ।

ଇଣ୍ଡିଆନ ଅବଜରଭରରୁ ଅବଗତ ହେଲୁଁ ଯେ ଅଳ୍ପଦିନ ହେଲା ବିଶ୍ୱବିଦ୍ୟାଳୟର ସେନେଟଙ୍କ ଯେଉଁ ସଭା ହୋଇଥିଲା ତହିଁରେ ଆମ୍ଭମାନଙ୍କର ଲେଫ୍ଟନେଣ୍ଟ ଗବର୍ଣ୍ଣର ବ୍ୟକ୍ତ କଲେ ଯେ ବିଦ୍ୟାଳୟମାନଙ୍କରେ ବିଜ୍ଞାନଶାସ୍ତ୍ର ଅଧ୍ୟୟନ ନିମନ୍ତେ ଟଙ୍କା ଦେବାପାଇଁ ସେ ପ୍ରସ୍ତୁତ ଅଛନ୍ତି । ଏ ସମ୍ବାଦ ଆମ୍ଭମାନଙ୍କ ପକ୍ଷରେ କେତେ ଆନନ୍ଦଜନକ ବୋଲିବାର ବାହୁଲ୍ୟ । ବିଦ୍ୟାଳୟରେ ବିଜ୍ଞାନଶାସ୍ତ୍ରର ଅଧ୍ୟୟନର ପ୍ରଧାନ ପ୍ରତିବନ୍ଧକ ଅର୍ଥ, କାରଣ ଅର୍ଥ ଅଭାବରେ ବହୁମୂଲ୍ୟ ଯନ୍ତ୍ର ଓ ଦ୍ରବ୍ୟାଦି ବିଦ୍ୟାଳୟର ଶିକ୍ଷକମାନେ ସଂଗ୍ରହ କରିପାରନ୍ତି ନାହିଁ ବୋଲି ଏବିଷୟରେ କୌଣସି ଶିକ୍ଷା ଦେବାର ସୁଯୋଗ ହୁଅଇ ନାହିଁ । ଯେସ୍ଥଳେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଉକ୍ତ ଅଭାବ ମୋଚନ କରିବାକୁ ବସିଅଛନ୍ତି ସେ ସ୍ଥଳେ ଆଉ କୌଣସି ତ୍ରୁଟି ହେବ ନାହିଁ ଅନୁମାନ ହୁଅଇ ।

ବିଜ୍ଞାନଶାସ୍ତ୍ର ଅଧ୍ୟୟନ କର୍ତ୍ତାମାନଙ୍କ କେତେ ଆବଶ୍ୟକ ହୋଇଅଛି ତାହା ଅସ୍ମଦ୍ଦେଶୀୟ ସମସ୍ତେ ଅବା ଜାଣି ନ ଥିବେ । ସେମାନଙ୍କ ବୋଧାର୍ଥେ ଦୁଇ ଏକ କଥା କହିବାର ଉଚିତ ବୋଧ କରୁଅଛୁଁ । ଆଜିକାଲି ମନୁଷ୍ୟର ନାନା ଅଭାବ ମୋଚନାର୍ଥେ ଯେସମସ୍ତ ସୁଯୋଗ ହୋଇଅଛି ତାହା ସମୁଦାୟ ବିଜ୍ଞାନଶାସ୍ତ୍ରର ଫଳ । ପଦାର୍ଥର ଗୁଣାଗୁଣ ବିଚାରକମାନେ ବିନା ତାରଦ୍ୱାରା ବାଷ୍ପୀୟଶକଟ ଓ ନୌକା ନିର୍ମାଣ କରିଅଛନ୍ତି । ଏସବୁଦ୍ୱାରା କେତେ ହିତସାଧନ ହେଉଅଛି ତାହା ପ୍ରତିଦିନ ଦେଖିବାରେ ଆସୁଅଛି । ଲଣ୍ଡନନଗର କଲିକତାଠାରୁ ପ୍ରାୟ ଛମାସର ବାଟ କିନ୍ତୁ ପଦାର୍ଥବିଦ୍ୟା ସହକାରେ ଦୁଇଦିନରେ ସମ୍ବାଦ ଆସୁଅଛି ଓ ପ୍ରାୟ ଦଶ ଦିନରେ ମନୁଷ୍ୟ ଯାତାୟାତ କରୁଅଛି । ଚିତ୍ରକାର ଜଣେ ପାଞ୍ଚବର୍ଷ କି ଅଧିକକାଳ ପରିଶ୍ରମ କଲେ କୌଣସି ଲୋକର ଅବିକଳ ପ୍ରତିମୂର୍ତ୍ତି ଲେଖିବାକୁ ସକ୍ଷମ ହେଉ ନାହିଁ ମାତ୍ର ପଦାର୍ଥ ବିଦ୍ୟାବିତ୍ ଲୋକର କୌଶଳରେ ଯେ ଇଚ୍ଛା ସେ ସୂର୍ଯ୍ୟକିରଣଦ୍ୱାରା କୌଣସି ଲୋକ କି ଦ୍ରବ୍ୟର ପ୍ରତିମୂର୍ତ୍ତି ଅବିକଳ ଅଙ୍କନ କରୁଅଛି । ପଦାର୍ଥତତ୍ତ୍ୱଜ୍ଞ ମନୁଷ୍ୟ ବଳ ସଂଯୋଗ କରି ଯେଉଁ ଦ୍ରବ୍ୟକୁ ତଳରୁ ଉଠାଇ ପାରୁ ନାହାନ୍ତି କପିଦ୍ୱାରା ତାହା ଅଳ୍ପବଳରେ ଅନାୟାସରେ ଉପରକୁ ଉଠୁଅଛି । ଗତ ଫରାସି ଯୁଦ୍ଧରେ ପ୍ରସିୟମାନେ ନଗରକୁ ଘେରି ରହିବାରୁ ବିଦେଶର ସମ୍ବାଦ ମିଳିବାର କୌଣସି ଉପାୟ ନ ଥିଲା ମାତ୍ର ବିଜ୍ଞାନଶାସ୍ତ୍ର ହେତୁ ବ୍ୟୋମଯାନରେ ଲୋକେ ଆକାଶମାର୍ଗରେ ଉଡ଼ି ଦେଶ ବିଦେଶ ସଙ୍ଗେ ସଂଯୋଗ ରଖିଲେ ଦିନକୁଦିନ ବାଣିଜ୍ୟର ବୃଦ୍ଧି ଓ ଲୋକଙ୍କର ସୁଖ ସ୍ୱଚ୍ଛନ୍ଦତା ଉନ୍ନତିର ବିଜ୍ଞାନଶାସ୍ତ୍ର ଏକମାତ୍ର କାରଣ ଅଟଇ । ଇଂଲଣ୍ଡ, ଫ୍ରାନ୍ସ, ଆମେରିକା ଦେଶବାସିମାନେ ବିଜ୍ଞାନଶାସ୍ତ୍ରର ବହୁତର ଆଲୋଚନା କରିବାରୁ ଦେଖ ସେମାନେ କେତେ ଉନ୍ନତିକୁ ପ୍ରାପ୍ତ ହୋଇଅଛନ୍ତି । କେମନ୍ତ ଅଲୌକିକ କଥାମାନ ସମ୍ପାଦନ କରୁଅଛନ୍ତି । ଯେ ଯେଉଁ ବ୍ୟବସାୟଦ୍ୱାରା ଜୀବନପାତ କରୁଅଛି ସେ ସେଥିରେ ନୂତନ ନୂତନ କୌଶଳ କରି ଅତି ସହଜରେ ସେ

Split by PDF Splitter
Digitized by srujanika@gmail.com

ବ୍ୟବସାୟକୁ ଚଳାଉଅଛି ଓ ଦିନ ୨ ତାହାର ବୃଦ୍ଧି କରୁଅଛି ।

ଆମ୍ଭମାନଙ୍କ ଦେଶରେ ବିଜ୍ଞାନ ଶାସ୍ତ୍ରର ଆଲୋଚନା ନାହିଁ ସୁତରାଂ ଲୋକେ ଏକାଦଶୀ-ଶୁଭଦେବଙ୍କ ସମୟରେ ଯେଉଁପ୍ରେ ଯେଉଁ କାର୍ଯ୍ୟ କରୁଥିଲେ ଅବଶ୍ୟ ତହିଁର କିଛି ବୃଦ୍ଧି କରୁନାହାନ୍ତି । ବଢାଇ କମାର ତନ୍ତି ପ୍ରଭୃତ ଶିଳ୍ପକାରମାନେ ପୁରାତନ ନିୟମରେ ଆପଣା ବ୍ୟବସାୟ ଚଳାଉଁ ଥିବାରୁ ବର୍ତ୍ତମାନକୁ ସେମାନଙ୍କର ନିର୍ବାହ କଠିନ ହୋଇ ପଡିଲାଣି । ବିଲାତର କଲଲୁଗା ଏଠା ତନ୍ତିଙ୍କି ଅନାହାରରେ ମୃତପ୍ରାୟ କଲଣି ଯେବେ ଏଠାରେ ବିଜ୍ଞାନଶାସ୍ତ୍ରର ଚର୍ଚ୍ଚା ଥାନ୍ତା ତେବେ ସେହିପରି କଲଦ୍ୱାରା ସୂତା କାଟି ଓ ଲୁଗା ବୁଣି ସୁଖରେ ନିର୍ବାହ ହୁଅନ୍ତେ । ଗବର୍ଣ୍ମେଣ୍ଟ ଆଜି କାଲି ଯଦ୍ୟପି ବିଦ୍ୟା ଶିକ୍ଷାଦାନ ଦେବାରେ ମାତି ଅଛନ୍ତି ତାହା ପ୍ରଶଂସନୀୟ ହେଲେହେଁ ତଦ୍ଦ୍ୱାରା ବ୍ୟବସାୟି ଲୋକଙ୍କର ଲାଭ ହେଉ ନାହିଁ ବରଂ ତହିଁର ଏହିଫଳ ହୋଇଅଛି ଯେ ବ୍ୟବସାୟି ଲୋକମାନେ ଆପଣା ଜାତି-ବ୍ୟବସାୟକୁ ଛାଡି କେବଳ ଚାକରୀ କରିବାପାଇଁ କଚେରୀର ହାକିମମାନଙ୍କ ବିରକ୍ତ କରୁଅଛନ୍ତି ଯେବେ ସେମାନଙ୍କୁ ବିଜ୍ଞାନଶାସ୍ତ୍ର ଓ ତଦ୍ଦ୍ୱାରା ସେମାନଙ୍କ ବ୍ୟବସାୟ କେତେ ସହଜ ହୋଇଅଛି ଏସବୁର ଶିକ୍ଷା ଦିଆଯାନ୍ତା ତାହା ହେଲେ ସେମାନେ ଏକମାତ୍ର ଚାକରୀ କରିବାକୁ ଦାୟୀ ନ ହୋଇ ଯେ ଯାହା ବ୍ୟବସାୟରେ ନିପୁଣତା ଲାଭ କରନ୍ତେ ।

ଅମ୍ଭେମାନେ ଯେ ସମସ୍ତ କଥା ଲେଖିଲୁଁ ତହିଁର ପାଠକମାନେ ଏମନ୍ତ ଅର୍ଥ ଜାଣିବେ ନାହିଁ ଯେ ବିଜ୍ଞାନଶାସ୍ତ୍ରର ଅଧ୍ୟୟନ କେବଳ ବ୍ୟବସାୟୀ ଲୋକଙ୍କର ଜାଣିବାର କର୍ତ୍ତବ୍ୟ ଅନ୍ୟଲୋକ ପ୍ରତି ତାହା ଉପକାରୀ ନୁହଇ ଏମନ୍ତ ନୁହେ ବିଜ୍ଞାନଶାସ୍ତ୍ର ଜାଣିବା ସମସ୍ତଙ୍କର ପ୍ରୟୋଜନ ତାହା ନ ଜାଣିଲେ ଲୋକେ ପଢି ଶୁଣି ମୂର୍ଖ ହୋଇ ରହନ୍ତି । ଜ୍ଞାନ ବୃଦ୍ଧି କରିବା ଲେଖା ପଢାର ପ୍ରଧାନ ଉଦ୍ଦେଶ୍ୟ ମାତ୍ର କେବଳ କବିତା ପଢି ଅର୍ଥ କଲେ ଜ୍ଞାନ ହୁଅଇ ନାହିଁ ମୁସଲମାନଙ୍କ ସମୟରେ ଫାରସି ପଢି ଅନେକ ଲୋକ ପଣ୍ଡିତ ହେଉଥିଲେ ଓ ଏତେବେଳେ ମଧ୍ୟ ବହୁତଲୋକ ଅଛନ୍ତି ଯେ ଫାରସି ସାହିତ୍ୟ ବା ଉତ୍କଳ ଛନ୍ଦବନ୍ଦୀ ଅର୍ଥ କହିବାକୁ କହି ପାରନ୍ତି ମାତ୍ର ଅତି ସାମାନ୍ୟ ବିଷୟରେ ଏମାନେ ଯେଉଁରୂପ ମୂର୍ଖତା ପ୍ରଦର୍ଶନ କରନ୍ତି ତାହା ହାସ୍ୟା-ସ୍ପଦ ଅଟଇ । କୃତ୍ୟପଞ୍ଜୀଟିଏ ଦେଖିଲେ ଏମାନେ ଚନ୍ଦ୍ରପିତୁଳା ପ୍ରାୟ ତାହାକୁ ଗୃହରେ ରଖିଥାନ୍ତି ଓ କେଉଁ କୁହୁକଦ୍ୱାରା ତାହା ଠିକ୍ ୨ ହୋଇ ଚାଲୁଅଛି ସ୍ଥିର କରି ପାରନ୍ତି ନାହିଁ । ଘଣ୍ଟାକଣ୍ଟା ଚାଲିବାର ନିଗୂଢ କଥା ତାହାଙ୍କୁ ବୁଝାଇ ଦିଅ ଦେଖ ତାହାଙ୍କମନ କେମନ୍ତ ପ୍ରଶସ୍ତ ହେବ ଓ କେତେଗୁଡାଏ ଅଳୀକ ଭ୍ରମ ଘୁଞ୍ଚିବ । କ୍ରମେ ଯେବେ ଏହିରୂପ ଆଉ କଥାର ଉପଦେଶ ପାନ୍ତି ତେବେ ବୁଦ୍ଧି ମାର୍ଜିତ ହୋଇଉଠଇ ଓ କୁସଂସ୍କାରମାନ ସମୂଳରେ ଉଚ୍ଛେଦ ହୋଇ ଯାଏ । ବିଜ୍ଞାନଶାସ୍ତ୍ରର ଉପକାରର ସୀମା ନାହିଁ ଓ ଆମ୍ଭେମାନେ ଭରସା କରୁଁ ଗ୍ରାମ୍ୟସ୍କୁଲ କାମ୍ବଲ ସାହେବ ଯାହା ସଙ୍କଳ୍ପ କଲେ ଶୀଘ୍ର କାର୍ଯ୍ୟରେ ପରିଣତ କରନ୍ତୁ ।

# ସାପ୍ତାହିକ ସଂବାଦ

କଲିକତାରେ ବହୁତ ବଗି ଓ ଘୋଡା ଥିବାର ସମସ୍ତେ ବୋଲନ୍ତି ମାତ୍ର ତହିଁର ସଂଖ୍ୟା କେତେ ଜାଣିବାକୁ କୌତୁକ ହୋଇପାରେ । ହିନ୍ଦୁପେଟ୍ରିଅଟରୁ ଅବଗତହେଲୁଁ ଯେ ଗତବର୍ଷରେ ବଗି ଓ ଘୋଡା ସକାଶେ ଲିଖିତ ପତ୍ରମାନ ଜାରି ହୋଇଥିଲା । ଯଥା

| | |
|---|---|
| ଦୁଇଘୋଡାବଗି | ୩୯୭ |
| ଏକଘୋଡାବଗି | ୩୦୮୭ |
| ଘୋଡା | ୪୮୧୬ |
| ଟଟୁଘୋଡା | ୧୩୨୨ |

କଲିକତାସହରକ ଆଲୁଅ ନିମିତ୍ତ ୩୩୩୨ ଦୀପ ଗତବର୍ଷ ଶେଷରେ ଜଳୁଥିଲା ତହିଁମଧ୍ୟରେ ୨୬୧୧ ଗ୍ୟାସଦୀପ ଓ ୭୨୧ ତେଲ ଦୀପ ।

କଲିକତା କସେଇଖାନାର ହେସାବ ଶୁଣି ଅମ୍ଭେମାନେ ବିସ୍ମୟାପନ୍ନ ହେଉଅଛୁଁ ତଥାଚ ସେ ହେସାବ ସମ୍ପୂର୍ଣ୍ଣ ନୁହଇ । ଯାହା ଏଠାରେ ଲେଖା ଯାଉଅଛି ଏହାକୁ ନ୍ୟୁନସଂଖ୍ୟା ଜ୍ଞାନ କରିବାକୁ ହେବ । ଗତବର୍ଷ ତଳଲିଖିତରୂପେ ପଶୁବଧ ହୋଇଥିଲା । ଯଥା ବଳଦ ୧୪୭୦୦ ବାଛୁରି ୨୭୭୭ ମେଣ୍ଢା ୧୪୬ ଛେଳି ୯୦ ।

ଢାକାର ଜଣେ ପତ୍ରପ୍ରେରକଙ୍କଠାରୁ ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି ଯେ ଉକ୍ତ ନଗରନିବାସୀ ବାବୁ କୃଷ୍ଣଗୋବିନ୍ଦ ଗୁପ୍ତ ବିଲାତରେ ସିବିଲ ସରବିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାର ତାରଡାକରେ ସମ୍ବାଦ ଅସିଅଛି । ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିଙ୍କ ମଧ୍ୟରେ ଏହାଙ୍କ ସଂଖ୍ୟା ୧୭ ହୋଇଅଛି । ଢାକାର ଲୋକଜଣେ ସିବିଲ-ସରବିସପରୀକ୍ଷାରେ ଉତ୍ତୀର୍ଣ୍ଣହେଲେ ବଡ ଆନନ୍ଦରକଥା ଅଟଇ ।

ଟାଇମସ ଅବ ଇଣ୍ଡିଆ ଲେଖିଅଛନ୍ତି ଯେ ବୁନ୍ଦେଲଖଣ୍ଡରେ ଜଣେ ମୁସଲମାନ ସନ୍ତାନ ସନ୍ତତି ବିଷୟରେ ଝୁଣ୍ଟେନର ଗଛଙ୍କୁ ବଳିଯାଇଅଛି । ଉକ୍ତ ଗଛ ୬୦ ବା ୮୦ ସନ୍ତାନ ଜନ୍ମ କରିଥିଲେ ମାତ୍ର ଏ ମୁସଲମାନର ୮ ଦର୍ଜନ ଅର୍ଥାତ୍ ୯୬ ପିଲା ଷଷ୍ଠୀଦେବୀଙ୍କ କୃପାରୁ ଇତସ୍ତତଃ ଖେଳ କୁଳୁଅଛନ୍ତି । ସମ୍ପାଦକଙ୍କୁ ବୋଧ ହୁଅଇ ଅଲିଗଞ୍ଜଙ୍କ କଥା ଜଣା ନାହିଁ ନୋହିଲେ ଏଦୃଷ୍ଟାନ୍ତ ସେ କଦାଚ ପରିତ୍ୟାଗ କରି ନ ଥାନ୍ତେ ।

ବମ୍ବେର ଗଜେଟରୁ ପ୍ରକାଶ ଯେ ସ୍ଥଳକୋଟର ଦେଶୀୟ ଲୋକମାନେ ସେଠାରେ ଗୋଟିଏ ଛାପାଖାନା ସ୍ଥାପନ କରିବାର ଚେଷ୍ଟା କରୁଅଛନ୍ତି ଯନ୍ତ୍ରାଳୟ ସ୍ଥାପନ ହେଲେ ଗୁଜରାଟ ଭାଷାରେ ଖଣ୍ଡିଏ ପତ୍ରିକା ପ୍ରଚରିତ ହେବ ଏହିରୂପ କଳ୍ପନା ଅଛି ଭାରତର ଉନ୍ନତି ଆଜି କାଲି ଯୁଦ୍ଧଅତେ ଦେଖାଯାଏ ଆନନ୍ଦର ବିଷୟ ଅଟଇ ।

ଏଥର ନିଶ୍ଚୟରୂପେ ଜଣାଗଲାଣି ଯେ ବରୋଦାର ଗୁଇକୁଆରଙ୍କ ଦ୍ୱିତୀୟା ଭାର୍ଯ୍ୟା ଏକମାସ ମଧ୍ୟରେ ଗୋଟିଏ ସନ୍ତାନ ଜାତ କରିବେ ମାତ୍ର ସେଟି ପୁତ୍ର କି କନ୍ୟା ହେବ ଏହା ପରମେଶ୍ୱରଙ୍କୁ ଗୋଚର । ଯେବେ ପୁତ୍ର ହୁଅଇ ସୁଖର ବିଷୟ ହେବ ।

ଇଣ୍ଡିୟାନ ଅବଜରବରରୁ ଅବଗତ ହେଲୁଁ ଯେ ବମ୍ବେଇ ଲବଣ ଆମଦାନୀ ଗତବର୍ଷର ହାରହାରରେ ୪୬୬୦୦୦ ମହଣ ଆମଦାନୀ ହୋଇଥିଲା ଓ ସେହିରୂପ ହାରହାରରେ ୪୧୭୦୦୦ ମହଣ ରେଲବାଟେ ରପ୍ତାନୀ ହୋଇଥିଲା ଅର୍ଥାତ୍ ସ୍ଥାନୀୟ ଖର୍ଚ୍ଚ ପାଇଁ କିଛି ନ ରହି କେବଳ ଆମଦାନୀର ରପ୍ତାନୀ ବଳି ପଡିଲା ଏଥକୁ ବମ୍ବେଇ ପ୍ରଦେଶରେ ପ୍ରାୟ ୮୦୦୦୦୦ ଲୋକ ଅଛନ୍ତି ଏହାଙ୍କ ଖୋରାକି ଲବଣରେ କିଛି ମାତ୍ରୁଲ ମିଳି ନାହିଁ । ଅତଏବ ଜଣାଯାଏ ଯେ କେବଳ ଚୋରାଲୁଣଦ୍ୱାରା ଏହି ବାଟେ ପଡନେ ଦୁଇଲକ୍ଷ ଟଙ୍କା ନଷ୍ଟ ହୋଇଅଛି ।

ଗତମାସରେ ଖଣ୍ଡିଏ ରୁଷଦେଶର ଅତି ବୃହତ୍ ବାଷ୍ପୀୟଜାହାଜ ବମ୍ବେଇରୁ ଓଡେସାକୁ କପା ନେବା ଆସିଅଛି । ଭାରତବର୍ଷର ବାଣିଜ୍ୟ ସମ୍ପର୍କରେ ଏ ସମ୍ବାଦ ଅତି ପ୍ରଧାନ ଅଟଇ । ରୁଷଦେଶକୁ ପ୍ରତିବର୍ଷ ପ୍ରାୟ ୨୦,୦୦୦ ଟନ ତୁଳା

Split by PDF Splitter



ଉପ୍ରାନୀ ହେଉଅଛି ଓ ଏବେ ସୁଏଜ ନାଲ ଖୋଲା ହେବାରୁ ଜାହାଜ ଗମନାଗମନର ଅତି ସୁଯୋଗ ହୋଇଅଛି ।

ଫୌଜଦାରୀ କାର୍ଯ୍ୟବିଧି ଆଇନର ୩୬୦ଧାରା ଅନୁସାରେ ଯେଉଁ ମକଦ୍ଦମାରେ ନାଲିଶକାରୀ କହଇ କି ତାହାର ଗମନାଗମନର ଅଧିକାରପ୍ରତି ହସ୍ତକ୍ଷେପ କରା ହୋଇଅଛି ସେହି ମକଦ୍ଦମାର ବିଚାରଣ କରିବାକୁ ମାଜିଷ୍ଟ୍ରେଟ ଅବଶ୍ୟ ଥାନ୍ତି କିନ୍ତୁ ତାହାକୁ ଦେୱାନୀ ଅଦାଲତକୁ ଯିବାକୁ କହିବା ମାଜିଷ୍ଟ୍ରେଟଙ୍କର କର୍ତ୍ତବ୍ୟ ନୁହେ ।

ଏଡୁକେଶନ ଗେଜେଟର ପାଠକଙ୍କୁ ଯେ ସମ୍ପ୍ରତି ଲେଡିମେଓର ଗାଜିପୁରର କନ୍ୟାବିଦ୍ୟାଳୟର ପରୀକ୍ଷା କରୁଥିଲେ ଏହି ସମୟରେ ଏକଜଣ ଯୁବକ ( ଯାହା ପିଞ୍ଜୁରିରେ ପରୀକ୍ଷା ହେଉଥିଲା ) ହଠାତ ସେଠାକୁ ପ୍ରବେଶ କଲେ । ଏ ବିଷୟରେ ବାଳିକାମାନଙ୍କ ଅଭିଭାବକଗଣ ଇନସ୍ପେକ୍ଟରଙ୍କ ଶିବପ୍ରସାଦଙ୍କ ନିକଟରେ ଅବେଦନ କରିଅଛନ୍ତି । ଏପ୍ରକାର ହେଲେ ସେମାନେ କନ୍ୟାମାନଙ୍କୁ ଆଉ ବିଦ୍ୟାଳୟକୁ ପଠାଇବେ ନାହିଁ । ଅମ୍ଭେମାନେ ଶୁଣିଅଛୁଁ ଏହି ଯୁବକର କୁବ୍ୟବହାର ନିମିତ୍ତ ଲେଡିମେଓ ଅସନ୍ତୁଷ୍ଟ ହୋଇଅଛନ୍ତି ।

କେତେକଦିନ ହେଲା ମେଦିନୀପୁର ସେସନ ଅଦାଲତରେ ଗୋଟିଏ ଉହସ୍ୟଜନକ ମକଦ୍ଦମା ଉପସ୍ଥିତ ହୋଇଅଛି । ମୋକଦ୍ଦମାର ବିବରଣ ଏହି ଯେ ଶାଶୁ ସଙ୍ଗରେ ପୁତ୍ରବଧୂ କଳି କରୁଥିଲା ଶାଶୁ କ୍ରୋଧରେ ଅଧୀର ହୋଇ ବହୂକୁ ଭୂଇଁରେ ବୋହୂର ମୁହଁ ଯୋଡି ଦେଲା ବାହାରରେ ଜଜସାହେବ ସେହି ଶାଶୁକୁ ମା ୩ ସ କଏଦ ଦେଇଅଛନ୍ତି ।

ରାଣୀଗଞ୍ଜର ଗୋବିନ୍ଦ ପ୍ରସାଦ ପଣ୍ଡିତଙ୍କ ବଧବାସ୍ଥା ଡାକ୍ତର ସରକାରଙ୍କ ବିଜ୍ଞାନ ସଭାରେ ଟ ୧୦୦୦ ଙ୍କା ଦାନ କରିଅଛନ୍ତି ।

କଲିକତା ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ମୀମାଂସା କରିଅଛନ୍ତି ଯେ ଉପାଧି ପ୍ରଦାନ କରିବା ନିମିତ୍ତ ଏଲାହାବାଦରେ ସ୍ୱତନ୍ତ୍ର ସଭା ହେବ ।

କଲିକତା ନିକଟରେ ଭାଗୀରଥୀ ଉପରେ ଗୋଟିଏ ନୌକାବନ୍ଧ ହେବାର ପ୍ରସ୍ତାବ ହୋଇଅଛି । ଏହି ବନ୍ଧ ନିର୍ମାଣର ବ୍ୟୟ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଦେବେ ନାହିଁ ପ୍ରଦେଶୀୟ ଗବର୍ଣ୍ଣମେଣ୍ଟଙ୍କୁ ତାହା ନିର୍ବାହ କରିବାକୁ ହେବ । ସୁତରାଂ କ୍ଷତ ହେବା ଭୟରେ ପ୍ରଦେଶୀୟ ଗବର୍ଣ୍ଣମେଣ୍ଟ ଏହିକାର୍ଯ୍ୟରେ ହସ୍ତାର୍ପଣ କରିବାକୁ ସାହସ କରୁ ନାହାନ୍ତି । ଲେଫ୍ଟେନେଣ୍ଟ ଗବର୍ଣ୍ଣର ମହୋଦୟ କହିଅଛନ୍ତି ଯେ କ୍ଷତି ଶଙ୍କା ନିବାରଣ କରିବାରେ ଅଗେ ଏମନ୍ତ ଗୋଟିଏ ଆଇନ କରିବାର ଆବଶ୍ୟକ ଯେ ବନ୍ଧ ନିର୍ମିତ ହେଲେ ସେଠାରେ ସାଧାରଣସ୍ଥ ବାଣିଜ୍ୟ ଦ୍ରବ୍ୟ ଉପରେ ମାସୁଲ ଗ୍ରହଣ ହୋଇପାରିବ । ଯେଉଁ ସକଳ ଦ୍ରବ୍ୟ ବନ୍ଧ ଉପରେ ନ ଆସିବ ତାହାପ୍ରତି ମଧ୍ୟ ମାସୁଲ ଗ୍ରହଣ ହେବ । ଏରୂପ ପ୍ରସ୍ତାବ ହେବାରୁ ବନ ନିର୍ମାଣ କାର୍ଯ୍ୟ ସ୍ଥଗିତ ଥିବା ସମ୍ଭାବନା ବୁଝି ରାଜଧାନୀର ମିଉନିସିପଲ ସଭା ତାଦୃଶ ବ୍ୟବସ୍ଥା କରିବାର ଅପ୍ରୟୋଜନ ଏବଂ ଅପଣାମାନଙ୍କର ସେହି କାର୍ଯ୍ୟର ଭାର ଗ୍ରହଣ କରିବାର ଅଭିପ୍ରାୟ ପ୍ରକାଶ କରିଅଛନ୍ତି ।

ଥାମ୍ବସର ଅଧ୍ୟାୟରେ ଅନେକ ଅଭ୍ୟାଗତର ହୋଇଥିଲା ଇଂଲିସ ସାହେବ ନାମକ ବ୍ୟବସ୍ଥାପକ ସଭାର ଜଣେ ସଦସ୍ୟ ଏହିକଥା କହିବାରୁ ଉତ୍ତର ପଶ୍ଚିମାଞ୍ଚଳରେ ତାହାର ଅନୁସନ୍ଧାନର ଆଦେଶ ହୋଇଅଛି, ଲନ୍ ପେଟ୍ରିଅଟ କହନ୍ତି ଯେ ବଙ୍ଗପ୍ରଦେଶରେ ମଧ୍ୟ ଯେଉଁ ସକଳ ଅଭ୍ୟାଗତର ହୋଇଥିଲା ସ୍ୱୀକାର ହୋଇ ଶୁଦ୍ଧରୂପେ ତାହାର ବିବରଣ ଇଂଲିସ ସାହେବଙ୍କ ହସ୍ତରେ ପ୍ରଦାନ କରିବାକୁ ଚେଷ୍ଟା କରିବାର ଆବଶ୍ୟକ ।

ଗ୍ରାମବାର୍ତ୍ତା ପ୍ରକାଶିକା କହନ୍ତି ମେହେରପୁର ସବଡିଭିଜନ ଅନ୍ତର୍ବର୍ତ୍ତି ସୁତ୍ରାଗାଛି ଗ୍ରାମରେ ଅଷ୍ଟାଦଶ ବର୍ଷୀୟା ପରମସୁନ୍ଦରୀ ଗୋଟିଏ କୁଳୀନକନ୍ୟା ଇଚ୍ଛାମତେ ବାପଘରୁ ବାହାର ଯାଇ ଉକ୍ତ ଗ୍ରାମର ଜମିଦାରମାନଙ୍କ ଘରେ ମା ୩. ସ ଯାଏ ରହିଲା, ଏଥିପରେ ଏକ କୁଳୀନ ସନ୍ତାନସହିତରେ ସେ ବିବାହିତ ହୋଇଅଛି । ଏଦେଶର କି କୁପ୍ରଥା ଦେଶଲୋକଙ୍କର କି ଶଳସ୍ୱଭାବ ! ସମସ୍ତେ ଷଡ଼ଯନ୍ତ୍ର କରି ସ୍ତ୍ରୀଲୋକଟୀର ନାନାପ୍ରକାର ଅପବାଦ ଦେଇ କୁଳୀନପୁତ୍ରକୁ ଏକଘରିଆ କରିଅଛନ୍ତି । ଦକ୍ଷିଣର ମିଥ୍ୟାପବାଦରେ ଅମ୍ଭେମାନେ ଅତ୍ୟନ୍ତ ବ୍ୟଥିତ ଅଛୁଁ ।

ପାୟୋନିଅରର ଲେଖନ୍ତି ଯେ ଅଚିରାତ ଇଂରାଜି ଭାଷାରେ ଦେଶୀ ସଂବାଦପତ୍ରମାନଙ୍କରେ ଯେଉଁ ଉତ୍ତମ ରଚନାମାନ ବାହାରେ ତାହାପ୍ରାୟ ବିଦେଶୀୟ ଲୋକେ ଲେଖିଦେଇ ଥାନ୍ତି ଅର୍ଥାତ ତାହାଙ୍କ ଜାଣିବାରେ ଦେଶୀୟ ଲୋକମାନେ ଇଂରାଜିରେ ବିଶେଷ ବ୍ୟୁତ୍ପତ୍ତି ଲାଭ କରି ନାହାନ୍ତି । ଡେଲିନ୍ୟୁସ ଏହାର ପ୍ରତିବାଦ କରି ଲେଖନ୍ତି କି ଯେଉଁମାନେ ହାଇକୋର୍ଟର ଅପିଲ ବିଭାଗରେ ଦେଶୀୟ ଉକିଲଙ୍କର ଇଂରାଜୀ ଭାଷାରେ ବକ୍ତୃତା କରିବାର ଶୁଣି ଅଛନ୍ତି ସେମାନେ ଅବଶ୍ୟ ଜାଣି ପାରିଥିବେ ଯେ ଦେଶୀୟଲୋକ ଇଂରାଜୀ ଭାଷାରେ କେମନ୍ତ ଉତ୍କୃଷ୍ଟରୂପେ ଶିଖିଅଛନ୍ତି ।

## NOTICE

It is hereby made known that, the partnership business hitherto conducted by the undersigned, Messrs Mullick, Venkatareddy, Naidu & Co. is dissolved from this date.

Soobul Chunder Mullick.
W. Venkatareddy Naidu.
Cuttack
4th May 1871.

## ବିଜ୍ଞାପନ ।

ଅମୃତଲାଲ ଭ୍ରମଭଞ୍ଜନ ଦ୍ୱିତୀୟବାର ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । କ୍ରେତାମାନେ ଛପାଖାନାରେ କିମ୍ବା ଅମ୍ବିକଟରେ ତତ୍ତ୍ୱ କଲେ ପୁସ୍ତକ ପାଇବେ ।

ଶ୍ରୀ ଜଗନ୍ମୋହନ ଲାଲ

## ପୁସ୍ତକପ୍ରାପ୍ତି ।

ବଂଶକିରଣ କୌମୁଦୀ ୧ ମ ୨ ୟ ୩ ୟ ଭାଗ ।
ଜ୍ଞାନଦୀପିକା ।

## ମୂଲ୍ୟପ୍ରାପ୍ତି ।

ଶ୍ରୀ ରେବିନସନ ସାହେବଙ୍କ ଠାରେ
ବକେୟା ୪ ୪ ୶
ଶ୍ରୀଯୁକ୍ତ ଆର ଏଲକିଯଣ୍ଡର ସାହେବ
କଟକ ବକେୟା ୪୬
ଶ୍ରୀଯୁକ୍ତ ମହମ୍ମଦ ମଜହର „ „ ୪ ୨
„ ବାବୁ ରଘୁନାଥ ଘୋଷ „ „ ୪ ୬
ମହାରାଜ କଣ୍ଟେ ପାରିକୁଦ ନି ଏଷ୍ଟ ଅର
„ ୪ ୧ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀ ବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ, ମୁଦ୍ରିତ ଓ ପ୍ରଚାର ହେଲା ।

Digitized by srujanika@gmail.com